Split by PDF Splitter

REGISTERED NO. 1

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୯ ଶ । ସଂ ୪୪ ସଂଖ୍ୟା ।
ତା ୧୩ ଇଂରାଜୀ ମାହେ ନବମ୍ବର ସନ ୧୮୮୦ ମସିହା । ମୂ । କାର୍ତ୍ତିକ ଦ ୩୦ ନ ସନ ୧୨୮୮ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୪୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୲୵

କଥିତ ହୁଅଇ ଯେ ଦେଶୀୟ ଦେବୋତ୍ତର ଏବଂ ସଦାବର୍ତ୍ତ ସମ୍ପତ୍ତିର ଅପବ୍ୟୟ ନିବାରଣ ଉଦ୍ଦେଶ୍ୟରେ ବଙ୍ଗଳା ମାନ୍ଦ୍ରାଜ ଏବଂ ବମ୍ବେଇର ବ୍ୟବସ୍ଥାପକ ସଭାମାନଙ୍କରେ ଆଇନର ପାଣ୍ଡୁଲିପିମାନ ଉପସ୍ଥିତ ହେବ ଏବଂ ପୁରୁଷୋତ୍ତମର ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର କାର୍ଯ୍ୟ ନିର୍ବାହ ସକାଶେ ମାହାମାନ୍ୟ ଗଭର୍ଣ୍ଣରଜେନେରଲଙ୍କ ସଭାରୁ ଗୋଟିଏ ସ୍ୱତନ୍ତ୍ର ଆଇନ ଶୀଘ୍ର ଜାରି ହେବ । ଆଇନର ପାଣ୍ଡୁଲିପି ନ ବାହାରିବା ପର୍ଯ୍ୟନ୍ତ କିଛି ବୋଲି ହୋଇ ନ ପାରେ ମାତ୍ର ଯେବେ ମାଜିଷ୍ଟ୍ରେଟଙ୍କର ହସ୍ତକ୍ଷେପଣ କରିବାର ସୁଯୋଗ ନ ରହିବ ତେବେ ଭଲ ନୋହିଲେ ଗତ ରଥଯାତ୍ରାପର କେତେକାଣ୍ଡ ଦେଖା ଯିବ ଆଉ ତଦ୍ଦ୍ୱାରା କିଛି ଭଲ ହେବ ନାହିଁ ।

———

ଓଡ଼ିଆ ଗଭର୍ଣ୍ଣମେଣ୍ଟ ଗଜେଟ ଏଥି ମଧ୍ୟରେ ଏକ ବାଟରେ ଅଗ୍ରସର ହୋଇଅଛି । ଆମ୍ଭେମାନେ ଗତ କେତେ ସପ୍ତାହ ହେଲା ଦେଖୁଅଛୁଁ ଯେ ଗୋଟିଏ ବିଷୟ ତିନିଥର ଲେଖାଁଏ ଛପା ହେଉଅଛି । କାହାର ସୂକ୍ଷ୍ମବୁଦ୍ଧିକୁ ଏଥିପାଇଁ ଧନ୍ୟବାଦ ଦିଆଯିବ କହି ନ ପାରୁଁ ଫଳତଃ ବର୍ତ୍ତମାନ ଗଭର୍ଣ୍ଣମେଣ୍ଟଙ୍କର ଟଣାଟଣି ସମୟରେ ଏପରି ଅନର୍ଥକ ବ୍ୟୟ ଆମ୍ଭମାନଙ୍କର ଆଖିରେ ଯାଉ ନାହିଁ । ଓଡ଼ିଆ ଗଜେଟରେ ଜାଣିବା ଯୋଗ୍ୟ କିଛି କଥା ନ ଥିବାରୁ ପ୍ରାୟ କେହି ତାହାକୁ ପଢନ୍ତି ନାହିଁ । ଗୋଟିଏ କଥାକୁ ତିନିଥର ଛପିଲେ ଯେ ସାଧାରଣଙ୍କଠାରେ ତାହାର ଟେକ ଅଧିକ ହେବ ଆମ୍ଭେମାନେ କୌଣସିମତେ ବିଶ୍ୱାସ କରିପାରୁ ନାହୁଁ ।

———

ଏଥର କାର୍ତ୍ତିକ ମାସରେ ଯେତେ ଯାତ୍ରୀ ପୁରୀକୁ ଯାତାୟାତ କରୁଅଛନ୍ତି ଅନେକ ବର୍ଷ ହେଲା ଏତେ ଦେଖା ନ ଥିଲା । ଏ ସମୟରେ ଓଡ଼ିଆ ଯାତ୍ରୀ ଆସିବାର ସାଧାରଣ ନିୟମ ମାତ୍ର ଏ ବର୍ଷ ତାହାଁ ଉପରେ ବଙ୍ଗଳା ଓ ପଶ୍ଚିମରୁ ଅନେକ ଯାତ୍ରୀ ଆସୁ ଅଛନ୍ତି । ଚାନ୍ଦବାଲି ଓ ଭଣ୍ଡାରିପୁରକୁ ଯାଉଥିବା ସରକାରୀ ବୋଟମାନ ସମସ୍ତ ଯାତ୍ରିଙ୍କୁ ନେଇଯାଇ ପାରୁ ନାହିଁ ଏପରି ସଡ଼କରେ ଯାତ୍ରିର ଧାର ଲାଗିଅଛି । ବୋଧହୁଏ ନଦୀ ନାଳର କଷ୍ଟ ହେତୁ ରଥଯାତ୍ରାକୁ ଅଧିକ ଯାତ୍ରୀ ନ ଆସି ଏହି କାଳକୁ ମନୋନୀତ କରିଅଛନ୍ତି । ଆମ୍ଭେମାନେ ଅବଗତ ହେଲୁଁ ଯେ ମନ୍ଦିରର ନୀତିମାନ ଯଥା ନିୟମରେ ହେଉଥିବାରୁ ଯାତ୍ରିଙ୍କର କିଛିମାତ୍ର କଷ୍ଟ ନାହିଁ । ସମସ୍ତେ ସୁଖରେ ଦର୍ଶନ ଓ ମହାପ୍ରସାଦ ସେବନ କରି ଫେରି ଆସୁଅଛନ୍ତି ।

— ❋ —

କୃଷିଶିକ୍ଷା ଦେବା ନିମିତ୍ତ ମାନ୍ଦ୍ରାଜରେ ଗୋଟିଏ ସ୍କୁଲ ଗବର୍ଣ୍ଣମେଣ୍ଟ ବସାଇ ଅଛନ୍ତି । ଉକ୍ତ ଗବର୍ଣ୍ଣମେଣ୍ଟ ଆପଣା ଅଧୀନସ୍ଥ କଲେକ୍ଟରମାନଙ୍କଦ୍ୱାରା ଜମିଦାରମାନଙ୍କୁ ଆପଣା୨ ଏଲାକାରୁ ଛାତ୍ର ପଠାଇବା ନିମିତ୍ତ ଅନୁରୋଧ କରିଥିଲେ । କିନ୍ତୁ କେବଳ ଉତ୍ତର ଆରକଟର ଦୁଇଜଣ ଜମିଦାର ଛଡା ଆଉ କେହି ଅନୁରୋଧ ଗ୍ରହଣ କଲେ ନାହିଁ ବଡ଼ ଦୁଃଖର ବିଷୟ ଅଟଇ । କୃଷି ଏ ଦେଶର ପ୍ରଧାନ ଜୀବିକା ଓ ତାହାଁର ଯେତେ ଉନ୍ନତି ହେବ ଜମିଦାର ଓ ପ୍ରଜା ଉଭୟଙ୍କର ତେତେ ଲାଭ ହେବ । ଜମିଦାରମାନେ ଜଣେ୨ ଆପଣା ଏଲାକାରୁ ପଠାଇ ସୁଶିକ୍ଷିତ କରି ଆଣିଲେ ତାହାଙ୍କ ଯୋଗେ ଯେ କେତେ ଉପକାର ହେବ ବୋଲି ଯାଇ ନ ପାରେ । ମନ୍ଦ୍ରାଜ ହତାର ଧନାଢ୍ୟ ଜମିଦାରମାନଙ୍କର ଉଚିତ ଯେ ଗବର୍ଣ୍ଣମେଣ୍ଟଙ୍କର ଏ ଅନୁରୋଧଟି ରକ୍ଷା କରନ୍ତୁ ଏବଂ ତଦ୍ଦ୍ୱାରା କୃଷିଶିକ୍ଷା ବିସ୍ତାର ପକ୍ଷରେ ସାହାଯ୍ୟ କରନ୍ତୁ ।

———

ଗତ ଉତ୍କଳଦର୍ପଣରେ ବାଲେଶ୍ୱର ଅଞ୍ଚଳର ହାଟ ବିଷୟରେ ଗୋଟିଏ ପ୍ରବନ୍ଧ ଲେଖା ଅଛି । ତାହିଁରେ ଆମ୍ଭେମାନେ ପାଠକଲୁଁ ଯେ କେତେକ ହାଟରେ କ୍ରେତାମାନଙ୍କଠାରୁ ତୋଲା ଆଦାୟ ହୁଅଇ । ଭୁତଗଡିଆ ନାମକ ଏକ ହାଟ ଅଛି ସେଠାରେ କ୍ରେତାମାନେ ତୋଲା ନ ଦେଲେ ହାଟ ଦଣ୍ଡିଆ ସେମାନଙ୍କ ଦ୍ରବ୍ୟ ସବୁ ଅଟକ ରଖେ । ଶ୍ରୀଯୁକ୍ତ ବାମସ୍ ସାହେବ ସେଠା କଲେକ୍ଟର ଥିଲାବେଳେ ଏ ରୀତି ନିବାରଣ କରିବା କାରଣ କାନୁନଗୋଇ ନିକଟକୁ ପରୁଆନା ପଠାଇ ଥିଲେ ବୋଲି କଥିତ ହୁଅଇ ମାତ୍ର ତାହା ସତ ହୋଇଥିଲେ ତଦ୍ଦ୍ୱାରା ଅବଧି କିଛି ଫଳ ହୋଇ ନାହିଁ । ବାଲେଶ୍ୱ-

Digitized by srujanika@gmail.com

Split by PDF Splitter

ର ବର୍ତ୍ତମାନ ଜବରଦସ୍ତ ମାଜିଷ୍ଟ୍ରେଟ ଓ ପୁଲିସ ସାହେବ କି କରୁଅଛନ୍ତି ? ଅକାରଣ ଭଦ୍ରଲୋକଙ୍କୁ ଅପଦସ୍ତ କଲେ କିମ୍ବା କେତେଟା ଗୋରୁ ଧରି କାଞ୍ଜିହାଉସରେ ଦେଲେ ପ୍ରଜାଙ୍କର ଦୁଃଖ ନାଶ ଅଥବା କାହାର ସୁଖାଦି ବୃଦ୍ଧି ହେବ ନାହିଁ । ଅତ୍ୟାଚାରରୁ ପ୍ରଜାଙ୍କୁ ରକ୍ଷା କରିବା ସେମାନଙ୍କର ପ୍ରଧାନ କର୍ତ୍ତବ୍ୟକର୍ମ ଅଟଇ ମୋଫସଲରେ ବୁଲି ସେହି ସମସ୍ତ ଦେଖିବାପାଇଁ ଗଭର୍ଣ୍ଣମେଣ୍ଟ ସେମାନଙ୍କୁ ପୁନଃ ପୁନଃ ସତର୍କ ଓ ଆଦେଶ କରୁଅଛନ୍ତି । ଅମ୍ଭେମାନେ ମଧ୍ୟ ଦର୍ପଣଙ୍କ ସହିତ ଐକ୍ୟ ହୋଇ ଆଶା କରୁଁ ଯେ ଓଡ଼ିଶାର ସୁଯୋଗ୍ୟ କମିଶନର ଶୀଘ୍ର ଏଥିର ଅନୁସନ୍ଧାନ କରିବେ ।

ଗତ ଲଟବନ୍ଦୀ ଖଜଣା ଦାଖଲ କର୍ମ ଏଥର ଯେ ଉତ୍ତମରୂପେ ନିର୍ବାହ ହୋଇଗଲା ବଡ଼ ସୁଖର ବିଷୟ ଅଟଇ । ଅଧୁନା ମେହେର ଏବଂ ପୋଦାର ନିଯୁକ୍ତ ହୋଇଥିବାରୁ ତଲବ ରେଜିଷ୍ଟ୍ରୀ କିମ୍ବା ଟଙ୍କା ଦାଖଲରେ ଲୋକଙ୍କର କିଛି କଷ୍ଟ ହୋଇ ନାହିଁ ଏବଂ ଲାଟବନ୍ଦୀର ବାର୍ଷିକ ପ୍ରାୟ ଚୁଡ଼ି ଯାଇଅଛି । କଲେକ୍ଟର ଖଜଣାଖାନାର ଡେପୁଟୀ ଏବଂ ଖଜାଞ୍ଚି ସମସ୍ତ ଲାଟବନ୍ଦୀଙ୍କୁ ନିର୍ବିଘ୍ନରେ କଟାଇବା ବିଷୟରେ ସତର୍କ ଥିଲେ । ମାତ୍ର ଡେପୁଟୀ ଏବଂ ଖଜାଞ୍ଚିଙ୍କ ମଧ୍ୟରେ ଏହି ବନ୍ଦୋବସ୍ତ ହେଲା ଯେ ବିରୋଧ ଜାତ ହୋଇଥିଲା ଯେବେ କଲେକ୍ଟର ସାହେବ ପୁନଃ ପୁନଃ ହସ୍ତକ୍ଷେପଣ କରି ନ ଥାନ୍ତେ ତେବେ କି ଅସୁବିଧା ହୋଇଥାନ୍ତା ବୋଲି ଯାଇ ନ ପାରେ । ଶ୍ରୀନାଥ ବାବୁ ଅତ୍ୟନ୍ତ ଠିକ ଏବଂ ସରକାରୀ କର୍ମ ପ୍ରତି ମନୋଯୋଗୀ ହେଲେହେଁ ତାହାଙ୍କର ମୁହଁ କିଛି କର୍କଶ ଅଟଇ ଏବଂ ପୁତ୍ରଶୋକରେ ଅଧିକ ବ୍ୟାକୁଳ ଥିବାରୁ ବୋଧ ହୁଏ ଚିତ୍ତର ସ୍ଥିରତା ରଖି ପାରୁ ନାହାନ୍ତି । ଖଜାଞ୍ଚିଙ୍କୁ ଯେପରିମାଣରେ ବିଶ୍ୱାସ କରିବା ଆବଶ୍ୟକ ତହିଁରେ ତ୍ରୁଟି ହେଉଥିଲା ଏବଂ ପୋଦାରପ୍ରଭୃତିଙ୍କ ପ୍ରତି ଅତି ବାକ୍ୟମାନ ପ୍ରୟୋଗ କରୁଥିଲେ । ଏକପକ୍ଷରେ ଯେମନ୍ତ ମିଷ୍ଟ କଥାରେ ଅଧୀନସ୍ଥ କର୍ମଚାରୀଙ୍କୁ ଆପଣା ଆପଣା କର୍ତ୍ତବ୍ୟସାଧନରେ ଉତ୍ସାହିତ କରିବା ସରଦାରର ଉଚିତ ଏବଂ ଅନର୍ଥକ ହସ୍ତକ୍ଷେପଣ ଦ୍ୱାରା କାହାର ମନକୁ ବିଚଳିତ କରିବା ଚତୁର ସରଦାରର କାର୍ଯ୍ୟ ନୁହଇ । ମନ ବିଚଳିତ ହେଲେ ନାନା ବିପଦ ଘଟିବାର ସମ୍ଭାବନା । ଏହି ଲାଟବନ୍ଦୀ ଦିନ ଜଣେ ଠିକା ପୋଦାର ଦୁଇଶତ ଟଙ୍କାର ନୋଟ ଓ ନଗଦ ଟ ୬୧ଙ୍କା ଏରୂପ ଟ ୨୬୧ଙ୍କା ଗୋଟିଏ ତୋଡ଼ାରେ ଆପଣା ନିକଟରେ ରଖିଥିଲା ରାତ୍ରି ଦୁଇ ଏକ ଘଣ୍ଟା ପର୍ଯ୍ୟନ୍ତ ଟଙ୍କାର କାରବାର ହେଉଥିଲା ସେ ତୋଡ଼ାଟି କେହି ଚୋରାଇ ନେବାରୁ ପୋଦାର କହିବାରୁ ତଦନ୍ତ ଲାଗିଲା ଓ କଲେକ୍ଟର ସାହେବ ସ୍ୱୟଂ ରାତ୍ରରେ କେଉଁଠିରୁ ଆସି ତଦନ୍ତ କଲେ ମାତ୍ର କିଛି ଠିକଣା ନ ମିଳିଲା । ପୁଲିସ ଏଥିର ଅନୁସନ୍ଧାନରେ ଅଛନ୍ତି । ଏପରି କେବେ ହୋଇ ନ ଥିଲା ।

ଦେଶୋନ୍ନତିର ଗୋଟିଏ ଉପାୟ

କାଟିଆର ପ୍ରଦେଶାନ୍ତର୍ଗତ ପଲିତାନା ରାଜ୍ୟର ରାଜା ଶିଳ୍ପ ବିଦ୍ୟାର ଉତ୍ସାହ ନିମିତ୍ତ ଗୋଟିଏ ସଭା ଆପଣା ରାଜଧାନୀରେ ବସାଇ ଅଛନ୍ତି । ସଭା ସଂସ୍ଥାପନ ସମୟରେ ରାଜା ଯେଉଁ ବକ୍ତୃତା କରିଥିଲେ ତାହା ଉପଦେଶ ପୂର୍ଣ୍ଣ ମହତ ବାକ୍ୟ ଥିବାରୁ ଆମ୍ଭେମାନେ ତହିଁର ସାରାଂଶ ଏଠାରେ ବିବୃତ କଲୁଁ ଯଥା—

“ଆମ୍ଭ ରାଜ୍ୟ ମଧ୍ୟରେ ବିଦ୍ୟା ଏବଂ ଶିଳ୍ପ କାର୍ଯ୍ୟ ଶିକ୍ଷା ଦ୍ୱାରା ଲୋକଙ୍କ ହିତ ସାଧନ ଉଦ୍ଦେଶ୍ୟରେ ଏ ସଭା ସଂଗଠନ କରୁଅଛୁଁ । ବର୍ତ୍ତମାନ କାଳରେ ସଭ୍ୟତା ବୃଦ୍ଧି ସହିତ ଅଗ୍ରସର ନ ହେବାକୁ ପଶ୍ଚାତ ଗମନ କରିବା ବୋଲାଯିବ । ମନୁଷ୍ୟର ସୁକାର୍ଯ୍ୟ ନିମିତ୍ତ ନାନା ଦେଶରେ ଅତ୍ୟନ୍ତ ସଭ୍ୟ ଓ ନୂତନ ଉପାୟ ଓ କଳମାନ ପ୍ରତିଦିନ କଳ୍ପିତ ଓ କାର୍ଯ୍ୟରେ ପରିଣତ ହେଉଅଛି । ବାଣିଜ୍ୟ ଏବଂ ଶିଳ୍ପଜାତ ଦ୍ରବ୍ୟ କି ଯାହା ଦେଶର ଧନ ବୃଦ୍ଧିର ଏକମାତ୍ର ଉପାୟ ତହିଁର ମହତ୍ୱ ଯେ ଅସ୍ମ ଦେଶରେ ଯଥୋଚିତରୂପେ ହୃଦୟଗ୍ରାହୀ ହେଉ ନାହିଁ ବଡ଼ ଦୁଃଖର ବିଷୟ ଅଟଇ । ବର୍ତ୍ତମାନ ଯେସମସ୍ତ ଶିଳ୍ପଜାତ ଦ୍ରବ୍ୟ ଏଠାରେ ଉତ୍ପନ୍ନ ହେଉ ନାହିଁ ଯେପର୍ଯ୍ୟନ୍ତ ଜ୍ଞାନ ବୃଦ୍ଧି ଦ୍ୱାରା ସେସମସ୍ତ ଉତ୍ପନ୍ନ ଓ ବିଦେଶକୁ ପ୍ରେରିତ ନ ହେବ ଓ ତଦ୍ଦ୍ୱାରା ଆମ୍ଭ ଦେଶକୁ ଧନାଗମ ନ ହେବ ସେପର୍ଯ୍ୟନ୍ତ ଅମ୍ଭେମାନେ ପ୍ରକୃତ ସୌଭାଗ୍ୟ ଲାଭ କରିବା ସକାଶେ କୌଣସି ଯଥାର୍ଥ ଉପାୟ ଅବଲମ୍ବନ କରୁଅଛୁଁ ବୋଲି କେହି ଜ୍ଞାନ କରିବ ନାହିଁ । ମନୁଷ୍ୟ କେବଳ ଆପଣା ଅଭାବ ପୂର୍ଣ୍ଣ କରିବା ସକାଶେ ସୃଷ୍ଟ ହୋଇ ନାହିଁ । ସେ ଆପଣା ସ୍ୱାଭାବିକ ଗୁଣର ଯଥାର୍ଥ ବ୍ୟବହାରଦ୍ୱାରା ସାଧାରଣ ହିତରେ ଯୋଗ ଦେବ । ଆଳସ୍ୟ ସମସ୍ତ ଅନିଷ୍ଟର ମୂଳ ଏବଂ ସାଧାରଣ ସୌଭାଗ୍ୟର ହନ୍ତାକାରକ ଅଟଇ । ଅତଏବ ଆମ୍ଭେ ଆଶା କରୁଁ ଯେ ଆମ୍ଭର ପ୍ରଜାମାନେ ଅଳସ ସ୍ୱଭାବ ପରିତ୍ୟାଗ କରି ଶ୍ରମସିଦ୍ଧ ଶିଳ୍ପ କାର୍ଯ୍ୟରେ ରତ ହେବେ । ଆମ୍ଭ ରାଜ୍ୟରେ ବର୍ତ୍ତମାନ କେତେଜଣ ଉତ୍ତରପାୟ ବିଜ୍ଞାନ ଓ ଶିଳ୍ପ କାର୍ଯ୍ୟରେ ଦୀକ୍ଷିତ ଲୋକ ଅଛନ୍ତି ଏଛଡ଼ା ଆମ୍ଭମାନଙ୍କ ଅଧିକାରରେ ଉର୍ବରା ଭୂମି ଏବଂ ଅନ୍ୟ ଅନେକ ସୁଯୋଗ ଅଛି । ଅମ୍ଭେମାନେ ସମୟରେ ଏକତ୍ରିତ ହୋଇ କେଉଁ ବିଜ୍ଞାନ ଓ ଶିଳ୍ପ କାର୍ଯ୍ୟ ଆମ୍ଭ ଦେଶରେ ଚଳାଇବାର ଉଚିତ ତହିଁର ବିଚାର ଓ ବ୍ୟବସ୍ଥା କରି ପାରିବୁଁ ଏବଂ ଏଥିନିମିତ୍ତ ଅର୍ଥ ସାହାଯ୍ୟ ଯାହା ପ୍ରୟୋଜନ ହେବ ଆମ୍ଭେ ତାହା ଦେବାକୁ ପ୍ରସ୍ତୁତ ଅଛୁଁ ।” ଜଣେ ଦେଶୀୟ ରାଜାଙ୍କଠାରୁ ଏପ୍ରକାର ଉଚ୍ଚ ଭାବର କଥା ଶୁଣିବା ବଡ଼ ସୁଖର ବିଷୟ ଅଟଇ । ଯେବେ ଅନ୍ୟାନ୍ୟ ରାଜାମାନେ ଆପଣା ପ୍ରଜାଙ୍କ ଉନ୍ନତି ନିମିତ୍ତ ଏହିପ୍ରକାର କାର୍ଯ୍ୟମାନଙ୍କର ଅନୁଷ୍ଠାନ କରିବେ ତେବେ ଅସ୍ମ ଦେଶୀୟଙ୍କ ବର୍ତ୍ତମାନର ଦୁରବସ୍ଥା ଚିରସ୍ଥାୟୀ ହୋଇ ପାରିବ ନାହିଁ ବାସ୍ତବରେ ଅତଳ ଜମି ସକାଶେ ଯେମନ୍ତ ଧରାଧର ଲାଗିଅଛି ଶିଳ୍ପ କାର୍ଯ୍ୟର ଉନ୍ନତି ବିନା ପ୍ରଜାଙ୍କର ଜୀବିକା ନିର୍ବାହ କଠିନ ହେବ ।

ଗଞ୍ଜାମ ।

ପୂର୍ବେ ଗଞ୍ଜାମ ଓଡ଼ିଶାର ଏକଅଂଶ ଥିଲା ଓ ଋଷିକୁଲ୍ୟାନଦୀ କି ଯାହା ଗଞ୍ଜାମର ନିକଟରେ ଅଛି ଓଡ଼ିଶାର ଦକ୍ଷିଣସୀମା ଧାର୍ଯ୍ୟ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ଗଞ୍ଜାମ କାହିଁକି ତହିଁର ଦକ୍ଷିଣ ଦେଶ ଦକ୍ଷିଣ ବ୍ରହ୍ମପୁର ପର୍ଯ୍ୟନ୍ତ ବିସ୍ତର ଓଡ଼ିଆ ଲୋକେ ବାସ କରୁଅଛନ୍ତି ଏବଂ ଓଡ଼ିଆ ଭାଷାରେ କଥା ବାର୍ତ୍ତା କରନ୍ତି । ଯେମନ୍ତ ଓଡ଼ିଶାର ଉତ୍ତରସୀମା ବାଲେଶ୍ୱରଠାରୁ ବଙ୍ଗଳାର ଭାଗ କ୍ରମଶଃ ବୃଦ୍ଧି ହୋଇଅଛି ତଦ୍ରୂପ ଦକ୍ଷିଣରେ ବ୍ରହ୍ମପୁରଠାରୁ ତେଲଙ୍ଗାର ଭାଗ ବୃଦ୍ଧି ହୋଇଅଛି । ବସ୍ତୁତଃରେ ଓଡ଼ିଶାର ମଧ୍ୟସ୍ଥଳ ଖୋରଧାରୁ ଉତ୍ତରକୁ ବାଲେଶ୍ୱର ଯେତେ, ଦକ୍ଷିଣକୁ ବ୍ରହ୍ମପୁର ପ୍ରାୟ ସେତିକି ହେବ । ଗଞ୍ଜାମ ପ୍ରକୃତରେ ଓଡ଼ିଶାର ଏକଅଂଶ ହେଲେହେଁ ତାହା ଭିନ୍ନ ଅର୍ଥାତ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କର ଅଧୀନ ହେବାରୁ ଏ ଦୁଇଅଂଶ ମଧ୍ୟରେ କୌଣସି ପ୍ରକାର ସମ୍ବନ୍ଧ ନାହିଁ ଓ ଏକ ଅନ୍ୟଠାରେ ସମ୍ପୂର୍ଣ୍ଣରୂପେ ଅପରିଚିତ ।

ବର୍ତ୍ତମାନ ଯାହାକୁ ଗଞ୍ଜାମଜିଲା ବୋଲାଯାଏ ତାହା ଉତ୍ତର ଦକ୍ଷିଣରେ ଖୋରଧାର ଦକ୍ଷିଣ-

Digitized by srujanika@gmail.com

ସୀମା ଛତ୍ରଗଡ଼ଘାଟିଠାରୁ ଆରମ୍ଭ ହୋଇ ବ୍ରହ୍ମପୁରର ଆହୁରି ଦକ୍ଷିଣ ଚିକାଟିକୋଲ ପର୍ଯ୍ୟନ୍ତ ବିସ୍ତୃତ ଆମ୍ଭ ପ୍ରଦେଶର ଗୋଟିଏ କମିଶ୍ନରୀବିଭାଗର ତୁଲ୍ୟ ମାତ୍ର ମାନ୍ଦ୍ରାଜର ଶାସନପ୍ରଣାଳୀ ସ୍ୱତନ୍ତ୍ର ସେଠାରେ କମିଶ୍ନର ବୋଲି କେହି କର୍ମଚାରୀ ନାହିଁ । ଗଞ୍ଜାମର କଲେକ୍ଟରଙ୍କୁ କମିଶ୍ନର ବୋଲାଯାଇ ପାରେ ତାହାଙ୍କ ହାତରେ ଗଡ଼ଜାତର ଭାର ଅଛି ଏବଂ ତାହାଙ୍କ ଅଧୀନରେ ଆସିଷ୍ଟାଣ୍ଟ କଲେକ୍ଟରମାନେ ଅଛନ୍ତି ସେମାନେ ଏଠାର କଲେକ୍ଟରଙ୍କ ତୁଲ୍ୟ ଅଟନ୍ତି । ଏମାନଙ୍କ ବେତନରେ ମଧ୍ୟ ତାରତମ୍ୟ ଅଛି । ସ୍ଥୂଳକଥା ଏହି ଯେ ମାନ୍ଦ୍ରାଜପ୍ରଦେଶ ବଙ୍ଗପ୍ରଦେଶ ପରି ଉନ୍ନତ ଅବସ୍ଥାକୁ ଲଭ ନ ଥିବାରୁ ସେଠାର ସବୁ ବନ୍ଦୋବସ୍ତ ବଙ୍ଗଲାଠାରୁ ନ୍ୟୂନ ଅଟଇ ଏବଂ ଦୁଃଖର ବିଷୟ ଯେ ସେହି ପରିମାଣରେ କାର୍ଯ୍ୟ ମଧ୍ୟ ନିକୃଷ୍ଟ ହେଉଅଛି ତନ୍ତ୍ରର ଗୋଟିଏ ଉଦାହରଣ ଏଠାରେ ଦେଖାଉଅଛୁଁ । ମେଦନୀପୁରଠାରୁ କଟକ ବାଟେ ଯେଉଁ ସଡ଼କ ମାନ୍ଦ୍ରାଜକୁ ଯାଇଅଛି ତାହାର ନାମ ମାନ୍ଦ୍ରାଜ ସଡ଼କ ମେଦନୀପୁରଠାରୁ ଉପରି ଲିଖିତ ଛତ୍ରଗଡ଼ ଘାଟି ପର୍ଯ୍ୟନ୍ତ ସଡ଼କଟି ବଙ୍ଗଳା ଗବର୍ଣ୍ଣମେଣ୍ଟର ଅଧୀନ ଏଥିରେ ପ୍ରତି ମା ୧୦।୧୨ ଇଲରେ ଗୋଟିଏ ଲେଖାଏ ଡାକବଙ୍ଗଳା ଅଛି ଏବଂ ସଡ଼କ ବାରକମାସ୍ତରୀ ମହଲୁମାରୁ ଏମନ୍ତ ସୁନ୍ଦର ପ୍ରସ୍ତୁତ ଓ ଯତ୍ନରେ ରକ୍ଷିତ ହୋଇଅଛି ଯେ ପଥିକଙ୍କର କୌଣସି ପ୍ରକାର କ୍ଲେଶ ନାହିଁ । କିନ୍ତୁ ସେହି ଘାଟିର ଦକ୍ଷିଣପାଖ ମାନ୍ଦ୍ରାଜ ହାତରେ ପଡ଼ିଅଛି ଦୁଇ ପାଖ ତୁଳନା କଲେ ଠିକ ସ୍ୱର୍ଗ ନରକ ପ୍ରଭେଦ ସଡ଼କରେ ଖାଲ ଢିପର ସୀମା ନାହିଁ ଗାଡ଼ି ଚଳିବା ଅତ୍ୟନ୍ତ କଠିନ ଏପରି ପ୍ରଧାନ ସଡ଼କଟି ବାରକମାସ୍ତରୀ ଜିମା ନ ହୋଇ ଲୋକଲଫଣ୍ଡ କର୍ମଚାରୀଙ୍କ ହାତରେ ରହିଅଛି ସୁତରାଂ ତାହା ସର୍ବାଙ୍ଗ ସୁନ୍ଦର ହୋଇ ନ ପାରେ । କେବଳ ନଗରମାନଙ୍କ ପାଖରେ ଟିକିଏ ଚିକ୍କଣ ଦେଖାଯାଏ ଉକ୍ତ ଘାଟିଠାରୁ ବ୍ରହ୍ମପୁର ମା ୩୬ ଇଲ ବାଟ ଏଥି ମଧ୍ୟରେ କେବଳ ଗଞ୍ଜାମରେ ଗୋଟିଏ ଡାକବଙ୍ଗଳା ଅଛି ସେଥିରେ ପୁଣି ପେଣ୍ଟଲୁନଧାରୀ ଭିନ୍ନ କଳାଲୋକ କେହି ରହିବାର ବିଧି ନାହିଁ । ଏପରି ବାଟରେ ଭଦ୍ର ଲୋକଙ୍କ ଯିବା ଆସିବା ଯେ ଅତ୍ୟନ୍ତ କଠିନ ଏହା ବୋଲିବା ବାହୁଲ୍ୟ ଅଥଚ ଏହି ସଡ଼କରେ ଭିନ୍ନ ସ୍ଥାନରେ ଟୋଲଗେଟ ଅର୍ଥାତ ମାସୁଲ ଆଦାୟ କରିବାର ଘାଟ ବସିଅଛି ଯେ ପ୍ରତ୍ୟେକ ଗାଡ଼ି ଘୋଡ଼ା ହାତୀ ପ୍ରଭୃତିଠାରୁ ସଡ଼କ ରକ୍ଷା ସକାଶେ ମାସୁଲ ନିଆ ଯାଏ ଓ ତହିଁରେ ଅନେକ ଟଙ୍କା ଆଦାୟ ହୁଅଇ । ଆମ୍ଭମାନଙ୍କ ବିବେଚନାରେ ଏ ସଡ଼କକୁ ଇମ୍ପିରିୟଲ ରୋଡ କରି ଏଥିର ଭାର ବାରକମାସ୍ତରଙ୍କ ଉପରେ ଦେବାର ଉଚିତ ଥିଲା ତାହା ହେଲେ ଏ ପ୍ରଧାନ ସଡ଼କଟି ଆଶାନୁରୂପ କାର୍ଯ୍ୟକର ହେବ ।

କ୍ରମଶଃ ।

ସାପ୍ତାହିକ ସଂବାଦ ।

✓ସୁଙ୍ଗଡ଼ା ପ୍ରଗଣା ଜଗନ୍ନାଥପୁର ନିବାସୀ ସଦେଇ ଭରତ ନାମରେ ଜଣେ ସ୍ତ୍ରୀଲୋକ ନାଲିସ କରିଅଛି ଯେ ସେ ମୋହ ସଙ୍ଗେ ସହବାସ କରିବାକୁ ଚାହିଁଲା ମୁଁ ଅସମ୍ମତ ହେଲି ତନେ ରାତ୍ରରେ ମୁଁ ଆପଣା ଘରେ ଶୋଇଥିଲି ଭରତ ମୋହଘରେ ପ୍ରବେଶ ହୋଇ ମୋ ଦେହରୁ ଲୁଗା କାଢ଼ିବାବେଳେ ମୋହର ନିଦ ଭଙ୍ଗିବାରୁ ମୁଁ ଡାକ ପକାଇବାରେ ଅନେକ ମନୁଷ୍ୟ ଦଉଡ଼ି ଆସିଲେ ତହିଁ ଭରତ କ୍ଷମା ପ୍ରାର୍ଥନା କରି ୫୧୦ଙ୍କା ଯାଚିଲା କିନ୍ତୁ ତାହା ନେଲି ନାହିଁ । ଜଏଣ୍ଟମେଜେଷ୍ଟର ସାହେବ ଭରତ ପ୍ରତି ଓ୍ୱାରେଣ୍ଟ ଜାରି କରି ଅଛନ୍ତି । ସ୍ତ୍ରୀଲୋକର ବୟସ ଭରତର ବୟସ ଅପେକ୍ଷା ଅଧିକ । ଏପରି ସନ୍ନ୍ୟାସୀ ! ଏ ଅଧମମାନେ ବିବାହ ନ ହୋଇ ଏପରି କୁକର୍ମରେ କାହିଁକି ପ୍ରବର୍ତ୍ତ ହୁଅନ୍ତି ।

✓ମହାଙ୍ଗା ଚକଲା କାନୁଙ୍ଗୋଇଲ ପୁଲିସ ସରକାରୀ ଟଙ୍କା ଅପ୍ନସାତ କରିବା ଅପରାଧରେ ଚାଲାଣ କରିବାରୁ ସେ ଦଣ୍ଡବିଧିର ଧା ୪୦୯ଙ୍କ ନୁସାରେ ଅଭିଯୁକ୍ତ ହୋଇ ହାଜତରେ ଅଛି ।

ଶ୍ରୀନାଥ ବାବୁ ଓ ଅଦାଲତ ନାଜରଙ୍କ ପିଲ ମକଦ୍ଦମାର ବୃତ୍ତାନ୍ତ ଗତ ସପ୍ତାହରେ ଲେଖିଥିଲୁଁ । ସେ ମକଦ୍ଦମା ରଫା ହୋଇଗଲା । ଉତ୍ତମ ।

ଆମ୍ଭମାନଙ୍କର କଲେକ୍ଟର ସାହେବଙ୍କର ଶୀତକାଳର ଗସ୍ତ ଆରମ୍ଭ ହୋଇଅଛି । ସେ ଗତ ମଙ୍ଗଳବାର କେନ୍ଦ୍ରାପଡ଼ା ଅଞ୍ଚଳକୁ ଯାତ୍ରା କଲେ ପନ୍ଦରଦିନେ ଫେରି ଆସିବେ ।

ଶ୍ରୀଯୁତ କମିଶନର ସାହେବଙ୍କର ଗଡ଼ଜାତ ଗସ୍ତ ଆଗାମୀ ଡିସେମ୍ବର ମାସ ପ୍ରଥମ ସପ୍ତାହରେ ଆରମ୍ଭ ହେବ ବୋଲି ଶୁଣାଯାଏ ।

ଦିବାକର ବାବୁଙ୍କ ମକଦ୍ଦମାର ଶେଷ ତଦାରଖ ଗତ ଗୁରୁବାରଠାରୁ ଆରମ୍ଭ ହୋଇଅଛି । ଶ୍ରୀଯୁତ କମିଶନର ସାହେବ ସ୍ୱୟଂ ଉଭୟ ଠିକା ମୋହରରମାନଙ୍କର ଜବାନବନ୍ଦୀ ନେଉ ଅଛନ୍ତି । ଆମ୍ଭେମାନେ ଶୁଣିଲୁଁ ଗୁରୁବାର ଦିନ ହେଡ଼ମୋହରରର ଓ ୭।୮ ଜଣ ମୋହରରଙ୍କର ଜବାନବନ୍ଦୀ ହୋଇଥିଲା । ହେଡ଼ମୋହରର ଓ ବରକୁମାହାନ୍ତି ନାମକ ଜଣେ ମୋହରର ଦିବାକର ବାବୁଙ୍କ ପାଇଁ ଗୃହା ହୋଇଥିବା ଓ ସେ ଏଥିପୂର୍ବେ ସେମାନଙ୍କଠାରୁ ଘୁଷ ନେଇଥିବା ଇତ୍ୟାଦି କଥା କହିଲା । ଦୁଇଜଣ କହିଲେ କି ଅଭିପ୍ରାୟରେ ଗୃହା ହୋଇଥିଲା ତାହା ସେମାନଙ୍କୁ ଜଣା ନାହିଁ ୩।୪ ଜଣ କହିଲେ ବଣଦେଇଙ୍କ ପାଇଁ ଗୃହା ହୋଇଥିଲା ମାତ୍ର ସଓ୍ୱାଲରେ ସେମାନଙ୍କର କଥା ଅନେକ ଅମେଳ ହୋଇଗଲା । ଗତ କାଲି ୩ଜଣ ଦିବାକର ବାବୁଙ୍କ ବିପକ୍ଷରେ ଓ ୪ଜଣ ତାଙ୍କ ସପକ୍ଷରେ ଜବାନବନ୍ଦୀ ଦେଇଅଛନ୍ତି ।

ବାବୁ ଶ୍ରୀନାଥଭଦ୍ରଙ୍କ ପୁତ୍ରକୁ ନଇରେ ପକାଇ ଦେଇ ହତ୍ୟାକରିବା ଅଭିଯୋଗରେ ଯେଉଁ ଗୌଡ଼ଷୋଳ ଫୌଜସୁପୋର୍ଦ ହୋଇଥିଲା ଗତ ବୁଧବାର ଫୌଜ ମିସଲରେ ତାହାର ବିଚାର ହେଲା । ହାକିମ କେତେଜଣ ସାକ୍ଷୀଙ୍କ ଜବାନବନ୍ଦୀ ନେଲା ଉତ୍ତାରୁ ଉଭୟ ପକ୍ଷର ଉକିଲଙ୍କ ତର୍କ ବିତର୍କ ଶୁଣି ଆସେସରଙ୍କ ମତ ଚାହିଁବାରେ ଆସେସରମାନେ ଅପରାଧ ସାବୁତ ନ ଥିବାର ବ୍ୟକ୍ତ କଲେ ତହିଁ ଜଜସାହେବ ଆସାମିକୁ ହାଜତରୁ ଖଲାସ ଦେଇ ଅଦ୍ୟ ହୁକୁମ ଶୁଣାଇବା ନିମିତ୍ତ ଯାମିନରେ ରଖିଲେ । ଆସାମୀ ଗରିବ ସୁତରାଂ ଉକିଲ ନିଯୁକ୍ତ କରିବାକୁ ଅକ୍ଷମ ଥିଲା ମାତ୍ର ବଡ ଉକିଲ ବାବୁ ଚନ୍ଦ୍ରକାନ୍ତ ବାନୁର୍ଯ୍ୟା ଏବଂ ଛୋଟ ଉକିଲ ବାବୁ ଭୁବନମୋହନ ଆଚାର୍ଯ୍ୟ ତାହାର ସପକ୍ଷ ହୋଇ ଅତ୍ୟନ୍ତ ଦୟାର କାର୍ଯ୍ୟ କରି ଅଛନ୍ତି ।

ଗତମାସ ତା ୩ ରିଖରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ଅମ୍ବାଲା ନିକଟ ମଜରା ମୁକାମରେ ଅବସ୍ଥିତ କରି ସେଠା ଜଙ୍ଗଲକୁ ପାରଧି ନିମିତ୍ତ ଯାଇଥିଲେ । ବଣ ଘୋଡ଼ାଳିବାରେ ଆଗପଛ ହୋଇ ଗୋ୩ଟା ବାଘ ବାହାରିଲେ ସ୍ୱୟଂ ଲାଟସାହେବ ଏକ ଗଛ ଉପରେ ବସି ଦୁଇଗୋଟା ବାଘ ନିହାତ ମାଇଲେ ଆଉ ଗୋଟାଏ ମାଡ ଖାଇ ଅନୁଦ୍ଦେଶ ହେଲା । ଅନେକ ଗୁଡ଼ିଏ ହରିଣ ବାହାରି ଥିଲେ ମାତ୍ର କେହି ତାହାଙ୍କୁ ଲକ୍ଷ କଲେ ନାହିଁ । ଅବଶ୍ୟ ଲାଟସାହେବ ବାଘ ନ ମାରି ନିର୍ଦ୍ଦୋଷୀ ପଶୁ ବଧ କରନ୍ତେ କି ?

ହାଜାରିବାଗ ଓ ଲୋହାରଡଗା ଜିଲ୍ଲାମାନଙ୍କରେ ଚା ଚାଷ ଆରମ୍ଭ ହୋଇଅଛି । ଗତବର୍ଷ ୬୯ ଗୋଟା ଚା ବଗିଚା ସେଠାରେ ଥିଲା ଏବଂ ତହିଁରେ ସେ ୧୩୯ ଉର ଚା ଉତ୍ପନ୍ନ ହୋଇଥିଲା ଓଡ଼ିଶାର ଗଡ଼ଜାତ ମାନଙ୍କରେ ଚା କ୍ଷେତ ହୋଇପାରନ୍ତା !

ବାବୁ ଲାଲମୋହନ ଘୋଷ ବିଲାତରୁ ଫେରି ଆସି ବମ୍ବେଇ ନଗରରେ ପହୁଞ୍ଚି ଅଛନ୍ତି । ବମ୍ବେଇବାସିମାନେ ତାହାଙ୍କ ଅଭ୍ୟର୍ଥନା ନିମିତ୍ତ ଗୋଟିଏ ସଭା କରିବେ ବୋଲି ଶୁଣାଯାଏ

ହିନ୍ଦୁ ପେଟ୍ରିଅଟରୁ ଅବଗତ ହେଲୁଁ ଯେ ବେହାରର ଜମିଦାରମାନେ ଖଜଣା ସମ୍ପର୍କୀୟ ବିଲର ପାଣ୍ଡୁଲିପିର ବିଚାର ନିମିତ୍ତ ଗତମାସ ତା ୫ ରିଖରେ ଗୋଟିଏ ସଭା କରିବାର ସ୍ଥିର କରିଥିଲେ । ସଭାର ମତ ଅବଲମ୍ବେ ଜଣା ପଡ଼ିବ । ଓଡ଼ିଶା ଜମିଦାରମାନେ କିବର ଉଦାସୀନ ରହି ଅଛନ୍ତି ସେମାନଙ୍କର ନିଦ୍ରା କି ଭଙ୍ଗ ହେବ ନାହିଁ ।

ବିଲାତରେ କୃଷିକାର୍ଯ୍ୟ ଶିକ୍ଷା ନିମିତ୍ତ ଗବର୍ଣ୍ଣମେଣ୍ଟ ବୃତ୍ତି ସହିତ ଦୁଇଜଣ ଏଦେଶୀୟ ଲୋକ ପ୍ରେରିତ ହେବାର ଯେଉଁ ନିୟମ ବଙ୍ଗଳାର ଲେପ୍ଟେନାଣ୍ଟ ଗବର୍ଣ୍ଣର କରି ଅଛନ୍ତି ତଦନୁସାରେ ବାବୁ ଅମ୍ବିକା ଚରଣ ସେନ୍ ଏବଂ ସଏଦ୍ ସଖାଓତ ହୋସେନଙ୍କୁ ମାନ୍ୟବର ଇଡେନ ସାହେବ ନିଯୁକ୍ତ କରି ପଠାଇ ଦେଲେ । ବାବୁ ଅମ୍ବିକା ଚରଣ ସେନ୍ ଢାକା ନିବାସୀ ଅଟନ୍ତି ବିଶ୍ୱବିଦ୍ୟାଳୟର ଏମ୍ ଏ ଉପାଧି ପାଇଅଛନ୍ତି ଏବଂ ସମ୍ପ୍ରତି କୃଷ୍ଣନଗର କଲେଜର ରସାୟନର ଅଧ୍ୟାପକ ଅଟନ୍ତି । ସଏଦ୍ ସଖାଓତ ହୋସେନ ବେହାର ନିବାସୀ ଅଟନ୍ତି ଏବଂ ବିଶ୍ୱବିଦ୍ୟାଳୟର ବି, ଏ, ଉପାଧି ପାଇ ଅଛନ୍ତି । ଏଦୁହିଙ୍କ ମନୋନୀତରେ ସମସ୍ତଙ୍କର ସନ୍ତୋଷ ଅଛି । ଏଥିଉତ୍ତାରୁ ଏକଜଣ ଓଡ଼ିଶାରୁ ମନୋନୀତ ହୋଇ ପାରେ ।

ମହାରାଜା ଦଲିପସିଂହ ୩୦୦ ବଡ଼ ମୁରଗା ଏବଂ ଏକ ହଜାର ଖରଗୋଷ ବିକ୍ରୟ କରିବା ସକାଶେ ବିଜ୍ଞାପନ ଦେଇ ଅଛନ୍ତି । ଭାରତବର୍ଷୀୟ ମହାରାଜା ବିଲାତକୁ ଯାଇ ଏହି ବୃତ୍ତି ଶିଖିଲେ । କଲିକତାର ବାବୁ ରାଜେନ୍ଦ୍ର ମଲ୍ଲିକ ନାନାପ୍ରକାର ପଶୁପକ୍ଷୀ ପୋଷିଥିଲେ ଲକ୍ଷ୍ନୌର ପଦଚ୍ୟୁତ ନବାବକୁ କେ

Digitized by srujanika@gmail.com

ତେଗୁଡ଼ିଏ ପକ୍ଷୀ ବନ୍ଦୀ କରିବାରୁ ନବାବ ତାହାଙ୍କୁ ତଡ଼ିଦ୍ୟା ବାଲା ବୋଲି କହି ଆଉ ତାହାଙ୍କ ସଙ୍ଗେ ସାକ୍ଷାତ କଲେ ନାହିଁ । ମହାରାଜା ଦଲିପସିଂହ ଏଥର ତଡ଼ିଦ୍ୟା ବାଲା ହେଲେ ।

ପୋର୍ତ୍ତୁଗିଜ ଗବର୍ଣ୍ଣମେଣ୍ଟ ଗୋଆ ପ୍ରଦେଶରେ ଏହି ଆଜ୍ଞା ପ୍ରଚାର କରିଅଛନ୍ତି କି ଯଦ୍ୟପି ହିନ୍ଦୁ ସଦାବର୍ତ୍ତର ଅଧିକାରୀମାନେ ନିର୍ଦ୍ଦିଷ୍ଟ ସମୟରେ ସଦାବର୍ତ୍ତ ଓ ଧର୍ମାର୍ଥ ସମ୍ପତ୍ତିର ସୁବ୍ୟବସ୍ଥା ବିଷୟରେ ନିୟମାବଳୀ ପ୍ରସ୍ତୁତ କରି ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରି ନିମିତ୍ତ ଉପସ୍ଥିତ ନ କରିବେ ତେବେ ମନ୍ଦିରମାନଙ୍କରେ ଥିବା ସମସ୍ତ ଟଙ୍କା ଏବଂ ସମ୍ପତ୍ତି ଗବର୍ଣ୍ଣମେଣ୍ଟ ଜବତ କରିବେ । ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଏପର୍ଯ୍ୟନ୍ତ ଏ ଭାବର କିଛି ସ୍ଥିର କରିପାରି ନାହାନ୍ତି ।

କାବୁଲର ବିଖ୍ୟାତ ସର୍ ରବର୍ଟ୍ସ୍ ବମ୍ବେଇରେ ଥିଲା ବେଳେ ଏକଦିନ ସେଠା ଗବର୍ଣ୍ଣରଙ୍କ ଅଟ୍ଟାଳିକାରେ ତାହାଙ୍କୁ ଆମନ୍ତ୍ରଣ ହୋଇଥିଲା । ଆମନ୍ତ୍ରିତଙ୍କ ମଧ୍ୟରେ ଅନେକ ଦେଶୀୟ ମହିଳା ଦେଖି ସେ ବଡ଼ ଆଶ୍ଚର୍ଯ୍ୟ ହେଲେ । ବମ୍ବେଇର ସମ୍ଭ୍ରାନ୍ତ ଦେଶୀୟ ଲୋକଙ୍କ ମଧ୍ୟରେ ପରଦାନଶୀନର ନିୟମ ନାହିଁ । ସେଠାରେ ସ୍ତ୍ରୀ ର ସ୍ୱାଧୀନତା ଯଥେଷ୍ଟ ପରିମାଣରେ ଅଛି ।

ରମ୍ପା ବିଦ୍ରୋହ ନିବାରଣ କାର୍ଯ୍ୟ ଅଦ୍ୟାପି ଶେଷ ହୋଇ ନାହିଁ । ପ୍ରାୟ ସମସ୍ତ ପ୍ରଧାନ ଧରା ଗଲେଣି ଓ ଆଉ କେହି ବାକି ଥିବାର ବଡ଼ ଜଣା ପଡ଼ୁନାହିଁ ତଥାପି ସେ ଅଞ୍ଚଳରେ ଏପ୍ରକାର ଶାନ୍ତି ସ୍ଥାପନ କରି ନାହିଁ କି ଯହିଁରେ ସେନା ଅନ୍ତର କରିବା ନିରାପଦ ହେବ । ଅତଏବ ଆଉ କିଛିଦିନ ସୈନ୍ୟ ଥିବାର ସ୍ଥିର ହୋଇଅଛି ।

ଲାହୋର ଦରବାର ଚଳିତମାସ ତା ୧୫ ରିଖରେ ହେବାର କଥାଅଛି ତହିଁରେ ନିମ୍ନଲିଖିତ ରାଜାମାନେ ଉପସ୍ଥିତ ହେବାର ସମ୍ଭାବନା ଯଥା କାଶ୍ମୀର, ପଟିୟାଲା ନାଭା, ମଣ୍ଡି, କପୁରଥଲା, ଝିନ୍ଦ, ଫରିଦକୋଟ ମେଲରକୋଟଲ, ଚମ୍ବା, କଲସିଆ ସାକେତ, ଲୋହାରୁ ଏବଂ ଦୋଜାନା ।

୧ । ମୂଲତାନନିବାସୀ ପର୍ଣ୍ଣବକ୍ଷ ଭାରତ ହେଲେ ଯେ ବିଲାତର ପାର୍ଲିଆମେଣ୍ଟରେ ନୂତନ ଇଲେକ୍ସନ ସମୟରେ ଖୁବ ଯୁଝିଲେ । ସାହେବମାନେ ବଙ୍ଗାଳୀମାନଙ୍କୁ ଘୁଷଖୋର ବୋଲି ଖୁବ ଗାଳି ଦେଇଥାନ୍ତି କିନ୍ତୁ ନିଜ ଚକ୍ଷୁରେ କୁଟା ଦେଖି ପାରନ୍ତି ନାହିଁ ସମ୍ପ୍ରତି ରଉହାର ସାହେବ ତାହାରେ ଏହି ଶୁଭ ସମ୍ବାଦଟି ଦେଇ ଅଛନ୍ତି ।

ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

'ହକ୍‌କଥା' ସ୍ୱାକ୍ଷରିତ ଖଣ୍ଡିଏ ପ୍ରେରିତପତ୍ର ଗତବାର ଉତ୍କଳଦୀପିକାରେ ଯାହା ପ୍ରକାଶିତ ହୋଇଅଛି, ତହିଁରେ ଆମ୍ଭର ଲିଖିତ ମୂଳପ୍ରସ୍ତାବମାନଙ୍କୁ ସେ ସର୍ବତୋଭାବରେ ଯୁକ୍ତିଯୁକ୍ତ ବୋଲିଅଛନ୍ତି, ଅର୍ଥାତ୍ ଜଏଣ୍ଟ ଇନ୍‌ସ୍ପେକ୍ଟର ସାଧାରଣଭାବରେ ନୂଆ ଗଣିତ ଓ ବୃତ୍ତାନ୍ତକ ପୁସ୍ତକମାନ ଲେଖିବାପାଇଁ ସକଳଲୋକମାନଙ୍କୁ ଆହ୍ୱାନ କରିବା ଏବଂ ଏକବର୍ଷ ସମୟ ପ୍ରଦାନ କରିବା ବିଷୟମାନ ନ୍ୟାୟସଙ୍ଗତ ବୋଲି ତହିଁରେ କିଛି ଆପତ୍ତି କରି ନାହାନ୍ତି ଆଉ ବାବୁ ମଧୁସୂଦନ ରାଓଙ୍କ ଅନୁବାଦିତ ପ୍ରବନ୍ଧମାଳା ପୁରସ୍କାର ଦେବା ମୂଳରେ ଜଏଣ୍ଟ ଇନ୍‌ସ୍ପେକ୍ଟର ମହାଶୟଙ୍କର ଭୁଲ ହୋଇଅଛି, ଅର୍ଥାତ୍ ଖଣ୍ଡିଏ ସାହିତ୍ୟର ଆବଶ୍ୟକ ଜାଣି ପାରିଲେହେଁ ବିନା ପୁରସ୍କାରରେ ପ୍ରବନ୍ଧମାଳା ପରି ଅନୁବାଦିତ ସାହିତ୍ୟ ଉତ୍ପନ୍ନ ହୋଇଥାନ୍ତା ଜଏଣ୍ଟ ଇନ୍‌ସ୍ପେକ୍ଟର ମହାଶୟ ସରକାରୀ ଟଙ୍କାର ଅକାରଣ ଶ୍ରାଦ୍ଧ କରିଅଛନ୍ତି, ଆମ୍ଭର ଏହି ମତ ସ୍ପର୍ଦ୍ଧା ପ୍ରତିବାଦକାରୀ 'ହକ୍‌କଥା' ସମ୍ପୂର୍ଣ୍ଣରୂପରେ ସ୍ୱୀକାର କରିଅଛନ୍ତି, ତେତେବେଳେ ତାଙ୍କ ସଙ୍ଗରେ ଆମ୍ଭର କେବଳ ମାତ୍ର ପ୍ରବନ୍ଧମାଳା ସମାଲୋଚନା ସମ୍ପର୍କରେ ମତାନ୍ତର ହୋଇଅଛି । ସେ ପକ୍ଷରେ ଆମ୍ଭର ବକ୍ତବ୍ୟ ଏହିକି ଯେ ଦେଶୀୟ ସାଧାରଣ ଲୋକମାନଙ୍କ ପ୍ରଧାନ ପ୍ରତିନିଧି ସ୍ୱରୂପ ବହୁଦର୍ଶୀ ଉତ୍କଳଦୀପିକା ସମ୍ପାଦକ ମହାଶୟଙ୍କର ଏବଂ ଉତ୍କଳଦର୍ପଣ ପ୍ରଣେତାଙ୍କର ସମାଲୋଚନା ଦେଖି ଯେବେ ଆମ୍ଭର ଆଉ କିଛି ବୋଲିବାର ଆବଶ୍ୟକ ହୁଏ ତେତେବେଳେ କଥିତ ସମାଲୋଚନାର ତୁଷ୍ଟି ହେବ ନାହିଁ ।

"ପ୍ରବନ୍ଧମାଳା ନାମକ ଅନୁବାଦିତ ପୁସ୍ତକ ମଧ୍ୟରେ ଅନେକାଂଶ ପୁରାତନ ଉତ୍କଳଦର୍ପଣରୁ ଉଦ୍ଧୃତ ନୁହେଁ କି?" ଆମ୍ଭର ଏହି ପ୍ରଶ୍ନ ସମ୍ବନ୍ଧରେ ହକ୍‌କଥା କହିଅଛନ୍ତି ଯେ ପ୍ରବନ୍ଧମାଳାର ଦ୍ୱିତୀୟପରିଚ୍ଛେଦରେ ଦର୍ପଣରୁ ଗୋଟିଏ ପ୍ରବନ୍ଧ ଉଦ୍ଧୃତ ହୋଇଅଛି; ଏଠାରେ 'ହକ୍‌କଥା' ନାମ ନ ବୋଲି 'ଗୁପ୍ତକଥା' ନାମ ପ୍ରାପ୍ତିର ଅଧିକାରୀ କି ହୋଇ ନାହାନ୍ତି ? ପ୍ରବନ୍ଧମାଳାର ପ୍ରଥମପରିଚ୍ଛେଦର ଦ୍ୱାଦଶଟି ପ୍ରବନ୍ଧ ମଧ୍ୟରେ ପାଞ୍ଚଗୋଟି ପ୍ରବନ୍ଧ ଉତ୍କଳଦର୍ପଣରୁ ଉଦ୍ଧୃତ କରି ପ୍ରବନ୍ଧମାଳା ମଧ୍ୟରେ ସନ୍ନିବେଶିତ କରା ହୋଇଅଛି କି ନୁହେଁ ? ସେ ପ୍ରବନ୍ଧମାନ ତାଙ୍କ ନିଜ ରଚିତ ତାହାର ପ୍ରକାଶ୍ୟ ପ୍ରମାଣ କଣ ? ସେ ପ୍ରବନ୍ଧମାଳାର ପ୍ରସଙ୍ଗରେ ସେ କଥାର ଉଲ୍ଲେଖ କରି ନାହାନ୍ତି କପାଇଁ? ଯଦ୍ୟପି ପ୍ରକୃତ ମଧୁବାବୁଙ୍କ ଅନୁବାଦିତ ବୋଲି ସ୍ୱୀକାର କରାଯାଏ ତେବେ ନୂତନତ୍ୱ ପ୍ରଚାର କରିବା ସକାଶେ ଏହି ନିକୃଷ୍ଟ ଉପାୟ ଅବଲମ୍ବିତ ହୋଇଅଛି, ଏ କଥା କାହିଁକି ବୋଲାଯିବ ନାହିଁ ? ଆଉ ଉତ୍କଳଦର୍ପଣରୁ ଯେ ସବୁ ପ୍ରବନ୍ଧମାନ ପାରିତୋଷିକ ପ୍ରଦତ୍ତ ପ୍ରବନ୍ଧମାଳା ମଧ୍ୟରେ ସନ୍ନିବେଶିତ କରା ହୋଇଅଛି ସେ ପ୍ରବନ୍ଧମାନର ନିମ୍ନଦେଶରେ ଯେଉଁ ସବୁ ଇଂରାଜ ଲେଖାବଳୁ ଉଦ୍ଧୃତ ହେବା ଫୁଟନୋଟରେ ଲେଖା ହୋଇଅଛି, ଉତ୍କଳଦର୍ପଣରେ ସେହିପରି ଇଂରାଜ ପୁସ୍ତକର ନାମ ଲେଖା ଥିଲା କି ? ଯେବେ ତାହା ନ ଥାଏ ତାହା ହେଲେ ପ୍ରବନ୍ଧମାଳାର ପ୍ରବନ୍ଧ ଯେ ସମସ୍ତ ଉତ୍କଳ ଦର୍ପଣରୁ ଉଦ୍ଧୃତ ହୋଇ ଅଛି ସେ ସମସ୍ତ ପ୍ରବନ୍ଧର ନିମ୍ନଦେଶରେ ବିଲାତି ଗ୍ରନ୍ଥକାରମାନଙ୍କର ନାମ ପ୍ରଦାନ କରିବା କେଉଁ ସତ୍ୟ ଏବଂ ନ୍ୟାୟପରତାର କାର୍ଯ୍ୟ ହୋଇଅଛି? ତାହା ହେଲେ କେବଳମାତ୍ର ପୁସ୍ତକର ନୂତନତ୍ୱ ସମ୍ପାଦନର ନିକୃଷ୍ଟ ଅଭିସନ୍ଧି ହେତୁକ ଏପରି ଅନୁଷ୍ଠାନର ପ୍ରୟୋଜନ ହୋଇଥିଲା ଏକଥା କାହିଁକି ବୋଲା ନ ଯିବ ? ଆଉ, ସେହି ସବୁ ପ୍ରବନ୍ଧ କି କେବଳମାତ୍ର ନିମ୍ନଲିଖିତ ସଂକ୍ଷରିତ ଇଂରାଜୀ ପୁସ୍ତକରୁ ଅନୁବାଦିତ ହୋଇଅଛି ? ବଙ୍ଗଳା ପୁସ୍ତକରୁ ଅବା ମାସିକ ପତ୍ରିକାରୁ କି କିଛିମାତ୍ର ଅଂଶ ଅନୁବାଦିତ କରା ହୋଇ ନାହିଁ ? ହକ୍‌କଥାଙ୍କଠାରୁ ତାହା ଜାଣିବାର ଆଶା ରଖୁଁ । ଯଥେଷ୍ଟ ହେଲା, ସ୍ଥାନୀୟ ସମ୍ପାଦକର ସମାଲୋଚନା ଦେଖି ପଶ୍ଚାତ୍ ଏହି ସକଳ ବିଷୟ ଜାଣିବାର ଚେଷ୍ଟା କରାଯିବ ।

ଭଲା, ହକ୍‌କଥା ଏବଂ ମଧୁବାବୁଙ୍କୁ ପଚାରି କି ବୃତ୍ତାନ୍ତକ ପୁସ୍ତକ ଖଣ୍ଡିଏ ଲେଖି ଥିବା, (ଜଣେ ବଙ୍ଗାଳୀ) ପ୍ରାୟ ଏକ ବର୍ଷ କେତେ ମାସ ହେବ, ଏକଥା ସେମାନେ ଜାଣନ୍ତି କି ନାହିଁ ? ଜଣେ ଲୋକ ବିନା ପାରିତୋଷିକରେ ଯେତେବେଳେ ବୃତ୍ତାନ୍ତକ ପୁସ୍ତକ ରଚନା କରି ଛପାଇ ବିକ୍ରୟାର୍ଥେ ପ୍ରସ୍ତୁତ କରି ଅଛନ୍ତି ତେତେବେଳେ ବୃତ୍ତାନ୍ତକ ପୁସ୍ତକ ପାଇଁ ପାରିତୋଷିକ ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାର ପ୍ରୟୋଜନ କଅଣ ? ଜଏଣ୍ଟ ଇନ୍‌ସ୍ପେକ୍ଟର ମହାଶୟ କି ସେକଥା କିଛି ପୂର୍ବରୁ ଜାଣନ୍ତି ନାହିଁ ? ଯାହାହେଉ ସେକଥା ଜଏଣ୍ଟ ଇନ୍‌ସ୍ପେକ୍ଟର ମହାଶୟଙ୍କୁ ପୂର୍ବରୁ ଜଣାଥିଲା କି ନାହିଁ ? ହକ କଥା ଅନୁସନ୍ଧାନ ନେଇ ତାହା ଲେଖିଲେ 'ହକ କଥାଙ୍କୁ' ନ୍ୟାୟସଙ୍ଗତ ନାମର ଅଧିକାରୀ ବୋଲି ଜାଣିବା ।

ପରିଶେଷରେ ବକ୍ତବ୍ୟ ଏହି କି ଯେ ଏହି ସମ୍ପର୍କରେ କୌଣସି ବେନାମୀ ପତ୍ରର ପ୍ରତ୍ୟୁତ୍ତର ଆମ୍ଭେ ଆଉର ପ୍ରଦାନ କରିବୁଁ ନାହିଁ ।

୭।୧୧।୮୦ } ବଶମ୍ବଦ
କଟକ } ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

ଅତିରିକ୍ତ

ଉତ୍କଳଦୀପିକା ତା ୧୩ ଖ ନବେମ୍ବର ସନ ୧୮୮୦ ମସିହା ।

ବିଜ୍ଞାପନ ।

ଏତଦ୍ଦ୍ଵାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉଅଛି ଯେ ଏହି ନଗରର ବାଲୁବଜାରଠାରେ "କଟକ ଡ୍ରଗିଷ୍ଟହଲ" ନାମରେ ଏକ ଇଂରାଜୀ ଔଷଧାଳୟ ସ୍ଥିତ ହୋଇଅଛି । ଏସ୍ଥଳରେ ଇଂରାଜୀ ଔଷଧ ଓ ଯନ୍ତ୍ରମାନ ବିକ୍ରିତ ହେଉଅଛି । କର୍ପୂର ଅରକ, କ୍ଲୋରୋଡାଇନ୍, କଡ଼ଲିଭର ଅଏଲ, ପେନକିଲର କୁଇନାଇନ୍, ଟିପଇମେଣ୍ଟ ପ୍ରଭୃତି ନାନାପ୍ରକାର ଔଷଧମାନ ମଧ୍ୟ ଏଠାରେ ପ୍ରାପ୍ତବ୍ୟ ।

ଏତଦ୍ଦ୍ଵାରା ଅଧିକନ୍ତୁ ଜଣାଇ ଦିଆ ଯାଉଅଛି କି ପ୍ରାତଃକାଳ ୭ ଘଣ୍ଟାଠାରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଉକ୍ତ ଔଷଧାଳୟରେ ବିନା ପଇସାରେ, ଅମ୍ଭେ ମେଡିକାଲ୍ ପରାମର୍ଶ ଦେଉଁ । କେହି ଡାକିଲେ ତାଙ୍କ ଘରଠାକୁ ଯାଇଁ ମଧ୍ୟ ଚିକିତ୍ସା କରିବାକୁ ପ୍ରସ୍ତୁତ ରହୁଁ ।

କଟକ
ବାଲୁବଜାର
୧୦।୧୧।୮୦ } ନିବେଦକ
ଶ୍ରୀ ଚନ୍ଦ୍ରମୋହନ ଅଗ୍ରୱାଲ
ମେଡିକାଲ ପ୍ରାକ୍ଟିସନର୍

କଟକ ମିଉନିସିପାଲିଟି ।

ଏହି ମିଉନିସିପାଲିଟୀରେ ଜାରିଥିବା ଉପବିଧିର ୨ ୭ ଧା ଅନୁସାରେ ଏତଦ୍ଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯଦି କାହାରି ଘର ମଧ୍ୟରେ କୌଣସି ପଶୁ ମରେ ତେବେ ଦିନବେଳେ ମଲେ ମରିବା ସମୟଠାରୁ ୭ ଘଣ୍ଟା ମଧ୍ୟରେ ଓ ରାତିରେ ମଲେ ସୂର୍ଯ୍ୟୋଦୟ ପର ତିନି ଘଣ୍ଟା ମଧ୍ୟରେ ପଶୁସ୍ଵାମୀ ଆପଣା ଖର୍ଚ୍ଚରେ ମୃତ ପଶୁକୁ ନିମ୍ନଲିଖିତ ନିରୂପିତ ସ୍ଥାନମାନଙ୍କରେ ପୋତି ଆସିବେ ।

୧ ଯୋବରା ନିକଟସ୍ଥ କାଇଥଦାର ।
୨ ଖାନନଗର ମଇଦାନ ।
୩ ଖତଭରା ।
୪ ଭୁଲିସିପୁର ନିକଟ ସନସାହିତୋଟା ।

ଏହାଛଡ଼ା ଗ୍ରୀଷ୍ମ ଓ ଶୀତକାଳମାନଙ୍କରେ ମିଉନିସିପାଲିଟୀ ସୀମା ବାହାରେ ମହାନଦୀ ଓ କାଠଯୋଡ଼ିର ବାଲିରେ ମଧ୍ୟ ପୋତି ପାରିବେ ।

ଯଦି କେହି ଉପରଲେଖିତ ସମୟ ମଧ୍ୟରେ ଆପଣା ଖର୍ଚ୍ଚରେ ଉକ୍ତ ସ୍ଥାନମାନଙ୍କୁ ମୃତ ପଶୁ ପଠାଇ ନ ପାରିବେ ତେବେ ସେ ଆପଣା ନିକଟବର୍ତ୍ତୀ କନ୍‌ସରଭେନ୍‌ସି ସବ ଓଭରସିଅର କି ଜମାଦାରକୁ ନିରୂପିତ ସମୟ ମଧ୍ୟରେ ଜଣାଇବେ ଯେ ସେମାନେ ତତ୍କ୍ଷଣାତ ଆପଣା ମେଥର ପଠାଇ ଆଣି ବା ଅନ୍ୟ ଉପାୟଦ୍ଵାରା ଉକ୍ତ ମରା ପଶୁକୁ ନିରୂପିତ ସ୍ଥାନକୁ ସ୍ଥାନାନ୍ତର କରିଦେବେ ଏରୂପ ସ୍ଥଳେ ନିମ୍ନଲିଖିତ ମତେ ଖର୍ଚ୍ଚା ଆଦାୟ କରାଯିବ ଯଥା

ପ୍ରତ୍ୟେକ ହସ୍ତୀ ନିମନ୍ତେ	ଟ ୫୲
ଉଷ୍ଟ୍ର	ଟ ୩୲
ଘୋଡ଼ା (ଉ ୫୨ ଇଞ୍ଚରୁ ବେଶି ଉଚ୍ଚ)	ଟ ୨୲
ମହିଷୀ	ଟ ୧ ॥
ଟଟ୍ଟୁ (ଉ ୪୪ ଇଞ୍ଚରୁ ବେଶି ଉଚ୍ଚ)	ଟ ୧୲
ଟଟ୍ଟୁ (ଉ ୪୪ ଇଞ୍ଚରୁ କମି ଉଚ୍ଚ)	ଟ ୦ ॥
ଗଧ ଓ ଖଚର ଓ ଷଣ୍ଢ	ଟ ୦ ॥
ବଳଦ ଓ ଗାଈ	ଟ ୦ ।
ବାଛୁରି ମେଣ୍ଢା ଓ ଛେଳି	ଟ ୦ ⁄
କୁକୁର	ଟ ⁄ ୦
ବରାହ ଓ ଅନ୍ୟାନ୍ୟ ପଶୁ	ଟ ୦ ⁄

ଏ ସମସ୍ତ ବିଧି ଲଙ୍ଘନରେ ଟ ୧୦୲ ଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ହୋଇ ପାରିବ ।

ତା ୨୨ ରିଖ ମାହେ
ଅକ୍ଟୋବର ସନ ୮୦
ମସିହା } By order of the Vice Chairman
KHETTRA MOHUN ROY
Town Overseer

ଜିଲେ ମୌଲମିନର ଶ୍ରୀଯୁତ ଜଜ ସାହେବଙ୍କ ଅଦାଲତରୁ ଯେହେତୁ ଜିଲା କଟକ ମୌଜେ କନିକା ନିବାସୀ ସନତନ ସାମନ୍ତ ପିତ୍ର ମଧୁନାୟକ ମୌଲମିନରେ ଲାଓୟାରିସ ହୋଇ ମରିଯାଇ ଅଛି ଅତଏବ ଏତଦ୍ଦ୍ଵାରା ପ୍ରକାଶ କରା ଯାଉଅଛି କି ଯଦି କୌଣସି ବ୍ୟକ୍ତି ମୃତବ୍ୟକ୍ତିର ତ୍ୟାଗୀୟ ମାଲ ପ୍ରତି କିଛି ଦାବି ରଖୁଥାଏ କିମ୍ବା ତାହାର ଓୟାରିସ ଓ ହକଦାର-ଥିବ ତେବେ ସେ ବ୍ୟକ୍ତି ବିଜ୍ଞାପନ ଜାରି ତାରିଖରୁ ମା୧୨ସ ମିଆଦ ମଧ୍ୟରେ ଆପଣା ଦାବୀ ଜିଲା ମୌଲମିନର ଶ୍ରୀଯୁକ୍ତ ଜଜସାହେବଙ୍କ ଅଦାଲତରେ ଅସତ କରି ପ୍ରମାଣ କରାଇଲେ ଉକ୍ତ ମାଲ ତାକୁ ମିଳିବା ପ୍ରତି ବହୁତ ହୁକୁମ ହେବ ଉକ୍ତ ମିଆଦ ମଧ୍ୟରେ ଦାବୀ ଅସତ ନ ହେଲେ ପଶ୍ଚାତ କାହାର ଆପତ୍ତି ଗ୍ରାହ୍ୟ ହେବ ନାହିଁ ତା ୨୫ ଖ ଜୁନ ୧୮୮୦ ମସିହା ।

By order of the Court
J. DOUGLAS BAYLY
Chief Clerk.

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ଵରରୋଗରେ କୁଇନାଇନର ପରିବର୍ତ୍ତେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଡାକ୍ତରଖାନା ଡିସପେନସରୀ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ୍ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳି ପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍ସକୁ ଟ୭ଙ୍କା । ୮ଅଉନ୍ସକୁ ଟ୧୯ଙ୍କା । ୧୬ ଅଉନ୍ସକୁ ୨୦୲ । ମୂଲ୍ୟ ନଗଦ ।

☞ ମୂଲପତ୍ର ଦେଖ ।

Split by PDF Splitter

204

Digitized by srujanika@gmail.com

REGISTERED NO. 1

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୫ ଗ
ସ ୪୭ ସଂଖ୍ୟା

ତା ୨୦ ରିଖ ମାହେ ନବମ୍ବର ସନ ୧୮୮୦ ମସିହା । ମୁ । ମାର୍ଗଶିର ଦି ୭ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୷

ଆମ୍ଭମାନଙ୍କ ଜଏଣ୍ଟ ଇନ୍‌ସ୍ପେକ୍ଟର ବାବୁ ରାଧାନାଥ ରାୟ ଦ୍ୱିତୀୟଶ୍ରେଣୀକୁ ପଦୋନ୍ନତ ପାଇଥିବାର ଗଜେଟରେ ଦେଖି ବଡ଼ ଆନନ୍ଦିତ ହୋଇଅଛୁଁ । ଗୋଟିଏ ପ୍ରଦେଶର ଜଏଣ୍ଟ ଇନ୍‌ସ୍ପେକ୍ଟରଙ୍କୁ ଶିକ୍ଷାବିଭାଗର ତୃତୀୟଶ୍ରେଣୀରେ ରଖି ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଭଲ କରି ନ ଥିଲେ । ଆମ୍ଭେମାନେ ଆଶା କରୁଁ ଯେ ଏହି ଶ୍ରେଣୀରେ ସେ ବାହାଲ ହୋଇ ଶୀଘ୍ର ଆହୁରି ଉନ୍ନତି ପ୍ରାପ୍ତ ହେଉନ୍ତୁ ।

ଶ୍ରୀନାଥ ବାବୁଙ୍କ ପୁତ୍ରକୁ ମାରି ପକାଇବାର ଦୌରା ମୋକଦ୍ଦମାରେ ଗତ ବୁଧବାର ଜଜ ସାହେବ ଶେଷ ନିଷ୍ପତ୍ତି ଦେଲେ। ଗୌଡ଼ଟୋକା ଉପରେ ଅପରାଧ ପ୍ରମାଣ ନ ହେବାରୁ ତାକୁ ମୁକ୍ତି ଦେଇଅଛନ୍ତି । ଶ୍ରୀଯୁକ୍ତ ଜଜ ସାହେବ ସ୍ୱୟଂ ଦୌରାସୁପର୍ଦ୍ଦ କରିବାର ହୁକୁମ ଦେଇ ଥିବାରୁ ଲୋକଙ୍କ ମନରେ ନାନାପ୍ରକାର ଭୟ ଜାତ ହୋଇଥିଲା ମାତ୍ର ପରିଶେଷରେ ତାହାଙ୍କର ସୁବିଚାର ଦେଖି ସର୍ବସାଧାରଣ ଆନନ୍ଦିତ ହୋଇଅଛନ୍ତି । ଜଜ ସାହେବ ଆପଣା ରାୟରେ ଲେଖିଅଛନ୍ତି କି ବାବୁଙ୍କ ପୁଅ ନଦୀରେ ବୁଡ଼ି ମରିବାର ସତ୍ୟ ମାତ୍ର ଗୌଡ଼ଟୋକା ପେଲି ଦେବାରୁ କିମ୍ବା ସେ ଆପେ ଝଗଡ଼ା କରୁଁ୨ ଖସି ପଡ଼ିବାରୁ ଉକ୍ତ ଶୋଚନୀୟ ଘଟନା ହେଲା ତାହା ସ୍ଥିର କରିବାର କଠିନ । କେବଳ ଏ ଗୁରୁତର ମୋକଦ୍ଦମାକୁ ଭଲରୂପେ ବିଚାର କରିବା କାରଣ ସେ ଦୌରା ସୁପର୍ଦ୍ଦ କରିବାର ଆଜ୍ଞା ଦେଇଥିଲେ ।

ଉତ୍ତର ପଶ୍ଚିମରେ ଏ ବର୍ଷ ଅତ୍ୟନ୍ତ ଊଣା ବୃଷ୍ଟି ହେବାରୁ ଫସଲର ଅବସ୍ଥା ବଡ଼ ମନ୍ଦ ହୋଇଅଛି ଓ ସାମାନ୍ୟ ପ୍ରକାର ଦୁର୍ଭିକ୍ଷ ପଡ଼ିବାର ଭୟ ହୋଇଅଛି । ଗବର୍ଣ୍ଣମେଣ୍ଟ କୂଅ ଖୋଳି ସେହି ପାଣିରେ ଫସଲ ରକ୍ଷା କରିବା କାରଣ ପ୍ରଜାଙ୍କୁ ଟଙ୍କା ଦାଦନ ଦେବାର ନିୟମ କରିଅଛନ୍ତି ଏବଂ ସ୍ଥଳ ବିଶେଷରେ ଲୋକଙ୍କର ଅଧିକ କଷ୍ଟ ନିବାରଣ ଉଦ୍ଦେଶରେ ସାହାଯ୍ୟ କର୍ମମାନ ଫିଟାଇବା ନିମିତ୍ତ କମିଶନରମାନେ ଆଦେଶ ପାଇଅଛନ୍ତି । ଏ ବର୍ଷର ବୃଷ୍ଟି ଦେଖି କୌଣସିଠାରେ ଦୁର୍ଭିକ୍ଷ ନ ପଡ଼ିବାର ଆମ୍ଭେମାନେ ଆଶା କରିଥିଲୁଁ ମାତ୍ର ତାହା ହେଲା ନାହିଁ । ତେବେ ଏତିକି ରକ୍ଷା କେବଳ ଏହି ପ୍ରଦେଶ ଛଡ଼ା ଆଉ ସବୁଠାରେ ଫସଲ ଉତ୍ତମ ହୋଇଅଛି ଏବଂ ବିଦେଶ ରପ୍ତାନି କାର୍ଯ୍ୟ ବିସ୍ତର ଊଣା ଅଛି ସୁତରାଂ ଏ ମରୁଡ଼ିଦ୍ୱାରା ବିଶେଷ ଆପଦ ଘଟିବାର ସମ୍ଭାବନା ନାହିଁ ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଗତ କଲିକତା ଗଜେଟରେ ପାଠ କଲୁଁ ଯେ ବାବୁ ହରେକୃଷ୍ଣ ଦାସ ଯେ କି ବାଲେଶ୍ୱରରେ ସବ୍ ଡେପୁଟୀ ହୋଇ ଦାଖଲଖାରଜ ମାମଲା ନିକାଶ କରୁଥିଲେ ଅନ୍ୟ ଆଜ୍ଞା ପର୍ଯ୍ୟନ୍ତ ଡେପୁଟୀ କଲେକ୍ଟର ନିଯୁକ୍ତ ହୋଇ ଏହି କକ୍ଷାକୁ ଆସିଅଛନ୍ତି । ଆମ୍ଭେମାନେ ଶୁଣିଲୁଁ ଯେ ବାବୁଙ୍କୁ ଏ ପଦ ଦେବା କାରଣ ଏଠାରୁ କିଛି ପ୍ରସ୍ତାବ ହୋଇ ନ ଥିଲା ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ସ୍ୱୟଂ ତାହାଙ୍କୁ ଏ ଉଚ୍ଚପଦ ଦେଇଅଛନ୍ତି । ଆମ୍ଭେମାନେ ଆଶା କରୁଁ ଯେ ବାବୁଙ୍କୁ ଏ କର୍ମରେ ବାହାଲ କରି ମାନ୍ୟବର ସର୍ ଇଡନ ସାହେବ ଓଡ଼ିଶା ପ୍ରତି ସୁଦୃଷ୍ଟି ରଖିଥିବାର ଅଧିକତର ପରିଚୟ ଦେବେ । ଓଡ଼ିଶାବାସୀ କେବଳ ଦୁଇଜଣ ଡେପୁଟୀ କଲେକ୍ଟର ଥିଲେ ଏହାଙ୍କୁ ଯେନି ତିନିଜଣ ହେଲା । ଅନ୍ତତଃ ଓଡ଼ିଶା ସକାଶେ ଯେତେ ଜଣ ଡେପୁଟୀ ପ୍ରୟୋଜନ ତେତେଜଣ ଓଡ଼ିଶାବାସିଙ୍କୁ ନିଯୁକ୍ତ କଲେ ଆମ୍ଭମାନଙ୍କର ଆଶା ପୂର୍ଣ୍ଣ ହେବ ।

ବେହାରରେ ଜମିଦାରଙ୍କର ଗୋଟିଏ ସଭା ଅଛି । ଖଜଣା ସମ୍ପର୍କୀୟ ନୂତନ ଆଇନର ପାଣ୍ଡୁଲିପି ବିଚାର ନିମିତ୍ତ ଏ ସଭାର ଏକ ଅଧିବେଶନ ଚଳିତ ମାସ ତା ୫ ରିଖରେ ବାଙ୍କିପୁରଠାରେ ହୋଇଥିଲା । ଦରଭଙ୍ଗାର ମହାରାଜା ସଭାପତି ପଦରେ ବରଣ ହୋଇଥିଲେ । ସଭାର ମତ ଏହି ହେଲା କି ଚିରସ୍ଥାୟୀ ବନ୍ଦୋବସ୍ତରେ ଗବର୍ଣ୍ଣମେଣ୍ଟ ଯେଉଁ ଅଧିକାର ଜମିଦାରମାନଙ୍କୁ ଦେଇଅଛନ୍ତି ପ୍ରସ୍ତାବିତ ଆଇନଦ୍ୱାରା ତହିଁର ଅନେକ ବ୍ୟତିକ୍ରମ ଘଟୁଅଛି ଏବଂ ସେହି ବନ୍ଦୋବସ୍ତର ନିୟମାନୁସାରେ ପ୍ରଜାଙ୍କ ରକ୍ଷା ନିମିତ୍ତ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ କ୍ଷମତା ପ୍ରଦତ୍ତ ହୋଇ-

Split by PDF Splitter

Digitized by srujanika@gmail.com

Split by PDF Splitter

ଅଛି ଉକ୍ତ ବିଧିମାନ ତହିଁ ମଧ୍ୟରେ ଆସୁ ନାହିଁ । ବାସ୍ତବରେ ନୂତନ ଆଇନ ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ସମ୍ପତ୍ତିର ଏକ ନୂତନ ବଣ୍ଟନ କଳ୍ପନା କରିଅଛି ଏବଂ ତଦ୍ଦ୍ୱାରା ପ୍ରଜାମାନଙ୍କୁ ଅନେକ ପ୍ରକାର ଲାଭ ଦେବାର ଚେଷ୍ଟା ହୋଇଥିବା ସ୍ଥଳେ ଜମିଦାରଙ୍କୁ କିଛି ଦିଆଯାଇ ନାହିଁ । ନୂତନ ଆଇନରେ ଯେତେ ଦୋଷ ଅଛି ତାହା ଲେଖି ଏକଖଣ୍ଡ ଆବେଦନପତ୍ର ସଙ୍ଗେ ବଙ୍ଗଳାର ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କୁ ଅର୍ପଣ କରିବାର ସ୍ଥିର ହୋଇ ଆବେଦନପତ୍ର ସ୍ୱାକ୍ଷର କରାଇବା ନିମିତ୍ତ ଏକ କମିଟୀ ନିଯୁକ୍ତ ହୋଇଅଛି । ହିନ୍ଦୁପେଟ୍ରିଅଟ ଏ ସମ୍ବାଦ ଲେଖି ସମସ୍ତ ଜିଲାର ଲୋକଙ୍କୁ ଏହି ଉଦାହରଣର ପଶ୍ଚାଦ୍ଗାମୀ ହେବାକୁ ଅନୁରୋଧ କରିଅଛନ୍ତି । ଓଡିଶା ଜମିଦାରମାନେ ଥରେ ଏ ଆଇନର ପାଣ୍ଡୁଲିପିକି ଦେଖିବେ କି ?

ଦିବାକର ବାବୁଙ୍କ ମକଦ୍ଦମାରେ ସାକ୍ଷିମାନଙ୍କ ସାକ୍ଷ୍ୟ ବିଷୟ ଗତ ସପ୍ତାହରେ ସଂକ୍ଷେପରେ ଲେଖିଅଛୁଁ । ଶୁକ୍ରବାର ଦିନ ତାଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେବା ବ୍ୟକ୍ତିଙ୍କ ସଂଖ୍ୟା ତ ୩ ଣ ନୁହେ ଦୁଇଜଣ ଅଟନ୍ତି । କଲେକ୍ଟରି ଆମଲା ଭିନ୍ନ ଅନ୍ୟ କେହି ଭଦ୍ରଲୋକ ଦିବାକର ବାବୁଙ୍କ ପାଇଁ ଘୃଣା ହୋଇଥିବା ବିଷୟ ଜାଣେ କି ନା ଏ ବିଷୟର ପ୍ରଶ୍ନ ହେବାରେ ଉଡ଼ିଆ ହେଡ୍ ମୋହରର ଜଜ ସାହେବଙ୍କ ସିରସ୍ତାଦାର ହରେକୃଷ୍ଣ ବାବୁଙ୍କ ନାମ କହିଥିବାରୁ ତାଙ୍କର ସାକ୍ଷ୍ୟ ଶନିବାର ଦିନ ନିଆଗଲା । ସେ କହିଲେ ଆମ୍ଭର ଦୁଇ ପୁତ୍ର ଉଡ଼ିଆ ଠିକା ମୋହରର ଓ ଅନ୍ୟ କେତେକ ମୋହରରଙ୍କ ବସା ଆମ୍ଭ ବସା ନିକଟରେ ଥିବାରୁ ଭେଦାପତ୍ର ସ୍ୱାକ୍ଷର ସକାଶେ ଆମ୍ଭ ବସାକୁ ଯାଇଥିବାରୁ ଆମ୍ଭେ ତାହା ଦେଖିଥିଲୁଁ । ଦିବାକର ବାବୁଙ୍କ ପାଇଁ ଘୃଣା ହୋଇଥିବାର ଓ ଆମ୍ଭର ଦୁଇ ପୁତ୍ର ପୂର୍ବେ ତାଙ୍କ ପାଇଁ ଘୃଣା ଦେଇଥିବାର ଜାଣୁଁ ମାତ୍ର ଭେଦାପତ୍ରରେ ସିରସ୍ତାଦାର ଶବ୍ଦ ଲେଖା ନ ଥିଲା । ଜେରା ସୱାଲରେ ସେ କହିଲେ ଆମ୍ଭର ଦିବାକର ବାବୁଙ୍କ ସଙ୍ଗେ ପ୍ରଥମେ ପ୍ରୀତି ଥିଲା ମାତ୍ର ତାଙ୍କ ବିରୁଦ୍ଧରେ ଅନେକ କଥା ଶୁଣିବାରୁ ତାଙ୍କଠାରୁ ମନ ଛାଡିଗଲା ଓ ତାଙ୍କ ବସାକୁ ଯିବା ଆସିବା ନ କଲୁଁ । ଥରେ ଲାଟବନ୍ଦୀ ସମୟରେ ଦିବାକର ବାବୁ ଜଣେ ଜମିଦାରଠାରୁ କଚେରୀରେ ଲାଞ୍ଚ ନେବାର ସ୍ୱଚକ୍ଷୁରେ ଦେଖିଅଛୁଁ । କଲେକ୍ଟରି ମହାଫିଜ କହିଲେ ଦିବାକର ବାବୁଙ୍କ ପାଇଁ ପୂର୍ବେ ଓ ବର୍ତ୍ତମାନ ଭେଦା ହୋଇଥିବାର ଶୁଣିଅଛୁଁ ।

ସାକ୍ଷ୍ୟ ନେବା ଶେଷ ହେଲାରୁ ଦିବାକର ବାବୁଙ୍କ ହାଜତଭଡ଼ା ନଥି ଆରମ୍ଭ ହେଲା । ଅନେକ ପାଠକ ଏଥିର ବୃତ୍ତାନ୍ତ ଜାଣି ନ ଥିବେ ଏ ସକାଶେ ତହିଁର ପ୍ରସଙ୍ଗ ସଂକ୍ଷେପରେ ଲେଖୁଅଛୁଁ । ହାଣ୍ଡଲି ସାହେବ ଏକଟିଂ କଲେକ୍ଟର ଗତବର୍ଷ ଶୀତକାଳନ ଗସ୍ତରେ ଦିବାକର ବାବୁଙ୍କୁ ସଙ୍ଗରେ ନେଇଥିଲେ । ସାହେବ ସୁଜନା ଗଡକୁ ଯିବା କାରଣ ବଞ୍ଚାଠାରୁ ସୁଜନାରୁ ହାତୀ ଅଣାଇଥିଲେ । ଦିବାକର ବାବୁ ସେ ହାତୀରେ ଚଢି ଗଡକୁ ଯାତ୍ରା କଲେ । ସାହେବ ଏହା ଶୁଣି ଘୋଡାରେ ଚଢି ତାଙ୍କୁ ଗୋଡାଇ ବାଟରେ ଧରି ତାଙ୍କୁ ହାତୀରୁ ଓହ୍ଲାଇ ଦେଲେ । ଦିବାକର ବାବୁ କହିଲେ ତାଙ୍କ ପାଲିକି ଭାଙ୍ଗି ଯାଇଥିବାରୁ ସେ ହାତୀରେ ଆସିଲେ ମାତ୍ର ସାହେବ ଦେଖିଲେ ଯେ ପାଲିକି ଭାଙ୍ଗି ନାହିଁ ଓ ଶୁଣିଲେ ଯେ ମାନସିଂହ ରାଜଗଦ ଦାବୀ କରିଥିବାରୁ ଦିବାକର ବାବୁ ତାଙ୍କୁ ଆପଣା ସଙ୍ଗରେ ହାତୀରେ ବସାଇ ନେଇ ଗଡରେ ପହୁଞ୍ଚି ମାନସିଂହ ରାଜା ହେଲା ବୋଲି ପ୍ରଚାର କରନ୍ତେ ଓ ତାଙ୍କଠାରୁ ଯଥେଷ୍ଟ ବିଦାୟ ପାଆନ୍ତେ । ତହୁଁ ସାହେବ ସେହିଠାରୁ ଦିବାକର ବାବୁଙ୍କୁ ଫେରାଇ ଦେଇ ଏ ବିଷୟର ଏକ ନଥି କଲେ । ଶ୍ରୀଯୁତ କମିଶନର ସାହେବ ଆପଣା ରାୟ ସହିତ ସମସ୍ତ କାଗଜ ବୋର୍ଡକୁ ପଠାଇ ଅଛନ୍ତି । ଆମ୍ଭେମାନେ ଶୁଣିଲୁଁ ସାହେବ ପ୍ରଶଂସିତ ଦିବାକର ବାବୁଙ୍କୁ କହିଲେ ପୂର୍ବେ ତୁମ୍ଭ ପ୍ରତି ଆମ୍ଭର କେବଳ ସନ୍ଦେହ ହୋଇଥିଲା ବର୍ତ୍ତମାନ ତୁମ୍ଭେ ଲାଞ୍ଚ ନେବାର ପ୍ରମାଣ ମିଳିବାରୁ ସେ ବିଷୟରେ ଆମ୍ଭର ଦୃଢ଼ବୋଧ ହେଲା ଏଥିକୁ ବୋର୍ଡ ଯେପରି ବିଚାର କରିବେ । ଏ ମାମଲା ବୋର୍ଡଙ୍କ ବିଚାରାଧୀନ ଥିବାରୁ ଆମ୍ଭେମାନେ ଆପଣା ମନ୍ତବ୍ୟ ପ୍ରକାଶରୁ କ୍ଷାନ୍ତ ହେଲୁଁ ତେବେ ଏତିକି କହିପାରୁ ବର୍ତ୍ତମାନ ଯେପରି ତଦନ୍ତ ହେଲା ଦିବାକର ବାବୁଙ୍କ ବରଖାସ୍ତ ପୂର୍ବେ କଲେକ୍ଟର ସାହେବ ସେହିପରି ତଦନ୍ତ କରିବାର ଉଚିତ ଥିଲା । ପଶ୍ଚି ସାହେବ ସରାସରି ବିଚାର କରିଥିବାର ବୋର୍ଡ ଯେ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁରେ ଆମ୍ଭେମାନେ ଐକ୍ୟ ହେଉଅଛୁଁ ।

ଲାହୋର ଦରବାର ।

ଚଳିତମାସ ତା ୧୦ ରିଖ ଅପରାହ୍ଣ ଘ ୪ ଘଣ୍ଟା ସମୟରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଲର୍ଡ ରିପନ ସାହେବ ଲାହୋର ନଗରରେ ପ୍ରବେଶ ହେଲେ । ତାହାଙ୍କୁ ସଙ୍ଗୁଳିବା ନିମିତ୍ତ ସ୍ଥାନୀୟ ପ୍ରଧାନ ରାଜକର୍ମଚାରୀ ମିଉନିସିପାଲିଟିର ମେମ୍ବର ଏବଂ ଦରବାରକୁ ଆମନ୍ତ୍ରିତ ହୋଇଥିବା ପ୍ରଧାନ ରାଜା ମହାରାଜାମାନେ ରେଲ ଷ୍ଟେସନଠାରେ ଉପସ୍ଥିତ ଥିଲେ । ଷ୍ଟେସନ ଗୃହ ଓ ସଡ଼କର ଦୁଇପାଖ ତୋରଣା ପତାକା ଫଟକ ଫାନୁସ ଇତ୍ୟାଦିରେ ସୁଶୋଭିତ ହୋଇଥିଲା । ଲାଟ ସାହେବ ରେଲ ଶକଟରୁ ଓହ୍ଲାଇବା ମାତ୍ରକେ ମିଉନିସିପାଲିଟିର ଅଭିନନ୍ଦନ ପତ୍ର ପାଠ ହେଲା ଏବଂ ଲାଟସାହେବ ତହିଁର ଉତ୍ତର ପଶ୍ଚାତ୍ ଦେବାର କହି ବଗିରେ ବସି ଆପଣା ତମ୍ବୁକୁ ବିଜେ କଲେ । ହାତୀ ଘୋଡା ଓ ପଦାତିକ ସୈନ୍ୟରେ ବାଟର ଶୋଭା ଅତ୍ୟନ୍ତ ମନୋହର ହୋଇଥିଲା ଏବଂ ଦର୍ଶକଙ୍କ ଜନତାରେ ବାଟ ମିଳୁ ନ ଥିଲା । ପ୍ରଥମଦିନର ସମାରୋହ ଅତି ପ୍ରଶଂସନୀୟ ଥିବାର ସମସ୍ତେ କହୁଅଛନ୍ତି ।

ତା ୧୧ ରିଖ ବେଳ ଘ ୧୦ ଘଣ୍ଟା ସମୟରେ ଲେଭି ବୈଠକ ହୋଇଥିଲା । ଆଗନ୍ତୁକ ରାଜା ମହାରାଜା ଓ ଗବର୍ଣ୍ଣମେଣ୍ଟ କର୍ମଚାରୀ ପ୍ରଭୃତି ସମ୍ଭ୍ରାନ୍ତ ବ୍ୟକ୍ତିମାନେ ମହାମାନ୍ୟଙ୍କ ସାକ୍ଷାତ ଲାଭ କଲେ ।

ତା ୧୨ ରିଖରେ କେବଳ ଦୌଡାଦୌଡ ନାଟକ ଓ ଭୋଜି ଇତ୍ୟାଦି ଆମୋଦ ପ୍ରମୋଦ ହୋଇଥିଲା । ନଗର ରୋଷନାଇ ଅତି ସୁନ୍ଦର ହୋଇଥିଲା ଏବଂ ତହିଁପାଇଁ ମିଉନିସିପାଲିଟିର ଭୂରି ପ୍ରଶଂସା ହୋଇଅଛି ।

ତା ୧୩ ରିଖ ପ୍ରାତଃକାଳରେ ସୈନିକ ପରିଦର୍ଶନ ହୋଇଥିଲା । ପଦାତିକ ଅଶ୍ୱାରୋହୀ ଏବଂ ଗୋଲନ୍ଦାଜ ସୈନ୍ୟ ଦୁଇମାଇଲ ବାଟ ଯୋଡି ସରଳରେଖାରେ ଛିଡା ହୋଇ ସଲାମୀ ଦେବା ସମୟରେ ବଡ଼ ଚମତ୍କାର ଦିଶିଥିଲା । ସୈନ୍ୟାଧ୍ୟକ୍ଷ ସର ହେନସ୍ ସାହେବଙ୍କୁ ସମ୍ବୋଧନ କରି ଲାଟ ସାହେବ ଗୋଟିଏ ଦୀର୍ଘ ବକ୍ତୃତା ଦ୍ୱାରା କାବୁଲ ଯୁଦ୍ଧରେ ବିଲାତି ଓ ଦେଶୀୟ ସେନା ଯେଉଁ ବୀରତ୍ୱ ଦେଖାଇ ଅଛନ୍ତି ତହିଁର ଉଲ୍ଲେଖ କରି ବିସ୍ତର ପ୍ରଶଂସା କଲେ ।

ଲର୍ଡ ରିପନଙ୍କର ଏହି ପ୍ରଥମ ଦରବାର । ଏଥିରେ ତାହାଙ୍କୁ ଅନେକ ନୂତନ ବକ୍ତୃତା କରିବାକୁ ହୋଇଥିବ ଏବଂ ତହିଁରେ ତାହା-

Digitized by srujanika@gmail.com

ଙ୍କର କାର୍ଯ୍ୟକୌଶଳ ଓ ମନୋଭାବ ଅନେକ ପ୍ରକାଶ ପାଇଥିବ । ଆଗାମୀ ସପ୍ତାହରେ ତାହାଁର ବିବରଣ ଜଣା ପଡ଼ିବ ।

କିଲ୍ଲା ବାଙ୍କି ।

ବାଙ୍କିକିଲ୍ଲାକୁ ପୁରୀଜିଲ୍ଲା ସାମିଲ କରିବାକୁ କମିଶନର ସାହେବ ଗବର୍ଣ୍ଣମେଣ୍ଟରେ ପ୍ରସ୍ତାବ କରିଅଛନ୍ତି । କି ଅଭିପ୍ରାୟରେ ଏ ପ୍ରସ୍ତାବ ହୋଇଅଛି ଜଣା ପଡ଼ୁ ନାହିଁ ବୋଧହୁଏ ବାଙ୍କିରୁ ଅଫିସମାନ ଉଠାଇ ଦେଲେ ଗବର୍ଣ୍ଣମେଣ୍ଟଙ୍କର ଖର୍ଚ୍ଚା କମ ହେବ, ମାତ୍ର ଆମ୍ଭମାନଙ୍କର ସ୍ମରଣ ହେଉଅଛି ଏ ପ୍ରସ୍ତାବ ଅନେକଦିନ ପୂର୍ବରେ ଥରେ ହୋଇ ଥିଲା, କିନ୍ତୁ ନାନାପ୍ରକାର ଅସୁବିଧା ଦୃଷ୍ଟିରେ ତାହା କାର୍ଯ୍ୟରେ ପରିଣତ ହେଲା ନାହିଁ ବର୍ତ୍ତମାନ ବାଙ୍କି ଖୋର୍ଦ୍ଧା ସାମିଲ ହେଲେ ବାଙ୍କିବାସିଙ୍କର କି ଉପକାର ହେବ ଜଣା ପଡ଼ୁ ନାହିଁ ମାତ୍ର ଅସାଧାରଣ କଷ୍ଟ ହେବା ସମ୍ପୂର୍ଣ୍ଣ ସମ୍ଭବ ଦେଖାଯାଏ । ଏକେତ ଖୋର୍ଦ୍ଧାକୁ ଗତାୟାତ କରିବାକୁ ସୁବିଧାଜନକ ପଥ ନାହିଁ ପୁଣି ବାଙ୍କିକିଲ୍ଲା ମହାନଦୀର ଉତ୍ତର ଓ ଦକ୍ଷିଣ ତୀରରେ ଅବସ୍ଥିତ ଥିବାରୁ ବର୍ଷାକାଳରେ ଗତାୟାତ ଅତିଶୟ କଷ୍ଟକର, ଏ ପରି ପୁରୀ ନଗରକୁ ଅପିଲ ଓ ମୂଳସଫୀ ମକଦ୍ଦମା କରିବାକୁ ଗଲେ ବାଙ୍କିର ପଶ୍ଚିମସୀମା ଓ ଉତ୍ତରସୀମାନ୍ତ ଲୋକମାନଙ୍କୁ ୬୦।୭୦ ମାଇଲ ପଥ ଅତିକ୍ରମ କରିବାକୁ ହେବ, ସେଠାରୁ ପୁଣି କଟକ ଯାତ୍ରା, ଏପରି ଅବସ୍ଥା ଦୃଷ୍ଟିରେ ଦେଖାଯାଉଅଛି ବାଙ୍କିବାସିମାନେ ମାମଲା ମକଦ୍ଦମାରୁ ବିରତ ରହି ଯାହାର ଯାହାଠାରେ ଦେଣା, ପାଉଣା, ଥିବ ତାହା ବିସର୍ଜନ କରି କେବଳ ଛଟପଟ ହୋଇ ଗୃହରେ କାଳଯାପନ କରିବେ, ଅତଏବ ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛୁଁ ଯେ ନିରୀହ ଗଡ଼ଜାତି ବାଙ୍କି ପ୍ରଜାଙ୍କୁ ଏକାବେଳକେ ମୁଗଲବନ୍ଦୀ ପ୍ରଜାଙ୍କ ସାମିଲ କରି ଆଇନ ଓ ଟାକ୍ସ ଜାଲରେ ବଦ୍ଧ ନ କରନ୍ତୁ ଏହି କଲେ ଉଦାର ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ମହତ୍ତ୍ୱ ବୃଦ୍ଧି ହେବ ନାହିଁ ବିଶେଷତଃ ବାଙ୍କି ପ୍ରଜାଙ୍କର ଏହି ବିଶ୍ୱାସ ଯେ ସେମାନଙ୍କର ଆଏନା ବନ୍ଦୋବସ୍ତ ପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ହେବ ନାହିଁ । ଯଦି ବା ଗବର୍ଣ୍ଣମେଣ୍ଟ ବାଙ୍କିକୁ କୌଣସି ଜିଲ୍ଲା ସାମିଲ କରିବାକୁ ସ୍ଥିର କରିଥାନ୍ତି ତେବେ ଆମ୍ଭେମାନେ ବୋଲୁଅଛୁଁ ତାକୁ କଟକଜିଲ୍ଲା ସାମିଲ କଲେ ପ୍ରଜାଙ୍କର କେତେକ ପରିମାଣରେ କଷ୍ଟ ନିବାରଣ ହେବ, କାରଣ କି କଟକ ଗତାୟାତ ପକ୍ଷରେ ସୁବିଧାଜନକ ଜଳପଥ ମହାନଦୀ ରହିଅଛି, ପୁଣି ବାଣିଜ୍ୟ ବ୍ୟବସାୟରେ ବାଙ୍କି ଲୋକଙ୍କର କଟକ ସଙ୍ଗେ ଅଧିକ ସମ୍ପର୍କ ଅଛି, ବାଙ୍କି କଟକକୁ ଅଧିକଦୂର ନୁହେ ଉତ୍ତରପାର୍ଶ୍ୱରେ ବାଙ୍କିର ପୂର୍ବସୀମା ଫୁଲବାଡ଼ି, କଦଳବାଡ଼ି, ଓ ଓସ୍ତିଆ ପ୍ରଭୃତି ଗ୍ରାମମାନ କଟକରୁ ପ୍ରାୟ ଛକ୍ରୋଶ ଅନ୍ତର । ଦକ୍ଷିଣତୀରରେ ପୂର୍ବସୀମା ହରିରାଜପୁର ପ୍ରଭୃତି କଟକରୁ ପ୍ରାୟ ୯ କ୍ରୋଶ ଅନ୍ତର ଉତ୍ତରତୀରରେ ପଶ୍ଚିମସୀମା ବନ୍ଦୀଗୋ ପ୍ରଭୃତି ଗ୍ରାମମାନ ପ୍ରାୟ ୧୦ କ୍ରୋଶ ଅନ୍ତର ଏବଂ ଦକ୍ଷିଣତୀରର ପଶ୍ଚିମସୀମା ବୈଦେଶ୍ୱର ଓ କଳାପଥର ପ୍ରଭୃତି ଗ୍ରାମମାନ କଟକରୁ ପ୍ରାୟ ୧୫କ୍ରୋଶରୁ ଅଧିକଦୂର ନୁହେ ମହାନଦୀର ଉଭୟ ପାର୍ଶ୍ୱରେ ବାଙ୍କିର ଅବସ୍ଥିତ ଉତ୍ତର ଦକ୍ଷିଣରେ ପ୍ରାୟ ୫ କ୍ରୋଶ ହେବ, ସୁତରାଂ ବାଙ୍କିର ସମସ୍ତ ବାସିନ୍ଦାଙ୍କ ପକ୍ଷରେ କଟକ ଗତାୟାତ ସୁବିଧାଜନକ ଅଟେ, ପୁଣି ବାଙ୍କିର ନିକଟବର୍ତ୍ତୀ ଡମପଡ଼ା କିଲ୍ଲା କଟକସାମିଲ ଥାଇ ଏକପ୍ରକାର ଚଳୁଅଛି । ଏହି ସମସ୍ତ ଆଲୋଚନାରେ ଆମ୍ଭେମାନେ ବିବେଚନା କରୁଁ କି ବାଙ୍କିକି କୌଣସି ମୁଗଲବନ୍ଦୀ ଏଲାକା ସଙ୍ଗେ ମିଶାଇବା ନିତାନ୍ତ ଆବଶ୍ୟକ ହେଲେ ପୁରୀ ସଙ୍ଗେ ଯୋଗ ନ କରି କଟକସହିତ ଯୋଗ କରିବାର ଉଚିତ ତହିଁରେ କେତେକ ମଙ୍ଗଳ ଅଛି । ତଥାଚ ଅଠରଗଡ଼ଜାତ ମଧ୍ୟରୁ ଏକା ବାଙ୍କିବାସିଙ୍କୁ ଟାକ୍ସ ଓ ଷ୍ଟାମ୍ପ ଦେବାକୁ ବାଧ୍ୟ କରିବା ଉଚିତ ହେଉ ନାହିଁ ସେମାନଙ୍କୁ ଏ ସମସ୍ତ ଦାୟରୁ ମୁକ୍ତ ରଖିବା କାରଣ ସ୍ୱତନ୍ତ୍ର ନିୟମ କରିବା ଆବଶ୍ୟକ ହେଉଅଛି । ଉପସଂହାରରେ ଏହି ପ୍ରାର୍ଥନା ଯେ ଆମ୍ଭମାନଙ୍କର ଦୟାଳୁ ଗବର୍ଣ୍ଣମେଣ୍ଟ ଏହି ବିଷୟ ଅନୁମୋଦନ କରିବା ପୂର୍ବରୁ ଆମ୍ଭମାନଙ୍କ ଲିଖିତ ବିଷୟପ୍ରତି ଥରେ ଦୃଷ୍ଟିପାତ କରିବେ ।

ଗଞ୍ଜାମ ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବ୍ରହ୍ମପୁରକୁ ଗଞ୍ଜାମଜିଲ୍ଲାର ସଦର ମୋକାମ ବୋଲିବାକୁ ହେବ କାରଣ ଏଠାରେ ଜିଲ୍ଲା ଜଜ୍ ଓ ପଲଟନ ଅଛନ୍ତି । ପ୍ରଧାନ କଲେକ୍ଟରଙ୍କ କଚେରୀ ପୂର୍ବେ ଗଞ୍ଜାମ ନଗରରେ ଥିଲା । କେତେ ବର୍ଷ ତଳେ ସେଠାରେ ଭାରି ମଡ଼କ ପଡ଼ିବାରୁ ସେ କଚେରୀ ଛତ୍ରପୁରକୁ ଉଠି ଆସି ଅଛି । ଛତ୍ରପୁର ଗଞ୍ଜାମ ପରି ଖଣ୍ଡିଏ ସାମାନ୍ୟ ବଜାର କେବଳ କେତେଗୁଡ଼ିଏ ସରକାରୀ କର୍ମକାରକ ଥିବାରୁ ସେମାନଙ୍କ ଘରଦ୍ୱାର ହେତୁ କିଞ୍ଚିତ ଭଦ୍ରତାକୁ ପାଇଅଛି । ଛତ୍ରପୁରରେ ଖଣ୍ଡିଏ ମାତ୍ର କୋଠାଘର ଅଛି ଆଉ ସମସ୍ତ ପକ୍କା ଖପରେଲ ଘର । ଖପରେଲ ଘର ସେ ଅଞ୍ଚଳରେ ପ୍ରଧାନ ଓ ସମସ୍ତେ ତହିଁର ପକ୍ଷପାତୀ ରମ୍ଭାଠାରୁ ଦକ୍ଷିଣକୁ ଯେତେ ଭଲଘର ଦେଖିବ ସମସ୍ତ ଖପରେଲ ଏମନ୍ତ କି ରମ୍ଭାର ବିଖ୍ୟାତ ବୋମହଲ କୋଠି ମଧ୍ୟ ଖପରେଲ ଘର ଅଟଇ ଏଠାରେ ବୋଲିବାର ଆବଶ୍ୟକ ଯେ ରମ୍ଭାର କୋଠି ଯହିଁ ନିମିତ୍ତ ପୂର୍ବେ ବଡ଼ ଖ୍ୟାତିକି ଲଭିଥିଲା ବର୍ତ୍ତମାନ ତାହା ନାହିଁ । ଉକ୍ତ କୋଠିରେ ଯେ ନାନା ବର୍ଣ୍ଣର ଚିକ୍କଣ ପଥରମାନ ବସ୍ତ ହୋଇଥିବାରୁ ଏହାର ଶୋଭା ଅତ୍ୟନ୍ତ ବୃଦ୍ଧି ହୋଇଥିଲା ସେସବୁର ଅଧିକାଂଶ ବର୍ତ୍ତମାନ ମିଷ୍ଟର ସାହେବ ବାହାର କରି ନେଇ ଅସକାଠାରେ ଥିବା ଆପଣା କୋଠିରେ ଲଗାଇ ଅଛନ୍ତି ଏବଂ ରମ୍ଭା କୋଠିରେ ତହିଁ ପରିବର୍ତ୍ତରେ ସାମାନ୍ୟ ପଥରସବୁ ବସାଇ ଅଛନ୍ତି । ଏ କୋଠିଟି ଚିଲିକା ତୀରରେ ନିର୍ମିତ ହୋଇଅଛି ଏବଂ ଏତିକି ଏହାର ମନୋହରତ୍ୱ ସମ୍ପାଦନ କରୁଅଛି । ଏସବୁ ଖପରେଲ ଘର ଦେଖିବାକୁ ବଡ଼ ସୁନ୍ଦର ଓ ଏଥିର ଖର୍ଚ୍ଚା କୋଠାଠାରୁ ବିସ୍ତର ଊଣା ହେବ ନାହିଁ କାରଣ ଛାତ ଛଡ଼ା ବାକି ସମସ୍ତ ପକ୍କା । ତେବେ ଘରସବୁ ଅତ୍ୟନ୍ତ ସଙ୍କୀର୍ଣ୍ଣ । ଗୋଟିଏ ୨ ପରିବାର ଯେମନ୍ତ ବାଖୁଲ ମଧ୍ୟରେ ସେଠାରେ ନିର୍ବାହ କରନ୍ତି ଆମ୍ଭେମାନେ ତାହା କରି ପାରିବୁଁ ନାହିଁ । ଏଠାରେ ସଙ୍ଗତିପନ୍ନ ବ୍ୟକ୍ତି ମାତ୍ରଙ୍କେ ବାହାର ଓ ଭିତର ଏପରି ଦୁଇପ୍ରସ୍ଥ ଘର ଏବଂ ସ୍ୱତନ୍ତ୍ର ଖଣ୍ଡିଏ ବୈଠକଖାନା ବିନା ନିର୍ବାହ ହୋଇ ପାରିବେ ନାହିଁ ସେଠାରେ ବା ଶ୍ରେଷ୍ଠୀ ଅଥବା ବହୁତ ହେଲେ ଦେହୁଡ଼ି ଘର ବୈଠକଖାନା ଓ କାନ୍ଥ ଆର ପାଖରେ ଅନ୍ଦରମହଲ । ଏପରି ସଙ୍କୀର୍ଣ୍ଣ ଘରକୁ ସୁସାର ଏତିକି ଯେ ସ୍ତ୍ରୀମାନେ ନିତାନ୍ତ କୋଣବୋହୂ ନୁହନ୍ତି । ଦେହୁଡ଼ିଦ୍ୱାର ଅଥବା ପଡ଼ିଶାଘର ଓ ପୁଷ୍କରିଣୀ ଇତ୍ୟାଦିକୁ ଯିବା ଆସିବା କରନ୍ତି ଓ ଭଦ୍ରଲୋକ ଦେଖିଲେ ତେତେ ଲୁଚନ୍ତି ନାହିଁ । ବଜାରର ଅବସ୍ଥା ଅତି ସାମାନ୍ୟ ଓ ତାହା ଦେଖିଲେ ଅନାୟାସରେ ବୋଧ ହୁଅଇ ଯେ ଏ ଅଞ୍ଚଳର ଲୋକମାନେ ଅତ୍ୟନ୍ତ ରୁଚିବିହୀନ ଓ ଦରିଦ୍ର । ତନ ତରକାରୀ

Split by PDF Splitter

Digitized by srujanika@gmail.com

ପ୍ରାୟ ଦେଖା ଯାଏ ନାହିଁ । ମାଛ ଶୁଖୁଆ ସାଧାରଣଙ୍କ ସମ୍ବଳ ଓଁ ସମୁଦ୍ର ହେଉରୁ ତାହା ଅପର୍ଯ୍ୟାପ୍ତ ମିଳଇ , କେବଳ ନଡ଼ୟା ବଶେଷ ପ୍ରାପ୍ତ ହୁଅଇ । ଛତ୍ରପୁରରେ ବଡ଼ ୨ ନଡ଼ୟା ଓ ଆମ୍ବବଗିଚ୍ଛମାନ ଅଛି ଓ ସେ ସମସ୍ତ ଦେଖିବାକୁ ଅତି ମନୋହର ।

ବ୍ରହ୍ମପୁର ଗୋଟିଏ ବଡ ସହର ମାତ୍ର କଟକର ଅଧେ ହେବ କ ନାହିଁ ସନ୍ଦେହ । ମିଉନିସିପାଲିଟିର ଅସ୍ତିତ୍ୱ ଏଠାରେ ବଲକ୍ଷଣ ପ୍ରତୀୟମାନ ହୁଅଇ କାରଣ ସଡ଼କ ବାଟ ସମସ୍ତ ସୁନ୍ଦର ଓ ପରିଷ୍କାର ଅବସ୍ଥାରେ ରକ୍ଷିତ ହୋଇଅଛି ଏବଂ ଅନ୍ଧାର ରାତ୍ରରେ ସଡକରେ ଆଲୁଅ ଦିଆଯାଏ । କିନ୍ତୁ ଉତ୍ତମ ପାନୀୟଜଳର ଭାରି ଅଭାବ । ସହର ମଧ୍ୟରେ ବହୁତ ବଡ ବଡ ପୁଷ୍କରଣୀ ଅଛି । ଏସମସ୍ତର ନାମ ବନ୍ଧ, ପାହାଡ଼ରୁ ଗଡ଼ି ଆସିବା ପାଣି ବାଟେ ବନ୍ଧ ପକାଇବାଦ୍ୱାରା କେତେ ଗୁଡ଼ିଏ ପୁଷ୍କରଣୀ ହୋଇଅଛି ଏହି ହେତୁରୁ ବନ୍ଧ ନାମ ହୋଇଥିବ । ଅଧିକାଂଶ ପୁଷ୍କରଣୀର ଜଳ ମଳମୟ ଠିକ ଏଠାର ଅଦାଲତ ପୋଖରୀ ପାଣି ପରି ଅଟଇ । ଆଉ କେତେ ପୁଷ୍କରଣୀର ଜଳ କଞ୍ଚିତ ଭଲ ହେଲେହେଁ ସେ ସମସ୍ତ ଦଳରେ ପରିପୂର୍ଣ୍ଣ । ପାନଯୋଗ୍ୟ ଜଳ ଦୁଇଟା ପୁଷ୍କରଣୀରେ ଅଛି । ଏ ଦୁଇଟା ସହରରୁ ପ୍ରାୟ ଦୁଇପାଆ ବାଟ ଅନ୍ତରରେ ଅବସ୍ଥିତ । ସେଠାରୁ ଲୋକେ ବୋହି ଭାର ଏବଂ ଶଗଡ଼ରେ ଜଳ ବହି ଆଣି ଆପଣା କାର୍ଯ୍ୟ ନିର୍ବାହ କରନ୍ତି । କାର୍ତ୍ତିକ ମାସରେ ଏପରି ଅବସ୍ଥା ବୈଶାଖ ମାସରେ କ କଷ୍ଟ ହେଉଥିବ ଅନାୟାସରେ ଅନୁମିତ ହୋଇପାରେ । ମିଉନିସିପାଲିଟୀ କ ନିମିତ୍ତ ଲୋକଙ୍କର ଏ କଷ୍ଟ ନିବାରଣର ଚେଷ୍ଟା କରୁ ନାହାନ୍ତି ବୋଲିଯାଇ ନ ପାରେ । ସହର ମଧ୍ୟରେ ବହୁତ କୂପ ଅଛି ମାତ୍ର ତହିଁର ଜଳ ସେବା ଭଲ ନୁହଇ । ଯେଉଁ ଦିଗରେ ଇଂରାଜମାନଙ୍କର ବସତି ସେହି ଦିଗର ଜଳ ଅପେକ୍ଷାକୃତ ଭଲ ।

ଏଠାରେ ଦୁଇଗୋଟା ବଜାର ଅଛି । ଏକ ଲାଉପୁର ବଜାର ଏଥିରୁ ପଲଟନ ସିପାହିଙ୍କର କାର୍ଯ୍ୟ ଚଳଇ ଏବଂ ଅପରଟି ନିଜ ବ୍ରହ୍ମପୁର ବଜାର । ଉଭୟ ବଜାରର ଅବସ୍ଥା ସମାନ । କମଳାଲେମ୍ବୁ ନଡ଼ୟା ଓ ପାଚଲାକଦଳୀ ବଜାରର ପ୍ରଧାନ ଦ୍ରବ୍ୟ ଅଟଇ । ଅନ୍ୟ ଜନ ତରକାରି ଅଳ୍ପ ଦେଖା ଯାଏ ଓ ତାହା ସୁସ୍ୱାଦୁ ନୁହଇ । କମଳାଲେମ୍ବୁ ଅତି ଚମତ୍କାର ଏହା ଫିରଙ୍ଗୀ ଗଡ଼ରୁ ଆମଦାନୀ ହୁଅଇ । ପରନ୍ତୁ ସୁମିଷ୍ଟ ଏବଂ ଏହାଦ୍ୱାରା ଜଳର ଅଭାବ ମେଣ୍ଟିଯାଏ ଲୋକେ କେବଳ ରାଶିତେଲ ବ୍ୟବହାର କରନ୍ତି ସୋରଷ ତେଲ ପ୍ରାୟ ମିଳଇ ନାହିଁ । ନଡ଼ୟା ତେଲ ଓ ଘିଅରେ ମିଷ୍ଟାନ୍ନ ପ୍ରସ୍ତୁତ ହୁଅଇ । ତରକାରି ଅଧିକ ମିଳଇ ନାହିଁ । ସ୍ଥୂଳକଥା ଏହି ଯେ ବ୍ରହ୍ମପୁରର ଦୁଇ ବଜାର ମିଶି କଟକର ବାଲୁବଜାରକୁ ସର ହେବ ନାହିଁ । ବଜାର ଦେଖି ଏହାକୁ ସୌଭାଗ୍ୟଶାଳୀ ନଗର ବୋଲିଯାଇ ନ ପାରେ । କେବଳ ଦୁଇ ଗୃହଟା ବଡ ମହାଜନୀ ଗଦି ଅଛି ଏବଂ ମାନ୍ଦ୍ରାଜ ବାଙ୍କର ଗୋଟିଏ ଶାଖା ସ୍ଥାପିତ ହୋଇଅଛି । ବୈଦେଶିକ ବାଣିଜ୍ୟ ଏହି ସମସ୍ତଦ୍ୱାରା ସାଧିତ ହୁଅଇ ।

କ୍ରମଶଃ ।

ସାପ୍ତାହିକ ସଂବାଦ ।

ଗତ ମଙ୍ଗଳବାର କାର୍ତ୍ତିକପୂର୍ଣ୍ଣିମା ଥିଲ ଓ ତଦୁପଲକ୍ଷରେ ଏଠାର ବାର୍ଷିକ ବାଲିଯାତ୍ରା ଉତ୍ତମରୂପେ ନିର୍ବାହିତ ହେଲା ।

ତା୧୪ଋଖ ନବେମ୍ବର ଅସ୍ମମାନଙ୍କର ମାନ୍ୟବର ମାଜିଷ୍ଟ୍ରେଟ କଏଣ୍ଟ ମାଜିଷ୍ଟ୍ରେଟ ଓ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ସାହେବ ଫାମୁଣ୍ଡାଇରୁ ଆସୁଥିଲେ । ପଥ ମଧ୍ୟରେ ଘେଷୋକ୍ତ ଘୋଡ଼ାରୁ ପଡି ଅତ୍ୟନ୍ତ ଆଘାତର ବ୍ୟଥା ପାଇଁ କଟକ ପ୍ରସ୍ଥାନ କରି ଅଛନ୍ତି । ବଡ଼ ଦୁଃଖର ବିଷୟ !

ସଦେଇଖାରଡର ବଳାତ୍କାର ଚେଷ୍ଟା ମକଦମାର ବୃତ୍ତାନ୍ତ ଗତ ସପ୍ତାହରେ ଲେଖିଥିଲୁଁ । ବାଦୀର ସାକ୍ଷ୍ୟମାନେ ସମସ୍ତେ କଛି ଜାଣୁ ନ ଥିବାର କହିବାରୁ ଆସାମୀ ଖଲାସ ପାଇଲା । ଆସାମୀ ଜଣେ ଧନଲୋକ ଓ ବାଦୀ ଦୁଃଖିନୀ ଅଟେ । ଏ ସ୍ଥଳେ ଏପରି ଫଳ ଘଟିବାର ବିଚିତ୍ର ନୁହେ । ବାଦୀ ଲଜାହାରରେ କହୁଛି ସେ ଆସାମୀର ଗୋଟିଏ ଉପପତ୍ନୀ ଅଛି । ଅନେକ ସନ୍ନ୍ୟାସିଙ୍କର ଉପପତ୍ନୀ ଦେଖାଯାଏ । ସନ୍ନ୍ୟାସୀମାନେ ଧର୍ମପତ୍ନୀରେ ଦୋଷ ମଣନ୍ତି ଉପପତ୍ନୀରେ ଦୋଷ ମଣନ୍ତି ନାହିଁ । କ ଆଶ୍ଚର୍ଯ୍ୟ ! ଏ ଅଧମମାନେ ଏ କୁପଥ ଓ କୁସଂସ୍କାର କେବେ ପରିତ୍ୟାଗ କରିବେ ।

ଗତ ସୋମବାର କେନ୍ଦ୍ରାପଡ଼ାର ଜମିଦାର ବାବୁ ରାମଗୋବିନ୍ଦ ଜଗଦେବଙ୍କ ଘରଠାରେ ମାନ୍ୟବର ଶ୍ରୀଯୁତ ମାଜିଷ୍ଟ୍ରେଟ ସାହେବଙ୍କ ସମ୍ମାନାର୍ଥେ ଅନେକ ରୋଷନାଇ ଘଟାଇତ ହୋଇଥିଲା ।

ବାଲେଶ୍ୱରର କୁମାର ବୈକୁଣ୍ଠନାଥ ଦେ ଏଠାରେ ଅନେକ ଦିନ ରହି ଗତ ମଙ୍ଗଳବାର ରାତ୍ରରେ ଆପଣା ଜମିଦାରୀକୁ ଯାତ୍ରା କଲେ । ଶୁଣିଲୁଁ ଯେ ତାହାଙ୍କ ଘସ୍ତ ଦେବା ବିଷୟରେ ଗବର୍ଣ୍ଣମେଣ୍ଟରୁ ଚିଠିପତ୍ର ଚଳିବ ହୋଇଅଛି ଏବଂ ଶ୍ରୀଯୁତ କମିସନର ସାହେବ ସେ ବିଷୟର ବନ୍ଦୋବସ୍ତ କରୁଅଛନ୍ତି । ଅସ୍ମମାନଙ୍କର ସମ୍ପୂର୍ଣ୍ଣ ଭରସା ଅଛି ଯେ ସାହେବ ପ୍ରଶଂସିତ ଉତ୍ତମ ବନ୍ଦୋବସ୍ତ କରିବେ ।

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଜଣେ ଫିରଙ୍ଗି ଏବଂ ଜଣେ ଦେଶୀୟ ଖ୍ରୀଷ୍ଟିଆନ କୁମାରୀ ଇଂଲଣ୍ଡକୁ ଶିକ୍ଷାର ନିମିତ୍ତ ପଠାଇବାକୁ ମନସ୍ଥ କରିଅଛନ୍ତି । ଏମାନେ ବିଲାତରୁ ସୁଶିକ୍ଷିତ ହୋଇ ଆସି ଏଠାରେ ଦେଶୀୟ ବାଳିକାଙ୍କ ଶିକ୍ଷକତା କାର୍ଯ୍ୟ କରିବେ । ଦେଶୀୟ ବାଳିକାମାନଙ୍କ ନିମିତ୍ତ ବିଲାତରୁ ଶିକ୍ଷା କରି ନ ଆସିଲେ କ ଶିକ୍ଷକ ହୋଇ ପାରିବ ନାହିଁ ?

ହିନ୍ଦୁ ପେଟ୍ରିଅଟରେ ପାଠକଲୁଁ ଯେ ରାୟ ଗୋପାଳଚନ୍ଦ୍ର ସରକାର ବାହାଦୁର ଲର୍ଡଲିଟନଙ୍କର ଶହାଷ୍ଟ ଥାଇ ପ୍ରଶଂସାସ୍ୱରୂପେ କାର୍ଯ୍ୟ କରିଥିବାରୁ ଲର୍ଡଲିଟନ ତାହାଙ୍କ ନିମିତ୍ତ ଏକ ସୁନାରଘଡ଼ି ଓ ଯନ୍ତ୍ରି ଉପହାରୋପଯୋଗି ପଠାଇ ଦେଇ ଅଛନ୍ତି । ଉପଯୁକ୍ତ କର୍ମଚାରୀଙ୍କ ପ୍ରତି ଏପ୍ରକାର ସ୍ନେହ ଦେଖାଇବା ତାହାଙ୍କ ମହାନୁଭବର କାର୍ଯ୍ୟ ଅଟଇ ।

ଅନାବୃଷ୍ଟି ବଙ୍ଗପ୍ରଦେଶର ଅନେକସ୍ଥାନରେ ଜ୍ୱର [illegible] ଅତ୍ୟନ୍ତ ହୋଇଅଛି । ପୁରନ୍ତିଆ ଢାକା ଓ ମାନ [illegible] ହିର କେତେକ ସ୍ଥାନରେ ବସନ୍ତରୋଗ ମଧ୍ୟ [illegible] । ଏ ସ୍ଥାନରେ ମଧ୍ୟ ଜ୍ୱରର ପ୍ରକୋପ ହେବ [illegible] । ଅଧିକ ବୃଷ୍ଟି ହେତୁ ଏପରି ହେବାର ଜଣା ଯାଏ ।

୧ । ସୁରଟରୁ ଅବଗତ ହେଲୁଁ ବାସୁଦେବମାନଙ୍କ ମଧ୍ୟରେ ଲଢ଼ାଇର ଖୁବ ଉତ୍ସାହ ପଡ଼ିଅଛି । ସେମାନେ [illegible] ମାଜଷ୍ଟ୍ରେଟଙ୍କୁ ଉତ୍ପାତ କରୁ ଅଛନ୍ତି । ଅକାରଣେ ଅନ୍ୟମାନଙ୍କ ସଙ୍ଗରେ ଲଢ଼ାଇ କାହିଁକ ? ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ତୁର୍କମାନ କୁସ୍ତେଇ୨ ସା କରିବାର ରୋଗ ବଢ଼ିଅଛି ।

୨ । ସମ୍ପ୍ରତି ଗବର୍ଣ୍ଣମେଣ୍ଟ ରିପୋର୍ଟରେ ନୈନିତାଲ ଦୁର୍ଘଟନାର ବୃତ୍ତାନ୍ତ ପ୍ରକାଶିତ ହୋଇଅଛି । ପର୍ବତ ପଡିବାରୁ ସର୍ବସୁଦ୍ଧା ଅଢ଼ାଇଲକ୍ଷ ଟଙ୍କା କ୍ଷତି ହୋଇଅଛି । ଫିରଙ୍ଗୀ ଓ ସାହେବ ୧୫୧ ଜଣ ମରି ଅଛନ୍ତି ସେହି ସମସ୍ତ ବ୍ୟକ୍ତିଙ୍କର ଅନାଥିନୀ ବିଧବା ଓ ନିରୁପାୟ ସନ୍ତାନମାନଙ୍କର ସାହାଯ୍ୟ ନିମନ୍ତେ ପ୍ରାୟ ଟ ୨୫୦୦୦ ଙ୍କା ଚନ୍ଦା ଉଠି ଅଛି । କତଲଟ ସାହେବ ମଧ୍ୟ ହଜାରେ ଟଙ୍କା ଦେଇ ଅଛନ୍ତି । ଏହି ଖବର ପାଇ ବିଲାତର ଲୋକମାନେ ଅତ୍ୟନ୍ତ ଦୁଃଖିତ ହୋଇ ଅଛନ୍ତି । ସେଠାରେ ମଧ୍ୟ ଚନ୍ଦା ଉଠିବ ।

୩ । ବର୍ତ୍ତମାନ ସ୍କୁଲବର୍ଣ୍ଣାଙ୍କୁ ମସୁଦିରୁ ନେଇ ଲହୋରରେ ରଖିବାକୁ ହେବ । ଲହୋରରେ ତାହାଙ୍କୁ ନଜରବନ୍ଦ ରହିବାକୁ ହେବ । କାରଣ ମସୁଦିରେ ସ୍କୁଲବଙ୍କ ଶତ୍ରୁତା ବଢ଼ି ଅଛନ୍ତି । ଏକ ସ୍ଥାନରେ ଦୁଇଜଣ ପ୍ରଧାନ ଲୋକଙ୍କୁ ରଖିବାର ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରେତ ନୁହେ ।

ଆଗାମୀ ତା ୨୩ ଋଖରେ ବଙ୍ଗଳାର ମାନ୍ୟବର ଲେପ୍ଟେନାଣ୍ଟ ଗବର୍ଣ୍ଣର କଲିକତା ନଗରକୁ ଫେରି ଆସିବାର ସମ୍ଭାବନା ଅଛି । ବଡ଼ ଲାଟସାହେବ ଆସନ୍ତା ଡିସେମ୍ବରମାସ ତା ୮ ଋଖରେ ପହୁଞ୍ଚିବେ । ବଡ଼୨ ସାହେବମାନଙ୍କର ପର୍ବତବାସ ଶେଷ ହେଲା ଏଥର କେତେମାସ କଲିକତା ଉଠିସ୍ତା ହେବ ।

ଅସ୍ମମାନଙ୍କର ନୂତନ ଗଭର୍ଣ୍ଣରଜେନେରଲ ଲର୍ଡ ରିପନ ସାହେବ ବଡ ଦାତା ଅଟନ୍ତି । ସେ ସମ୍ପ୍ରତି ଅରଗତର କଲେଜ ନିମିତ୍ତ ଏକ ହଜାର ଟଙ୍କା ଦାନ କରି ବାର୍ଷିକ ଟ୫୦୦ ଙ୍କା ଦେବାକୁ ଅଙ୍ଗୀକାର କରିଅଛନ୍ତି ।

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ୍ ଗାର୍ଡ଼େନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଚଳଇଷିତ ଦରରେ ମିଳି ପାରେ ଯଥା;—

ଭାକମାସୁର ସହିତ ୪ ଅଉନ୍ସର ଟ୭(ବା । ୮ଅଉନ୍ସର ଟ୧୧୯(ଙ୍କା । ୧୬ ଅଉନ୍ସକୁ ୨୦୩ । ମୂଲ୍ୟ ନଗଦ ।

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୫ ଗ
ସଂ ୪୭ ସଂଖ୍ୟା

ଭା ୨୭ ଭଣ ମାହେ ନବମ୍ବର ସନ ୧୮୮୦ ମସିହା । ମୂ । ମାର୍ଗଶିର ବ ୧୪ଜ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଁଇ ଡାକମାସୁଲ ଟ ୧୧୵

ଶ୍ରୀଯୁତ କଲେକ୍ଟର ପସି ସାହେବ ମୋଫସଲରେ ବର୍ତ୍ତମାନ ଥିବା ସମୟରେ ତାଙ୍କଠାରେ ନୋକସାନୀ ଦରଖାସ୍ତ ଅନେକ ପଡିଲା ଏ ବର୍ଷ ଚତୁର୍ଦ୍ଦିଗରେ ଉତ୍ତମ ଫସଲ ହେବେ ଏ ଜିଲାରେ ଏତେ ନୋକସାନୀ ଦରଖାସ୍ତର କାରଣ କସ ? "ନାଲ କୌଉଁ ୨ ସ୍ଥଳେ କାଳ" ଏହାଇ ଏଥିର କାରଣ ଅଟେ । ଡେପୁଟି ଦରଖାସ୍ତ ଅନେକ ଅଟଇ ଓ କଲେକ୍ଟର ସାହେବ ସେଠା ମେନେଜରଦ୍ୱାରା ତଦନ୍ତ କରି ବୁଝିଲେ ଯେ କେଉଁ ମଉଜାରେ ଟଂ୍ୟ କେଉଁ ମଉଜାରେ ଟଂ୍ୟ ଏପରି ଆଠ ଦଶମଉଜାରେ ଫସଲ ନଷ୍ଟ ହୋଇଅଛି । ପଟ୍ଟାମୁଣ୍ଡାଇ ନାଲ ଯୋଗେ ସୁକନଈ ମୁହଁ ବନ୍ଦ ହେବାରୁ ତହିଁର ପାଣି ଗୋବରୀନଦୀରେ ପଡୁଅଛି ଓ ତାହା ଉଚ୍ଛୁଳିତ ହୋଇ ଉପର୍ଯ୍ୟୁକ୍ତ ମଉଜାର ଫସଲ ନଷ୍ଟ କରିଅଛି । ଏହି କାରଣରୁ ସୁଙ୍ଗଡ଼ା ମାଢକଦନଗରର କେତେକ ମଉଜାର ଫସଲ ନଷ୍ଟ ହୋଇଅଛି । ଆଉ କେତେକ ସ୍ଥାନରେ ନୋକସାନୀର କାରଣ ଏହି ଯେ ଶାଖାନାଲ ଯୋଗେ ବର୍ଷା ଜଳ ବାହାରି ଯିବାର ବାଟ ବନ୍ଦ ହୋଇଥିବାରୁ କ୍ଷେତରେ ଜଳ ଜମା ହୋଇ ରହି କ୍ଷତି କରୁଅଛି । ସୁତରାଂ ଏଥିର ପ୍ରତୀକାର କରିବାର ଅତି ଆବଶ୍ୟକ । ନାଲ ଯୋଗେ ଅନେକ ଉପକାର ଏଥିରେ ସନ୍ଦେହ ନାହିଁ ତେବେ ତହିଁ ଯୋଗେ ଯେଉଁ ୨ ଠାରେ କିଛି କ୍ଷତି ହେଉଅଛି ତାହା ନିବାରଣ ହେଲେ ନାଲ ସଙ୍କ୍ରାନ୍ତ ସୁହାର ରହିତ ହେବ ଓ ତହିଁର ସମ୍ପୂର୍ଣ୍ଣ ଉପକାରିତା ଅନୁଭବ ହେବ । କର୍ତ୍ତୃପକ୍ଷମାନେ ଏ ବିଷୟର ବିହିତ ବିବେଚନା କରନ୍ତୁ ।

ଆଗାମୀ ଲୋକସଂଖ୍ୟା ଗ୍ରହଣବିଷୟକ ପରବାନା ସମ୍ପର୍କରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଗବର୍ଣ୍ଣମେଣ୍ଟ ଏଣିକି ଟଙ୍କା ବ୍ୟୟ କରିବାକୁ କୁଣ୍ଠିତ ହୋଇ କେବଳ ଆପଣ ସମ୍ଭ୍ରାନ୍ତ କ୍ଷମତାପନ୍ନ ଇତ୍ୟାଦି ଦୁଇ ଗୁରୁତ୍ୱା ଗବଗଚ୍ଛୁଙ୍କ କଥାରେ ଟେକାଟେକି କରି କାର୍ଯ୍ୟ ନେବାକୁ ବସିଅଛନ୍ତି । ବୋଧ ହୁଅଇ ପତ୍ରପ୍ରେରକ ଲୋକସଂଖ୍ୟା ସମ୍ପର୍କୀୟ କୌଣସି କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ଏବଂ ତହିଁପାଁଇ କିଛି ବେତନ ପାଇବାର ଆଶା ରଖନ୍ତି ମାତ୍ର ତାହାଙ୍କୁ ବୁଝିବାର ଉଚିତ ଯେ ଗବର୍ଣ୍ଣମେଣ୍ଟଙ୍କର ଧନ ସାଧାରଣ ଧନ ଅଟଇ ତହିଁର ଅପବ୍ୟୟ ଯେତେ ହେବ ତାହା ସର୍ବସାଧାରଣଙ୍କର । ଲୋକସଂଖ୍ୟାରେ ସର୍ବସାଧାରଣଙ୍କର ବିଶେଷ ଉପକାର ଅଛି ଏବଂ ଏକଦିନରେ ସମୁଦାୟ ଭାରତବର୍ଷର ଲୋକସଂଖ୍ୟା ନେବାକୁ ହେଲେ ବିସ୍ତର କର୍ମଚାରୀଙ୍କ ସାହାଯ୍ୟର ଆବଶ୍ୟକ । ଏକଦିନର କାର୍ଯ୍ୟ ନିମିତ୍ତ ବିସ୍ତର କର୍ମଚାରୀଙ୍କୁ ବେତନ ଦେଲେ ବ୍ୟକ୍ତିବିଶେଷର ତେମନ୍ତ କିଛି ଲାଭ ହେବ ନାହିଁ କିନ୍ତୁ ସାଧାରଣ ଧନ ଅନେକ ଗୁଡ଼ାଏ ବ୍ୟୟ ହୋଇ ଯିବ । ପକ୍ଷାନ୍ତରେ ଲେଖା ପଢିରେ ଉପଯୁକ୍ତ ଥିବା ବ୍ୟକ୍ତିମାନେ ଏକଦିନ ଗବର୍ଣ୍ଣମେଣ୍ଟଙ୍କର ବେଠି କଲେ ତାହାଙ୍କର କିଛି ବିଶେଷ ହାନି ହେବ ନାହିଁ ଅଥଚ ତାହାଙ୍କର ସାମାନ୍ୟ ସାହାଯ୍ୟରେ ଗୋଟିଏ ବୃହତ କାର୍ଯ୍ୟ ସାଧନ ହେବ । ଅତଏବ ଆମ୍ଭମାନଙ୍କ ବିବେଚନାରେ ଜିଲ୍ଲା ହାକିମମାନେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଯେଉଁମାନଙ୍କୁ ଏ କାର୍ଯ୍ୟରେ ସହାୟ ହେବା କାରଣ ପରବାନାଦ୍ୱାରା ପ୍ରାର୍ଥନା କରିଅଛନ୍ତି ସେମାନେ ଆପଣାକୁ ଗୌରବାନ୍ୱିତ ମନେ କରି ସାଧ୍ୟାନୁରୂପ ପରିଶ୍ରମ ଯତ୍ନ ଓ ବିଚକ୍ଷଣତାଦ୍ୱାରା ନିର୍ଦ୍ଦିଷ୍ଟ କାର୍ଯ୍ୟ ସମାଧା କରନ୍ତୁ ।

ଇଉରୋପୀୟ ଏବଂ ଫିରିଙ୍ଗିପିଲାଙ୍କ ଶିକ୍ଷା ।

ପାଠକମାନଙ୍କୁ ଜଣାଥିବ ଯେ ଅଳ୍ପଦିନତଳେ ଆର୍ଚ୍ଚଡିକନ୍ ବେଲି ସାହେବ ଏହି ବିଷୟ ସମ୍ପର୍କରେ ଏ ନଗରକୁ ଆସିଥିଲେ ଏବଂ ବଙ୍ଗଳାର ଅନ୍ୟାନ୍ୟ ସ୍ଥାନ ସନ୍ଦର୍ଶନ କରି ସେ ଇଉରୋପୀୟ ଏବଂ ଫିରଙ୍ଗିପିଲାଙ୍କୁ ଶିକ୍ଷାଦାନ ବିଷୟରେ କେତେଗୁଡିଏ ପ୍ରସ୍ତାବ କରିଅଛନ୍ତି । ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଅନୁରୋଧମତେ ବଙ୍ଗଳା ଗବର୍ଣ୍ଣମେଣ୍ଟ ଏକ ରିପୋର୍ଟ ପଠାଇ ଅଛନ୍ତି । ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ମାନ୍ୟବର ଇଡନ୍ ସାହେବ ବଡ଼ ନିରପେକ୍ଷଭାବରେ ଏଥିର ବିବେଚନା କରିଅଛନ୍ତି ଏବଂ ବେଲି ସାହେବଙ୍କ ଅନେକ ଅନ୍ୟାୟ୍ୟ ପ୍ରସ୍ତାବ ସୁନ୍ଦର ଯୁକ୍ତି ଦ୍ୱାରା କାଟି ଦେଇ ଅଛନ୍ତି । ଲେଫ୍‌ଟେନାଣ୍ଟଗବର୍ଣ୍ଣର କହି

Digitized by srujanika@gmail.com

ଅଛନ୍ତି କି ଦେଶୀୟ ଲୋକଙ୍କ ପଢିବାନିମିତ୍ତ ଦ୍ୱିତୀୟଶ୍ରେଣୀର ସ୍କୁଲରେ ଗତବର୍ଷ ୬୦୧୬୦୧ ଟଙ୍କା ବ୍ୟୟ ହୋଇଥିଲା ଏବଂ ଇଉରୋପୀୟ ଓ ଫିରଙ୍ଗିଙ୍କ ସକାଶେ ଟ ୪୬୫୪୪ ଟଙ୍କା ବ୍ୟୟ ହୋଇଥିଲା । ଏଥିରୁ ଯେ ସମସ୍ତଶ୍ରେଣୀର ଲୋକ ବିଦ୍ୟାଳୟକୁ ଛାତ୍ର ପଠାନ୍ତି ତାହାଙ୍କ ସଂଖ୍ୟା ଅଥବା ସେମାନେ ଦେଉଥିବା କର ସହିତ ଉକ୍ତ ଟଙ୍କାର ବିବେଚନା କରିବାକୁ ଗଲେ ଇଉରୋପୀୟଙ୍କ ଶିକ୍ଷାନିମିତ୍ତ ଯେ ଅତ୍ୟନ୍ତ ଅଧିକ ବ୍ୟୟ ହେଉଅଛି ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ । ଇଡନ ସାହେବଙ୍କ ଏ ବିଷୟର ଅତ୍ୟନ୍ତ ପ୍ରଶଂସନୀୟ ଅଟଇ ଯଥା ଯେଉଁଠାରେ ଇଉରୋପୀୟ କି ଫିରଙ୍ଗି ଲୋକେ ଉପଯୁକ୍ତ ଚାନ୍ଦା ସଂଗ୍ରହ କରି ସାହାଯ୍ୟ ପ୍ରାର୍ଥନା କରିବେ ସେଠାରେ ସାହାଯ୍ୟ ଦେବାକୁ ଗବର୍ଣ୍ଣମେଣ୍ଟ ପ୍ରସ୍ତୁତ ଅଛନ୍ତି ଏବଂ ଏହି ନିୟମାନୁସାରେ କଟକର କାଥଲିକ ସ୍କୁଲକୁ ସାହାଯ୍ୟ ଦେବାକୁ ଗବର୍ଣ୍ଣମେଣ୍ଟ ସମ୍ମତ ହୋଇ ଅଛନ୍ତି । ମାତ୍ର ବେଲି ସାହେବ କି ବିବେଚନାରେ କହି ଅଛନ୍ତି ଯେ ଇଉରୋପୀୟ ଏବଂ ଫିରଙ୍ଗିଙ୍କ ପଢିବାର ସୁଯୋଗ ଏଠାରେ ନାହିଁ ତାହା ଆମ୍ଭେମାନେ ବୁଝି ପାରିଲୁଁ ନାହିଁ । ଏ ନଗରରେ ଗବର୍ଣ୍ଣମେଣ୍ଟ ସ୍କୁଲ ଛଡ଼ା ଦୁଇ ଏକ ସାହାଯ୍ୟକୃତ ଓ ଏକ ସ୍ୱାଧୀନ ସ୍କୁଲ ଅଛି ମାତ୍ର ସେଠାକୁ କେହି ଇଂରେଜ ବା ଫିରଙ୍ଗି ପିଲା ପଢିବାକୁ ଆସିବେ ନାହିଁ କାହିଁକି ? ସେମାନଙ୍କର କିଛି ଜାତୀୟ କୁସଂସ୍କାର ଅଛି କି ? ଗବର୍ଣ୍ଣମେଣ୍ଟ ବିଦ୍ୟାଳୟ ସକଳ ଶ୍ରେଣୀର ଲୋକ ସକାଶେ ମୁକୁଳା ରହି ଅଛି ଏହି ସ୍କୁଲରେ ଢେଙ୍କାନାଳର ରାଜା ପଢୁଅଛନ୍ତି । ଇଂରେଜ କି ଫିରଙ୍ଗି ପିଲା ଆସିଲେ ଦୋଷ ଲାଗିବ କି ? ଆମ୍ଭେମାନେ ବିବେଚନା କରୁଁ କି ଯେଉଁଠାରେ ଗବର୍ଣ୍ଣମେଣ୍ଟ ସ୍କୁଲ ରହିଅଛି ସେଠାରେ ଏକ ୨ ସମ୍ପ୍ରଦାୟର ଛାତ୍ର ସକାଶେ ଭିନ୍ନ ସ୍କୁଲକୁ ସାଧାରଣ ଅର୍ଥରୁ ସାହାଯ୍ୟ ଦେବା ଅନୁଚିତ । ବିଶେଷତଃ ଯେଉଁ ସ୍ଥଳେ ଧର୍ମ ବିଷୟରେ ଗବର୍ଣ୍ଣମେଣ୍ଟ ଉଦାସୀନ ରହିବାର ନିୟମ କରିଅଛନ୍ତି ସେ ସ୍ଥଳେ ଯେଉଁ ବିଦ୍ୟାଳୟରେ କୌଣସି ଧର୍ମପୁସ୍ତକ ପଠିତ ହୁଅଇ ସେଠାରେ କେଉଁ ବିଚାରରେ ସାହାଯ୍ୟ ଦିଆଯାଏ ଆମ୍ଭେମାନେ ବୁଝି ପାରୁ ନାହୁଁ ।

ଖୋରଧା ବନ୍ଦୋବସ୍ତ ।

ଏ ବନ୍ଦୋବସ୍ତ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ବଙ୍ଗାଳରୁ ଗତ ଜୁଲାଇ ମାସରେ ଯେଉଁ ନିର୍ଦ୍ଧାରଣପତ୍ର ବାହାରିଥିଲା ତହିଁର ସଂକ୍ଷେପ ବିବରଣ ଆମ୍ଭେମାନେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ ଏବଂ ସେଥିଲିଖିତ ଖଜଣାର ଦର ଏବଂ ବନ୍ଦୋବସ୍ତର ସାଧାରଣ କାର୍ଯ୍ୟପ୍ରଣାଳୀ ଆମ୍ଭମାନଙ୍କର ମନୋନୀତ ହୋଇଥିବାର ମଧ୍ୟ କହିଅଛୁଁ । ବାସ୍ତବରେ ମାନ୍ୟବର ଇଡନ ସାହେବ ଖୋରଧା ପ୍ରଜାଙ୍କପ୍ରତି ଯଥାସମ୍ଭବ ସୁବିଚାର କରିଅଛନ୍ତି । କର ବୃଦ୍ଧି କରିବାର କାରଣ ଅଛି ସୁତରାଂ ଗବର୍ଣ୍ଣମେଣ୍ଟ ଜମିଦାର ସ୍ୱରୂପ ଅବଶ୍ୟ ଅଧିକା କର ନେବେ ମାତ୍ର ଯେପରି କୌଶଳରେ ନେଲେ ପ୍ରଜାଙ୍କୁ ବାଧିବ ନାହିଁ ତହିଁପ୍ରତି ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଉତ୍ତମ ଦୃଷ୍ଟି ରଖିଅଛନ୍ତି । ମାତ୍ର ଆମ୍ଭେମାନେ କାର୍ଯ୍ୟବଶତଃ ଖୋରଧାଅଞ୍ଚଳକୁ ଯାଇ ଦେଖିଲୁଁ ପ୍ରଜାମାନେ ଏହି ବନ୍ଦୋବସ୍ତ ହେତୁ ନିତାନ୍ତ କାତର । ସେମାନଙ୍କର ବିଶ୍ୱାସ ଯେ ଗବର୍ଣ୍ଣମେଣ୍ଟ ଯଥେଚ୍ଛାରୂପେ କର ବଢାଇ ସେମାନଙ୍କର ଭାରି ବିପଦ ଘଟାଇବେ । କେତେ ଖଜଣା ବୃଦ୍ଧି ହେବ ତାହା ନିଶ୍ଚୟ କରି କେହି ଜାଣନ୍ତି ନାହିଁ ଏବଂ ଅଧିକ କରରୁ ମୁକ୍ତ ପାଇବା ସକାଶେ ଅମିନପ୍ରଭୃତି ମୋଫସଲ କର୍ମଚାରୀଙ୍କର ପୂଜା କରିବାକୁ ମଧ୍ୟ ତ୍ରୁଟି କରୁ ନାହାନ୍ତି । ଏକ ସ୍ଥଳରେ ଚାରି ପାଞ୍ଚଜଣ ପ୍ରଜା ବସି ବନ୍ଦୋବସ୍ତ କଥା ପକାଇଥିଲେ ଆମ୍ଭେ ପଚାରିବାରୁ କେହି କହିଲା ଚାରିଗୁଣ କେହି ତିନିଗୁଣ ବା ପାଞ୍ଚଗୁଣ ଖଜଣା ବୃଦ୍ଧି ହୋଇଅଛି । ଆମ୍ଭେ ବୁଝାଇ ଦେଲୁଁ ଯେ ଏତେ ଖଜଣା ବୃଦ୍ଧି କରିବାର ଯଥାର୍ଥ କାରଣ ଥିବା ସ୍ଥଳେ ମଧ୍ୟ ଗବର୍ଣ୍ଣମେଣ୍ଟ ତାହା କରିବେ ନାହିଁ ବୋଲି ସ୍ପଷ୍ଟରୂପେ ପ୍ରକାଶ କରି ଅଛନ୍ତି । ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଏହି ଆଦେଶ ଦେଇ ଅଛନ୍ତି କି କୌଣସି ସ୍ଥଳେ ଦ୍ୱିଗୁଣର ଅଧିକ ଜମା ବସିବ ନାହିଁ ଏବଂ ଯେଉଁଠାରେ ଦ୍ୱିଗୁଣିତ ଜମା ପ୍ରଜାଙ୍କୁ ବାଧିବ ସେ ସ୍ଥଳେ ତାହାର କୋଠିକୁ ରସିଦୀ ପ୍ରକାରରେ ରଖି ପ୍ରଥମେ କେବଳ ଦେଢଗୁଣ ତାହାଠାରୁ ନେବାକୁ ହେବ ଓ ତହିଁ ଉତ୍ତାରୁ କ୍ରମଶଃ କିଛି ୨ ବୃଦ୍ଧି ହୋଇ ଉକ୍ତଜମା ପୂରାଇ ଦେବ । ଗବର୍ଣ୍ଣମେଣ୍ଟଙ୍କର ସ୍ଥିରମତ ଏହି କି ଅପରାପର ଜମିଦାର ଯେଉଁ ନିୟମରେ ପ୍ରଜାଙ୍କ ଉପରେ କର ବୃଦ୍ଧି କରି ପାରିବେ ଗବର୍ଣ୍ଣମେଣ୍ଟ ସମ୍ପୂର୍ଣ୍ଣରୂପେ ତାହା ପ୍ରତିପାଳନ କରିବେ । ତହିଁର ଅତିରିକ୍ତ କିଛି କରିବେ ନାହିଁ । ଏହା ଶୁଣି ପ୍ରଜାମାନେ କହିଲେ ଯେ ଆମ୍ଭେମାନେ ଆପଣା ୨ ପ୍ରକୃତ ଅନୁଭବ କଥା କହୁଅଛୁଁ କାଗଜ ପତ୍ର କଥା ଆପଣମାନେ ଜାଣନ୍ତି । ଏଥିରୁ ଆମ୍ଭେମାନେ ବିବେଚନା କରୁଁ ଯେବେ କର୍ତ୍ତୃପକ୍ଷମାନେ କର ବସାଇବାର ନିୟମମାନ ପ୍ରଜାଙ୍କୁ ପୂର୍ବରୁ ଜଣାଇଦେବାର କିଛି ଉପାୟ କରନ୍ତେ ତେବେ ସେମାନଙ୍କର ଅନେକ ପରିମାଣରେ ଅକାରଣ ଭୟ ବିଦୂରିତ ହୁଅନ୍ତା ଓ କ୍ଷୁଦ୍ର କର୍ମଚାରୀଙ୍କର ଭୟ ପ୍ରଦର୍ଶନରେ କାତର ହୋଇ ଅନର୍ଥକ ଅର୍ଥବ୍ୟୟଦ୍ୱାରା ଉଦ୍ଧାରର ଚେଷ୍ଟା କରନ୍ତେ ନାହିଁ । ଆମ୍ଭେମାନେ ଆଶା କରୁଁ ଯେ ବନ୍ଦୋବସ୍ତ କର୍ମଚାରୀମାନେ ଶୀଘ୍ର ପ୍ରଜାଙ୍କ ସଂଶୟ ଛେଦନ କରିବାର ଉପାୟ କରିବେ ।

—*—

ଲାହୋର ଦରବାର ।

ଗତ ମାସ ତା ୧୪ ରିଖରେ ଏ ଦରବାର ଯଥାସମାରୋହରେ ହୋଇଥିଲା । ଦରବାର ହେବା ପୂର୍ବ ସର ଡୋନାଲ୍‌ଡ୍ ଷ୍ଟିୱାର୍ଟ ଏବଂ ସର ଫ୍ରେଡେରିକ ରବର୍ଟଙ୍କୁ ପଦ ଦେବା ନିମିତ୍ତ ବାଥ ସଭା ହୋଇଥିଲା । ସେ କାର୍ଯ୍ୟ ଶେଷ ହେଲାରୁ ଦିବା ଘ ୧୧ ଟା ସମୟରେ ଦରବାର ଆରମ୍ଭ ହେଲା । ଦରବାରର ପ୍ରଧାନ ଦୃଶ୍ୟ, ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ସୁବିସ୍ତୀର୍ଣ୍ଣ ଏବଂ ସୁସଜ୍ଜିତ ତାମ୍ବୁ ହୋଇଥିଲା । ଏହାର ଚତୁର୍ଦ୍ଦିଗରେ ଯେଉଁ ଉଦ୍ୟାନ ରଚନା ହୋଇଥିଲା ତହିଁର ଶୋଭା ଅଲୌକିକ ବୋଲି ସମସ୍ତେ କହୁଅଛନ୍ତି । ବାସ୍ତବରେ ପଡ଼ିଆ ଭୂମିରେ ପ୍ରସ୍ଫୁଟିତ ପୁଷ୍ପଯୁକ୍ତ ଗଛମାନ ଦୂର ଗୃହଦଳ ମଧ୍ୟରେ ରୋପଣ କରି ଉଦ୍ୟାନ ସଜାଇ ଦେବା ବିଶ୍ୱକର୍ମାଙ୍କ କାର୍ଯ୍ୟ ପରି ବୋଧ ହୁଅଇ । ଦରବାର ମଧ୍ୟରେ ସୈନିକ କର୍ମଚାରୀଙ୍କ ନାନାବର୍ଣ୍ଣର ସୁସଜ୍ଜିତ ପୋଷାକ ଏବଂ ରାଜା ଓ ସରଦାରମାନଙ୍କର ବହୁବିଧ ମଣି ମାଣିକ୍ୟ ମୁକ୍ତା ଜଡ଼ିତ ବସନ ଭୂଷଣରେ ସଭା ଝଲମଲ ଦିଶୁଥିଲା । ଭୁର୍ଜ୍ଜସ୍ଥାନର ଦୁଇଜଣ ରାଜଦୂତ ସରଦାର ଅଫଜଲଖାନ ଏବଂ ସରଦାର ଇବ୍ରାହିମ ଖାନ ଏ ଦରବାରକୁ ଆସିଥିଲେ ଏବଂ ଅନ୍ୟାନ୍ୟ ସରଦାରଙ୍କ ସହିତ ଏମାନଙ୍କୁ ମଧ୍ୟ ଖିଲାତ ଦିଆ ଗଲା । ଦରବାରର ନିୟମିତ କାର୍ଯ୍ୟମାନ ଶେଷ ହେଲା ଉତ୍ତାରୁ ମହାମାନ୍ୟ ଗବର୍ଣ୍ଣର ଜେନରଲ୍ ସାହେବ ଗୋଟିଏ ଦୀର୍ଘବକ୍ତୃତା ପାଠ କଲେ । ତହିଁ ଉତ୍ତାରୁ ଅତର ଓ ପାନ ବଣ୍ଟନ ହୋଇ ଦରବାର ସମାପ୍ତ ହେଲା । ଏହି ଦିନ ରାତ୍ରରେ ଏକ ବୃହତ ନାଚଶାଳା ହୋଇଥିଲା

Split by PDF Splitter
Digitized by srujanika@gmail.com

Split by PDF Splitter

ମହାମାନ୍ୟ ଲର୍ଡ ରିପନ ସାହେବ ସ୍ୱୟଂ ନୃତ୍ୟ କରିଥିଲେ ଓ ନୃତ୍ୟ ଗୀତ ରାତ୍ର ଶେଷ ଅର୍ଥାତ୍ ଘ ୪ ୫ ଘଣ୍ଟା ବାଜିବା ପର୍ଯ୍ୟନ୍ତ ହୋଇଥିଲା ।

ଲର୍ଡ ରିପନ ଯେଉଁ ବକ୍ତୃତା ପାଠ କଲେ ତହିଁର ସଂକ୍ଷେପ ବିବରଣ ଏହି "ହେ ପଞ୍ଜାବ ଦେଶୀୟ ମହାରାଜା ରାଜା ସରଦାର ଓ ଭଦ୍ର ଲୋକମାନେ ଆପଣମାନଙ୍କୁ ଆମ୍ଭେ ଅତ୍ୟନ୍ତ ଆନନ୍ଦ ସହିତ ଆହ୍ୱାନ କରୁଅଛୁଁ ଏବଂ ଆପଣଙ୍କ ସହିତ ଆଳାପ କରିବାର ଏ ସୁଯୋଗ ପାଇବାରୁ ଆମ୍ଭେ ଅତ୍ୟନ୍ତ ପ୍ରୀତ ହୋଇ ଅଛୁଁ । ଭାରତବର୍ଷର ସୌଭାଗ୍ୟ, କୃଷିକାର୍ଯ୍ୟର ଏବଂ ଭୂମି ସହିତ ଯାହାଙ୍କର ସମ୍ପର୍କ ଅଛି ତାହାଙ୍କର ଅବସ୍ଥା ଉପରେ ନିର୍ଭର କରଇ । ଆମ୍ଭେ ଆହ୍ଲାଦ ପୂର୍ବକ ଅବଗତ ହୋଇଅଛୁଁ ଯେ ଭୂମିସମ୍ପତ୍ତି ସମ୍ପର୍କୀୟ ନିୟମମାନ ଗବର୍ଣ୍ଣମେଣ୍ଟଦ୍ୱାରା ଯେତେଦୂର ଉତ୍ତମ ହେବା ସମ୍ଭବ, ତାହା ହୋଇଅଛି ଓ ଭୂମିର ସ୍ୱତ୍ୱାସ୍ୱତ୍ୱ ନିର୍ଣ୍ଣୟ ଏବଂ କର ଧାର୍ଯ୍ୟ କାର୍ଯ୍ୟମାନ ସୁଚାରୁରୂପେ ସ୍ଥିର ହୋଇଅଛି । ପଞ୍ଜାବ ରେଲବାଟ ଏକଦିଗରେ ସମୁଦ୍ର ଏବଂ ଅନ୍ୟ ଦିଗରେ ପେଶୁଆର ପର୍ଯ୍ୟନ୍ତ ବର୍ଦ୍ଧିତ ହେବାରୁ ବାଣିଜ୍ୟର ବିଶେଷ ସୁଯୋଗ ସମ୍ପାଦନ କରିବ ସନ୍ଦେହ ନାହିଁ । ଆମ୍ଭେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ପଞ୍ଜାବବାସୀ ସକଳଶ୍ରେଣୀର ଲୋକ ବିଦ୍ୟାଶିକ୍ଷାପ୍ରତି ମନୋଯୋଗୀ ହୋଇଅଛନ୍ତି । ଉଚ୍ଚଶିକ୍ଷାର ପ୍ରକୃତଫଳପ୍ରତି ସମସ୍ତଙ୍କର ଦୃଷ୍ଟି ରଖିବାର ଉଚିତ ଏବଂ ଆମ୍ଭେ ଦେଖି ସନ୍ତୁଷ୍ଟ ହେଲୁଁ ଯେ ଗବର୍ଣ୍ଣମେଣ୍ଟ ଏବଂ ସରଦାରଙ୍କ ମଧ୍ୟରେ ପରସ୍ପର ସୁହୃଦତା ବୃଦ୍ଧି ହେଉଅଛି ଏବଂ ଯେମନ୍ତ ସରଦାରମାନଙ୍କର ଭାରତେଶ୍ୱରୀଙ୍କ ପ୍ରତି ଭକ୍ତି ଓ ସ୍ନେହ ଦେଖା ଯାଏ ତେମନ୍ତ ଗବର୍ଣ୍ଣମେଣ୍ଟଙ୍କର ସେମାନଙ୍କ ଯୋଗ୍ୟତା ଏବଂ କାର୍ଯ୍ୟରେ ଦୃଢ଼ବିଶ୍ୱାସ ଜାତ ହେବାର ଦେଖା ଯାଏ । ଅଫଗାନ ଯୁଦ୍ଧରେ ଏଥିର ଯେମନ୍ତ ପ୍ରମାଣ ମିଳିଅଛି ତହିଁର ଅଧିକ ଆଉ କି ହୋଇ ପାରେ ସରଦାରମାନେ ଅତ୍ୟନ୍ତ ତତ୍ପର ହୋଇ ଯେ ଯାହା ଭଲ ପ୍ରଶଂସନୀୟ ସାହାଯ୍ୟ କରିଅଛନ୍ତି । ଏକା ସରଦାରମାନଙ୍କ ନିଜର ସମ୍ପଦରେ ନୁହେ ମାତ୍ର ସେମାନଙ୍କ ପ୍ରଜାଙ୍କ ସୌଭାଗ୍ୟ ଏବଂ ରାଜ୍ୟଶାସନର ସୁଫଳରେ ଶ୍ରୀମତୀ ଭାରତେଶ୍ୱରୀ ଅତ୍ୟନ୍ତ ସଂଲିପ୍ତ ଅଛନ୍ତି ବୋଲି ଆପଣମାନଙ୍କୁ ଜଣାଇବା ସକାଶେ ଆଦେଶ କରିଅଛନ୍ତି । କାରଣ ସମସ୍ତଙ୍କୁ ଜାଣିବାର ଉଚିତ ଯେ ବ୍ରିଟିସ ଗବର୍ଣ୍ଣମେଣ୍ଟ ଏକା ରାଜାଙ୍କ ମର୍ଯ୍ୟାଦା ଓ ଲାଭପ୍ରତି ଦୃଷ୍ଟି ରଖନ୍ତି ଏମନ୍ତ ନୁହେ ମାତ୍ର ପ୍ରଜାଙ୍କ ସୁଖ ସକାଶେ ମଧ୍ୟ ବ୍ୟଗ୍ର ଏବଂ କୌଣସି ରାଜ୍ୟର ଗୁରୁତ୍ୱ ବା ସୌଭାଗ୍ୟର ପରିମାଣ ଯେତେ ପ୍ରଜାଙ୍କର ସୁଖ ଓ ସନ୍ତୋଷଦ୍ୱାରା ହୁଅଇ ତେତେ ରାଜାଙ୍କ ନିଜର ଶୋଭା କିମ୍ବା ସେନାର ନୈପୁଣ୍ୟତାଦ୍ୱାରା ହୁଅଇ ନାହିଁ । ଆମ୍ଭେ ଆଶା କରୁଁ ଯେ ଆପଣମାନେ ଏହାକୁ ସ୍ମରଣ ରଖି ସୁବିଚାର ଏବଂ ଶାନ୍ତଭାବରେ ଆପଣା୨ ପୈତୃକ ରାଜ୍ୟ ଶାସନ କରିବେ କାରଣ କୌଣସି ସମୟରେ ଗୋଲମାଲ ଉପସ୍ଥିତ ହେଲେ ବ୍ରିଟିସ ଗବର୍ଣ୍ଣମେଣ୍ଟ ବୁଝିବେ ଯେ ଶାସନକାର୍ଯ୍ୟରେ କିଛି ମନ୍ଦବ୍ୟବସ୍ଥା ପ୍ରବେଶ କରିଅଛି ଓ ତାହା ସଂଶୋଧନ କରିବା ଆବଶ୍ୟକ ସୁଖର ବିଷୟ ଯେ ପଞ୍ଜାବ ବହୁକାଳ ଶାନ୍ତିଭୋଗ କରି ସୁଦ୍ଧା ବଳଶୂନ୍ୟତାର ଖ୍ୟାତିକୁ ହରାଇ ନାହିଁ । ଅଫଗାନ ଯୁଦ୍ଧରେ ତହିଁର ବିଲକ୍ଷଣ ପରିଚୟ ପ୍ରାପ୍ତ ହୋଇଅଛି । ଲାହୋରରେ ସନ ୧୮୬୪ ସାଲରେ ଲର୍ଡ ଲାରେନ୍ସ ଏକ ଦରବାର କରିଥିଲେ ତହୁଁଠାରୁ ଆଉ ଦରବାର ହୋଇ ନାହିଁ । ଲର୍ଡ ଲାରେନ୍ସ ଆମ୍ଭର ପରମବନ୍ଧୁ ଏବଂ ତାହାଙ୍କର ବିବେଚନା ଏବଂ ସାଧୁଭାବକୁ ଆମ୍ଭେ ମାନ୍ୟ କରୁଁ । ଭାରତବର୍ଷୀୟ ସମସ୍ତ ଶାସନକାର୍ଯ୍ୟରେ ଆମ୍ଭେ ସର୍ବଦା ତାହାଙ୍କ ନିରୂପିତ ବାଟରେ ଚାଲିବା ଏବଂ ତାହାଙ୍କ ମତକୁ ଅବଲମ୍ବନ କରିବାକୁ ଚେଷ୍ଟା କରିବୁଁ । ଆପଣଙ୍କ ମଧ୍ୟରୁ ଅନେକ ଲୋକ ତାହାଙ୍କଠାରେ ପରିଚିତ ସୁତରାଂ ଆପଣମାନଙ୍କ ମଙ୍ଗଳସାଧନ ନିମିତ୍ତ ଆମ୍ଭର ନିତାନ୍ତ ଇଚ୍ଛା ଥିବାର ଆଶ୍ୱାସବାକ୍ୟ ଏଥିରୁ ଆଉ ଅଧିକ କି କହି ପାରୁଁ" ।

ଏହି ଦରବାର ବକ୍ତୃତା ଲର୍ଡ ରିପନଙ୍କ ପ୍ରଥମ ବକ୍ତୃତା ଅଟଇ ଏଥିରୁ ତାହାଙ୍କର ମନୋଭାବ ଏବଂ କାର୍ଯ୍ୟକୌଶଳ ଜଣା ଯାଉ ଅଛି । ବକ୍ତୃତାଟି ଲର୍ଡ ଲିଟନଙ୍କ କବିତ୍ୱପୂର୍ଣ୍ଣ ନୁହଇ । ଲର୍ଡ ରିପନ୍ କଥାରେ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରି ନାହାନ୍ତି ସେ ଯାହା କହି ଅଛନ୍ତି ତାହା ଅତ୍ୟନ୍ତ ସରଳହୃଦୟ ଓ ବ୍ୟଗ୍ରତା ସହିତ କହି ଅଛନ୍ତି ଲର୍ଡ ଲାରେନ୍ସଙ୍କ ଶାସନପ୍ରଣାଳୀ ଅନେକାଂଶରେ ପ୍ରଶଂସନୀୟ ଥିଲା ଓ ତାହାଙ୍କୁ ଲର୍ଡ ରିପନ୍ ଆଦର୍ଶ କରିବାକୁ ମନସ୍ଥ କରିଅଛନ୍ତି ଏହା ମନ୍ଦ ନୁହଇ । ଅବଶ୍ୟ ସେ ଅନ୍ଧ ପରି ଅନୁକରଣ ନ କରି ବିବେଚନା ପୂର୍ବକ ସାର ଗ୍ରହଣ କରିବେ ।

ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ କମିଶ୍ନର ସାହେବ ଆଗାମୀ ମାସ ତା ୮ ରିଖରେ ମୋଫସଲ ଗସ୍ତକୁ ଯାତ୍ରା କରିବେ ଏବଂ ଫେବ୍ରୁଏରୀ ମାସ ତା ୨୦ ରିଖରେ ଏ ନଗରକୁ ପ୍ରତ୍ୟାଗମନ କରିବାର ସ୍ଥିର କରିଅଛନ୍ତି ।

ଶ୍ରୀଯୁତ କଲେକ୍ଟର ସାହେବ ଗତ ମଙ୍ଗଳବାର କେନ୍ଦ୍ରାପଡ଼ା ଗସ୍ତରୁ ଏଠାକୁ ଫେରି ଆସି ଅଛନ୍ତି । ଆଗାମୀ ମାସ ତା ୧୦ ରିଖ ସରକ ତାଙ୍କର ଦ୍ୱିତୀୟଗସ୍ତ ଆରମ୍ଭ ହେବ ।

ଶୁଣାଯାଏ ଯେ ଖୋର୍ଦ୍ଧାର ଡେପୋଟୀକଲେକ୍ଟର ଶ୍ରୀବାବୁ ଜଗନ୍ମୋହନରାୟଙ୍କର ଛୁଟୀ ମଞ୍ଜୁର ହେବାରୁ ଏଠାର ଜଏଣ୍ଟମେଜିଷ୍ଟ୍ରେଟ ଶ୍ରୀଯୁତ ଗଡ଼ଫ୍ରେ ସାହେବ ଖୋର୍ଦ୍ଧାକୁ ଯିବେ ଓ ଫିଡସ୍ନ ସାହେବ ଏଠାକୁ ଆସିବେ । ଗଡ଼ଫ୍ରେ ସାହେବ ଜଣେ ବିଚକ୍ଷଣ ବିଚାରପତି ଓ ତାଙ୍କ ବିଚାରରେ ସମସ୍ତେ ସନ୍ତୁଷ୍ଟ । ସକଳ କାର୍ଯ୍ୟରେ ବିଧି ଓ ନିୟମ ପ୍ରତି ସେ ବଡ ଦୃଷ୍ଟି ରଖନ୍ତି । ସେ ଯେପରି ଅନେକ କ୍ଷିପ ମକଦ୍ଦମା ଅଗ୍ରାହ୍ୟ କରନ୍ତି ସେହିପରି ଯେଉଁ ମକଦ୍ଦମା ଗ୍ରାହ୍ୟ କରନ୍ତି ତହିଁରେ ପ୍ରତିବାଦୀକୁ ଉତ୍ତମରୂପେ ଶାସିତ କରି ଦିଅନ୍ତି । ତାଙ୍କ ବଦଳୀ କଥା ଶୁଣି ଏଠା ଲୋକେ ଦୁଃଖିତ ଅଛନ୍ତି । ଫିଡସ୍ନ ସାହେବ ମଧ୍ୟ ଅପରିଚିତ ନୁହନ୍ତି ସେ ପୂର୍ବେ କିୟତ୍କାଳ ଏଠାରେ ଥିଲେ ।

ମାହାଙ୍ଗା ଚକଲାର କାନୁନଗୋର ଉପରେ ସରକାରି ଟଙ୍କା ଆତ୍ମସାତ୍ କରିବାର ଅପରାଧ ପ୍ରମାଣ ହେବାରୁ ଜଏଣ୍ଟମେଜିଷ୍ଟ୍ରେଟ ସାହେବ ତାହା ପ୍ରତି ଦୁଇବର୍ଷ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ଦେଇଅଛନ୍ତି ଓ ମଧ୍ୟ ଟ ୫୦ ଙ୍କା ଅର୍ଥଦଣ୍ଡ କରିଅଛନ୍ତି । ଟ ୨୭ ଙ୍କା ଆତ୍ମସାତର ପ୍ରମାଣ ହେଲା ମାତ୍ର ସେ ଦୁଇଶତ ଟଙ୍କା ପର୍ଯ୍ୟନ୍ତ ଆତ୍ମସାତ୍ କରିଅଛି ଏଥିର ଅନୁସନ୍ଧାନ ହେଉଅଛି । ତାହାର ଏ ଦୁର୍ଦ୍ଦଶାର ମୂଳ କାରଣ ଅପରିମିତାଚାର ଇତ୍ୟାଦି ଘଟଇ । ଅତଏବ ସାବଧାନ ।

ଆଗାମୀ ଲୋକସଂଖ୍ୟା ଗୃହୀତ ହେବାର ଦିନ ତା ୨୭ ରିଖ ଫେବ୍ରୁଏରୀ ଧାର୍ଯ୍ୟ ହୋଇଅଛି ।

ପାର୍ଲିମେଣ୍ଟ ସଭାର ଗତ ସଭ୍ୟ ନିର୍ବାଚନ ସମୟରେ ଢେର ପରିମାଣରେ ଲାଞ୍ଚ ଦେବାନେବା ହୋଇଥିଲା ତହିଁର ଅନୁସନ୍ଧାନ ବିଲାତରେ ହେଉଅଛି । ଏ କାର୍ଯ୍ୟରେ ନିଯୁକ୍ତ ଥିବା କମିଶ୍ନରମାନେ ଅନେକ ଗୁଡ଼ିଏ ପ୍ରମାଣ ପ୍ରାପ୍ତ ହୋଇଅଛନ୍ତି । ବିଲାତର ଦୁଇଦଳ ଆପଣା୨ ପକ୍ଷର ସଭ୍ୟ ନିଯୁକ୍ତ କରାଇବା ସକାଶେ ବିସ୍ତର ଲାଞ୍ଚ ଦେବାର ପ୍ରମାଣ ମିଳିଅଛି । ଏକ ନଗରରେ କନ୍ସରବେଟିବମାନେ ଟ ୨୦୦୦୦ ଙ୍କା ଏବଂ ଲିବରଲ୍ମାନେ ଟ ୧୬୦୦୦ ଙ୍କା ଉତ୍କୋଚ ଦେବାରେ ବ୍ୟୟ କରିଥିଲେ । ସଭ୍ୟ ମନୋନୀତ କରିବାକୁ ଯେଉଁମାନେ ଯୋଗ୍ୟ ସେମାନେ କେଳେ ଦୁଇପକ୍ଷରୁ ଉତ୍କୋଚ ଲାଭ କରନ୍ତି । ଏକଜଣ କନ୍ସରବେଟିବଙ୍କଠାରୁ ଟ ୩୦ ଙ୍କା ଏବଂ ଲିବରଲଙ୍କଠାରୁ ଟ ୩୦ ଙ୍କା ଆଉ ଲାଞ୍ଚ ଦିଆଯିବ ନ ହେବା ପକ୍ଷରୁ ଦୃଷ୍ଟି ରଖିବା କାରଣ ଟ ୩୦ ଙ୍କା ଏପରି ଟ ୫୦ ଙ୍କା ପାଇଥିଲା । ଏଥିଉତ୍ତାରୁ ପାର୍ଲିମେଣ୍ଟ ସଭାର କଥା ଆଉ କି ବୋଲାଯିବ ।

ଅଖୁଛିବଡାରୁ ଉତ୍ତମ କାଗଜ ପ୍ରସ୍ତୁତ ହେବାର ଉପାୟ

Digitized by srujanika@gmail.com

Split by PDF Splitter

ବାହାରି ଅଛି । ଏକ ସମ୍ବାଦ ପତ୍ରର ପରାମର୍ଶ ଏହି କି ଏପରି କାଗଜ ପ୍ରସ୍ତୁତ କରିବାର ଉଦ୍ୟମ ଭାରତବର୍ଷରେ ଆରମ୍ଭ ହେଲେ ଅନେକ ଲାଭ ହେବ କାରଣ ଏଠାରେ ଅଁଷୁଡ଼ିବଡ଼ା କେବଳ ଜାଳକୁ ଯୋଗ୍ୟ ହେଉଅଛି ।

ବମ୍ବେଇରେ କଳଲୁଗା ପ୍ରସ୍ତୁତ କରିବା କାରଣ କେତେ ଗୁଡ଼ିଏ କମ୍ପାନୀ ସ୍ଥାପିତ ହୋଇଅଛି । ତହିଁ ମଧ୍ୟରୁ ଏକ କମ୍ପାନୀ ଲୁଗାକଳ ସଙ୍ଗେ ଗୋଟିଏ ଅଣ୍ଟା ପ୍ରସ୍ତୁତ କରିବାର କଳ ବସାଇ ଅଛନ୍ତି ଏବଂ ତଦ୍ଦ୍ୱାରା ଉତ୍ତମ ଲାଭ ହେବାର ଜଣା ଯାଏ । ହିନ୍ଦୁ ପେଟ୍ରିଅଟ ବୋଲନ୍ତି କି ଅଣ୍ଟାକଳ କଲିକତାରେ ବସିଅଛି ଏବଂ ସେ ସମସ୍ତ ଲାଭକର ଅଟଇ ।

ପେଟ୍ରିଅଟିକ ଫଣ୍ଡକୁ ପଟିଆଲାର ମହାରାଜା ଏକଲକ୍ଷ ଟଙ୍କା ଦାନ କରିଅଛନ୍ତି ଏବଂ ଝିନ୍ଦ ଓ ନାଭାର ମହାରାଜାମାନେ ଅର୍ଦ୍ଧଲକ୍ଷ ଟଙ୍କା ଲେଖାଏ ଦାନ କରିଅଛନ୍ତି ।

ଜଣେ ବଙ୍ଗବାସୀ ଭାରତବର୍ଷରେ ଥାଇ ଲଣ୍ଡନ ବିଶ୍ୱ ବିଦ୍ୟାଳୟର ବି, ଏ, ପରୀକ୍ଷାରେ ଉପସ୍ଥିତ ହେବା କାରଣ ପ୍ରାର୍ଥନା କରିଅଛନ୍ତି ଏବଂ ଏହାଙ୍କର ପ୍ରାର୍ଥନା ସ୍ୱୀକୃତ ହେବାର ସମ୍ଭାବନା ଅଛି । ଏପରି ହେଲେ ସିଭିଲ୍ ସର୍ଭିସ୍ ପରୀକ୍ଷା ଏହି ଦେଶରେ ଥାଇ ଦେବାରେ ବାଧା କି ହେବ ।

ଲାହୋରଠାରେ ଦରବାର ଉପଲକ୍ଷରେ ୫୮୦୦ ସୈନ୍ୟ ଏକତ୍ରିତ ହୋଇଥିଲେ ।

ଅହମଦ ନଗର ଜିଲ୍ଲାର କୋପର ଗାଁରେ ଗୋଟିଏ ବଡ଼ ଡକାଇତି ହୋଇଅଛି । ଡକାଇତଙ୍କ ସଂଖ୍ୟା କି ୧୩ ଣ ଥିଲା ଏବଂ ଏମାନେ ଟ ୭୦୦୦୯ କାର ସମ୍ପତ୍ତି ଲୁଟି ନେଇ ଅଛନ୍ତି ।

ଇଂଲଣ୍ଡର ଦକ୍ଷିଣ ଏବଂ ପଶ୍ଚିମରେ ଅତ୍ୟନ୍ତ ଜଳ ବୃଷ୍ଟି ହେବାରୁ ବନ୍ୟା ଯୋଗ ହୋଇଅଛି ।

ତହିସନରୁ ସମ୍ବାଦ ଆସିଅଛି କି ଖରଦ ବଦ୍ରୋହର ଜଣେ ସରଦାର ଓବେଦ ଉଲ୍ଲା ପଳାୟନ କରିଅଛି ଏବଂ ପାରସ ସୈନ୍ୟାଧ୍ୟକ୍ଷ ତୈମୁର ତାହାର କନ୍ୟାକୁ ହସ୍ତଗତ କରି ଅଛନ୍ତି ।

ଆମେରିକାରେ ଏବର୍ଷ କପା ଫସଲର ଅବସ୍ଥା ଉତ୍ତମ ଜଣାଯାଏ । ଏତ ସଙ୍ଗରେ ଲୁଗା ସୂତା ଏବର୍ଷ ଶସ୍ତା ହେବ କି?

ଡେଲିନ୍ୟୁସରେ ପାଠ କଲୁଁ ଯେ ସମ୍ବଲପୁରରେ ଟଙ୍କାକୁ ସେ ୪୬ ର ଚାଉଳ ବିକ୍ରୟ ହେଉଅଛି । ଲୋକଙ୍କ ଅବସ୍ଥା ଉତ୍ତମ ହୋଇ ଏବଂ ଓଲାଉଠା ଏକାବେଳକେ ଅନ୍ତର୍ଦ୍ଧାନ ହୋଇଅଛନ୍ତି । ଏପରି ସୁଖ ସର୍ବଦା ଘଟଇ ନାହିଁ ।

ଏକଜଣ ଡାକ୍ତର ଲେଖିଅଛନ୍ତି କି ଅଳ୍ପ ପରିମାଣରେ ଅପୁ କିମ୍ବା ଉତ୍ ସ୍ୱରୂପ ବ୍ୟବହାର କଲେ ଜଙ୍ଗଲଜ୍ୱର ପାଖେ ପଶି ପାରଇ ନାହିଁ । କିନ୍ତୁ ଅଧିକ ପରିମାଣରେ ଅପୁ କିମ୍ବା ମଦ ଖାଇଲେ ବିପରୀତ ଫଳ ଘଟଇ । ଏଠା ଲୋକଙ୍କୁ ଏକଥା ଉତ୍ତମରୂପେ ଜଣା ଥିବାର ବୋଧ ହେଉ ନାହିଁ କାରଣ ଅନେକ ଲୋକ ଉପରମାଳ କିମ୍ବା ତଳମାଳକୁ ଯାଇ ଜ୍ୱର ରୋଗରୁ ମୁକ୍ତ ପାଇବା ସକାଶେ ଅପୁ ବ୍ୟବହାର କରନ୍ତି ମାତ୍ର ଅଳ୍ପ କାଳରେ ତହିଁର ମାତ୍ରା ବୃଦ୍ଧି କରି ବାଞ୍ଛିତ ଫଳରୁ ବଞ୍ଚିତ ହୁଅନ୍ତି ।

ଅଷ୍ଟ୍ରିୟା ରାଜ୍ୟରେ କେତେଦିନ ହେଲା କ୍ରମାଗତ ଭୂମିକମ୍ପ ହୋଇ ଅଗ୍ରମ ନାମରେ ଗୋଟିଏ ଗ୍ରାମର ଅଧିକାଂଶ ପାତାଳରେ ପ୍ରବେଶ କରିଗଲା ଏବଂ ଅବଶିଷ୍ଟାଂଶ ଶୀଘ୍ର ସେହିପରି ହେବାର ସମ୍ଭାବନା ଦେଖାଯାଏ । ଭୂମିକମ୍ପ କି ଭୟଙ୍କର ଆପଦ ।

କାନ୍ଦାହାର କାବୁଲ ଏବଂ ହିରାତରୁ ଆସିଥିବା ବଣିକଙ୍କଠାରୁ ଲାହୋରର ସମ୍ବାଦପତ୍ର ଅବଗତ ହୋଇଅଛନ୍ତି ଯେ ଅଫଗାନସ୍ଥାନର ଅବସ୍ଥା ବର୍ତ୍ତମାନ ଉତ୍ତମ ଅଛି । କୌଣସି ଗଣ୍ଡଗୋଳ ନାହିଁ । କନ୍ଦହାର ଯାଇ କେତେଗୁଡ଼ିଏ ଗାଜ

ମାଡ଼ିବାର କଥା ଥିଲା କିନ୍ତୁ ପୂର୍ବରୁ କର୍ମକାରକମାନେ ଜାଗ୍ରତ ରହିବାରୁ ତାହା ହୋଇ ପାରିଲା ନାହିଁ ।

ଜୟପୁରର ନୂତନ ମହାରାଜା ଆପଣା ରାଜ୍ୟର ବ୍ୟୟ କର୍ତ୍ତନ ଆରମ୍ଭ କରି ପ୍ରଥମେ କି ୧୫୦ ଣ ବେଶ୍ୟା ଏବଂ କି ୨୦୦ ଣ ପୁରୋହିତକୁ ବିଦାୟ ଦେଇ ଅଛନ୍ତି । ଦାସୀ ଓ ପୁରୋହିତଙ୍କୁ ଏକାସଙ୍ଗେ ବିଦାୟ ଦେବା ବଡ଼ କୌତୁକର କଥା ଅଟଇ ।

ବରୋଦାରାଜ୍ୟର ଆୟ ଟ ୧,୩୧,୨୦,୭୪୨ ୯ କା ସନ ୧୮୭୮ ।୭୯ ରେ ହୋଇଥିଲା ଏଥି ମଧ୍ୟରେ କେବଳ ଭୂମିରାଜସ୍ୱ ପ୍ରାୟ ଏକକୋଟି ଟଙ୍କା ଥିଲା । ସେହି ବର୍ଷରେ ଉକ୍ତ ରାଜ୍ୟର ବ୍ୟୟ ଟ ୧,୩୨,୧୧,୩୧୦ କା ଥିଲା । ବ୍ୟୟ ମଧ୍ୟରେ ଏକ ସୈନିକ ବ୍ୟୟ ପ୍ରାୟ ୪୭ ଲକ୍ଷ ଏବଂ ରାଜନଅରର ଖର୍ଚ୍ଚ କେବଳ ୧୪ ଲକ୍ଷ ଟଙ୍କା ଅଟଇ । ବରୋଦାରେ ୧୩ ହଜାର ସେନା ଅଛନ୍ତି ।

ଚରସ୍ ଉପରେ ସେରପ୍ରତି ଅଠଟଙ୍କାର ଅଧିକ ମାସୁଲ ବସାଇବା କାରଣ ବଙ୍ଗଳା ଗଭର୍ଣ୍ଣମେଣ୍ଟ ପ୍ରସ୍ତାବ କରିବାରେ ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ତାହା ମଞ୍ଜୁର କରିଅଛନ୍ତି । ଅଧେ ମାସୁଲ ଅଗଭୂରା ଜମା କରି ପାସ ନେଲେ ସେହି ପାସ ଅନୁସାରେ ଚରସ୍ ଆମଦାନି କରି ପାରିବ ।

ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ବିପୁଳ ମାନ୍ୟାସ୍ପଦେଷୁ !

ମହାଶୟ !

ଗତ ୧୨ ନବେମ୍ବର ବେଳା ଅପରାହ୍ଣ ୪ ଘଣ୍ଟିକା ସମୟରେ କେନ୍ଦ୍ରାପଡ଼ା ଇଂରାଜୀ ସ୍କୁଲର ବାର୍ଷିକ ପାରିତୋଷିକ ଦାନ କାର୍ଯ୍ୟ ସବ୍‌ଡିଭିଜନ କଚେରୀରେ ବହୁ ସମାରୋହ ସହକାରେ ସାଧିତ ହୋଇଗଲା । ମାନନୀୟ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ସଭାପତି ଓ ମାନନୀୟ ଶ୍ରୀଯୁକ୍ତ ଜଏଣ୍ଟମାଜିଷ୍ଟ୍ରେଟ ସାହେବ ସହକାରୀ ସଭାପତିର କାର୍ଯ୍ୟ ଭାର ଗ୍ରହଣ କରିଥିଲେ । ଡ, ପି, ଡବଲ୍ୟୁର ସୁପରଭାଇଜର, କଟେଶ୍ୱର ଅମଲା ଓ ମୋକ୍ତାର ଏବଂ ଅନ୍ୟ ଅନ୍ୟ ଭଦ୍ରଲୋକମାନେ ଏଠାରେ ଉପସ୍ଥିତ ଥିଲେ ଦୁଃଖର ବିଷୟ ଯେ ମାଜିଷ୍ଟ୍ରେଟ ଓ ଜଏଣ୍ଟମାଜିଷ୍ଟ୍ରେଟ ମହାଶୟ ଛଡ଼ା ଆଉ କେହି ପଦଏ ମଧ୍ୟ କିଛି କହିଲେ ନାହିଁ । ବାଳକମାନଙ୍କୁ ଉତ୍ସାହ ଦେବା କି ଏପରି କାର୍ଯ୍ୟରେ ଆନନ୍ଦିତ ହେବାର ଲେଶମାତ୍ର ଚିହ୍ନ ଏଥିରୁ ପ୍ରକାଶ ହେଲା ନାହିଁ । ଏଥିରେ କି କିଛି କ୍ଷତି ହୁଅନ୍ତା? ବଡ଼ ଆଶ୍ଚର୍ଯ୍ୟର ବିଷୟ !!!

ତହିଁ ପୂର୍ବଦିନ ମାଜିଷ୍ଟ୍ରେଟ ସାହେବ ସ୍କୁଲ ପରୀକ୍ଷା କରିଥିଲେ ସେ କହିଲେ ଯେ "ସମସ୍ତ ଶ୍ରେଣୀ ପରୀକ୍ଷା କରି, ଆମ୍ଭେ ଅତିଶୟ ସନ୍ତୁଷ୍ଟ ହେଲୁଁ ଦେଖିଲୁଁ ଯେ ଶିକ୍ଷାପ୍ରଣାଳୀ ଉନ୍ନତି ଲାଭ କରିଅଛି ଅର୍ଥାତ ପ୍ରତ୍ୟେକ ଶ୍ରେଣୀରେ ୧ମରୁ ଶେଷ ପର୍ଯ୍ୟନ୍ତ ବାଳକମାନେ ଏକପ୍ରକାର ଧାରାରେ ଶିକ୍ଷିତ ହୋଇଅଛନ୍ତି ଯଦି ଏହି ଶିକ୍ଷକମାନେ ଥାଆନ୍ତି ତେବେ ସ୍କୁଲର ଅବସ୍ଥା ଉତ୍ତମରୂପେ ଉନ୍ନତି ଲାଭ କରିବ" ଇତ୍ୟାଦ ।

ପ୍ରଶଂସିତ ସାହେବ ମହୋଦୟ ସ୍କୁଲରେ ଗୋଟିଏ କ୍ରିକେଟ ପାରିତୋଷିକ ଦେବା ନିମନ୍ତେ ପ୍ରତିଶ୍ରୁତ ହେଲେ । ଆମ୍ଭମାନଙ୍କର ଗୁପ୍ତ ସାହେବଙ୍କର ଇଚ୍ଛା ଅଛି ଯେ ତାଙ୍କ ସବ୍‌ଡିଭିଜନରେ ଯେଉଁ ଯେଉଁଠାରେ ବ୍ୟାୟାମ ଶିକ୍ଷା ଦିଆ ହେଉଅଛି ସମସ୍ତଙ୍କର ଶୀତ କାଳରେ ପରୀକ୍ଷା କରି ପାରିତୋଷିକ ଦେବେ ।

ଆଉର ଏକକଥା ଲେଖି ଆପଣଙ୍କ ଓ ଆପଣଙ୍କ ପାଠକମାନଙ୍କ ଆନନ୍ଦ ବର୍ଦ୍ଧନ କରିବୁଁ । ଏଠା ସ୍କୁଲର ବର୍ତ୍ତମାନ ସେକେଣ୍ଡମାଷ୍ଟର ବାବୁ ଲକ୍ଷ୍ମୀନାରାୟଣ ଦାସ ତାଙ୍କ ପଢ଼ାଉଥିବା ଶ୍ରେଣୀର ଛାତ୍ରମାନଙ୍କୁ ମାସିକ ପରୀକ୍ଷା କରି ମାସେ ମାସେ ପାରିତୋଷିକ ଦେଇଥାନ୍ତି ଏହାର ଉଦ୍ଦେଶ୍ୟ ଏହି ଯେ ବାଳକମାନଙ୍କର ପରସ୍ପର ପ୍ରତିଯୋଗିତା ଏବଂ ବିଦ୍ୟାର ପ୍ରତି ଉତ୍ସାହ ବୃଦ୍ଧି ହେବ । ଏହା ଅବଶ୍ୟ ଆନନ୍ଦର ବିଷୟ ଏବଂ ବୋଧ ହୁଏ ଆଉ କେଉଁଠାରେ ଏପରି ପଦ୍ଧତି ଅବଲୋକିତ ବା ଶ୍ରୁତ ହୁଏ ନାହିଁ । ଶିକ୍ଷକମାନେ ଆପଣା ଛାତ୍ର ପ୍ରତି ଏପରି ବାତ୍ସଲ୍ୟଭାବ ଦେଖାଇଲେ ମଫସଲର ବାଳକମାନେ କି ପ୍ରକାରେ ଉତ୍ସାହିତ ହେବେ ସରକାରରୁ ଦରମା ଖାଇ ଆପଣା ହସ୍ତରୁ ବାଳକମାନଙ୍କ ପାଇଁ ପଇସା ଦେବା କି କଠିନ କଥା ନହେ । ଆମ୍ଭେ ଭରସା କରୁଁ ଯଦି କେନ୍ଦ୍ରାପଡ଼ା ସ୍କୁଲରେ ବର୍ତ୍ତମାନ ଯେମାନେ ୧ମ ଓ ୨ୟ ଶିକ୍ଷକ ଅଛନ୍ତି ସେମାନେ କିଛିଦିନ ଥାଆନ୍ତି ତେବେ ସ୍କୁଲ ଅଳ୍ପ ଦିନରେ ଅନ୍ୟ ନୂତନ ପରିଚ୍ଛଦ ପରିଧାନ କରିବ ।

ଫଳୀରବାଡ଼ } ଆପଣଙ୍କର ଏକାନ୍ତ ଅନୁଗତ
୧୬।୧୧।୮୦ } ଶ୍ରୀ ଭଗବତୀଚରଣ ଦାସ ।

ବିଜ୍ଞାପନ ।

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା କୁଇନାଇନର ପରିବର୍ତ୍ତରେ ଉତ୍ତମ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ୍ ଗାର୍ଡ଼େନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଚଲାଣ ପଠାଇଲେ ମିଳି ପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍‌ସର ଟ ୭॥ କା । ୮ଅଉନ୍‌ସର ଟ ୧୫ କା । ୧୬ ଅଉନ୍‌ସକୁ ୨୦୷ । ମୂଲ୍ୟ ନଗଦ ।

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

ଅତିରକ୍ତ ।

ଉତ୍କଳ ଦୀପିକା ତା ୨୭ ଶ ନବମ୍ବର ସନ ୧୮୮୦ ସସିଦ୍ଧା ।

NOTICE.

A public meeting will be held at the Ravenshaw College, on the 4th proximo at 8 A. M. for the purpose of forming a Committee to collect subscriptions in aid of the Patriotic Fund for the relief of all members of the Military Classes, whether fighting men or authorized followers, European or Native, who have been or may be disabled and of the families of men of the above classes who may have died during the war.

The attendance of all interested is specially invited.

ବିଜ୍ଞାପନ ।

ଇଉରୋପୀୟ ଓ ଦେଶୀୟ ସୈନିକଶ୍ରେଣୀୟ ସୈନ୍ୟମାନେ ଅଥବା ତତ୍ସଂକ୍ରାନ୍ତ ଅନ୍ୟାନ୍ୟ ଲୋକମାନେ ଯେଉଁମାନେ କାବୁଲ ଯୁଦ୍ଧରେ ଅସମର୍ଥ ହୋଇଅଛନ୍ତି ଅଥବା ହେବେ ସେମାନଙ୍କୁ ଓ ଉକ୍ତ ଯୁଦ୍ଧରେ ଆହତ ଲୋକମାନଙ୍କର ପରିବାରମାନଙ୍କୁ ସାହାଯ୍ୟ ଦେବା କାରଣ ଚାନ୍ଦା ସଂଗ୍ରହ କରିବା ଅଭିପ୍ରାୟରେ ଆଗାମୀ ଡିସେମ୍ବର ମାସ ତା ୪ ରଖ ଶନିବାର ପ୍ରାତଃ ୮ ଘଣ୍ଟା ସମୟରେ କଟକ ରେଭେନସା କଲେଜ ଗୃହରେ ଏକ ସାଧାରଣ ସଭାର ଅଧିବେଶନ ହେବ ଅତଏବ ଉକ୍ତ ସଭାରେ ଉପସ୍ଥିତ ହେବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରା ଯାଉଅଛି ।

CUTTACK
The 26th Novemder 1880.

ANNADA PRASAD GHOSH
Pl. Assistant to Commissioner
for Commissioner.

☞ ମୂଲପୃଷ୍ଠ ଦେଖ ।

Split by PDF Splitter

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୯ ଗ | ସଂ ୪୮ ଖ୍ୟା

ତା ୪ ଋଷ ମାହେ ଡସମ୍ବର ସନ ୧୮୮୦ ମସିହା । ମୂ । ମାର୍ଗଶିର ଦ ୨୧ ଜ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୭୯
ମଫସଲପାଇଁ ଡାକମାସୁଲ ଟ ୧୧୦

କସେଇମାନଙ୍କୁ ନଗର ମଧ୍ୟରେ ପଶୁ ବଧ କରିବାର ନିଷେଧ ଅଛି ସତ୍ୟ ମାତ୍ର ପୁଲିସ ଅଥବା ମିଉନିସପଲ କର୍ମଚାରିଙ୍କ ଅମନୋଯୋଗ ହେତୁରୁ ଉକ୍ତ ନିଷେଧ ଆଜ୍ଞାଟି ଦୃଢ଼ରୂପେ ପ୍ରତିପାଳିତ ହେଉ ନାହିଁ ବଡ଼ ଦୁଃଖର ବିଷୟ ଅଟଇ । ଆମ୍ଭେମାନେ ମାଜିଷ୍ଟ୍ରେଟ ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ଏଥିର ଉଚିତ ପ୍ରତିବିଧାନ କରନ୍ତୁ । ବାଲୁବଜାର ଗଳିରେ ଏବଂ ଅପରସ୍ଥାନରେ ଏ ବିରକ୍ତିଜନକ ବ୍ୟାପାର ଅନେକଥର ଦେଖା ଯାଏ ।

ବଙ୍ଗଳାର ଲେଫ୍ଟେନାଣ୍ଟ ଗବର୍ଣ୍ଣର ସର ଆସଲି ଇଡେନ୍ ସାହେବ କଲିକତାର ନାବାଲଗଙ୍କ ବିଦ୍ୟାଳୟ ସମ୍ପର୍କରେ ଏକ ସ୍ମାରକପତ୍ର ଲେଖିଅଛନ୍ତି । ଏହି ବିଦ୍ୟାଳୟର ଅବସ୍ଥା ତଦନ୍ତ କରିବା ନିମିତ୍ତ ଏକ କମିଟୀ ବସିଥିଲା ସେହି କମିଟୀର ବିଜ୍ଞାପନୀ ଉପରେ ତାହା ଲେଖା ହୋଇ ଅଛି । ଲେଫ୍ଟେନାଣ୍ଟ ଗବର୍ଣ୍ଣର ବର୍ତ୍ତମାନ ଏହି ବିଚାର କରୁଅଛନ୍ତି କି ଏ ବିଦ୍ୟାଳୟ ରଖିବାର ପ୍ରୟୋଜନ ନାହିଁ ଯେତେବେଳେ ଏ ବିଦ୍ୟାଳୟ ବସାଇବାର ଆବଶ୍ୟକତା ହୋଇଥିଲା ସେତେବେଳେ ମୋଫସଲରେ ଉତ୍ତମ ବିଦ୍ୟାଳୟ ନ ଥିଲା । ସମ୍ପ୍ରତି ବଙ୍ଗଳାର ଅନେକ ସ୍ଥାନରେ କଲେଜ ଓ ହାଇସ୍କୁଲମାନ ସ୍ଥାପିତ ହୋଇଅଛି ତହିଁରେ ନାବାଲଗମାନେ ଅଧ୍ୟୟନ କରି ପାରିବେ ସୁତରାଂ ବହୁ ବ୍ୟୟରେ କଲିକତାରେ ଗୋଟିଏ ସ୍ୱତନ୍ତ୍ର ସ୍ଥାନର ପ୍ରୟୋଜନ କି ? ଆମ୍ଭେମାନେ ଏ ମତରେ ସମ୍ପୂର୍ଣ୍ଣ ଐକ୍ୟ ଅଟୁଁ । ବାସ୍ତବରେ କଲିକତାର ନାବାଲଗ ବିଦ୍ୟାଳୟର ବ୍ୟୟ ଅତ୍ୟନ୍ତ ଅଧିକ । ମଇଷାଦଲର ତିନିଜଣ ନାବାଲଗ ସକାଶେ ବାର୍ଷିକ ଟ ୧୭୬୮୫ ଙ୍କା ବ୍ୟୟ ହୁଅଇ । ଅନ୍ୟର କଥା କାହିଁକି ଏ ଜିଲ୍ଲାରୁ ଗୃର ପାଞ୍ଚଜଣ ନାବାଲଗ କଲିକତାକୁ ଯାଇଥିଲେ ସେମାନଙ୍କ ପଛରେ ଯାହା ଖର୍ଚ୍ଚ ହୋଇଅଛି ତାହା ଏଠା ଲୋକଙ୍କୁ ଜଣା ନାହିଁ ଏବଂ ସେମାନେ ଯେପର୍ଯ୍ୟନ୍ତ ଯୋଗ୍ୟତା ଲାଭ କରିଅଛନ୍ତି ତାହା ମଧ୍ୟ ପ୍ରକାଶ । ଅତଏବ ଯେଉଁ ବିଦ୍ୟାଳୟରେ ଅନେକ ବ୍ୟୟ ଅଥଚ ତଦନୁରୂପ ଲାଭ ନାହିଁ ଗବର୍ଣ୍ଣମେଣ୍ଟ ନାବାଲଗଙ୍କ ମହାପିତା ସ୍ୱରୂପ ତାହା କଦାଚ ରଖି ନ ପାରନ୍ତି ।

ଗଞ୍ଜାମ ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବ୍ରହ୍ମପୁରର ପ୍ରଧାନ ବ୍ୟବସାୟ ଲୁଗା । ଏଠାରେ ସୂତା ଓ ରେଷମୀ ଉଭୟ ବିଧ ଉତ୍ତମ ଲୁଗା ପ୍ରସ୍ତୁତ ହୁଅଇ ଓ ସେ ସମସ୍ତ କେବଳ ସେହି ସ୍ଥାନରେ ଖର୍ଚ୍ଚ ହୁଅଇ ଏମନ୍ତ ନୁହେ ମାତ୍ର ନାନାଦେଶକୁ ରପ୍ତାନି ହୁଅଇ । ଓଡିଶା ଗଡଜାତମାନଙ୍କରେ ଏ ଲୁଗାର ବିଶେଷ ଆଦର ଅଛି ଏବଂ ମୁଗଲବନ୍ଦୀରେ ମଧ୍ୟ ଖର୍ଚ୍ଚ ହୁଅଇ । ପ୍ରାତଃକାଳରୁ ଉଠି ବ୍ରହ୍ମପୁର ନଗର ଭ୍ରମଣ କରିବାକୁ ବାହାରିଲେ ଯେଉଁ ବାଟରେ ଯିବ କେବଳ ଲୁଗାବୁଣା ଲାଗିଥିବାର ଦେଖିବ । ବୋଧ ହୁଅଇ ଯେମନ୍ତ ନଗରମଧ୍ୟ ଏକା ତନ୍ତିବସତି । ବାସ୍ତବରେ ତନ୍ତିଙ୍କ ସଂଖ୍ୟା ଏଠାରେ ଅଧିକ । ଆମ୍ଭମାନଙ୍କର ଏ ଅଞ୍ଚଳରେ ବିଲାତି ଲୁଗାର ପ୍ରଭାବରୁ ତନ୍ତିକୁଳ ନାଶ ଯାଇଅଛି ଓ ଦେଶୀୟ ଲୁଗାର ଖର୍ଚ୍ଚ ନାମମାତ୍ର ଅଛି ମାତ୍ର ଗଞ୍ଜାମ ପ୍ରଦେଶରେ ବିଲାତି ଲୁଗା ଆଦୌ ଦଖଲ ପାଇ ନାହିଁ । ବଡଠାରୁ ସାନ ପର୍ଯ୍ୟନ୍ତ ସମସ୍ତେ ଦେଶୀୟ ଲୁଗା ବ୍ୟବହାର କରନ୍ତି ଏହି ହେତୁରୁ ବଜାରରେ ଥାନଲୁଗା କମ୍ପା ମାରଓଖାଡଙ୍କର ଦର୍ଶନ ନାହିଁ । କେବଳ ସାମାନ୍ୟ ପରିମାଣରେ ଛିଟ ଇତ୍ୟାଦି ରଙ୍ଗିନ ବିଲାତିଲୁଗା ବିକ୍ରୟ ହୁଅଇ । ବ୍ରହ୍ମପୁରର ପାଟଲୁଗା ବନାରସ ସଙ୍ଗେ ସମକକ୍ଷ ହୋଇ ପାରେ ଓ ଜରିଲଗା ଉତ୍କୃଷ୍ଟ ଲୁଗା ଏଠାରେ ପ୍ରସ୍ତୁତ ହୁଅଇ ଓ ସଙ୍ଗତିପନ୍ନ ବ୍ୟକ୍ତିମାନେ ଆଦର ପୂର୍ବକ ସେ ସମସ୍ତ ବ୍ୟବହାର କରନ୍ତି ।

ବ୍ରହ୍ମପୁରର ଅନ୍ୟ ପ୍ରଧାନ ବ୍ୟବସାୟ ସ୍ୱର୍ଣ୍ଣାଲଙ୍କାର । ଅଳ୍ପମୂଲାରେ ଯେମନ୍ତ ସୁନ୍ଦର ଅଳଙ୍କାର ଏଠା କାରିଗରମାନେ ଗଢିପାରନ୍ତି ତେମନ୍ତ ଅନ୍ୟତ୍ରରେ ଦେଖାଯାଏ ନାହିଁ । ଏ ସମସ୍ତ ଅଳଙ୍କାର ଦେଖିବାକୁ ଅତି ମନୋହର ଅଥଚ ମୂଲ୍ୟ ତେମନ୍ତ ଭାରି ନୁହଇ । କୁନ୍ଦନ କର୍ମରେ ଏଠା କାରିଗରମାନେ ବିଶେଷ ପଟୁ । ବହୁମୂଲ୍ୟ ହୀରାଠାରୁ ସାମାନ୍ୟ ରଙ୍ଗପଥର ପର୍ଯ୍ୟନ୍ତ ଅଳଙ୍କାରରୁ ଛାଡ଼ଯାଏ ନାହିଁ ଏବଂ ବର୍ତ୍ତମାନ ବିଲାତି ମଲ୍ଲାର [illegible] ଆଦର

Digitized by srujanika@gmail.com

Split by PDF Splitter

ଏହିଠାରେ ହୋଇଅଛି । ଏଠାରେ ପୁରୁଷ ସ୍ତ୍ରୀ ଉଭୟ ଅଲଙ୍କାରର ପକ୍ଷପାତୀ । ଯେଉଁମାନେ ଇଂରାଜୀ ଲେଖା ପଢା ଶିଖି ସଭ୍ୟ ହୋଇ ସରକାରୀ ହାକିମିକର୍ମମାନ କରୁଅଛନ୍ତି ସେମାନଙ୍କ ଦେହରେ ମଧ୍ୟ ଦୁଇ ଏକଖଣ୍ଡ ଅଲଙ୍କାର ଦେଖାଯାଏ । ଅନ୍ତତଃ ଦୁଇକାନରେ ଦୁଇଖଣ୍ଡ ହୀରା ଅବା ଅନ୍ୟ ପଥର ସୁନାରେ ଲଗି ଝୁଲୁଥାଏ । କିନ୍ତୁ ବ୍ରହ୍ମପୁରର ପ୍ରଧାନ ଶୋଭାର ସ୍ଥଳ ସ୍ତ୍ରୀଜାତି । ସ୍ୱାଭାବିକ ରୂପଲାବଣ୍ୟ ସୌନ୍ଦର୍ଯ୍ୟରେ ବ୍ରହ୍ମପୁରର ସ୍ତ୍ରୀମାନେ ଓଡିଶାରୁ ଅଧିକ ନୁହନ୍ତି ମାତ୍ର ବସନ ଭୂଷଣଯୋଗେ ଏମାନଙ୍କର ଶୋଭା ଏତେ ଅଧିକ ହୁଅଇ ଯେ ଭାରତବର୍ଷର ଅନ୍ୟ କୌଣସି ସ୍ଥାନର ସ୍ତ୍ରୀ ଏହାଙ୍କ ସମ ହୋଇ ପାରନ୍ତି କି ନାହିଁ ସନ୍ଦେହ । ବାସ୍ତବରେ ଯେଉଁ ସ୍ଥାନରେ ଉତ୍କୃଷ୍ଟ ବସ୍ତ୍ର ଓ ଅଲଙ୍କାର ପ୍ରସ୍ତୁତ ହୁଅଇ ସେଠା ସ୍ତ୍ରୀଙ୍କର ବେଶ ଉତ୍କୃଷ୍ଟ ନ ହେବା ବିଚିତ୍ର ହୁଅନ୍ତା । ଲୁଗା ପିନ୍ଧିବା ଏବଂ ଅଲଙ୍କାର ଖଞ୍ଜିବା ରୀତିରେ ଏଠା ସ୍ତ୍ରୀମାନେ ଭାରତବର୍ଷର ଆଦର୍ଶସ୍ୱରୂପ ଅଟନ୍ତି । ଲୁଗା ଏମନ୍ତ ସଜାଡି ପିନ୍ଧନ୍ତି ଯେ ଗୋଡ଼ର ବଳାଗଣ୍ଠିଠାରୁ ବେକପର୍ଯ୍ୟନ୍ତ ଦୃଢରୂପେ ଆବୃତ୍ତ ରହି ଶୋଭା ଓ ଲଜ୍ଜା ଉଭୟର ଅନୁକୂଳତା ସାଧନ କରଇ । ଅଲଙ୍କାରର ପ୍ରଧାନ ସ୍ଥାନ ମସ୍ତକ । ତେଲଙ୍ଗୀଖୋଷା ଉପରେ ଏତେ ମଣି ମାଣିକ୍ୟ ମୁକ୍ତାଯୁକ୍ତ ଅଲଙ୍କାର ଏମନ୍ତ ସୁନ୍ଦରରୂପେ ଝଞ୍ଜା ହୋଇଥାଏ ଯେ ତହିଁର ସମ୍ୟକ ପ୍ରଶଂସା କରିବାକୁ ବାକ୍ୟର ଅଭାବ ବୋଧ ହୁଅଇ । ଏହିପରି ମସ୍ତକଠାରୁ କଣ୍ଠପର୍ଯ୍ୟନ୍ତ ଅଲଙ୍କାର ପରିପୂର୍ଣ୍ଣ । ଚୋଲିର ବ୍ୟବହାର ଥିବାରୁ ବାହୁଦ୍ୱୟରେ ତେତେ ଅଲଙ୍କାର ନାହିଁ । ଗୋଡ଼ର ରୌପ୍ୟଅଲଙ୍କାରମାନ ମନ୍ଦ ନୁହଇ ମାତ୍ର ଆମ୍ଭମାନଙ୍କ ଦେଶପରି ସୁନ୍ଦର ନୁହଇ । ସଂକ୍ଷେପରେ ଦକ୍ଷିଣର ସ୍ତ୍ରୁଚିର ପରିଚୟ ଯେମନ୍ତ ସେଠା ସ୍ତ୍ରୀମାନଙ୍କର ବସ୍ତ୍ରାଲଙ୍କାରରୁ ତେମନ୍ତ ଅନ୍ୟ କୌଣସି ବସ୍ତୁରୁ ପ୍ରାପ୍ତ ହୁଅଇ ନାହିଁ । ଓଡିଶାର ଗଡ଼ଜାତ ରାଜାମାନଙ୍କ ପରିବାରରେ ଏହିପ୍ରକାର ବସନ ଅଲଙ୍କାରର ବ୍ୟବହାର ଅଛି ଏବଂ ପୂର୍ବେ ମଧ୍ୟ ଯେ ଏହିପ୍ରକାର ଥିଲା ଏହା ଉପେନ୍ଦ୍ରଭଞ୍ଜ ପ୍ରଭୃତି କବିଙ୍କ ସୁଧାମୟ ବର୍ଣ୍ଣନାରୁ ଅଭ୍ରାନ୍ତରୂପେ ଜଣାଯାଏ । ଏଥି ପୂର୍ବେ ଅମ୍ଭେମାନେ କହିଅଛୁଁ ଯେ ଦକ୍ଷିଣର କୁଳକାମିନୀମାନେ କଦାପି ଅନ୍ତଃପୁରବାସୀନୀ ନୁହନ୍ତି । କିନ୍ତୁ ସେମାନଙ୍କର ଲୁଗାପିନ୍ଧିବା ରୀତି ଦୃଷ୍ଟିରେ ତାହା ଅନ୍ୟାଯ୍ୟ ବୋଲାଯାଇ ନ ପାରେ । ବସ୍ତ୍ରାଲଙ୍କାରରେ ଏମାନେ ଏମନ୍ତ କୌଶଳପୂର୍ବକ ସୁସଜ୍ଜିତ ହୁଅନ୍ତି ଯେ ସମସ୍ତେ ଏକ ପ୍ରାୟ ଦିଶନ୍ତି ବୃଦ୍ଧା ଓ ଯୁବତୀ ମଧ୍ୟରେ ବାରି ହୁଅଇ ନାହିଁ । କ୍ରମଶଃ ।

ସାପ୍ତାହିକ ସଂବାଦ ।

ସୁଙ୍ଗଡା ମାଡଦର ନଗରର ପ୍ରଜାମାନେ ଯେ ଲୋକସାନ ଛାଡର ଆବେଦନ କରିଥିଲେ କଲେକ୍ଟର ସାହେବ ତାହା ଅଗ୍ରାହ୍ୟ କଲେ । ଅମ୍ଭେମାନେ ଏଥିର ସବିଶେଷ ପଶ୍ଚାତ ଉଲ୍ଲେଖ କରିବୁଁ ।

ଶ୍ରୀଯୁତ ଗଡ ଫ୍ରେ ସାହେବ ଆଗାମୀ ସୋମବାର ଖୋରଧା ଯିବେ ।

ମୃତବାବୁ ରଘୁନାଥ ସାନ୍ତ୍ରାଙ୍କ ପୁତ୍ର ବାବୁ ମାଧବ ସାନ୍ତ୍ରା ଓ ବାବୁ ଶ୍ୟାମସୁନ୍ଦର ରାୟଗୁରୁ ଏକଜଣ ସେବକକୁ ଡଟ୍ ପୁଲସାହେବ ଓ ଗୃହଜଣଙ୍କୁ ଡଟ୍ କନଷ୍ଟବଲ କରି ସେମାନଙ୍କୁ ସଙ୍ଗେ ନେଇ ଆପଣାର ଭାଉଜଙ୍କରେ ବଳପୂର୍ବକ ପ୍ରବେଶ ହୋଇ ନାନାବିଧ ଅତ୍ୟାଚାର କରିଥିବାରେ ପୁଲିସହାତ ଚାଲାଣ ହୋଇ ହାଜତାଧୀନ ରହିଛନ୍ତି ମକଦମା ବାବୁ ବରଦାକାନ୍ତ ମଜୁମଦାର ଡେପୁଟୀ ମେଜିଷ୍ଟ୍ରେଟଙ୍କଠାରେ ଅଛି ।

ରୁଷିଆର ସମ୍ରାଟଙ୍କ ବୟସ ବ ୬୨ ବର୍ଷ । କେତେମାସ ହେଲା ତାହାଙ୍କର ପତ୍ନୀ ବିୟୋଗ ହେବାରୁ ସମସ୍ତେ ତାହାଙ୍କ ସକାଶ ଦୁଃଖିତ ଥିଲେ । ଏଥିମଧ୍ୟରେ ସମ୍ବାଦ ଆସିଅଛି କି ସମ୍ରାଟ୍ ଆଉ ଗୋଟିଏ ବିବାହ କରିଅଛନ୍ତି । ଯାହାଙ୍କୁ ବିବାହ କରିଅଛନ୍ତି ସେ ପୂର୍ବେ ଏହାଙ୍କର ରକ୍ଷିତା ସ୍ତ୍ରୀ ଥିଲେ ଏବଂ କେତୋଟି ପିଲା ମଧ୍ୟ ପ୍ରସବ କରିଥିଲେ । ସମ୍ପ୍ରତି ସେ ପିଲାମାନଙ୍କୁ ଆଇନ ସଙ୍ଗତ ରାଜକୁମାର ବୋଲି ପରିଗୃହୀତ ହେବା ପକ୍ଷରେ ଯତ୍ନ ହେଉଅଛି । ରୁଷିଆର ରାଜାଙ୍କ ବ ୬୨ ବର୍ଷ ବୟସ ସମୟରେ ବାହାସୁରିଆ ବେଶ ଧରିବା ଅଥବା ବଡ ଘରର ବଡକଥା ।

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଅଛନ୍ତି ଯେ ସନ ୧୨୯୦ ଫସଲିଠାରୁ ରଇତବାରି ମୌଜା ଓ ତାଲୁକର ଯୋତଦାରମାନଙ୍କଠାରୁ ଖଜଣା ଓ ଜଲକର ଉପରେ ଟଙ୍କା ପ୍ରତି ଏକଅଣା ଲେଖାଏ କର ନିଆଯିବ । ଭୂମିର ଉତ୍କର୍ଷ ସାଧନ ନିମିତ୍ତ ଏ କରର ପ୍ରୟୋଜନ ହୋଇଅଛି । ଗବର୍ଣ୍ଣମେଣ୍ଟ ସ୍ୱୟଂ ଜମିଦାର ହୋଇ ଆପଣା ପ୍ରଜାଙ୍କଠାରୁ ଭୂମିର ଉନ୍ନତି ନିମିତ୍ତ କର ନେବା ବଡ଼ ବିଚିତ୍ର କଥା ଅଟଇ ।

ବମ୍ବେଇ ଗବର୍ଣ୍ଣମେଣ୍ଟ ସମ୍ପ୍ରତି ଏକ ନିୟମ କରିଅଛନ୍ତି କି ଭବିଷ୍ୟତକୁ ରଇତମାନେ ବାର୍ଷିକ ମୂଲ କିସ୍ତିର ନିରୂପିତ ଦିନରେ ସମସ୍ତ ଖଜଣା ଦାଖଲ କରିବେ ଏବଂ ନିରୂପିତ ଦିନରେ ଦେଇ ନ ପାରିଲେ ଆପଣା ଯୋତରୁ ଏକାବେଳକେ ବେଦଖଲ ହେବେ । ପୂର୍ବେ ବାକିଆ ଖଜଣା ଉସୁଲ କରିବାର ସମସ୍ତ ଉପାୟ ବିଫଳ ହେଲା ଉତ୍ତାରୁ ବେଦଖଲ କରିବାର ନିୟମଟି ଅବଲମ୍ବିତ ହେଉଥିଲା । ଏହିପ୍ରକାର ବିଧି ଦ୍ୱାରା କି ଗବର୍ଣ୍ଣମେଣ୍ଟ ଜମିଦାରମାନଙ୍କୁ ଆପଣାର କର୍ତ୍ତବ୍ୟ ସାଧନ କରିବାକୁ ଶିଖାଉଅଛନ୍ତି ।

ସେଦିନ ମାନ୍ଦ୍ରାଜ ବନ୍ଦରରେ ଗୋଟିଏ ଭୟାନକ ଦୁର୍ଘଟନା ଘଟିଥିଲା । ଦୁଇଖଣ୍ଡ ଜାହାଜ ଏକତ୍ରରେ ବନ୍ଦର ମଧ୍ୟକୁ ଆସୁ ପରସ୍ପର ଧକ୍କା ବାଜିଗଲା । ମଧ୍ୟରେ ଗୋଟିଏ ଦେଶୀୟ ନୌକା ପଡିଥିବାରୁ ତାହା ଚୂରମାର ହୋଇଗଲା । ସେ ନୌକାରେ ୧୩ ଜଣ ମନୁଷ୍ୟ ଥିଲେ ତହିଁ ମଧ୍ୟରୁ ୬ ଜଣ ରକ୍ଷା ପାଇଲେ ବାକି ୭ ଜଣ କେଉଁଆଡେ ଗଲେ କିଛି ଠିକଣା ହେଉ ନାହିଁ ।

ଇଂଲଣ୍ଡର ଏକ ସମ୍ବାଦପତ୍ରରୁ ଜଣାଯାଏ ଯେ ଆଗାମୀ ନବବର୍ଷରୁ ଶ୍ରୀମତୀ ମହାରାଣୀ ଏକ ଦରବାର କରି କାବୁଲ ଯୁଦ୍ଧରେ ଯେଉଁମାନେ [illegible] ଅଛନ୍ତି ସେମାନଙ୍କୁ ପ୍ରଶଂସା ସୂଚକ ତକମାମାନ ବଣ୍ଟନ କରିବେ ।

ଆମେରିକାରେ ଆଉ ଗୋଟିଏ ନୂତନ କଳର ସୃଷ୍ଟି ହୋଇଅଛି । ଏହାଦ୍ୱାରା କୌଣସି ବ୍ୟକ୍ତି ମଦ୍ୟପାନ କରିଅଛି କି ନାହିଁ ଏବଂ ପାନ କରିଥିଲେ କେତେ ପାନ କରିଅଛି, ଏହା ଅତି ସୁନ୍ଦରରୂପେ ନିରୂପଣ କରାଯାଏ ଏହି କଳ ଆମେରିକାର ରେଲଓଏ ଷ୍ଟେସନମାନଙ୍କରେ ରେଲଓଏ ଗାଡ଼ି ଏବଂ ସାରଥିମାନେ ମଦ ଖାଇ ଅଛନ୍ତି କି ନାହିଁ, ଏହା ଠିକ କରିବା ପାଇଁ ବ୍ୟବହୃତ ହେଉଅଛି । ପ୍ରତି ଷ୍ଟେସନରେ ଗୋଟିଏ ଲେଖାଏଁ କଳ ଅଛି, ଏବଂ ଷ୍ଟେସନରେ ଗାଡ଼ି ରହିବା ମାତ୍ର ସାରଥି ଏବଂ ଗାଡ଼ିମାନଙ୍କୁ ଏହି କଳ ଉପରେ ଶ୍ୱାସ ପକାଇବାକୁ ହୁଏ, ଏହି ଶ୍ୱାସ ଏକ ପ୍ରକାର ଅକ୍ଷରରେ ଲିଖିଥିବା ଗୋଟିଏ କାଗଜ ଉପରେ ପଡେ, ଏବଂ ଏଥିରୁ କିଏ କେତେ ମଦ ଖାଇଅଛି ତାହା ଡାକ୍ତରମାନେ ପରୀକ୍ଷା କରି ଠିକ କରି ପାରନ୍ତି ମଦ୍ୟପ ବ୍ୟକ୍ତିମାନଙ୍କୁ ଧରିବାର ଏହା ମନ୍ଦ ଉପାୟ ନୁହଇ । ଅସ୍ମାନଙ୍କ ଦେଶରେ ଯେରୂପ ସୁରାସକ୍ତି କ୍ରମଶଃ ବୃଦ୍ଧି ପାଉଅଛି ତହିଁରେ ଅସ୍ମାନଙ୍କୁ ଯେ ଦିନେ ଏହିରୂପ କଳ ବ୍ୟବହାର କରିବାକୁ ନ ହେବ ଏହା କିଏ କହିପାରେ ?

ଅମ୍ଭେମାନେ ଦୁଃଖର ସହିତ ପ୍ରକାଶ କରୁଅଛୁଁ ଯେ ବୋମ୍ବେଇର ଅନରେବଲ ଗୋକୁଳଦାସ ମୋଲ୍ପଦାସଙ୍କର ମୃତ୍ୟୁ ହୋଇଅଛି ଏହାଙ୍କର ୩୬ ବର୍ଷ ବୟସ ହୋଇଥିଲା । ଏ ସାମାନ୍ୟ ବଣିକର ସନ୍ତାନ ଥିଲେ, ନିଜେ ମୁଣ୍ଡରେ ମୁଲା ନେଇ ବିକ୍ରୀ କରୁଥିଲେ । କ୍ରମେ ତାଙ୍କର ସୌଭାଗ୍ୟର ହାର ଫିଟିଲା । ତୁଳାର କଳ କରିବାରୁ ତାଙ୍କର ପ୍ରଚୁର ଅର୍ଥ ସଞ୍ଚୟ ହେବାକୁ ଲାଗିଲା । ଶେଷରେ ଈଶ୍ୱରଙ୍କ କୃପାରେ ଧନ ସମ୍ପତ୍ତିରେ ସେ ରତ୍ନାଧିପ ସେଠ ହୋଇଥିଲେ । ସେ ବୋମ୍ବାଇ ଜାଇନ୍‌ସଲର ସଭ୍ୟ ହୋଇ ଅନେକ ସଦୁପାୟରେ ମଧ୍ୟ ସହକାର ହୋଇଥିଲେ । ଗବର୍ଣ୍ଣମେଣ୍ଟ ତାହାଙ୍କୁ ଅତ୍ୟନ୍ତ ସମାଦର କରୁଥିଲେ ଓ ଅନେକ ବିଷୟରେ ତାଙ୍କର ମତ ନେଉଥିଲେ । ବୋମ୍ବାଇର ସାଧାରଣ ହିତକର କାର୍ଯ୍ୟରେ ତାଙ୍କର ଯୋଗ ଥିଲା । ସୁତରାଂ ମହାରାଷ୍ଟ୍ରୀୟ ସର୍ବ ପ୍ରକାର ସମ୍ପ୍ରଦାୟ ଶ୍ରେଣୀର ଲୋକ ତାଙ୍କୁ ସମାଦର କରୁଥିଲେ । ଗୋକୁଳଦାସ ପୁଷ୍ପାଇଁର ଖାଟରୁ ପଡିଯିବାରୁ ସେଥିରେ ତାଙ୍କର ମୃତ୍ୟୁ ହୋଇଅଛି ।

୧ । ମୁଦ୍ରାଲୟମାନଙ୍କରୁ ଅବଗତ ହେଲୁଁ ଏଥର ଯେରୂପେ ଟ୍ରାନ୍ସଓ୍ୱେ ଚଳୁଅଛି ବୋଧହୁଏ ତହିଁରେ ଲାଭ ସହ ହୋଇ ପାରେ । ବର୍ତ୍ତମାନ ପ୍ରତିଦିନ ପ୍ରାୟ ହଜାରଅଧିକ ଟଙ୍କା ଲାଭ ହୋଇଥାଇ ; ସେଥିଙ୍କର ବେଶ ଅନୁମୋଦ ହୋଇଅଛି । ସମ୍ପ୍ରତି ସୁଷ୍ଟାର ସାହେବ ଓ ମିଉନିସିପାଲ କମିଶନରମାନେ ତାହା ଦେଖିବାକୁ ଯାଇଥିଲେ । ସମସ୍ତେ ବେଶି ସନ୍ତୁଷ୍ଟ ହୋଇଅଛନ୍ତି । ଏଥର ବିଶେଷ ସୁବନ୍ଦୋବସ୍ତ ହୋଇ ଚଳିଲେ ପ୍ରାୟ କ୍ଷତି ହୋଇ ନ ପାରେ । ଚତୁର୍ଦ୍ଦିଗ ପର୍ଯ୍ୟନ୍ତ ଗଲେ ଅଧିକ ଲାଭ ହେବ ।

୨ । ଗତସପ୍ତାହରେ ଏକ ବୃକ୍ଷତଳର ଘର ଛାତ ଉପରେ ଏକ ପ୍ରକାଣ୍ଡ ବୋଡାସାପ ଦେଖାଯାଇଥିଲା । ଘରେ ଗଣାର ସ୍ତ୍ରୀ ଚକାର କରି ବାହାରି ଉଠିଲା ଓ ସାହାଯ୍ୟ ପ୍ରାର୍ଥନା କଲା ।

Digitized by srujanika@gmail.com

ତହିଁରେ ସେହି ଚଷାର ନିଦ୍ରାଭଙ୍ଗ ହେଲା । ସେ ମନେକଲା, ଅନ୍ଧାର ରାତି, ବୋଧହୁଏ ଗ୍ରେର ପଶିଛି, ମୁତରାଂ ଖଣ୍ଡେ ଖ ଲୁଆ ଖେଣ୍ଡ ନେଇ ସ୍ତ୍ରୀର ଦଳଣା ନିକଟରେ ଉପସ୍ଥିତ ହୋଇ ଦେଖିଲା ଯେ ଗୋଟାଏ ସାପ ସ୍ତ୍ରୀର ଗୋଟିଏ ହାତ ଗିଳିଯାଇ କ୍ରମେ ମୁଣ୍ଡକୁ ଗିଳିବାର ଚେଷ୍ଟା କରୁଅଛି । କାଳେ ସ୍ତ୍ରୀକୁ ଏବେ ବେଳକୁ ଖାଇଯିବ ଏହି ଅଶଙ୍କାରେ ସାପକୁ ନ କାଟି ହଠାତ୍ ତାହାକୁ କେମନ୍ତ ଚୂର୍ଣ୍ଣି ଦେଖିଲା ଯେ ସେ ଦୁଇଟା କ୍ୟାଗ ନେଇ ସାପର ଦୁଇ ପାଟିରେ ହ ଲୁଡାଇ ଦେଲା ତହିଁରେ ତ ହାର ଦୁଇ ପାଟି ଖୁବ ମେଲା ହୋଇ ଯିବାରୁ ଚଷା ସାପ ପାଟିରୁ ସ୍ତ୍ରୀର ହାତକୁ ଟାଣି ବାହାର କରିବାମାତ୍ର ସାପ ଦ୍ୱିଗୁଣ ବଳରେ ଚଷାକୁ ଆକ୍ରମଣ କଲା ସେ ପୂର୍ବୋକ୍ତ ଅସ୍ତ୍ର ଖଣ୍ଡକୁ ଦୁଇ ହାତରେ ଧରି ଏପରି ଜୋରରେ ମାରିଲା ଯେ ସାପ ତତ୍‌କ୍ଷଣାତ୍ ଗଛରୁ ଖସି ପଡ଼ିଲା ତାହାର ଲୁଗା ଓ ଘର ରକ୍ତପୂର୍ଣ୍ଣ ହୋଇଗଲା, ସେ ସ୍ତ୍ରୀର ଯେଉଁ ହାତ ସାପ ଗିଳିଥିଲା ତାହା ନୀଳବର୍ଣ୍ଣ ହୋଇ ଯାଇଥିଲା । ସାପ ଅସାତ ଯନ୍ତ୍ରଣାରେ ଗୋଟିଏ କଦଳୀ ଗଛ ମୂଳରେ ଛଟପଟ ହୋଇ ମରି ଯିବାରୁ ତାହା ବିଷତେଜରେ ସେ ଗଛ ଶୁଖିଗଲା । ସାପଟି ଲମ୍ବରେ ପ୍ରାୟ ୩୨ ହାତ । ଶୁଣାଗଲା କୌଣସି ଚୀନକୁ ଖବର ଦେଲେ ସେହି ସାପର ମାଂସ ଟ ୭୦ ଙ୍କାରେ ବିକିଯାଇଅନ୍ତା ।

୩ । ଜର୍ମାନ ଦେଶୀୟ ଅଧ୍ୟାପକ ଓଏବାର ସାହେବ ଇଉରୋପର ସମୁଦାୟ ସଂସ୍କୃତଜ୍ଞ ଲୋକଙ୍କ ନିକଟରେ ସଂସ୍କୃତ ପୁସ୍ତକ ମୁଦ୍ରାଙ୍କନ ସଭା ସ୍ଥାପନ ନିମନ୍ତେ ଆବେଦନ କରିଅଛନ୍ତି । ବାସ୍ତବିକ ବିଦେଶୀୟ ଲୋକମାନେ ଅସ୍ମାନଙ୍କ ପତିତ ପ୍ରାୟ ସଂସ୍କୃତ ସାହିତ୍ୟକୁ ପୁନରୁଜ୍ଜୀବିତ କଲେ ।

୧ । ଏଡ଼ୁକେସନ ଗେଜେଟରୁ ଅବଗତ ହେଲୁଁ କାଶ୍ମୀର ର ନିକଟବର୍ତ୍ତୀ ଇୟାସୀନ୍ଦ୍ରାସିତ ନାମକ ଏକଜାତି କାଶ୍ମୀର ଆକ୍ରମଣ କରିଅଛନ୍ତି । କାଶ୍ମୀର ସୈନ୍ୟ ଗିଲଗିଟ ନାମକ ସ୍ଥାନକୁ ଯିବାକୁ ଆଦେଶ ପାଇଅଛନ୍ତି । ସେହି ସ୍ଥାନରେ ସ୍ୱାସିକମାନେ ଏକତ୍ରିତ ହୋଇଅଛନ୍ତି । ଗବର୍ଣ୍ଣମେଣ୍ଟ ମହାରାଜଙ୍କ ସାହାଯ୍ୟ କରିବାକୁ ଚାହିଁଥିଲେ, କିନ୍ତୁ ମହାରାଜ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ନେବାକୁ ଆବଶ୍ୟକ ବୋଧ କରନ୍ତି ନାହିଁ । ସେ କହନ୍ତି, ଏପରି ସମୁଦାୟ ବିପଦ ପକ୍ଷରେ ତାହାଙ୍କର ସୈନ୍ୟବଳ ବିଲକ୍ଷଣ ଦୃଢ଼ ଅଛନ୍ତି । କାଶ୍ମୀର ସୈନ୍ୟମାନେ ଦୁଇଗୋଟି ସଂଗ୍ରାମରେ ଶତ୍ରୁମାନଙ୍କୁ ପରାସ୍ତ କରି ଅଛନ୍ତି ।

୨ । ଗ୍ଲାଡସ୍ଟୋନ ବେନଷ୍ଟର ନାମକ ଏକଜଣ ପ୍ରଧାନ ମନ୍ତ୍ରୀ ଅଲ୍ପକୁ ମଦ ଖାଇବାର ଦେଖି ଜଣେ ଚିକିତ୍ସକ କହିଥିଲେ, "ତାହା ପାନ ନ କରି: ବ୍ରାଣ୍ଡି ତୁଲ୍ୟ ଜଗତରେ ଆଉ ଶତ୍ରୁ ନାହିଁ ।" ଗ୍ଲାଡସ୍ଟୋନ ଉତ୍ତର କଲେ, "ମୁଁ ତାହା ବିଲକ୍ଷଣ ଜାଣେ କିନ୍ତୁ ବାଇବେଲରେ ଉପଦେଶ ଅଛି ଯେ, ଶତ୍ରୁପ୍ରତି ପ୍ରୀତ କରିବାର କର୍ତ୍ତବ୍ୟ ।"

ବମ୍ବେଇ ନଗରର ଲୋକସଂଖ୍ୟା ୭,୨୧,୪୫୨ ଏଥିମଧ୍ୟରୁ ୭,୪୫୯ ଜଣ ମିଉନିସିପାଲ୍ ଟାକ୍ସ ଦିଅନ୍ତି । ନଗରଟି ୧୦ ଭାଗରେ ବିଭକ୍ତ ହୋଇଅଛି ଏବଂ ମିଉନିସିପାଲ୍ ସଭା ନିମିତ୍ତ ଲୋକମାନେ ୩୨ ଜଣ ସଭ୍ୟ ମନୋନୀତ କରନ୍ତି ।

ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଗତ ତା୧୧ରିଖ ନବେମ୍ବର ମାସର ସମ୍ବାଦବାହିକା ସମ୍ପାଦକ ମହାଶୟ ଆମ୍ଭଙ୍କୁ ବିହିତ ଆକ୍ରମଣ କରିଅଛନ୍ତି ଦେଖି ତାଙ୍କ ସଂଶୟ ଦୂରୀକରଣ ନିମିତ୍ତ ଆମ୍ଭେ ବୋଲିବାକୁ ବାଧ୍ୟ ହେଲୁଁ କି ଆମ୍ଭେ ପୁରସ୍କାର ପ୍ରଦତ୍ତ ଅନୁବାଦିତ ଅଙ୍କପୁସ୍ତକମାନଙ୍କ ପାଇଁ ଯାହା ଲେଖି ଅଛୁଁ ତାହାର ଭିତ୍ତି କାର୍ଯ୍ୟବିବରଣ ଆମ୍ଭେ ସ୍ୱୟଂ ଜଏଣ୍ଟଇନ୍‌ସ୍ପେକ୍ଟର ବାବୁ ରାଧାନାଥ ରାୟ ମହାଶୟଙ୍କଠାରୁ ଶୁଣି ତଦ୍‌ପକ୍ଷରେ ଆପତ୍ତି ପ୍ରକାଶ କରିଅଛୁଁ ଅର୍ଥାତ୍ ଯେବେ ଆମ୍ଭେ ରାଧାନାଥ ବାବୁଙ୍କୁ ଗଣିତ ଓ ବୃତ୍ତାନ୍ତକ ପୁସ୍ତକମାନଙ୍କ ଅନୁବାଦ ନିମନ୍ତେ ସାଧାରଣଭାବରେ ବିଜ୍ଞାପନ ଦେବା ନିମନ୍ତେ କହିଥିଲୁଁ ସେ କହିଥିଲେ କି ଆମ୍ଭେ ଗୋଟିଏ କମିଟୀ ଡକାଇ ସେମାନଙ୍କ ହସ୍ତରେ ପୁସ୍ତକ ଅନୁବାଦର ଯୋଗ୍ୟଲୋକ ନିର୍ବାଚନ କରିବାର ଭାର ଦେବୁଁ ସେମାନଙ୍କ ନିକଟରେ ଯେଉଁମାନେ ପୁସ୍ତକ ଲେଖିବାର ଯୋଗ୍ୟ ବୋଲି ଅବଧାରିତ ହେବେ କେବଳ ସେହିମାନେହିଁ ପୁସ୍ତକ ଅନୁବାଦର ଆଦେଶ ପ୍ରାପ୍ତ ହେବେ କମିଟିସନରେ ଗୋଳମାଳ ହେବ, ଇତ୍ୟାଦି କହିବାରେ ଆମ୍ଭେ କହିଲୁଁ ଇତିମଧ୍ୟରେ (ଜଣେ ବଙ୍ଗାଳିଙ୍କର ନାମ ଉଲ୍ଲେଖ କରି) ସେ ବୃତ୍ତାନ୍ତକ ପୁସ୍ତକ ଲେଖି ରଖି ଅଛନ୍ତି, ଏହା ଶୁଣିକରି ରାଧାନାଥବାବୁ କହିଲେକି ବୃତ୍ତାନ୍ତକ ପୁସ୍ତକ ତାଙ୍କୁ (ସେହି ବଙ୍ଗାଳିଙ୍କୁ) ଏବଂ ତ୍ରିଗ୍ନୋମେଟ୍ରି (ଆଉ ଜଣେ କଲେଜର ବଙ୍ଗାଳୀର ନାମ ଉଲ୍ଲେଖ କରି କହିଲେ ଆମ୍ଭେ) ତାହାଙ୍କୁ ଅନୁବାଦ କରିବାକୁ ଦେବା ପାଇଁ ଇଚ୍ଛା ରଖିଅଛୁଁ । ଏକଥା ଶୁଣି ଆମ୍ଭର ଜାଣିବାର ଆଉ କି ଅବଶିଷ୍ଟ ରହିଲା ? ସଭା ସଂସ୍ଥାପନର ପୂର୍ବରୁ ଜଏଣ୍ଟ ଇନ୍‌ସ୍ପେକ୍ଟରଙ୍କ ନିକଟରେ ପୁସ୍ତକ ଅନୁବାଦକଙ୍କର ଏକପ୍ରକାର ଅବଧାରିତ ହୋଇ ରହି ଅଛି, ଏବଂ ସେମାନେ ଇତିମଧ୍ୟରେ ପୁସ୍ତକ ଅନୁବାଦ ଆରମ୍ଭ କରି ଅଛନ୍ତି, ତେତେବେଳେ ବିଜ୍ଞାପନର ଉତ୍ତାରୁ ବିଜ୍ଞାପନର କର୍ତ୍ତବ୍ୟତା ଯେନ ଗୋଳମାଳ ନ କରି ପୂର୍ବରେ ସେହି ବିଷୟ ଯେନ ନ୍ୟାୟସଙ୍ଗତ ଆନ୍ଦୋଳନ କରିବା କି ଉଚିତ ହେଉ ନାହିଁ ? ପ୍ରବନ୍ଧମାଳା ଉଦାହରଣ ସ୍ଥଳ ମାତ୍ର ସେ ପକ୍ଷରେ ବିଜ୍ଞାପନ ଦେବା ସମୟରେ କେତେ ଗୋଳମାଳ ହୋଇଅଛି, ତାହା ଗତବର୍ଷ ଉତ୍କଳଦୀପିକାରେ ଯଥେଷ୍ଟ ଆପତ୍ତି ସ୍ୱୟଂ ସମ୍ପାଦକ ମହାଶୟ କରିଥିଲେ ; ବିଜ୍ଞାପନ କେତେଦୂର ବିଶୁଦ୍ଧ ହୋଇଥିଲା ?

ସେପରି ଏଥର ନ ହୁଏ, ଏବଂ କମିଟୀ ଯଦି ସ୍ଥାପିତ ହୁଏ ତାହା ହେଲେ ବାଲେଶ୍ୱରର ଏବଂ ପୁରୀର ଲୋକ ସମାନାଂଶରେ ମେମ୍ବର ହେବେ, ଆମ୍ଭେ ଏ କଥା ଶୁଦ୍ଧା ବୋଲିଥିଲୁଁ ମାତ୍ର ଆମ୍ଭେ ଯେତେବେଳେ ଦେଖିଲୁଁ ଓଡ଼ିୟାମାନେ ନିତାନ୍ତ ବଞ୍ଚିତ ହେବା ବଙ୍ଗାଳମାନେ ପୁରସ୍କାରର ଟଙ୍କା ଅଧିକାର କରିବାର ସମ୍ଭବ ତେତେବେଳେ ଆପତ୍ତି କରିବା ଆମ୍ଭର କି ଅନୁଚିତ ଅବା କୁସଂସ୍କାରର ପ୍ରବର୍ତ୍ତନା ହୋଇଅଛି ? ସମ୍ଭ୍ରାନ୍ତ ସମ୍ବାଦବାହିକା ସମ୍ପାଦକ ମହାଶୟ ତାହା ବୋଲି ଦେଲେ ବାଧିତ ହେବୁଁ ।

ଯାହା ହେଉ ସମ୍ବାଦବାହିକା ସମ୍ପାଦକ ମହାଶୟ ଶିକ୍ଷାବିଭାଗର କୌଣସି ପ୍ରକାର ସମ୍ବାଦ ରଖନ୍ତି ନାହିଁ, ଏହା ସାଧାରଣ ଦୁଃଖର ବିଷୟ ନୁହେ ! ସମ୍ପାଦକ ମହାଶୟ ଲେଖି ଅଛନ୍ତି ଯେ ଗବର୍ଣ୍ଣମେଣ୍ଟ ପୁସ୍ତକ ନିମନ୍ତେ କେତେଗୁଡ଼ିଏ ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ ତହିଁ ମଧ୍ୟରୁ ରାଧାନାଥ ବାବୁ ଆବଶ୍ୟକୀୟ ସାହିତ୍ୟ ନିମିତ୍ତ କେତେ ଟଙ୍କା ପ୍ରଦାନ କରି ବାକୀ ଟଙ୍କା ଗଣିତାଦି ପୁସ୍ତକ ନିମନ୍ତେ ରଖି ଅଛନ୍ତି ଏହି ଭାବର ସମାଚାର ବାହିକା ସମ୍ପାଦକ ମହାଶୟ କେଉଁଠାରୁ ପ୍ରାପ୍ତ ହୋଇଥିଲେ ? ସାହିତ୍ୟ ଏବଂ କୃଷିବିଷୟକ ପୁସ୍ତକ ନିମନ୍ତେ ସରକାରରୁ ପୃଥକ୍ ପୃଥକ୍ ପୁରସ୍କାର ପ୍ରଦତ୍ତ ହୋଇ ଆସୁଅଛି, ସମ୍ପାଦକ ମହାଶୟ ଗଣିତ ପ୍ରଭୃତିଙ୍କର ଟଙ୍କା ଅତୀତ ପ୍ରଦତ୍ତ ଟଙ୍କାର ସଙ୍ଗରେ ଯୋଗ କରିଅଛନ୍ତି, ସେ ସମାଚାର ସେ କେଉଁଠାରୁ ପ୍ରାପ୍ତ ହେଲେ ? ଆପଣାର ମନଗଢ଼ିତ ହିସାବ ଦେବା ସମ୍ପାଦକ ମହାଶୟଙ୍କ ସଦୃଶ ବିଜ୍ଞ ଲୋକର ଉଚିତ କାର୍ଯ୍ୟ ହୋଇ ନାହିଁ ; ଯାହା ହେଉ ଆମ୍ଭର ଅନୁରୋଧ ଏହି କି ସ୍ଥାନୀୟ ସମ୍ବାଦ ସକଳ ଠିକରୂପରେ ନେଇ ତହିଁ ଉତ୍ତାରୁ ପ୍ରକାଶ କଲେ ଭଲ ହୁଏ ।

ଆମ୍ଭେ ଓଡ଼ିଆଭାଷାର ଅନୁବାଦିତ ପୁସ୍ତକମାନ ଅନୁବାଦ ସମ୍ପର୍କରେ ନ୍ୟାୟସଙ୍ଗତ ଆପତ୍ତି କରିଅଛୁଁ କି ନୁହେ, ତାହା ନ୍ୟାୟବାନ୍ ଗବର୍ଣ୍ଣମେଣ୍ଟଙ୍କର ଏବଂ ସ୍ଥାନୀୟ ଶ୍ରୀଯୁକ୍ତ କମିଶନର ସାହେବ ମହୋଦୟଙ୍କ ଦୃଷ୍ଟି କାରଣ ପ୍ରେରଣ କରିବୁଁ, ଯଦ୍ୟପି ପ୍ରବନ୍ଧମାଳା ସାଧାରଣ ଟଙ୍କାରେ ହୋଇ ନ ଥାନ୍ତା ତାହା ହେଲେ କୌଣସି କଥା ଆମ୍ଭର ବୋଲିବାର ଅଧିକାର ନ ଥିଲା ଆଉ ସ୍ଥାନୀୟ ସାହେବମାନଙ୍କର ଯେସମସ୍ତ ତ୍ରୁଟି

Split by PDF Splitter

Digitized by srujanika@gmail.com

Split by PDF Splitter

ଯେବେ ଅମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କର କର୍ଣ୍ଣଗୋଚର କରାଇଥାଉଁ ଡେପୁଟିଇନ୍ସପେକ୍ଟର ରାଧାନାଥ ବାବୁଙ୍କର ସେହି ପତ୍ର ଦୃଷ୍ଟ ଦେଖି ଅମ୍ଭେମାନେ ତାହାର ପ୍ରକାଶ୍ୟ ପ୍ରତିବାଦ ନ କରିବାର କୌଣସି କାରଣ ଦେଖୁଁ ନାହୁଁ । ଯେଉଁ ବନ୍ଧୁତା ପକ୍ଷପାତରେ ଯୋଗଯାଏ, ଅମ୍ଭେ ସେ ବନ୍ଧୁତାକୁ ଘୃଣା କରୁଁ । ସେପରି ବନ୍ଧୁତାକୁ ନରକଗମନର ଏକମାତ୍ର ସୋପାନ ବୋଲି ବିଶ୍ୱାସ କରୁଁ; ସାଦ୍ଦେବମାନଙ୍କର ଦୋଷ ଦେଖି ତାହାର ଢାଙ୍କିବାକୁ, କିମ୍ବା ସ୍ୱଦେଶୀୟ ଅଥବା ସ୍ୱଜାତୀୟ ଲୋକଙ୍କ ମଧ୍ୟରେ ସେହି ପରି ଅପରାଧର ସୂତ୍ରପାତ ଦେଖି ତାହା ଗୋପନ ରଖିବା ନିମନ୍ତେ ଯତ୍ନ କରିବୁଁ, ଦୟାମୟ ଈଶ୍ୱର ସେପରି ନରକମୟ ଭାବ କେବେହେଁ ଏହି କ୍ଷୁଦ୍ର ହୃଦୟରେ ସ୍ଥାନ ପ୍ରାପ୍ତିର କାରଣ ନ ରଖନ୍ତୁ ତାଙ୍କଠାରେ ଆମ୍ଭର ଏହି ଆନ୍ତରିକ ପ୍ରାର୍ଥନା । ଉପସଂହାରରେ ବକ୍ତବ୍ୟ ଏହି କି ଯେ ବୁଦ୍ଧି, ବ୍ୟକ୍ତିଗତ ପୃଥକ୍ତାର ବନ୍ଧୁତା ସ୍ଥିରତର ରଖିବାର ଏକମାତ୍ର ନେତା, ଲାଭ ଲୋକସାନର ଦିଗରେ ବୁଦ୍ଧିର ଦୃଷ୍ଟି ଥାଏ, କିନ୍ତୁ କର୍ତ୍ତବ୍ୟଜ୍ଞାନର ନିକଟରେ ବ୍ୟକ୍ତିଗତ ପୃଥକ୍ତାର [illegible] ତିଳମାତ୍ର ସ୍ଥାୟିତ୍ୱ ନାହିଁ, ଲାଭ ଲୋକସାନର ଦିଗରେ କର୍ତ୍ତବ୍ୟଜ୍ଞାନର ଅନେକ ସମୟରେ କିଛିମାତ୍ର ଦୃଷ୍ଟି ରହେ ନାହିଁ । ସମ୍ପାଦକ ମହାଶୟ ଏହା ଜାଣନ୍ତୁ ଏହିଛି ଆମ୍ଭର ନିବେଦନ ଇତି ।

୨୬।୧୧।୮୦ } ବଶମ୍ବଦ
କଟକ } ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ।

NOTICE.

With a view to encourage their production, rewards specified against each of the undermentioned books to be compiled and published in Uryah will be awarded, subject to the following conditions.

1st. That the author or compiler submit his manuscripts on or before the 30th. September 1881.

2nd. That the works be handy and not needlessly voluminous and be also reasonably priced to be available to the ordinary run of students.

3rd. That the author or compiler of an approved work publish it not later than the 31st. January 1882.

4th. That the rewards be paid after publication of the work.

Euclid—First Six Books and 21 propositions of the 11th. Book with notes and progressive exercises to be added to each Book with hints for their solution. To be written after the plan of Todhunter's Euclid.
Rs. 900.

Algebra—First four Rules, Greatest Common Measure, Least Common Measure, Fractions, Involutions, Evolution, Theory of Indices, Surds, Imaginery Quantities, Equations of the 1st. degree Problems which lead to Simple Equations with one unknown quantity, Simultaneous Equations of the 1st degree with two and more than two unknown quantities, Problems which lead to Simple equations with more than one unknown quantity, Quadratic Equations, Equations which may be solved like quadratics, Simultaneous equations involving quadratic, Problems which lead to quadratic Equations, Ratio, Proportion, Variation, Arithmetical Progression, Geometrical Progression, Harmonical Progression, Permutation, Combination, Binomial Theorem. The work to be written after the plan of Todhunter and copious exercises added from other works such as Woods and Hinds Algebra. Rs. 700.

Trigonometry—Measurement of angles by degrees and grades, Circular measure of an angle, Trigonometrical Ratios, Application of algebrical signs, angles with given Trigonometrical Ratios, Trigonometrical Ratios of two angles, Formulæ of the division of angles, Logarithms and Logarithmic signs, use of Logarithmic and Trigonometrical Tables, Relations between the sides of a triangle and the Trigonometrical functions of the angles, Solution of Triangles, Measurement of Heights and Distances, Properties of Triangles. To be written after the plan of Todhunter or Hamblin Smith works.
Rs. 700.

Botany—Morphology of plants including structural Botany (2) Vegetable physiology including a little of agricultural Botany (3) ou'-ines of classification. Rs. 1100.

Orissa Commissioner's
Office
Cuttack the 26th Novr. 1880.

Annada Prasad Ghosh
Personal Assistant for
Commissioner.

ବିଜ୍ଞାପନ ।

ଏହି କଥା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଏଠା ଗୁଦଗଡ଼ର କଳାରେ ମା ୧ ସ ହେବ ଗୋଟିଏ ସ୍କୁଲ ସ୍ଥାପିତ ହୋଇଅଛି ଗତ ସ୍କୁଲରେ ଛାତ୍ରମାନଙ୍କର ଅବସ୍ଥା ଦୃଷ୍ଟିରେ ବେତନ ନିଆଯିବ ଓ ଯେଉଁମାନେ ଅତ୍ୟନ୍ତ ଗରିବ ସେମାନେ ବିନା ବେତନରେ ଶିକ୍ଷା କରି ପାରିବେ ଓ ସେ ସ୍କୁଲରେ ମାଇନର ଓ ଭର୍ଣ୍ଣାକ୍ୟୁଲର ଶିକ୍ଷା ଦେବା ଉପଯୁକ୍ତ ଶିକ୍ଷକମାନେ ନିଯୁକ୍ତ ଅଛନ୍ତି ଓ ଆଗାମୀ ବର୍ଷରୁ ଛାତ୍ରମାନେ ପରୀକ୍ଷା ଦେଇ ପାରିବେ, ବର୍ତ୍ତମାନ ଗତ ମାଇନର ପରୀକ୍ଷାରେ ଯେଉଁ ଛାତ୍ରମାନେ କୃତକାର୍ଯ୍ୟ ହୋଇ ନାହାନ୍ତି, ସେମାନେ ଏ ସ୍କୁଲରେ ବିନା ବେତନରେ ଶିକ୍ଷା କରି ପାରିବେ ଓ ଯେଉଁମାନେ ଏଠାରେ ଶିକ୍ଷା କରିବାକୁ ଇଚ୍ଛା କରନ୍ତି ସେମାନେ ଆଗାମୀ ଜାନୁଏରି ମାସ ତା ୧ ରିଖରେ ନାମ ଲେଖାଇଲେ ପରା ଶୁଣାପଡ଼ିବ ଉତ୍ତମ ହେବ ।

୪।୧୨।୮୦ } ଶ୍ରୀ ଗୋପାଳ ଚନ୍ଦ୍ର ଦତ୍ତ
ଡାକ
ଗୁଦଗଡ଼ର } ତତ୍ତ୍ୱାବଧାରକ

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ମହିମା ପ୍ରକାଶ ହେବାର ବିବରଣ ।

ପୁରୀର ନବୋଦୟ ଲେଖରେ ଏପରି ଲେଖା ଅଛି ଯେ ଉତ୍କଳୀୟ ରାଜ୍ୟର ସେ ଅନନ୍ତ ତୀର୍ଥରେ ଦେଖିଲେ ସକଳ ଦର୍ଶନପ୍ରାର୍ଥୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଦର୍ଶନ ପାଇ କଲେ ଅତି ଶୀଘ୍ରରେ ମନୋରଥ ପୂର୍ଣ୍ଣ ହୁଅଇ ଏପରି ପଣ୍ଡିତମାନଙ୍କ ସମ୍ମୁଖରେ ଶାସ୍ତ୍ରସେବିତା କରି ଗତ ବର୍ଷର ସନ ୧୨୮୭ ସାଲ ମାର୍ଗଶିର ତା ୨୦ ରେ ପ୍ରଥମାଷ୍ଟମୀ ଦିନ ଅମ୍ଭେ କୋଠଦେଶ ରାଜକୀୟ ପ୍ରଜାସିଂହଙ୍କ ପୁତ୍ର ଭକ୍ତିରକ୍ଷାମନ୍ତ୍ର ଶ୍ରୀ ଅଚ୍ୟୁତସିଂହ ଜଣେ ପୁର୍ବୋକ୍ତ ଦର୍ଶନ କରିବାକୁ ସନ ୧୨୮୮ ସାଲ ମାର୍ଗଶିର ତା ୧୧ ବୁଧବାର ସନ୍ଧ୍ୟାର ଶେଷଦଣ୍ଡରେ ଶ୍ରୀ ଜଗନ୍ନାଥମହାପ୍ରଭୁ ଅଦ୍ଭୁତ ରୂପର ଅନୁଗ୍ରହ କଲେ । ଏପରି ସତ୍ୟ ଉଚିତ ଯେଉଁ ବ୍ୟକ୍ତିମାନେ ଥିବେ ସେ ଏପରି ବର୍ଷ କଲେ ଏହିପ୍ରକାରେ ପୁତ୍ର ପାଇବେ । ଇତି ।

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । ଚାଳିଶପାଇଁ ପ୍ରଧାନ ପ୍ରଧାନ ଡାକ୍ତରଖାନା ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଦରଖାସ୍ତ କରିଲେ ମିଳି ପାରେ ଯଥା;—

ଡାକମାସୁଲ ସହିତ ୪ ଆଉନ୍ସର ଟଙ୍କା । ୮ଆଉନ୍ସର ଟଙ୍କା । ୧୬ ଆଉନ୍ସର ୨୦ । ମୂଲ୍ୟ ନଗଦ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉଅଛି ।

Digitized by srujanika@gmail.com

Split by PDF Splitter

ଅତିରିକ୍ତ

ଉତ୍କଳଦୀପିକା ତା ୪ ରଖ ମାହେ ଡିସମ୍ବର ସନ ୧୮୮୦ ମସିହା

ସନ ୧୮୮୦ ମସିହା ।

ମାଇନର ଓ ଭର୍ଣ୍ଣାକ୍ୟୁଲର ପରୀକ୍ଷାର ଫଳ ।

ନମ୍ବରଅନୁକ୍ରମେ ମାଇନର ।

ପ୍ରଥମଶ୍ରେଣୀ

ବାଳକମାନଙ୍କ ନାମ	ସ୍କୁଲ
୧ ଶ୍ରୀ ଲକ୍ଷ୍ମୀପ୍ରସାଦ ସିଂହ	କେନ୍ଦ୍ରାପଡା
୨ ,, କପିଳେଶ୍ୱର ମିଶ୍ର	ବାରିପଦା
୩ ,, ହରଶ୍ଚନ୍ଦ୍ର ଦତ୍ତ	ବାରବାଟି
୪ ,, ଜଗନ୍ନାଥ ଦାସ	କେନ୍ଦ୍ରାପଡା
୫ ,, ଗୋଲକପ୍ରସାଦ ଚନ୍ଦ	ଭଦ୍ରକ
୬ ,, ଦୀନବନ୍ଧୁ ଜେନା	ବାରବାଟି
୭ ,, ପରଶୁରାମ ମହାନ୍ତି	କେନ୍ଦ୍ରାପଡା
୮ ,, ମିରଜାମହମ୍ମଦ ନାକର	ଭଦ୍ରକ

୨ୟ ଶ୍ରେଣୀ

ବାଳକମାନଙ୍କ ନାମ	ସ୍କୁଲ
୯ ,, ଗୁରୁପ୍ରସାଦ ପାଠୀ	ଇରମ
୧୦ ,, ପ୍ରହ୍ଲାଦଚରଣ ପଟ୍ଟନାୟକ	ବ୍ୟାପ୍‌ଟିସ୍ଟ ଜେନରଲ
୧୧ ,, ଜଗନ୍ନାଥପ୍ରସାଦ ବୋଷ	ଯାଜପୁର
୧୨ ,, ଶ୍ରୀଧର ସ୍ୱାଇଁ	,,
୧୩ ,, ଦୁର୍ଗାଚରଣ ଦାସ	,,
୧୪ ,, ଜୟଦେବ ନାୟକ	,,
୧୫ ,, ଚକ୍ରଧର ମହାନ୍ତି	କେନ୍ଦ୍ରାପଡା
୧୬ ,, ରାଧାନାଥ ମାଣିକ	ବାରବାଟି
୧୭ ,, ଆଲବର୍ଟ୍‌ଲେଉର	କଟକ ରୋମାନକାଥଲିକ
୧୮ ,, ମଦନମୋହନ ପଟ୍ଟନାୟକ	ଖୋରଧା
୧୯ ,, ସହଦେବ ପଣ୍ଡା	ଯାଜପୁର
୨୦ ,, ରାଘବାନନ୍ଦ ଦାସ	ଖୋରଧା
୨୧ ,, ପ୍ରାଣବନ୍ଧୁ ରାୟ	ଭଦ୍ରକ
୨୨ ,, ଚିନ୍ତାମଣି ଦାସ	ସୁନରଗାଁ
୨୩ ,, ଶ୍ୟାମଚରଣ ଦାସ	ଯାଜପୁର
୨୪ ଶ୍ରୀ ବାସୁଧର ରାଉତ	ଖୋରଧା
୨୫ ,, ଚତୁର୍ଭୁଜ କାନନ୍‌ଗୋଇ	କମାପଡା
୨୬ ,, ହରମୋହନ ଖୁଣ୍ଟିଆ	ସଙ୍ଗଡ

୩ୟ ଶ୍ରେଣୀ

ବାଳକମାନଙ୍କ ନାମ	ସ୍କୁଲ
୨୭ ,, ଯଦୁନାଥ ଘୋଷାଲ	ଭଦ୍ରକ
୨୮ ,, ବାନାବର କାନନ୍‌ଗୋଇ	କମାପଡା
୨୯ ,, ରଘୁନାଥ ଦାସ	ବାରବାଟି
୩୦ ,, ଜଗଦାନନ୍ଦ ମହାପାତ୍ର	,,
୩୧ ,, କାଳଦାସ ଘୋଷ	,,
୩୨ ,, ଭୁବନେଶ୍ୱର ମହାପାତ୍ର	କମାପଡା
୩୩ ,, ଜେକବ୍ ପାତ୍ର	ବ୍ୟାପ୍‌ଟିସ୍ଟ ଜେନରଲ
୩୪ ,, ଜୟନାରାୟଣ ଚଉଧୁରୀ	ଶ୍ରୀକୃଷ୍ଣପୁର
୩୫ ,, ଇଶ୍ୱିମିୟନ ରାଉତ	ବ୍ୟାପ୍‌ଟିସ୍ଟ ଜେନରଲ
୩୬ ,, କଶୋରମୋହନ ଦାସ	ବାରବାଟି
୩୭ ,, ଦିବାକର ପାତ୍ର	ବ୍ୟାପ୍‌ଟିସ୍ଟ ଜେନରଲ
୩୮ ,, ଗୋବିନ୍ଦପ୍ରସାଦ ମହାନ୍ତି	ବାରବାଟି
୩୯ ,, ପୂର୍ଣ୍ଣଚନ୍ଦ୍ର ସାମଲ	ବାହାରଖଣ୍ଡ
୪୦ ,, ବ୍ରଜବେହାରୀ ମହାନ୍ତି	ସୁନରଗାଁ
୪୧ ,, ବନବେହାରୀ ମହାନ୍ତି	ସଙ୍ଗଡ
୪୨ ,, ପ୍ରେମାନନ୍ଦ ରାଉଳ	ବ୍ୟାପ୍‌ଟିସ୍ଟ ଜେନରଲ

ଭର୍ଣ୍ଣାକ୍ୟୁଲର ।

୧ମ ଶ୍ରେଣୀ

ବାଳକମାନଙ୍କର ନାମ	ସ୍କୁଲ
୧ ଶ୍ରୀ କୈଳାସଚନ୍ଦ୍ର ପ୍ରଧାନ	ଦେହୁଡଦା
୨ ,, ନାରାୟଣପ୍ରସାଦ ମହାପାତ୍ର	,,
୩ ,, ଲକ୍ଷ୍ମୀଧର ମହାନ୍ତି	,,
୪ ,, ଗୋବିନ୍ଦପ୍ରସାଦ ମହାନ୍ତି	,,
୫ ,, ଚୈତନ୍ୟ ପୃଷ୍ଟି	ବେରେବଲ

Digitized by srujanika@gmail.com

୬ ଶ୍ରୀ ପ୍ରବୋଧମୋହନ ଅବଧ୍ୟ	କଟକ ମଡେ଼ଲ
୭ „ ସୂର୍ଯ୍ୟମଣି ମୂଳୁଲି	ଅଗୁଆ
୮ „ କୈଳାସଚନ୍ଦ୍ର କର	ଦେହୁଡ଼ଦା
୯ „ ଗୁରୁପ୍ରସାଦ ପ୍ରଧାନ	ଦାରବାଟି
୧୦ „ ଶ୍ରୀନିବାସ ମହାନ୍ତି	ବାଲେଶ୍ୱର ମିଶନ
୧୧ „ ଅବିନାଶଚନ୍ଦ୍ର ଗୁପ୍ତ	ଦେହୁଡଦା
୧୨ „ ହୃଦୟଚନ୍ଦ୍ର ବୋଷ	„
୧୩ „ ନରହରି ନାୟକ	ମହାସିଂହପୁର
୧୪ „ ଚକ୍ରଧର ଗୁପ୍ତ ମହାପାତ୍ର	ବାଗୁରାଇ
୧୫ „ ଭଗବତଚରଣ ଜେନା	ପ୍ରତାପପୁର
୧୬ „ ଦୁର୍ଗାଭଞ୍ଜନ ଦାସ	ସର୍କଲପଣ୍ଡିତ
୧୭ „ ରଘୁନାଥ ପଣ୍ଡା	ଚର୍ଚ୍ଚିକା
୧୮ „ ଶରତ୍‌ଚନ୍ଦ୍ର ଭଦ୍ର	କଟକ ମଡେଲ
୧୯ „ ସେକ୍‌ମହମ୍ମଦ ହନଫ	ଭୋଗରାଇ
୨୦ „ ଫକୀର ମହାନ୍ତି	କଟକ ମଡେଲ
୨୧ „ ଗୋବିନ୍ଦ ମହାନ୍ତି	ଚଣାହଟା
୨୨ „ ମଧୁସୂଦନ ମହାପାତ୍ର	ଶ୍ରୀରାମଚନ୍ଦ୍ରପୁର
୨୩ „ ଅନନ୍ତ ରାଉତ	ଶୃଦୋଲ
୨୪ „ ମହେଶ୍ୱର ପାଣିଗ୍ରାହୀ	ବାଗୁରାଇ
୨୫ „ ରଙ୍ଗାଧର ତ୍ରିପାଠୀ	ପଟ୍ଟାମୁଣ୍ଡାଇ
୨୬ „ ବ୍ରଜାନନ୍ଦ ମହାପାତ୍ର	ଦୋଳସାହି
୨୭ „ ନିତ୍ୟାନନ୍ଦ ମହାପାତ୍ର	ଗୃହବାଲ ଶିକ୍ଷକ
୨୮ „ ମହେଶଚନ୍ଦ୍ର ଗୁପ୍ତ	ବଢୁପୁର
୨୯ „ ବନମାଳୀ ପାଣିଗ୍ରାହୀ	ମଙ୍ଗଳପୁର
୩୦ „ ନରହରି ଦାସ	ଛାଲପଦା
୩୧ „ ଘନଶ୍ୟାମ ମହାପାତ୍ର	ଅଗୁଆ
୩୨ „ ସେକ୍‌ଦାଦ ଖାଁ	ସାନ୍ତରାପୁର
୩୩ „ ଧର୍ମ୍ମଚରଣ ମହାନ୍ତି	ପୁନଙ୍ଗ
୩୪ „ ପ୍ରାଣବନ୍ଧୁ ମହାପାତ୍ର	ବାସୁଦେବପୁର
୩୫ „ ରାମଚନ୍ଦ୍ର ସେନ	କଟକ ମଡେଲ
୩୬ „ ରାଧାକୃଷ୍ଣ ପାତ୍ର	ରେମଣା
୩୭ „ ବାସୁଦେବ ଷଡ଼ଙ୍ଗୀ	ମହାସିଂହପୁର
୩୮ „ ଗଦାଧର ହେଡା	ପ୍ରତାପପୁର
୩୯ „ ମଥୁରାନାଥ ଦାସ	ସୋରୋ
୪୦ „ ବଳରାମ ନାୟକ	ପ୍ରତାପପୁର

୨ ୟ ଶ୍ରେଣୀ ।

୪୧ ଶ୍ରୀ ଶାନ୍ତଚରଣ ମହାନ୍ତି	ବେରବୋଇ
୪୨ „ ବଳରାମ ମିଶ୍ର	ବାହାରଗଡ଼
୪୩ „ ଶ୍ରୀନାଥ ସିଂହ	ରେମଣା
୪୪ „ ଜୟକୃଷ୍ଣ ମହାନ୍ତି	ଦୋଳସାହି
୪୫ „ ହରମୋହନ ସେନାପତି	„
୪୬ „ ଅରଭ୍ରାଣ ଦାସ	ବେଗୁନିଆ
୪୭ „ ବାସୁଦେବ ନାୟକ	ବେରବୋଇ
୪୮ „ ଦାଶରଥି ରାଉତ	ଢେଙ୍କାନାଳ
୪୯ „ ଗୁରୁପ୍ରସାଦ ଦାସ	ବାଗୁରାଇ
୫୦ „ ଶୁକଦେବ ହଲ୍ଦାର	ପଟ୍ଟାମୁଣ୍ଡାଇ
୫୧ „ ଚିନ୍ତାମଣି ମହାନ୍ତି	ବେରବୋଇ
୫୨ „ କୁଞ୍ଜମୋହନ ଗୋସ୍ୱାମୀ	କଟକ ମଡେଲ
୫୩ „ ବିଶ୍ୱନାଥ ମହାପାତ୍ର	ଝିଲା
୫୪ „ ଶ୍ୟାମସୁନ୍ଦର ମଲ୍ଲିକ	ଦୋଳସାହି
୫୫ „ ବାଳକୃଷ୍ଣ ଦାସ	ଉଦ୍‌ପୁର
୫୬ „ ଭ୍ରମରବର ବସ୍ତଲ	ଅଳାସିପୁର
୫୭ „ କୃଷ୍ଣ ମିଶ୍ର	ଚର୍ଚ୍ଚିକା
୫୮ „ ଅର୍ଜ୍ଜୁନ ଯେନା	ଢେଙ୍କାନାଳ
୫୯ „ ହରିଚରଣ ସାହୁ	ପୁନଙ୍ଗ
୬୦ „ ଲକ୍ଷ୍ମୀଧର ଗୁପ୍ତ	ସୋରୋ
୬୧ „ ମଦନମୋହନ ପଟ୍ଟନାୟକ	ମଙ୍ଗଳପୁର
୬୨ „ ଗୋକୁଳାନନ୍ଦ ଘୋଷ	ବାହାର ଗଡ଼
୬୩ „ ହରିହର ଗୋସ୍ୱାମୀ	କଟକ ମଡେଲ
୬୪ „ ଶିବପ୍ରସାଦ ନନ୍ଦ	ସୋରୋ
୬୫ „ ଦ୍ୱାରିକାନାଥ ଦାସ	ଏକଲ
୬୬ „ ଭକ୍ତାନନ୍ଦ ମହାନ୍ତି	ମହାସିଂହପୁର
୬୭ „ ବିଦ୍ୟସିଂହ କର	„
୬୮ „ ଚନ୍ଦ୍ରଶେଖର ମହାପାତ୍ର	ସୋରୋ
୬୯ „ ରଘୁନାଥ ମହାନ୍ତି	କଟକ ମଡେଲ
୭୦ „ ସଚ୍ଚିଦାନନ୍ଦ ଦାସ	ଜଗପଡା
୭୧ „ ସଦାନନ୍ଦ ନନ୍ଦ	ଶ୍ରୀରାମଚନ୍ଦ୍ରପୁର
୭୨ „ ହାଡ଼ିଚନ୍ଦ ଦତ୍ତ	ପୁନଙ୍ଗ
୭୩ „ ବିଶ୍ୱନାଥ ତ୍ରିପାଠୀ	ପ୍ରତାପଶାସନ
୭୪ „ କୃଷ୍ଣପ୍ରସାଦ ଦାସ	ସୋରୋ
୭୫ „ ଗୌରହରି ମହାନ୍ତି	ବାଗୁରାଇ

Split by PDF Splitter

Digitized by srujanika@gmail.com

୭୬ ଶ୍ରୀ ଆରତବଲ୍ଲଭ ଦାସ	ବାଗୁରାଇ
୭୭ „ ହରେକୃଷ୍ଣ ମହାନ୍ତି	ସାମନ୍ତରାପୁର
୭୮ „ ମାଧବାନନ୍ଦ ପାଲଟ	ଅଳନ୍ଧାସିପୁର
୭୯ „ ଲକ୍ଷ୍ମଣ ତ୍ରିପାଠୀ	ଦୋଳସାହି
୮୦ „ ଫକୀରଚରଣ ମହାନ୍ତି	ସୁନ୍ଦରଗାଁ
୮୧ „ ତ୍ରିଲୋଚନ ମହାପାତ୍ର	ବେଗୁନିୟାଁ
୮୨ „ ଜଗନ୍ନାଥ ପାଲ	ଭୋଗରାଇ
୮୩ „ ରାମଚରଣ ଯେନା	ପ୍ରତାପପୁର
୮୪ „ ଆରତତ୍ରାଣ ମହାନ୍ତି	ମହାସିଂହପୁର
୮୫ „ ରଘୁନାଥ ବସୋଇ	ଛତିପଡା
୮୬ „ ନିତ୍ୟାନନ୍ଦ ସିଂହ	ବାଗୁରାଇ
୮୭ „ ଚନ୍ଦ୍ରଶେଖର ମହାନ୍ତି	ବାଲେଶ୍ୱର ମିସନ
୮୮ „ ମହମଦ୍ ମନ୍ତ୍ରୀର	„
୮୯ „ ଆରତବଲ୍ଲଭ ଦଳାଇ	ସଙ୍ଗଡ
୯୦ „ ଭଗବାନ୍ ପଟ୍ଟନାୟକ	ଢେଙ୍କାନାଳ
୯୧ „ ଚନ୍ତାମଣି ମିଶ୍ର	ଆଠଗଡ
୯୨ „ ଭଗବାନ ମହାପାତ୍ର	ମଙ୍ଗଳପୁର
୯୩ „ ରାମକୃଷ୍ଣ ତ୍ରିପାଠୀ	ଦୋଳସାହି
୯୪ „ ପ୍ରସନ୍ନକୁମାର ପ୍ରଧାନ	ଭୋଗରାଇ
୯୫ „ ଶ୍ରୀରାମଚନ୍ଦ୍ର ମହାପାତ୍ର	ଛାଲପଦା
୯୬ „ ତ୍ରୈଲୋକ୍ୟନାଥ ଦତ୍ତ	ବାରବାଟି
୯୭ „ ପୟୋଧର ମହାପାତ୍ର	ଧାମନଗର
୯୮ „ ବିଦ୍ୟାଧର ସାହୁ	ବେଗୁନିୟାଁ

୩ ୟ ଶ୍ରେଣୀ

୯୯ „ ଅପଲସ୍ୱାମି	ପୁରୁଣାଗଡ଼
୧୦୦ „ ବୈକୁଣ୍ଠନାଥ ଚକ୍ରବର୍ତ୍ତୀ	ସଙ୍ଗଡ
୧୦୧ „ ଦ୍ୱାରକାନାଥ ଦେ	ଅଳନ୍ଧାସିପୁର
୧୦୨ „ ରାଧାନାଥ ମୁଖୁର୍ଯ୍ୟା	ରେମଣା
୧୦୩ „ ଶିବନାରାୟଣ ପଣ୍ଡା	ବାଗୁରାଇ
୧୦୪ „ ଅନନ୍ତ ଷଡଙ୍ଗୀ	ଢେଙ୍କାନାଳ
୧୦୫ „ ବଂଶୀଧର ମିଶ୍ର	ଅସୁରେଶ୍ୱର
୧୦୬ „ ରାଧାମୋହନ ମହାନ୍ତି	ମଙ୍ଗଳପୁର
୧୦୭ „ କୁଞ୍ଜବିହାରୀ ରାୟ	କଟକ ମଡେଲ
୧୦୮ „ କୃଷ୍ଣମୋହନ ସିଂହ	„
୧୦୯ „ ଭାଗବତପ୍ରସାଦ ମହାପାତ୍ର	ବାଲେଶ୍ୱର ମିସନ
୧୧୦ „ ମାଗୁଣି ବେହେରା	ସଙ୍ଗଡ
୧୧୧ ଶ୍ରୀ ସଦାଶିବ ମିଶ୍ର	ଶ୍ରୀରାମଚନ୍ଦ୍ରପୁର
୧୧୨ „ ଶିବପ୍ରସାଦ ପଣ୍ଡା	ବାଲେଶ୍ୱର ମିସନ
୧୧୩ „ ବୈଷ୍ଣବଚରଣ ସାହୁ	ଅସୁରେଶ୍ୱର
୧୧୪ „ ଗୁରୁପ୍ରସାଦ ଦାସ	ନୀଳଗିରି
୧୧୫ „ ବାଞ୍ଛାନିଧି ମହାନ୍ତି	ପ୍ରତାପଶାସନ
୧୧୬ „ ମଦନମୋହନ ଦାସ	ନୀଳଗିରି
୧୧୭ „ କୃଷ୍ଣମୋହନ ପଟ୍ଟନାୟକ	ଜରପଡ଼ା
୧୧୮ „ ବିଶ୍ୱନାଥ ତ୍ରିପାଠୀ	ପ୍ରତାପଶାସନ
୧୧୯ „ ସାଧୁଚରଣ ସାହୁ	ପୁନଙ୍ଗ
୧୨୦ „ ରଘୁନାଥ ମହାନ୍ତି	ନିମାପଡ଼ା
୧୨୧ „ ଲକ୍ଷ୍ମଣ ସିଂହ	ପୁରୁଣାଗଡ଼
୧୨୨ „ ଧର୍ମୁ ସାହୁ	ଭୁବନେଶ୍ୱର
୧୨୩ „ ସେକ୍ଅଲ୍ବକ୍ସ	କୃଷ୍ଣାନନ୍ଦପୁର
୧୨୪ „ ବାଉରବନ୍ଧୁ ପରିଡା	ଚଣାହଟା
୧୨୫ „ ନନ୍ଦକିଶୋର ବେହେରା	କେନ୍ଦୁଝର
୧୨୬ „ ହରମୋହନ ଘୋଷ	ଅଳନ୍ଧାସିପୁର
୧୨୭ „ ଭଗବାନଚରଣ ଦାସ	କାଇପୁର
୧୨୮ „ ଚକ୍ରଧର ପଣ୍ଡା	ସଙ୍ଗଡ
୧୨୯ „ ଶଙ୍କରବଲ୍ଲଭ ରାୟ	ସାମନ୍ତରାପୁର
୧୩୦ „ ରାଧାମୋହନ ଘୋଷାଲ	„
୧୩୧ „ ମଧୁସୂଦନ ମିଶ୍ର	ଅସୁରେଶ୍ୱର
୧୩୨ „ ରଘୁନାଥ ପାଲଟ	ବାଲେଶ୍ୱର ମିସନ
୧୩୩ „ ସାଧୁଚରଣ ଦାସ	ଛତିଆ
୧୩୪ „ ବାସୁଦେବ ପଣ୍ଡା	„
୧୩୫ „ ସନାତନ ମିଶ୍ର	ସାମନ୍ତରାପୁର
୧୩୬ „ ବାଳକୃଷ୍ଣଦାସ	କୃଷ୍ଣାନନ୍ଦପୁର
୧୩୭ „ ସୁଦର୍ଶନ ଦାସ	ଛତିଆ
୧୩୮ „ ହରିହର ମହାନ୍ତି	ପୁନଙ୍ଗ
୧୩୯ „ ଭାଗ୍ୟରଥୀ ମିଶ୍ର	ଛାଲପଦା
୧୪୦ „ ହରିହର ପଣ୍ଡା	ସଙ୍ଗଡ
୧୪୧ „ ଦେବ ପ୍ରଧାନ	କେନ୍ଦୁଝର
୧୪୨ „ ବ୍ରଜବନ୍ଧୁ ସାହୁ	ପୁନଙ୍ଗ

CUTTACK
The 29th November 1880. } RADHANATH RAI
Jt. Inspector of Schools Orissa.

ମୂଲପତ୍ର ଦେଖ ।

Split by PDF Splitter

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୫ ଶ । ସଂ ୪୯ ଖ୍ୟା

ତା ୧୧ ଙ୍ଖ ମାହେ ଡିସେମ୍ବର ସନ ୧୮୮୦ ମସିହା । ମୁ । ମାର୍ଗଶିର ବ ୨୭ ଜ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୫୵

ଶ୍ରୀଯୁକ୍ତ ବ୍ରାଉନ ସାହେବ ଏ ଜିଲ୍ଲାର ଜଜ ଥିଲାବେଳେ ଇଂରାଜୀ ଅକ୍ଷରରେ ଦେଶୀୟଭାଷା ଲେଖିବାର ରୀତି ବାହାର କରି ଅଦାଲତ କଚେରୀର ଅନେକ କାର୍ଯ୍ୟ ସେହି ରୀତରେ କରାଉଥିଲେ ଏବଂ ଏକଖଣ୍ଡ ପୁସ୍ତକ ମଧ୍ୟ ଛପା କରାଇଥିଲେ । ସମ୍ପ୍ରତି ହିନ୍ଦୁପେଟ୍ରିଅଟରେ ଦେଖିଲୁଁ ଯେ ସେ ଦେଶୀୟଭାଷାକୁ ଇଂରାଜୀ ଅକ୍ଷରରେ ଲେଖିବାର ନିୟମ ପ୍ରଚଳିତ କରିବା ପକ୍ଷରେ ସାତିଶୟ ଯତ୍ନ କରୁଅଛନ୍ତି ଏବଂ ତାହାଙ୍କ ଯତ୍ନରେ ଏଥିର ଉନ୍ନତି ନିମିତ୍ତ ଗୋଟିଏ ସମାଜ ସ୍ଥାପିତ ହୋଇଅଛି । ସଂସ୍କୃତ କଲେଜର ପ୍ରଧାନ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ ଏକ ଦୀର୍ଘ ପତ୍ରରେ ଏଥିର ଅନୁକୂଳ ମତ ପ୍ରକାଶ କରି ଅଛନ୍ତି । ଆମ୍ଭମାନଙ୍କ ବିଚାରରେ ସମସ୍ତ ଭାଷା ଏକ ପ୍ରକାର ଅକ୍ଷରରେ ଲେଖା ହେଲେ ଯେମନ୍ତ ପଢିବାର ତେମନ୍ତ ଛପା କରିବାର ବିଶେଷ ସୁବିଧା ହେବ ।

—*—

ଶ୍ରୀଯୁକ୍ତ ରେନଲ୍ଡ ସାହେବ ଏଥିମଧ୍ୟରେ ଢାକା ହୁଗଲି ଓ ବେହାର ଭ୍ରମଣ କରି ଖଜଣା ସମ୍ପର୍କୀୟ ପ୍ରସ୍ତାବିତ ନୂତନ ଆଇନ ସମ୍ବନ୍ଧରେ ସନ୍ଧାନ କରି ସାରଲେଣି । ଯେଉଁଠାକୁ ଯାଉ ଅଛନ୍ତି ସେଠାର ପ୍ରଧାନ ରେଭିନ୍ୟୁ କର୍ମଚାରି ଏବଂ ଜମିଦାର ଓ ଅନ୍ୟାନ୍ୟ ଦେଶୀୟ ଭଦ୍ର ଲୋକଙ୍କୁ ଆହ୍ୱାନ କରି ସେମାନଙ୍କ ମତାମତ ପୁଚ୍ଛୁ ଅଛନ୍ତି ଏବଂ ଉତ୍ତର ଗ୍ରହଣ କରି ଚଳି ଆସୁଅଛନ୍ତି । ପ୍ରାୟ କୌଣସିଠାରେ ସେ ଅନୁକୂଳ ମତ ପାଉ ନାହାନ୍ତି । ଅନୁମାନ ହୁଅଇ ସାହେବ ପ୍ରଶଂସିତ ଏ ପ୍ରଦେଶକୁ ଆସି ପାରନ୍ତି ଅତଏବ ଏଠାର ପ୍ରଧାନ ଜମିଦାର ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କି ପୂର୍ବରୁ ପ୍ରସ୍ତୁତ ରହିବାର ଉଚିତ । ଓ ତାହା ନ ହେଲେ ମଧ୍ୟ ଏଠା ଜମିଦାରଙ୍କୁ କଲେକ୍ଟର ସାହେବଙ୍କ ପ୍ରାର୍ଥନା ଅନୁସାରେ ମତାମତ ପ୍ରକାଶ କରିବାକୁ ହେବ । ଆମ୍ଭେମାନେ ପ୍ରସ୍ତାବ କରୁଁ ଯେ ଜମିଦାର ଏବଂ ଅନ୍ୟାନ୍ୟ ଭଦ୍ର ଲୋକମାନେ ଏକତ୍ରେ ବସି ପ୍ରସ୍ତାବିତ ଆଇନର ବିଚାର କଲେ ଭଲ ହୁଅନ୍ତା ।

—*—

ଓଡିଶାର ମାଇନର ଓ ଛାତ୍ରବୃତ୍ତି ପରୀକ୍ଷାର ଚଳିତବର୍ଷର ଫଳାଫଳ ଗତ ସପ୍ତାହ ଅତିରିକ୍ତ ପତ୍ରିକାରେ ପ୍ରକାଶ ହୋଇଅଛି । ପାଠକମାନେ ତହିଁରୁ ଦେଖିଥିବେ ଯେ ଏ ବର୍ଷର ଫଳ ବଡ ପ୍ରୀତିକର ଅଟଇ । ମାଇନର ପରୀକ୍ଷାରେ ଜ ୫୦ ଣ ଛାତ୍ର ମଧ୍ୟରୁ ଜ ୪୨ ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ମୁଗଲବନ୍ଦିରେ କେନ୍ଦ୍ରାପଡା ଏବଂ ଗଡଜାତରେ ବାରିପଦା ସର୍ବୋଚ୍ଚସ୍ଥାନ ପାଇଅଛି । ଭର୍ଣ୍ଣାକ୍ୟୁଲର ପରୀକ୍ଷାରେ ଜ ୧୭୨ ଣ ଛାତ୍ର ମଧ୍ୟରୁ ଜ ୧୪୨ ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଏବଂ ତହିଁମଧ୍ୟରେ ବାଲେଶ୍ୱରର ଦେହୁଡଦା ସର୍ବୋଚ୍ଚ ସ୍ଥାନ ପାଇଅଛି । କଟକ ମଡେଲସ୍କୁଲ ଷଷ୍ଠସ୍ଥାନ ପାଇଅଛି । ଏକା ଦେହୁଡଦାସ୍କୁଲର ଜ ୭ ଣ ଛାତ୍ର ଉଚ୍ଚସ୍ଥାନ ଲଭିବା ବଡ ପ୍ରଶଂସାର ବିଷୟ ଅଟଇ । ସମସ୍ତ ବିବେଚନାରେ କଟକ ଅପେକ୍ଷା ବାଲେଶ୍ୱର ଅଧିକ ପରିମାଣରେ କୃତକାର୍ଯ୍ୟତା ଲଭିବାର ଦେଖାଯାଏ ।

———

ଗଞ୍ଜାମ ଜିଲ୍ଲାନ୍ତର୍ଗତ ମଞ୍ଜୁଷା ରାଜାଙ୍କ କନିଷ୍ଠ ପୁତ୍ର ଢେଙ୍କାନାଳ କନ୍ୟାକୁ ବିବାହ ନିମିତ୍ତ ଆସିଥିଲେ । ଶୁଭ କାର୍ଯ୍ୟ ସମାଧା କରି ସ୍ୱଦେଶକୁ ପ୍ରତ୍ୟାଗମନ କାଳରେ ଏ ନଗର ତୁଳସୀପୁର ତୋଟାଠାରେ ଗତ ଗୁରୁବାର ରାତ୍ରରେ ଏକ ମଜଲିସ ରଚନା କରି ସ୍ୱୟଂ ରାଜକୁମାର ଏ ନଗରସ୍ଥ କେତେକ ଭଦ୍ର ଲୋକଙ୍କୁ ଆମନ୍ତ୍ରଣ କରି ଘେନି ଯାଇଥିଲେ । ଢେଙ୍କାନାଳର ରାଜା ମଧ୍ୟ ସେଠାକୁ ଆଗମନ କରିଥିଲେ । ରାଜକୁମାରଙ୍କ ସଙ୍ଗରେ ମଞ୍ଜୁଷାର ବିଚକ୍ଷଣ ଦେବାନ ଶ୍ରୀ ନାରାୟଣ ବଡଯେନା ଅଛନ୍ତି । ସୁତରାଂ ମଜଲିସର ସମସ୍ତ ବନ୍ଦୋବସ୍ତ ଯେ ଅତି ଉତ୍ତମ ହୋଇ ଥିଲା ଏବଂ ଆମନ୍ତ୍ରିତ ବ୍ୟକ୍ତିମାନେ ଯଥୋଚିତ ସମାଦର ପାଇ ଅତି ସନ୍ତୁଷ୍ଟ ହୋଇଥିଲେ ଏହା ବୋଲିବା ଅଧିକ ଅଟଇ । ରାଜକୁମାର ଦେଖିବାକୁ ଶୋଭିବନ୍ତ ଏବଂ ଚତୁର ଓ ସୁଶୀଳ ଅଟନ୍ତି । ଢେଙ୍କାନାଳର ରାଜାଙ୍କୁ ଯେପରି ସମାଦର କରି ଆଣି କର୍ପୂରମାଲା ଓ ଅତର ଫୁଲ ଇତ୍ୟାଦି ସ୍ୱହସ୍ତରେ ଅର୍ପଣ କଲେ ଏବଂ ଦୁହେଁ ଏକତ୍ରେ ବସି କଥୋପକଥନରେ ମଗ୍ନ ହେଲେ

Digitized by srujanika@gmail.com

Split by PDF Splitter

ସେପରି ଆମ୍ଭେମାନେ ଅସ୍ମଦ୍ଦେଶୀୟ ରାଜାଙ୍କ ମଧ୍ୟରେ କେବେ ଦେଖି ନାହୁଁ । ଏ କାର୍ଯ୍ୟମାନ ବଡ ପ୍ରୀତିକର ହୋଇଥିଲା ଏବଂ ଏହାଦ୍ୱାରା ହିନ୍ଦୁଙ୍କର ସଭ୍ୟତା ରୁଚି ଏବଂ ମହତ୍ତ୍ୱ ଭାବ ସକଳ ସଭା ମଧ୍ୟରେ ଅତି ସୁନ୍ଦର ରୂପେ ପ୍ରତିବିମ୍ବିତ ହୋଇଥିଲା । ବାଈ ନାଚ ଏବଂ ସରକସ୍ କ୍ରିୟା ମଜଲିସର ପ୍ରଧାନ ଆମୋଦ ଥିଲା । ଦକ୍ଷିଣୀବାଈଙ୍କ ନୃତ୍ୟ ଗାନରେ ସମସ୍ତେ ଆନନ୍ଦିତ ହେଲେ ଏବଂ ପ୍ରାୟ ରାତ୍ରି ଦୁଇପ୍ରହର ସମୟରେ ସଭା ଭଙ୍ଗ ହେଲା । ଆମ୍ଭେମାନେ ଆଶା କରୁଁ କି ଓଡ଼ିଶାର ରାଜାମାନେ ଅବଲମ୍ବେ ଏ ପ୍ରକାର ସଭ୍ୟ ରୀତିମାନ ଅନୁକରଣ କରିବେ ।

ପ୍ରବନ୍ଧମାଳା ଏବଂ ଗବର୍ଣ୍ଣମେଣ୍ଟ ପାରିତୋଷିକ ।

ଏ ବିଷୟରେ ଆମ୍ଭେମାନେ ଯେତେଗୁଡିଏ ପତ୍ର ପ୍ରକାଶ କରିଅଛୁଁ ଏବଂ ଓଡ଼ିଶାର ଅନ୍ୟାନ୍ୟ ସମ୍ବାଦପତ୍ରମାନଙ୍କରେ ଯେତେ ବାହାରିଅଛି ତହିଁରୁ ପାଠକମାନେ ଆପଣା୨ ମତ ସ୍ଥିର କରିଥିବେ । ଖଣ୍ଡିଏ ସାହିତ୍ୟ ପୁସ୍ତକ ନିମିତ୍ତ ଗବର୍ଣ୍ଣମେଣ୍ଟ ପାରିତୋଷିକ ଦେବାକୁ ପ୍ରସ୍ତୁତ ଥିବାର ବିଜ୍ଞାପନ ଦେଖି ଆମ୍ଭେମାନେ ଗତବର୍ଷ ସେପ୍ଟେମ୍ବର ମାସ ତା ୨୦ ରିଖର ପତ୍ରିକାରେ କହିଥିଲୁଁ ଯେ ପାରିତୋଷିକ ଯାଚିଲେ ସୁଦ୍ଧା ଏକାବେଳକେ ଭଲ ସାହିତ୍ୟ ପୁସ୍ତକ ବାହାରିବା ସମ୍ଭବ ନୁହଇ ଏବଂ କିପ୍ରକାର ସାହିତ୍ୟ ପୁସ୍ତକ ହେଲେ ପୁରସ୍କାରର ଯୋଗ୍ୟ ହେବ ତହିଁର ବିସ୍ତାରିତ ବିବରଣ ବିଜ୍ଞାପନରେ ଲେଖିବାର ଉଚିତ ଥିଲା । ପ୍ରବନ୍ଧମାଳା ଦେଖି ଆମ୍ଭମାନଙ୍କର ଉପରଲିଖିତ ମତ ପରିବର୍ତ୍ତିତ ହୋଇ ନାହିଁ, କାରଣ ଆମ୍ଭେମାନେ ବାଧ୍ୟ ହୋଇ କହୁଅଛୁଁ ଯେ ଏହାର ଭାଷା ସମ୍ପୂର୍ଣ୍ଣ ଓଡ଼ିଆ ନୁହଇ । ଅନ୍ୟାନ୍ୟ ନବଜାତ ଉତ୍କଳ-ପୁସ୍ତକ ପ୍ରାୟ ଏଥିରେ ବଙ୍ଗଭାଷାର ରୀତି ଅନେକ ରହିଅଛି । 'କରିବାକୁ ଲାଗିଲେ' 'ହାରି ଦେଇ' 'ହେବାକୁ ଦେବ ନାହିଁ' ଇତ୍ୟାଦି ବହୁସ୍ଥଳରେ ଲକ୍ଷିତ ହୁଅଇ । କୌଣସି୨ ସ୍ଥଳରେ କ୍ରିୟାମାନ ଅନ୍ୟପ୍ରକାରରେ ବଙ୍ଗଳା ପରି ନିୟୋଜିତ ହୋଇଅଛି ଯଥା 'ଯେଉଁ ସମୟରେ କୃଷିକାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ତାହାଙ୍କର ଉଚିତ ଥିଲା ସେତେବେଳେ ସେ ......ଅଧ୍ୟୟନରେ ନିଯୁକ୍ତ ଥାନ୍ତି ।' ଏହିପରି ଅନ୍ୟ କେତେ ବଙ୍ଗଳା ରୀତି ଏଥିରେ ଲକ୍ଷିତ ହୁଅଇ ଏବଂ ଏପରି ଦୋଷମାନ ଥିବାରୁ ଆମ୍ଭେମାନେ ଏହାକୁ ଶୁଦ୍ଧ ଉତ୍କଳ ସାହିତ୍ୟଗ୍ରନ୍ଥ ବୋଲି ଗ୍ରହଣ କରି ନ ପାରୁଁ । ଆମ୍ଭମାନଙ୍କ ବିବେଚନାରେ ଏ ଅଂଶରେ ଶକୁନ୍ତଳା ଏବଂ ରାମବିଳାସ ଉତ୍କୃଷ୍ଟ ଅଟଇ । ପକ୍ଷାନ୍ତରେ ବିବିଧ-ବିଷୟକ ମନୋରଞ୍ଜନ ଏବଂ ଜ୍ଞାନପ୍ରଦ ପ୍ରସ୍ତାବ-ମାନ ଏଥିରେ ଯେପ୍ରକାର ସୁଚାରୁରୂପେ ନିର୍ବାଚିତ ଓ ବର୍ଣ୍ଣିତ ହୋଇଅଛି ସେପ୍ରକାର ଉତ୍କଳ ଭାଷାରେ ଅତିବିରଳ । କେବଳ ଅତ୍ୟନ୍ତ କଠିନ ସଂସ୍କୃତ ଶବ୍ଦମାନଙ୍କ ବହୁଳ ବ୍ୟବହାରଦ୍ୱାରା ଅନେକସ୍ଥଳରେ ରଚନା କର୍କଶ ହୋଇଅଛି ଗ୍ରନ୍ଥକାର ଏ ସମସ୍ତ ଦୁରୂହ ଶବ୍ଦ ପ୍ରୟୋଗ ଛାଡି ଭାଷାପ୍ରତି ଦୃଷ୍ଟି ରଖିଥିଲେ ବହୁ ଅଂଶରେ ରଚନା ସୁନ୍ଦର ହୋଇଥାନ୍ତା । ଓଡ଼ିଆ ଚାରୁପାଠ ପ୍ରବନ୍ଧମାଳା ଶ୍ରେଣୀର ପୁସ୍ତକ ଅଟେ ସତ୍ୟ ମାତ୍ର ଚାରୁପାଠ ଅପେକ୍ଷା ଏହାର ଭାଷା ଶ୍ରେଷ୍ଠ ବୋଲି ଅବଶ୍ୟ ସ୍ୱୀକାର କରିବୁଁ । ଗ୍ରନ୍ଥକାର ଏ ପୁସ୍ତକର ଭୂମିକା ନ ଦେଇ ଭଲ କରି ନାହାନ୍ତି ଏବଂ ଯେଉଁଠାରୁ ଯେଉଁ ପ୍ରବନ୍ଧମାନ ସଂକଳନ କରିଅଛନ୍ତି ତାହା ସମସ୍ତ ଜଣାଇ ନ ଦେବାରୁ କେତେକାଂଶରେ ନିନ୍ଦାର ଭାଜନ ହୋଇଅଛନ୍ତି । ଗୋଟିଏ ପ୍ରବନ୍ଧ 'ଚନ୍ଦ୍ର ଓ ତାରା' ଖଣ୍ଡିଏ ଇଂରାଜୀ ପୁସ୍ତକରୁ ଗୃହୀତ ବୋଲି ଲେଖା ଅଛି ମାତ୍ର ତାହା ମାସିକ ଉତ୍କଳଦର୍ପଣରେ ପୂର୍ବେ ବାହାରିଥିଲା । ସେହିପରି ଆଉ ଗୋଟିଏ ପ୍ରବନ୍ଧ 'ଶାସନ ପ୍ରଣାଳୀ' ସେହି ଉତ୍କଳ ଦର୍ପଣରୁ ଉଦ୍ଧୃତ ହୋଇଅଛି ଅଥଚ ତାହା ଆଦୌ ଲେଖା ନାହିଁ । ବୋଧ ହୁଅଇ ଗ୍ରନ୍ଥକାର ଉକ୍ତ ପ୍ରବନ୍ଧମାନ ସେ ସମୟରେ ଲେଖିଥିଲେ ମାତ୍ର ତାହା କହି ଦେବାରେ କି କ୍ଷତି ଥିଲା ? ଯେତେବେଳେ ଖଣ୍ଡିଏ ନୂତନ ପୁସ୍ତକ ବାହାର ଅଛି ଏବଂ କେଉଁଠାରୁ କେଉଁ ପ୍ରବନ୍ଧ ଗୃହୀତ ବା ସଂକଳିତ ହୋଇଅଛି ଏହା କେତେ ସ୍ଥଳରେ ଲେଖାଅଛି କେତେ ବେଳେ ସର୍ବତ୍ରରେ ସେପ୍ରକାର ଲେଖିବାର ଉଚିତ ଥିଲା ଆଉ ପ୍ରକାଶକ କହିଅଛନ୍ତି କି ଏହା ଅନୁବାଦିତ ଗ୍ରନ୍ଥ ନୁହେ ମାତ୍ର ଏଥିର କୌଣସି ପ୍ରବନ୍ଧ ଯେ ଅନୁବାଦିତ ନୁହେ ଏ କଥା ଆମ୍ଭେମାନେ ବିଶ୍ୱାସ କରିବାକୁ ଅକ୍ଷମ ହେଲୁଁ କାରଣ ଏକସ୍ଥଳରେ ଲେଖାଅଛି (ପୃ୧୦ଷ୍ଠା) ଯେ 'ଏହି କ୍ଷୁଦ୍ରପତ୍ରିକାରେ ତାହା ଲେଖିବା ଅସମ୍ଭବ ।' କେବଳ ବିଷୟକୁ ଅବଲମ୍ବନ କରି ରଚନା କରିଥିଲେ ଏପରି ଲେଖା ହୁଅନ୍ତା ନାହିଁ ।

ମୂଳକଥା ଏହି ଯେ ପ୍ରବନ୍ଧମାଳାଦ୍ୱାରା ଉତ୍କଳ-ସାହିତ୍ୟ ଅଗ୍ରସର ହୋଇଅଛି ମାତ୍ର ତାହା ଅସାଧାରଣ ନୁହଇ ଏବଂ ତହିଁପାଇଁ ପୁରସ୍କାର ଦେବାର ପ୍ରୟୋଜନ ନ ଥିଲା । ଗବର୍ଣ୍ଣମେଣ୍ଟ ପୁରସ୍କାର ଯାଚିବାସ୍ଥଳେ ଦେବାକୁ ବାଧ୍ୟଥିଲେ ଏବଂ ମଧୁବାବୁ ତାହା ପାଇବାରୁ ଆମ୍ଭେମାନେ ସୁଖୀ ହୋଇଅଛୁଁ କାରଣ ସେ ପୁରସ୍କାର ନ୍ୟାୟମାନୁସାରେ କାର୍ଯ୍ୟ କରିଅଛନ୍ତି । ମାତ୍ର ଆମ୍ଭେମାନେ କହୁଁ ଯେ ଶିକ୍ଷାବିଭାଗର ଏଥିରେ ବିଶେଷ ତ୍ରୁଟି ହୋଇଅଛି । କିପରି ପୁସ୍ତକର ପ୍ରୟୋଜନ ଥିଲା କମିଶନର ସାହେବ ଶିକ୍ଷାବିଭାଗର ମତ ନେଇ ବିଜ୍ଞାପନରେ ପରିଷ୍କାର କରି ଲେଖିଥାନ୍ତେ । ସେପରି ନ ହେବାରୁ କେହି କିଛି ଜାଣି ପାରିଲେ ନାହିଁ ସୁତରାଂ ଅନ୍ୟ କେହି ପୁସ୍ତକ ନ ଲେଖିବାରୁ ପୁରସ୍କାରର ପ୍ରକୃତ ଉଦ୍ଦେଶ୍ୟ ବିଫଳ ହେଲା । ଆମ୍ଭେମାନେ ସେ ସମୟରେ ତାହା କହି ଦେବା ଏବଂ ପୁସ୍ତକ ସକାଶେ ଦୀର୍ଘ ସମୟ ଦେବାକୁ ଅନୁରୋଧ କରିଥିଲୁଁ ମାତ୍ର କେହି ଶୁଣିଲେ ନାହିଁ । ପୁସ୍ତକ ବାହାରିବା ଉତ୍ତାରୁ ସମ୍ବାଦବାହିକା ଏଥିର ଯେଉଁ ସମାଲୋଚନା କଲେ ତହିଁରୁ କିପ୍ରକାର ପୁସ୍ତକ ଲୋଡ଼ାଥିଲା ତାହା ଜଣାପଡିଲା ଏବଂ ଏବିଷୟରେ ଉକ୍ତ ସମାଲୋଚନାରେ ଯାହା ଲେଖା ଅଛି ତାହା ଆମ୍ଭମାନଙ୍କ ଶିକ୍ଷାବିଭାଗର ପ୍ରକୃତ ଅଭିପ୍ରାୟ ବୋଲି ପ୍ରତୀତ ହେଉଅଛି ।

ପରିଶେଷରେ ବକ୍ତବ୍ୟ ଏହି କି ଏହି ସାହିତ୍ୟବିଷୟକ ପୁସ୍ତକ ସଙ୍ଗରେ କୃଷି ସମ୍ପର୍କୀୟ ଯେଉଁ ପୁସ୍ତକ ସକାଶେ ବିଜ୍ଞାପନ ଦିଆ ଯାଇଥିଲା ତାହା ନ ବାହାରିଲା କାହିଁକି ? ସାହିତ୍ୟ ସକାଶେ ଅଧିକ ଏବଂ କୃଷି ସକାଶେ ଅଳ୍ପ ପୁରସ୍କାର ଯାଚିବା କି ତହିଁର ହେତୁ ନୁହଇ ?

ବାର୍ଷିକ ବିଜ୍ଞାପନୀ ।

ଅମ୍ଭେମାନେ ଗତବର୍ଷ ପ୍ରାୟ ସକଳ ବିଭାଗର ବିଜ୍ଞାପନୀସମୂହର ସବିଶେଷ ସମାଲୋଚନା କରିଥିଲୁଁ । ଏବର୍ଷ କେଜାଣି କାରଣ ବଶତଃ ସକଳ ବିଜ୍ଞାପନମାନ ଆମ୍ଭମାନଙ୍କ ଦୃଷ୍ଟି ଗୋଚରରେ ଆସି ନାହିଁ ଓ ମଧ୍ୟ ଏବର୍ଷ ମଧ୍ୟରେ ଅଧିକ

Digitized by srujanika@gmail.com

ପରିବର୍ତ୍ତନର ସମ୍ଭାବନା ନାହିଁ । ଏହେତୁ ଆମ୍ଭେମାନେ ସନ ୧୮୭୯।୮୦ ସାଲର କେବଳ (general Report)ସାଧାରଣ ବିଜ୍ଞାପନୀର ସଂକ୍ଷେପ ସମାଲୋଚନା ଯଥେଷ୍ଟ ମନେ କରି ତହିଁର ପ୍ରଧାନ ବିଷୟମାନ ନିମ୍ନେ ଉଲ୍ଲେଖ କରୁଅଛୁଁ ଯଥା;—

ବର୍ଷା ଓ ଫସଲ ।

ପ୍ରଥମେ ବୃଷ୍ଟି ରୁଦ୍ଧ ହୋଇଥିଲା । ସନ ୧୮-୭୯ ସାଲ ଅପ୍ରେଲ ମାସରେ ସମୁଦାୟ ଉତ୍କଳ ଖଣ୍ଡରେ ବୃଷ୍ଟି ହୋଇ ନାହିଁ । ମଇ ମାସର ଶେଷକୁ ବୃଷ୍ଟି ହେଲା ସୁତରାଂ ଫସଲ କାର୍ଯ୍ୟ ଅନେକ ବିଲମ୍ବରେ ଆରମ୍ଭ ହେଲା । ଯାହା ହେଉ ଜୁଲାଇ ମାସ ପର୍ଯ୍ୟନ୍ତ ବର୍ଷା ଆବଶ୍ୟକ ମତେ ହେଉ ଥିବାରୁ ଫସଲର ଅବସ୍ଥା ମନ୍ଦ ନ ଥିଲା ମାତ୍ର ଅଗଷ୍ଟ ମାସରେ ବିଶେଷ ବର୍ଷା ଓ ବନ୍ୟା ଏକାବେଳକେ ଆରମ୍ଭ ହେଲେ । କଟକରେ ମହାନଦୀ ଓ ବ୍ରାହ୍ମଣୀ ନଦୀ ଓ ସେମାନଙ୍କ ଶାଖା ନଦୀମାନେ ଅତିଶୟ ପ୍ରବଳ ହେଲେ ଓ ଏବର୍ଷର ବନ୍ୟା ସନ ୧୮୭୨ ସାଲର ବନ୍ୟାକୁ ଅତ୍ୟଳ୍ପ ମାତ୍ର ଊଣା ଥିଲା । ଏଥିର ସବିଶେଷ ବୃତ୍ତାନ୍ତ ଅମ୍ଭେମାନେ ସେହି ସମୟରେ ପାଠକମାନଙ୍କୁ ଜଣାଇ ଅଛୁଁ । ବାଲେଶ୍ୱରରେ ବନ୍ୟା ହୋଇ ନ ଥିଲା ଓ ବୈତରଣୀ ନଦୀ ବୃଦ୍ଧି ଯୋଗେ କିଛି ଅପକାର ନ ହୋଇ ଉପକାର ହୋଇଅଛି । କଟକ ଓ ପୁରୀରେ ବନ୍ୟା ଯୋଗେ ଯେ ସବୁ ସ୍ଥାନରେ ଫସଲ ନଷ୍ଟ ହୋଇ ଥିଲା ସେ ସ୍ଥାନମାନଙ୍କରେ ପୁନର୍ବାର ରୋପଣଦ୍ୱାରା ଫସଲର ଆଶା ହୋଇଥିଲା ମାତ୍ର କାଳମୁଖୀ ପୋକ ଜାତ ହୋଇ ସେ ସବୁ ଜୁର କଲେ । ଏହି କାରଣ ଜଗତ୍‌ସିଂହପୁରର ଦକ୍ଷିଣକୁ ୨୦ମୌଜାରେ ଫସଲ ଲେଶମାତ୍ର ପ୍ରାପ୍ତି ହୋଇ ନାହିଁ । ବନ୍ୟା ଯୋଗେ ଏ ପୋକର ଉତ୍ପତ୍ତି ହୋଇ ଥିବାର ଅନୁମାନ ହେଉଅଛି କାରଣ କୌଣସି ବନ୍ୟା ସ୍ଥାନରେ ଏ ପୋକ ସ୍ଥିତ ନ ଥିଲେ ଓ ଯେଉଁ ସ୍ଥାନକୁ ବନ୍ୟାଜଳ ଯାଇ ନ ଥିଲା ସେଠାରେ ଏ ପୋକ ଦେଖା ନ ଥିଲେ । ସେମାନଙ୍କ ବଂଶ ଅତି ଶୀଘ୍ରରେ ବୃଦ୍ଧି ହେଲା ଓ ଯେଉଁଠାରେ ପ୍ରବେଶ ହେଲେ ସେଠାରେ ଘାସ ସୁଦ୍ଧା ରକ୍ଷା ପାଇଲା ନାହିଁ । ଏକାରାତିକେ ସେମାନେ ଏକ୨ ସ୍ଥାନରେ ସମୁଦାୟ ଶସ୍ୟ ଚର ଯାଉଥିଲେ । କେନ୍ଦ୍ରାପଡ଼ା ସବ୍‌ଡିବିଜନରେ ବିଶେଷ କ୍ଷତି ହୋଇଥିଲା । ବନ୍ୟା ଯୋଗେ ୧୭୫୩ ଗୋଟା ଘର ଭଙ୍ଗ ଯାଇଥିଲା । ପଶୁଙ୍କର ମଧ୍ୟ ବିଶେଷ କଷ୍ଟ ହୋଇଥିଲା । ସମୁଦାୟ ଓଡ଼ିଶାରେ ସାରଧ ଫସଲ ୮୦ ୯୦/ ପ୍ରାପ୍ତି ହୋଇଥିବାର ଅନୁମାନ ହୋଇଅଛି । ଏହା ଠିକ ଅଟେ ।

ଲୋକଙ୍କ ସ୍ୱାସ୍ଥ୍ୟ ଓ ଅବସ୍ଥା ।

କଟକରେ ପୂର୍ବାପେକ୍ଷା ଲୋକଙ୍କ ସ୍ୱାସ୍ଥ୍ୟ ଉତ୍ତମ ଥିଲା । ଖାଦ୍ୟ ସାମଗ୍ରୀ ଶସ୍ତା ହେବାରୁ ଉଦର ରୋଗ ଅନେକ ଊଣା ପଡ଼ିଥିଲା । ସନ ୧୮୭୮ ସାଲରେ ୪୦୪୯୯ ମୃତ୍ୟୁ ଘଟିଥିଲା ସନ ୧୮୭୯ ସାଲର ମୃତ୍ୟୁ ସଂଖ୍ୟା ୩୦୨୧୧ ଅଟଇ । ମାତ୍ର ବର୍ଷ ଶେଷକୁ ବସନ୍ତ ରୋଗର ବଡ଼ ପ୍ରାଦୁର୍ଭାବ ହେଲା ଓ ଏଥିରେ ସନ୧୮୮୦ ସାଲ ମାର୍ଚ୍ଚମାସ ଶେଷ ପର୍ଯ୍ୟନ୍ତ ଜ ୨୩୧୨ ଣ କାଳ ଗ୍ରାସରେ ପତିତ ହୋଇଥିଲେ । ଏ ରୋଗର ପ୍ରାଦୁର୍ଭାବ ହେତୁ ଅନେକ ଲୋକ ଆଗ୍ରହ ପୂର୍ବକ ଇଂରେଜୀ ଟିକା ନେଲେ ସେମାନଙ୍କ ସଂଖ୍ୟା ଜ ୪୩୭୩୩ ଣ ଅଟଇ । ପୁରୀରେ ମଧ୍ୟ ବସନ୍ତ ରୋଗ ଜାତ ହୋଇଥିଲା ମାତ୍ର ମୋଟରେ ସ୍ୱାସ୍ଥ୍ୟ ଭଲ ଥିଲା । କେବଳ ବାଲେଶ୍ୱରରେ ସ୍ୱାସ୍ଥ୍ୟ ବଡ଼ ମନ୍ଦ ଥିଲା । ସେଠାରେ ଓଲାଉଠା ରୋଗର ଯେପରି ପ୍ରାଦୁର୍ଭାବ ହୋଇଥିଲା ତାହା ପାଠକମାନେ ଅବଗତ ଅଛନ୍ତି । କମିଶନର ସାହେବ ଲେଖନ୍ତି ଏ ମାରି ଭୟ ହୋଇଥିଲେହେଁ ମୋଟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ଭଲ ଥିବାର ବୋଲିବାକୁ ହେବ ।

ଲୋକଙ୍କ ଅବସ୍ଥା ବିଷୟରେ କଟକର କଲେକ୍ଟର ବୋଲନ୍ତି ଯେ ମହାର୍ଘ ହେତୁ କୃଷିଆମାନେ କିଛି କଷ୍ଟରେ ଅଛନ୍ତି ମାତ୍ର ଏବର୍ଷ ସ୍ଥାନେ୨ ଫସଲ ନଷ୍ଟ ହୋଇଥିଲେହେଁ କୃଷିକାରମାନେ ଶସ୍ୟର ମୂଲ୍ୟ ବୃଦ୍ଧି ହେତୁ ଉତ୍ତମ ଅବସ୍ଥାରେ ଅଛନ୍ତି । ପୁରୀର କଲେକ୍ଟର ବୋଲନ୍ତି ଅବକାରୀ ରାଜସ୍ୱ ବୃଦ୍ଧି ଓ ଦସ୍ତାବିଜ ରେଜିଷ୍ଟରର ହ୍ରାସ ଓ ଅନେକ ବିବାହ ଏବଂ ସରକାରୀ ପାଉଣାମାନ ସହଜରେ ଆଦାୟ ଦୃଷ୍ଟିରେ ଜନସାଧାରଣଙ୍କ ଅବସ୍ଥା ଉତ୍ତମ ଥିବାର ବୋଲିବାକୁ ହେବ । ବାଲେଶ୍ୱରର କଲେକ୍ଟର ବୋଲନ୍ତି ବାଣିଜ୍ୟର ବୃଦ୍ଧି ଏବଂ ଅବକାରୀ ରାଜସ୍ୱ ଓ ଷ୍ଟାମ୍ପ କାଗଜ ବିକ୍ରୟ ଓ ଲୁଣ ପୋକ୍ତାନ ବୃଦ୍ଧି ଏ ସବୁ ଲୋକଙ୍କର ଉତ୍ତମ ଅବସ୍ଥାର ଯଥେଷ୍ଟ ପରିଚୟ ଅଟଇ । ଆମ୍ଭମାନଙ୍କ ବିବେଚନାରେ କୃଷିବ୍ୟବସାୟିଙ୍କର ଅବସ୍ଥା ଯେପରି ଉନ୍ନତ ହୋଇଅଛି ସେହିପରି କଲମ ବ୍ୟବସାୟୀ ବା ଖୋସବାସଙ୍କର ଅବସ୍ଥା ମନ୍ଦ ହୋଇଅଛି । ପୂର୍ବେ ଖାଦ୍ୟ ସାମଗ୍ରୀ ଅତି ଶସ୍ତା ଥିବାରୁ ଭଦ୍ରଜାତୀୟ ଲୋକେ କିଛି ଲାଖରାଜ ଜମି ଭୋଗ ଇତ୍ୟାଦି ପ୍ରକାରର ଅଳ୍ପ ଆୟଦ୍ୱାରା ସୁଖରେ ବା ଖୁସିରେ ଥିଲେ ଏହେତୁ ସେମାନଙ୍କ ନାମ ଖୋସବାସ ଥିଲା ବର୍ତ୍ତମାନ ଦୁର୍ମୂଲ୍ୟ ହେତୁ ସେମାନେ ଆଉ ସୁଖରେ ଚଳି ପାରୁ ନାହାନ୍ତି ବଡ଼ କଷ୍ଟ ଅନୁଭବ କରୁଅଛନ୍ତି ଓ କାହାରି୨ ଅତିଶୟ ଦୁର୍ଦ୍ଦଶା ଘଟିଅଛି । ବର୍ତ୍ତମାନ ଏହି ଶ୍ରେଣୀୟ ଲୋକଙ୍କର ବିଶେଷ ଗୁହାରି । କିନ୍ତୁ ଏମାନଙ୍କ ସଂଖ୍ୟା ଅଳ୍ପ ଓ କୃଷିଜୀବିଙ୍କ ସଂଖ୍ୟା ଅନେକ ଅଧିକ ପୁଣି ଖୋସବାସଙ୍କ ଦୁର୍ଦ୍ଦଶାର ଆଉ ଗୋଟିଏ କାରଣ ମାଦକ ସେବନ ଅଟଇ । ସକଳ ବିଷୟ ପ୍ରତି ଦୃଷ୍ଟି କଲେ ମୋଟରେ ଦେଶର ଅବସ୍ଥା ପୂର୍ବାପେକ୍ଷା ଭଲ ଥିବାର ଅବଶ୍ୟ ସ୍ୱୀକାର କରିବାକୁ ହେବ ।

ଦକ୍ଷିଣକୁ ଚାଉଳ ରପ୍ତାନି ବନ୍ଦ ହେବାରୁ ଚାଉଳର ଭାଉ ବିଜ୍ଞାପନୀ ବର୍ଷରେ ତିନଜିଲାରେ ପୂର୍ବାପେକ୍ଷା କିଛି ଶସ୍ତା ଅର୍ଥାତ ସମୁଦାୟ ଓଡ଼ିଶାର ହାରାହାରି ଭାଉ ଟଙ୍କାରେ ବାଲେଶ୍ୱରୀ ସେ ୨୧୫/ ହୋଇଥିଲା ତହିଁ ପୂର୍ବବର୍ଷ ସେ ୨୦।/ ଥିଲା ।

କ୍ରମଶଃ

ସାପ୍ତାହିକ ସଂବାଦ ।

ଅମ୍ଭମାନଙ୍କ ନୂତନ ଲପ୍ଟେନେଣ୍ଟ ଗବର୍ଣ୍ଣର ଏମାସ ତା ୩ ରିଖରେ ଏଠାରେ ପହୁଞ୍ଚି ତା ୪ ରିଖରେ ଗୃହ୍ଣ ନେଲେ ।

ଶ୍ରୀଯୁତ ଭଡ଼ପ୍ରେସାହେବ ଗତ ସୋମବାରଦିନ ଏଠାରୁ ଯାଇ ମଙ୍ଗଳବାରଦିନ ଖୋର୍ଦ୍ଧାରେ ଗୃହ୍ଣ ନେଲେ ।

ଅମ୍ଭମାନଙ୍କ କଲେକ୍ଟର ସାହେବ ଗତ ବୁଧବାରଦିନ ତରଫେ଼ଲ ଅଞ୍ଚଳକୁ ଗସ୍ତକରିବା କାରଣ ଯାଇ ଅଛନ୍ତି ତା ୨୨ ରିଖ ପର୍ଯ୍ୟନ୍ତ ଫେରି ଆସିବେ ।

ଶ୍ରୀଯୁତ ବାବୁ ଜଗନ୍ମୋହନ ରାୟ ଡେପୋଟି କଲେକ୍ଟର ଖୋର୍ଦ୍ଧାରୁ ଏଠାକୁ ଆସିଅଛନ୍ତି ।

କିଛି କାରଣବଶତଃ ଶ୍ରୀଯୁତ କମିଶନର ସାହେବଙ୍କର ଗଡ଼ଜାତ ଗସ୍ତ ଏମାସ ତା ୮ ରିଖରେ ଆରମ୍ଭହୋଇ ନ ପାରିଲା କେଉଁ ତାରିଖରେ ସେ ଗଡ଼ଜାତକୁ ଯାତ୍ରା କରିବେ ନିଷ୍ପନ୍ନ ହୋଇ ନାହିଁ ।

ଶ୍ରୀଯୁତ ବାବୁ ଶ୍ରୀନାଥ ଭଦ୍ର ପୁତ୍ରଶୋକ ବଶତଃ ତିନମାସ ଛୁଟୀ ପ୍ରାର୍ଥନା କରିଅଛନ୍ତି ।

କଟକର ଜଜ୍ ଶ୍ରୀଯୁତ ମାକଫର୍ସନ ସାହେବ ଦୁଇମାସର ଅଧିକା ଛୁଟୀ ନେଇ ଅଛନ୍ତି ସୁତରାଂ ସେ ଆଗାମୀ ମାର୍ଚ୍ଚମାସ ପ୍ରଥମ ସପ୍ତାହ ପୂର୍ବରୁ ଏ ଜିଲ୍ଲାକୁ ଆସିବାର ସମ୍ଭାବନା ନାହିଁ

Split by PDF Splitter

Digitized by srujanika@gmail.com

କଟଘରଠାରୁ ଯେଉଁ ଟେଲିଗ୍ରାଫ୍ ତାର ବସିଅଛି ତାହା ଜମ୍ମୁଠାରୁ ନୁକଟୋଲ ପର୍ଯ୍ୟନ୍ତ ବଢ଼ାଇବା କାରଣ ଗବର୍ଣ୍ଣମେଣ୍ଟ ବଙ୍ଗାଳ ମଞ୍ଜୁର କରିଅଛନ୍ତି ।

ଅମେରିକାରେ ଅତ୍ୟନ୍ତ ଶୀତ ହେବାରୁ କେନାଲମାନଙ୍କର ଜଳ ବରଫ ପାଲଟି ଯାଇଅଛି ଏବଂ ୩୧୨ଖଣ୍ଡ ଜାହାଜ ବରଫରେ ଅବଦ୍ଧ ରହିଅଛି । ଗ୍ରୀଷ୍ମ ଆରମ୍ଭ ପର୍ଯ୍ୟନ୍ତ ଏ ଜାହାଜମାନ ବାହାରି ପାରିବ ନାହିଁ ।

କଲିକତାର ପଶୁଶାଳା ନିମିତ୍ତ କୁଚବେହାରର ମହାରାଜ ପୁନର୍ବାର ପାଞ୍ଚହଜାର ଟଙ୍କା ଦାନ କରି ଅଛନ୍ତି ।

କାଶ୍ମିରର ମହାରାଜା ଆପଣା ରାଜ୍ୟରେ ଜଣେ ଇଂରାଜ କର୍ମଚାରୀ ରଖି ଚାଲାଣୀ ରେଶମ ପ୍ରସ୍ତୁତ କରିବାର ଉଦ୍ୟମ କରୁ ଅଛନ୍ତି । ଉକ୍ତ ସାହେବ ଆଜକୁ ଗତବର୍ଷ ହେଲା ଅନେକ ଯତ୍ନରେ ଅଙ୍ଗୁର ଏବଂ କସମିସର ଗଛ ବିଲାତରୁ ଆଣି ଏଠାରେ ଲଗାଇ ଥିଲେ ବର୍ତ୍ତମାନ ସେଥିରେ ପ୍ରଚୁର ଫଳ ଫଳିବାର ଦେଖି ସରାବ ଗାଳିବାର ଉପଯୁକ୍ତ ଯନ୍ତ୍ର ଓ ଗୁଣ୍ଡ ବିଲାତରୁ ଆଣିବାକୁ ଯାଇ ଅଛନ୍ତି । ଏକାର୍ଯ୍ୟଟି ସଫଳ ହେଲେ ମହାରାଜାଙ୍କର ବିଲକ୍ଷଣ ଆୟ ଏବଂ ଦେଶରେ ଗୋଟିଏ ନୂଆ ବ୍ୟବସାୟ ହେବ ।

ଗୋଆର କେଉଟମାନେ ଅଳ୍ପଦିନ ତଳେ ଗୋଟାଏ ବଡ ମାଛ ଧରି ଥିଲେ ମାଛଟି ଲମ୍ବ ୧୨ ହାତ ଏବଂ ମୋଟ ୬ ହାତ । କେହି୨ ଏହାକୁ ସମୁଦ୍ର ସର୍ପ ବୋଲି ମନେ କରନ୍ତି ।

ମାନ୍ଦ୍ରାଜର ଏକ ସ୍ଥାନରେ ଗତ କାର୍ତ୍ତିକ ପୂର୍ଣ୍ଣମୀ ଦିନ ଏମନ୍ତ ଭିଡ଼ ହୋଇଥିଲା ଯେ ୧୮ଜଣ ମନୁଷ୍ୟ ଭିଡ଼ରେ ଚପି ଯାଇ ମରି ଗଲେ ଏବଂ ଆଉ କେତେ ଲୋକ ଉଣା ଅଧିକରେ ଆଘାତ ପାଇ ଅଛନ୍ତି ।

ଗତମାସ ଶେଷରେ ମାନ୍ଦ୍ରାଜରେ ଘୋର ବର୍ଷା ହୋଇଥିଲା ଫସଲ ପକ୍ଷରେ ଏ ବୃଷ୍ଟି ବିଶେଷ ଉପକାର କରିଅଛି ମାତ୍ର ଏକ୨ ସ୍ଥଳରେ ଧୋଇ ହୋଇଅଛି । ପଣ୍ଡିଚେରୀର ରେଲବାଟ ଦୁଇଦିନ ପାଣିରେ ବୁଡ଼ି ରହିବାରୁ ଶକଟ ଗତାୟାତ ବନ୍ଦ ହୋଇଥିଲା ।

ହାବଡ଼ାର ଡେପୁଟୀମାଜିଷ୍ଟ୍ରେଟ ବାବୁ ରଙ୍ଗଲାଲ ବାନର୍ଜ୍ଜି ବଡ ବିପଦରେ ପଡ଼ିଥିବାର ଶୁଣି ଆମ୍ଭେମାନେ ଦୁଃଖିତ ହେଲୁଁ । ଗୋଟିଏ ମୋକଦ୍ଦମାରେ ମୁଦାଲର ଇଜାର ଜବାବ ଲେଖି ନେବାକୁ ଭୁଲ କରିଥିଲେ କି ନା ଏଥିର ତଦାରଖ ମାଜିଷ୍ଟ୍ରେଟ କରିବା ବେଳେ ସେ ମୋହରିର ଉପରେ ଦୋଷ ଦେଲେ । ମାତ୍ର ମୋହରିର ମାଜିଷ୍ଟ୍ରେଟଙ୍କୁ ଜଣାଇଲା ଯେ ବାବୁ ତାହାକୁ ଦୋଷ ସ୍ୱୀକାର କରିବା କାରଣ ଧମକାଇ ଅଛନ୍ତି ଓ ପ୍ରକୃତରେ ସେ ଦୋଷୀ ନୁହେ ମୋହରିର କଥା ଅନେକ ଭଦ୍ରଲୋକ ସାକ୍ଷିଦ୍ୱାରା ପ୍ରମାଣ ହୋଇ ଥିବାର କଥିତ ହୁଅଇ ।

ଫ୍ରାନ୍ସ ଓ ସୁଇଡେନ ଦେଶ ଦ୍ୱୟରେ ଘଟିଥିବା ବାର୍ଷିକ ଆତ୍ମହତ୍ୟାର ତଦାରଖ କରି ଜଣେ ପଣ୍ଡିତ ସ୍ଥିର କରି ଅଛନ୍ତି କି ସଣ୍ଡ ସ୍ତ୍ରୀ ଅପେକ୍ଷା ସଣ୍ଡ ପୁରୁଷ ଅଧିକ ପରିମାଣରେ ଆତ୍ମଘାତୀ ହୁଅନ୍ତି ଏବଂ ପିଲାଛୁଆ ଥିବା ଘରେ ଆତ୍ମହତ୍ୟାର ସମ୍ଭାବନା ଅତ୍ୟନ୍ତ ଊଣା ହୁଅଇ । ଏ ଅବସ୍ଥା ଅଷ୍ଟ୍ରେଲିଅର ବିପରୀତ ଘଟେ କାରଣ ଏଠାରେ ସ୍ତ୍ରୀମାନେ ବିଶେଷରେ ଆତ୍ମଘାତିନୀ ହୁଅନ୍ତି ।

ପାୟୋନିଅରରୁ ଜଣାଯାଏ ଯେ କାବୁଲର ଅବସ୍ଥା ବର୍ତ୍ତମାନ ସନ୍ତୋଷଜନକ ଅଟଇ । ଉଭୟ କାବୁଲ ଏବଂ ଗିଜନୀଠାରୁ କନ୍ଦାହାରକୁ ଯିବା ବାଟରେ କୌଣସି ଗୋଳମାଳ ନାହିଁ ଏବଂ ହିରାଟ ଅଞ୍ଚଳରେ ମଧ୍ୟ କୌଣସି ବିଘ୍ନ ଉପସ୍ଥିତ ହେବାର ସମ୍ଭାବନା ନାହିଁ । ତେବେ ସୁଜବଶାନ୍ ଆପଣା ବଳ ବୃଦ୍ଧି କରିବା ଚେଷ୍ଟାରୁ ବିରତ ହୋଇ ନାହାନ୍ତି ।

ଆମ୍ଭେମାନେ ଦୁଃଖର ସହିତ ହିନ୍ଦୁପେଟ୍ରିଅଟରେ ପାଠ କଲୁଁ ଯେ କୃଷ୍ଣନଗରରେ ଜ୍ୱରର ପ୍ରକୋପ ଏତେ ଭୟଙ୍କର ହୋଇଅଛି ଯେ ଅନେକ ସ୍ଥଳରେ ଶବ ଦାହ କିମ୍ବା ହୋଇ ପାରୁ ନାହିଁ ଓ କେତେ ମୃତ ଦେହକୁ ଶୃଗାଳ ଟାଣି ନେଇ ଯାଉ ଅଛନ୍ତି । ସନ ୧୮୭୪ ସାଲର ଜୁନଠାରୁ ବର୍ତ୍ତମାନ ରୋଗ ଅଧିକ ପ୍ରବଳ ହୋଇଅଛି ଅଥଚ ଏପର୍ଯ୍ୟନ୍ତ ଲୋକଙ୍କ ପ୍ରାଣ ରକ୍ଷାର କୌଣସି ଉପାୟ ଗବର୍ଣ୍ଣମେଣ୍ଟ କରି ନାହାନ୍ତି । ସେଠାର କେତେଜଣ ଭଦ୍ରଲୋକ ଏକତ୍ର ହୋଇ କମିଶ୍ନରଙ୍କ ନିକଟରେ ଏକ ଦରଖାସ୍ତ କରି ଅଛନ୍ତି ।

କଲିକତାର ବାବୁ ମଦନମୋହନ ଘୋଷଙ୍କ ପୁତ୍ର ଡାକ୍ତର ଗୁରୁଚନ୍ଦ୍ର ଘୋଷ ଏଡିନବରାର ଚିକିତ୍ସା ପରୀକ୍ଷାରେ ଅତ୍ୟନ୍ତ ଗୌରବ ସହିତ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଏବଂ ଅନେକ ଯୋଗ୍ୟଲୋକଙ୍କ ମଧ୍ୟରେ ସେ ଉଚ୍ଚସ୍ଥାନ ପାଇଥିବାରୁ ସେଠାର ଏକ ପ୍ରଧାନ ଚିକିତ୍ସାଳୟର ସହକାରୀ ଚିକିତ୍ସକ ନିଯୁକ୍ତ ହୋଇ ଅଛନ୍ତି । ଏଦେଶୀୟ ଲୋକେ ବିଲାତରେ ଏତେ ମର୍ଯ୍ୟାଦା ପାଇବା ବଡ ସୁଖର ବିଷୟ ଅଟଇ ।

ଏବର୍ଷ କେବଳ ଭାରତବର୍ଷରେ ଅଧିକ ବୃଷ୍ଟି ଓ ଧୋଇ ହୋଇଅଛି ଏମନ୍ତ ନୁହେ ଇଂଲଣ୍ଡ ଏବଂ ଫ୍ରାନ୍ସରେ ମଧ୍ୟ ଘୋର ଧୋଇ ହୋଇଅଛି ଏବଂ ଝଡ ବତାସରେ ଅନେକ ଜାହାଜ ମଗ୍ନ ପଡ଼ିଅଛି ।

ଗତମାସ ତା ୨୨ ଦିନରେ କେପ୍‌ଟାଉନରେ ପ୍ରାୟ ୧୫୦୦ ଉପନିବେଶବାସୀ ୫୦୦୦ ବସୁଟୋଙ୍କୁ ସମ୍ପୂର୍ଣ୍ଣ ପରାସ୍ତ କରିଅଛନ୍ତି । ପ୍ରଥମପକ୍ଷରୁ କେବଳ ୭ ଜଣ ଏବଂ ଦ୍ୱିତୀୟ ପକ୍ଷରୁ ୩୦୦ ଜଣ ପଞ୍ଚତ୍ୱ ପାଇଅଛନ୍ତି ।

ପାଟିୟାଲାର ମହାରାଜା ଏତେକାଳ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ନଜର ଦେଇ ଆସୁଥିଲେ ମହାମାନ୍ୟ ଲର୍ଡ ରିପନ ତାହା ଛାଡି ଦେଇଅଛନ୍ତି ।

ସଲଟେକ୍ସ ଟାକ୍ସର ଅତ୍ୟାଚାର ଏହା ଏ ପ୍ରଦେଶରେ କି ଭାରତବର୍ଷର ସବୁଠାରେ ଲୋକେ ଭୋଗ କରୁଅଛନ୍ତି । କିନ୍ତୁ ଗବର୍ଣ୍ଣମେଣ୍ଟ ଏଥିରେ ଆଦୌ କର୍ଣ୍ଣପାତ କରୁ ନାହାନ୍ତି । ଅଳ୍ପ ବେତନଭୋଗୀ ନୂତନ କର୍ମଚାରୀଙ୍କ ହାତରେ କଟୋବସ୍ତର ଭାର ରହିବାରୁ ଅତ୍ୟନ୍ତ କଷ୍ଟକର ହେଉଅଛି । ଯତେ କି ଏ ଟାକ୍ସ ଉଠିଯିବ ନାହିଁ ।

ଉତ୍ତର ପଶ୍ଚିମରେ ଏଥିମଧ୍ୟରେ ଅଳ୍ପ ବୃଷ୍ଟି ହେବାରୁ ଫସଲ ପ୍ରତି ଯେଉଁ ଆଶଙ୍କା ଥିଲା ତାହା ବହୁପରିମାଣରେ ଗତ ହୋଇଅଛି । ରବି ଶସ୍ୟ ସଂକଟରେ ଲାଗିଅଛି । ଆଉ ଦୁଇ ଏକଥର ବୃଷ୍ଟି ହେଲେ ସମ୍ପୂର୍ଣ୍ଣ କ୍ଷେତ୍ରର ଆଶା ହେବ ।

ମାନ୍ଦ୍ରାଜରେ ଖାଦ୍ୟଦ୍ରବ୍ୟ କ୍ରମଶଃ ଶସ୍ତା ହେଉଅଛି । ଗଞ୍ଜାମରେ ବର୍ତ୍ତମାନ ଚାଉଳ ଟଙ୍କାକୁ ସେ ୨୧ ତ ହୋଇଅଛି ଏଥିପୂର୍ବେ ସେ ୧୩ ଥିଲା ।

୧ । ପୁଲିସମାଗ୍ରର ପତ୍ରିକାରୁ ଅବଗତ ହେଲୁଁ ମଣ୍ଟେମନଗପକୁ ଗବର୍ଣ୍ଣମେଣ୍ଟଙ୍କର ଗଣ୍ଡିଏ ମନୋହର ଜାହାଜ ଯାଇଥିଲା ସେଠାର ଲୋକମାନେ ତାହାଙ୍କର ଭଣ୍ଡାରୀ ଓ ଛଜଣ ମାଝିଙ୍କୁ ମାରି ପକାଇଅଛନ୍ତି ।

୨ । ଆମ୍ଭେମାନେ ଶୁଣି ଆଶ୍ଚର୍ଯ୍ୟ ହେଲୁଁ, ଗତ ଶନିବାର ଦୁଇପ୍ରହର ସମୟରେ ସୁରଲକିଶୋର ଦାସଙ୍କ ଲେନରେ, ଯେଉଁଠାରେ ପୂର୍ବ ସପ୍ତାହରେ ଏକ ଜଣକୁ ମାରି ଟଙ୍କା ବାହାରକରି ନେଇଥିଲେ ସେହିଠାରେ ଏକ ଭଦ୍ରଲୋକଙ୍କର ଦାଣ୍ଡର ଭିତରେ ସ୍ନାଇବୋର ଅଧାରେ ଚିଲ ଗୋଟିଏ ଗ୍ରହବର୍ଜ୍ଜିର ପିଲା ବୁଲୁଥିଲା, ରାତ୍ରରେ ଦଶରେ ତାହାର ମା ଠିଆ ହୋଇଥିଲେ, ଗୋଟିଏ ଦୁଷ୍ଟମାନ ସେ ପିଲାଟିକୁ ଧାଇଁଲୁ ଦେଖି ଉଠାଇ ଯାଇ ପିଲାଙ୍କୁ ଚୋରହାରଟି ଫିଟାଇଅଛି ଏହା ଦେଖି ପିଲାର ମା "ସହଣାରେଲଗାଏ" ଚଲ୍ଲାଇ କରୁ୨ ଲେଇ ପଠାଇ ତାହା ନେଇ ବାହାରିଗଲା । ଦିନ ଦୁଇପ୍ରହରରେ ଏପରି ବ୍ୟାପାର ହେଲେ ଲୋକଙ୍କର ବାସ କରିବାଇତ କଠିନ !!

ପଞ୍ଜାବରେ ଗୋଟିଏ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ ବୋଲି ପ୍ରସ୍ତାବ ହେବାରୁ ଲାହୋରର ଭାରତବର୍ଷୀୟ ସଭା ତହିଁର ପ୍ରତିବାଦ କରି ଏକ ଆବେଦନପତ୍ର ଗଭର୍ଣ୍ଣମେଣ୍ଟକୁ ପଠାଇ ଅଛନ୍ତି । ଆମ୍ଭେମାନେ ଶୁଣି ଆଶ୍ଚର୍ଯ୍ୟ ହେଲୁଁ ଯେ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିମିତ୍ତ ଇଂରାଜୀ ଭାଷା ଅଧ୍ୟୟନ ଆବଶ୍ୟକ ନୁହଇ । ଏପରି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାଠାରୁ ନ କରିବା ଭଲ । କାରଣ ଇଂରାଜୀ ଭାଷା ଶିକ୍ଷା ପ୍ରତି ଅବହେଳା ଦେଖାଇବାଠାରୁ ଆମ୍ଭମାନଙ୍କ ସ୍ୱଦେଶ ଉନ୍ନତିର ପଥରୁଦ୍ଧ କରିବାର ଅନ୍ୟ ସହଜ ଉପାୟ ନାହିଁ ।

ଦାମନ ଜେଲଖାନାରୁ ୩୭ ଜଣ କଏଦୀ ପଳାଇ ଥିଲେ ତହିଁ ମଧ୍ୟରୁ ୧୦ ଜଣ ଧରା ପଡ଼ିଅଛନ୍ତି । ଏପରି ପଳାଇବା କେଉଁ ବାହାଦୁରୀ ।

ଡେଲିନିଉସ ଶୁଣିଅଛନ୍ତି କି ଆୟୁବ ଖାଁ ପରାସ୍ତ ହେବାରୁ ତାହାଙ୍କ ଅଧୀନସ୍ଥ ଲୋକଙ୍କ ମଧ୍ୟରେ ତାହାଙ୍କର ପ୍ରତିପତ୍ତି ଊଣା ହୋଇ ନାହିଁ । ବର୍ତ୍ତମାନ ତାହାଙ୍କ ସଙ୍ଗେ ଗୋ ୪୦ ଟା ତୋପ ଅଛି ଓ କାନ୍ଦାହାର ପ୍ରତି ଆଉ ଥରେ ଚେଷ୍ଟା କରିବାର ଇଚ୍ଛା ପ୍ରକାଶ କରିଅଛନ୍ତି । ଧନ୍ୟ ଏ ମାନଙ୍କର ସାହସ ।

ନୂତନ ପଞ୍ଜିକା ।

ସନ ୧୮୮୧ । ୮୨ ସାଲର ନୂତନ ପଞ୍ଜିକା ମୁଦ୍ରିତ ହୋଇଅଛି ମୂଲ୍ୟ ଖଣ୍ଡକୁ ଟ ୦ ୫ ଅଣା

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ୍ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳି ପାରେ ଯଥା;—

ଗୁଳିକାମୂଳ ସହିତ ୫ ଆଉନ୍ସକୁ ଟ ୭୦ । ୮ ଆଉନ୍ସକୁ ଟ ୧୧ଙ୍କା । ୧୬ ଆଉନ୍ସକୁ ୨୦୩ । ମୂଲ୍ୟ ନଗଦ ।

ମୂଲ୍ୟପ୍ରାପ୍ତି ।

ଚୌଧୁରୀ ବାସୁଦେବ ଦାସ	କଟକ କଣ୍ଟାପଡ଼ା	ଟ ୩
ଶ୍ରୀଯୁକ୍ତ ଟେଲର ସାହେବ	ଗୋଲିଆ ଏଣ୍ଡିମ	ଟ ୪
ବାବୁ ବୈଷ୍ଣବଚରଣସାନ୍ତରାୟ ମହାପାତ୍ର ବାଙ୍କି	କଟକ	ଟ ୪
ଚକ୍ରଧରଅଗ୍ରୱାଲ	ଅଞ୍ଜାପଡା ଏଣ୍ଡିମ	ଟ ୩

ଏହି ଉତ୍କଳଦୀପିକା ସହର କଟକ ଦଳସାହାଳାର କଟକ ପ୍ରିଣ୍ଟିଙ୍ଗକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୫ ଗ
ସ ୫୦ ସଂ୍ୟା

ତା୧୮ଇଶ ମାହେ ଡିସମ୍ବର ସନ ୧୮୮୦ ମସିହା । ମୂ । ପୌଷ ଦ ୭ ଲ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୧
ମଫସଲପାଇ ଡାକମାସୁଲ ଟ ୧୷

ସନ ୧୮୮୦ ମସିହାର ନିମ୍ନ ବୃତ୍ତି ପରୀକ୍ଷାର ଫଳ ଆମ୍ଭେମାନେ ଶ୍ରୀଯୁକ୍ତ ଇନ୍‌ସ୍ପେକ୍ଟରଙ୍କଠାରୁ ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଅନ୍ୟାନ୍ୟ ଗୁରୁତର ବିଷୟ ଦୃଷ୍ଟିରେ ତହିଁ ନିମିତ୍ତ ସ୍ଥାନ ଦେଇ ପାରିଲୁଁ ନାହିଁ । କେବଳ ଯେଉଁମାନେ ବୃତ୍ତି ପାଇଅଛନ୍ତି ସେମାନଙ୍କ ନାମ ଅନ୍ୟାନ୍ୟ ପରୀକ୍ଷାରେ ବୃତ୍ତି ପାଇଥିବା ଛାତ୍ରଙ୍କ ନାମ ସହିତ ଅଉଗନ୍ତ ପତ୍ରିକାରେ ପ୍ରକାଶିତ ହେଲା । ନିମ୍ନ ବୃତ୍ତି ପରୀକ୍ଷାର ଫଳ ପ୍ରୀତିକର ଅଟଇ । ସର୍ବସୁଦ୍ଧା ଜ ୬୪ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏ ପରୀକ୍ଷାରେ ବାଲେଶ୍ୱର ଜିଲ୍ଲାର ଶୁଙ୍ଗଦରଡ଼ା ପ୍ରଥମସ୍ଥାନ ଏବଂ କଟକ ଜିଲ୍ଲାର ଗୁନ୍ଦୋଳ ଦ୍ୱିତୀୟ ସ୍ଥାନ ପାଇଅଛି ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ଲର୍ଡ ରିପନ ପଞ୍ଜାବ ଓ ବମ୍ବେଇପ୍ରଦେଶମାନ ଭ୍ରମଣକରି ଚଳିତମାସ ତା ୬ ରିଖରେ କଲିକତା ନଗରରେ ପ୍ରବେଶ ହେବାର ସ୍ଥିର ହୋଇଥିଲା । ଏଥିମଧ୍ୟରେ ବମ୍ବେଇରେ ଲାଟସାହେବଙ୍କୁ ଜ୍ୱର ହେବାରୁ ଏକଦିନ ସେଠାରେ ଅଟକିଗଲେ ଏବଂ ତହିଁ ଆରଦିନ କିଛି ଭଲ ଥିବାରୁ ଏଲାହାବାଦକୁ ଆସିଲେ । ସେଠାରେ ପୁନର୍ବାର ଜ୍ୱର ହେବାରୁ ଅଟକିଗଲେ । ଜ୍ୱର କିଛି ପ୍ରବଳ ନ ଥିଲା ମାତ୍ର ସାମାନ୍ୟ ଜ୍ୱର ଏକାପ୍ରକାର ଲେଗିଛି ରହିବାରୁ ତାହାଙ୍କର ଶରୀର, ଅତ୍ୟନ୍ତ ଦୁର୍ବଳ ହୋଇଗଲା । ତା ୧୬ ରିଖ ପର୍ଯ୍ୟନ୍ତ ଏହିପରି ଥିଲା ତା ୧୩ ରିଖରୁ ଜ୍ୱର ଊଣା ଏବଂ ଆରୋଗ୍ୟର ଲକ୍ଷଣମାନ ଜାତ ହୋଇଅଛି । ଲାଟସାହେବଙ୍କ ପୀଡ଼ା ହେବାରେ ସମସ୍ତେ ଦୁଃଖିତ, ଈଶ୍ୱର ତାହାଙ୍କୁ ଶୀଘ୍ର ଆରୋଗ୍ୟ କରନ୍ତୁ ଏହିମାତ୍ର ପ୍ରାର୍ଥନା ।

ଖୋରଧାର ଜଙ୍ଗଲ ମହାଲ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଅଥବା ସ୍ଥାନୀୟ ହାକିମଙ୍କର ଯେତେ ଅତ୍ୟାଚାର ହେଉଅଛି ତହିଁ ସମ୍ବନ୍ଧରେ ଆମ୍ଭେମାନେ ଖଣ୍ଡିଏ ଦୀର୍ଘପତ୍ର ପାଇ ଅଛୁଁ ଏବଂ ଅନ୍ୟ ଉପାୟରେ କେତେ କଥା ଅବଗତ ହୋଇଅଛୁଁ ସେ ସମସ୍ତ କ୍ରମେ ପ୍ରକାଶ କରିବୁଁ । ଏ ସବୁ ଅତ୍ୟାଚାର ନିବାରଣର କୌଣସି ଉପାୟ ଅବଧି ହୋଇ ନାହିଁ ମାତ୍ର ତହିଁର ବୃଦ୍ଧି ପକ୍ଷକୁ ପୁଣି କଲେକ୍ଟରଙ୍କର ଆଉ ଗୋଟିଏ ବିଜ୍ଞାପନ ଓଡ଼ିଆ ଗେଜେଟରେ ବାହାରିଅଛି । ତହିଁରେ ଶାଳ ପିଆଶାଳ ଶିଶୁ ପ୍ରଭୃତି ମୂଲ୍ୟବନ୍ତ କାଠ ସଙ୍ଗେ କସି କୁସୁମ ମହାନିମ୍ବ ପର୍ଯ୍ୟନ୍ତ ୧୩ ଜାତି କାଠର ନାମଅଛି । ଏ ସମସ୍ତ କାଠ ଫରେଷ୍ଟ ଆଇନର ୨୯ ଧାରା ଅନୁସାରେ କଟା ନ ଯାଇ ଅଟକ ରହିବ । ଏ ସମସ୍ତ ଗଛ ସାଧାରଣ ଲୋକେ ସହଜରେ ଚିହ୍ନିବା ଭଳି ବିବରଣ ବିଜ୍ଞାପନରେ ଲେଖା ହେବାର ଉଚିତ ଥିଲା କାରଣ କେହି ଚିହ୍ନି ନ ପାରିବା ହେତୁ ସେପରି ଗଛ କାଟିଲେ ତାହାର ଦଣ୍ଡ କିପରି ହେବ ?

କଟକ ଓ ଚାନ୍ଦବାଲି ମଧ୍ୟରେ ଯେଉଁ ସରକାରୀ ଜାହାଜ ଯାତାୟାତ କରୁଅଛି ତହିଁ ସମ୍ପର୍କରେ ଏକ ନୂତନ ବିଜ୍ଞାପନ କଲିକତା ଗେଜେଟରେ ବାହାରିଅଛି । ଏଥିରେ ଭଡ଼ାର ନିୟମ ପୂର୍ବାପେକ୍ଷା କିଛି ଊଣା ହୋଇଅଛି ଯଥା; ପ୍ରଥମଶ୍ରେଣୀର ଭଡ଼ା ଟ ୨୫୲ ଙ୍କା ସ୍ଥଳେ ଟ ୨୦୲ ଙ୍କା ଏବଂ ଦ୍ୱିତୀୟ ଶ୍ରେଣୀର ଭଡ଼ା ଟ ୧୦୲ ଙ୍କା ସ୍ଥଳେ ଟ ୮୲ ଙ୍କା ହୋଇଅଛି । ତୃତୀୟ ଶ୍ରେଣୀର ଭଡ଼ା ପୂର୍ବାପରି ଟ ୨୲ ଙ୍କ ରହିଅଛି । ଯାତ୍ରୀକମାନଙ୍କ ସ୍ନାନ ଭୋଜନ ଇତ୍ୟାଦିର ସୁବିଧା ନିମିତ୍ତ ଏକ୨ ସ୍ଥାନରେ ଊଣା ଅଧିକ ଜାହାଜ ଅଟକିବାର ନିୟମ ହୋଇଅଛି ଯଥା; ପଟାମୁଣ୍ଡେଇ ଏବଂ ଗଣ୍ଡାକିଆରେ ଏକଘଣ୍ଟା, କେନ୍ଦ୍ରାପଡ଼ା ଓ କେନ୍ଦୁପଟଣାରେ ଅଧଘଣ୍ଟା ଏବଂ ଅପର ଲକମାନଙ୍କରେ ପନ୍ଦର ମିନିଟ ଲେଖାଏଁ । ଏଥି ପୂର୍ବେ ଏହିପରି କିଛି ବନ୍ଦୋବସ୍ତ କରିବା ସକାଶେ ଆମ୍ଭେମାନେ ଅନୁରୋଧ କରିଥିଲୁଁ । ଏ ଉତ୍ତାରୁ ଲକମାନଙ୍କ ନିକଟରେ ଗୋଟିଏ ଲେଖାଏଁ ଉତ୍ତାରଖାନା ପ୍ରସ୍ତୁତ ହେଲେ ଆଉ ଗୋଟିଏ ଅଭାବ ମୋଚନ ହେବ । ମୁଦିଙ୍କ ଦୋକାନ ପ୍ରଧାନ ଲକମାନଙ୍କଠାରେ ବସିବାର ସ୍ଥିର ହୋଇଅଛି ।

ଚଳିତ ମାସ ୪ ରିଖରେ ଏଠାରେ ପେଟ୍ରିଅଟ୍‌ଫଣ୍ଡ ସହାସେ ଭେଦା ସମ୍ବନ୍ଧ ନିମିତ୍ତ ଗୋଟିଏ ସଭା ହୋଇଥିଲା । ଶ୍ରୀଯୁକ୍ତ କମିଶ୍ନର

Digitized by srujanika@gmail.com

Split by PDF Splitter

ସାହେବ ସଭାପତି ହୋଇଥିଲେ । ଶୀତ କାଳର ସକାଳ ବେଳେ ସଭା ହେବା ହେତୁରୁ ହେଉ ଅଥବା ଅନ୍ୟ କାରଣରୁ ହେଉ ବହୁତ ଲୋକ ସଭାକୁ ଆସି ନ ଥିଲେ । ଚାନ୍ଦା ଫଣ୍ଡ ନିମିତ୍ତ ଗୋଟିଏ କମିଟୀ ନିଯୁକ୍ତ ହେଲା ଏବଂ ବାବୁ ସୀତାନାଥ ମୁଖର୍ଯ୍ୟା ସେକ୍ରେଟେରୀ ହେଲେ ଉପସ୍ଥିତ ସଭ୍ୟମାନେ ପ୍ରାୟ ଟ୧୧୦୦ଙ୍କା ଚାନ୍ଦା ସ୍ୱାକ୍ଷର କଲେ । ଚାନ୍ଦା ଫର୍ଦ ଓଡ଼ିଶାର ତିନିଜିଲ୍ଲା ଏବଂ ସମସ୍ତ ଗଡ଼ଜାତ ମହାଲ ଭ୍ରମଣ କରିବ। ଆମ୍ଭେମାନେ ଆଶା କରୁଁ ଯେ ଧନୀ ଲୋକମାନେ ଏ ମହତ୍ କାର୍ଯ୍ୟରେ ଚାନ୍ଦା ଦେବାକୁ ଅଗ୍ରସର ହେବେ । ଦେଶୀୟ ଧନାଢ୍ୟ ଲୋକଙ୍କ ଆଗ୍ରହ ଦେଖି ଗବର୍ଣ୍ଣମେଣ୍ଟ ଏ ଫଣ୍ଡ ସ୍ଥାପନ କରିଅଛନ୍ତି ନତୁବା ଗବର୍ଣ୍ଣମେଣ୍ଟ କାହାରିକୁ ଚାନ୍ଦା ଦେବାକୁ ବଳାତ୍କାର କରୁ ନାହାନ୍ତି ତେବେ ସ୍ଥାନୀୟ ହାକିମଙ୍କ ଛଡ଼ା ଅପର ଲୋକଙ୍କଦ୍ୱାରା ସଭା ଆହୂତ ହୋଇ ଥିଲେ ଅଧିକ ଶୋଭନୀୟ ହୋଇ ଥାନ୍ତା ।

———

ବାଙ୍କୀରେ ସମ୍ପ୍ରତି ଭୟଙ୍କର ଓଲାଉଠା ଓ ବସନ୍ତ ରୋଗ ଲାଗିଅଛି । ବାଙ୍କୀର କୌଣସି ବ୍ୟକ୍ତି ଚୌଷଠିପଡ଼ାକୁ ବିବାହ କରିବା କାରଣ ଯାଇ ଥିଲା । ବରର ପିତା ଓ ପୁରୋହିତ ଏବଂ ଜଣେ ଚାକରକୁ ସେଠାରେ ଓଲାଉଠା ଧରିବାରୁ ସେମାନେ ବାଟରେ ମରି ଗଲେ । ସେହି ବର ଯାତ୍ରିଙ୍କ ସଙ୍ଗରେ ଏ ରୋଗ ବାଙ୍କୀକୁ ଆସି ଏବେ କେତେ ଗୁଡ଼ିଏ ଗ୍ରାମରେ ବିସ୍ତୃତ ହୋଇ ଅଛି ଏବଂ କେତେ ଗୁଡ଼ିଏ ଲୋକ ଏଥିରେ ମରି ପଡ଼ିଲେଣି ମହାନଦୀର ଦୁଇ କୂଳରେ ରୋଗ ପ୍ରକାଶ ହୋଇଅଛି । ବସନ୍ତ ରୋଗରେ ମଧ୍ୟ କେତେ ଗୁଡ଼ିଏ ଲୋକ ନାଶ ହେଲେଣି । ଇଂରାଜୀ ଟିକାଦିଆ କେତେ ଲୋକ ସେଠାରେ ପ୍ରବେଶ ହୋଇ ଟିକା ଦେଉଅଛନ୍ତି ମାତ୍ର ଲୋକମାନେ ଏ ଟିକାର ମହତ୍ତ୍ୱ ଜାଣି ନ ଥିବାରୁ ତେତେ ଆଗ୍ରହ ସହିତ ଟିକା ନେଉ ନାହାନ୍ତି । ବାସ୍ତବରେ ଯେତେବେଳେ ଇଂରାଜୀ ଟିକାର ସୁଫଳ ମୋଗଲବନ୍ଦୀର ଲୋକେ ବୁଝିବାକୁ ସକ୍ଷମ ହେଉ ନାହାନ୍ତି ସେ ସ୍ଥଳେ ଗଡ଼ଜାତଙ୍କର କଥା କ ବୋଲା ଯିବ । ଆମ୍ଭେମାନେ ନିଶ୍ଚୟ ଜାଣୁ ଯେ ଇଂରାଜୀ ଟିକା ବସନ୍ତ ରୋଗର ଯଥାର୍ଥ ବାରକ ଅଟଇ ଏବଂ ଏ ଟିକା ନେବା ପାଇଁ ସମସ୍ତଙ୍କୁ ଅନୁରୋଧ କରୁଁ ।

—*—

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ବାଲେଶ୍ୱରର ପୁଲିସ ସୁପ୍ରେଣ୍ଡେଣ୍ଟ କେବଳ ଦୁଇ ପ୍ରହରୀଆ ଏବଂ କତଲ ଏହି ଦୁଇଦିନ ରାତ୍ରିଶେଷ ପର୍ଯ୍ୟନ୍ତ ବାଜା ବଜାଇବାର ଆଦେଶ ଦେଇଥିଲେ ଏବଂ ଅପର ସମସ୍ତ ପର୍ବଦିନମାନଙ୍କରେ କେବଳ ରାତ୍ରି ଠ ୧୦ ଟା ପର୍ଯ୍ୟନ୍ତ ବାଜା ବାଜିବାର ନିୟମ କରିଥିଲେ ଏଥିରେ ସେଠା କଦମରସୁଲଙ୍କଠାରେ ଗୁନରାତ୍ର ଅର୍ଥାତ୍ ମହରମ ଆରମ୍ଭଦିନ ରାତ୍ରି ଶେଷ ପର୍ଯ୍ୟନ୍ତ ରହି ପାରିଲେ ନାହିଁ । ଏ ରାତ୍ରି ଶେଷ ପର୍ଯ୍ୟନ୍ତ ଏଠାରେ ରହିବା ପ୍ରାଚୀନ ପ୍ରଥା ଅଟଇ । ଏ ପ୍ରଥାପ୍ରତି ହସ୍ତକ୍ଷେପଣ କରିବାରେ ମୁସଲମାନଙ୍କର କ ପର୍ଯ୍ୟନ୍ତ ମନସ୍ତାପ ହୋଇଥିବ ତାହା ସହଜରେ ଅନୁଭବ ହୋଇ ପାରେ । ପୁଲିସର ଏ କାର୍ଯ୍ୟକୁ ସେମାନେ ନିଶ୍ଚୟ ତାହାଙ୍କର ଧର୍ମ କାର୍ଯ୍ୟପ୍ରତି ବାଧା ଦେବା ତୁଲ୍ୟ ଜ୍ଞାନ କରିଥିବେ । ସ୍ଥାନୀୟ ହାକିମଙ୍କର ଏହି ପ୍ରକାର ଅନର୍ଥକ ଅପ୍ରୀତିକର କାର୍ଯ୍ୟଦ୍ୱାରା ଗବର୍ଣ୍ଣମେଣ୍ଟଙ୍କପ୍ରତି ଲୋକଙ୍କର ଅଟଳବିଶ୍ୱାସ ବିଚଳିତ ହୋଇ ଯାଏ କାରଣ ସାଧାରଣ ଲୋକେ ସେମାନଙ୍କୁ ଗବର୍ଣ୍ଣମେଣ୍ଟଙ୍କଠାରୁ ପୃଥକ୍ ଜ୍ଞାନ କରନ୍ତି ନାହିଁ । ଏହିଭଳି ହାକିମ ସୁଶାସନର ପ୍ରକୃତ ଶତ୍ରୁ ଅଟନ୍ତି ଅତଏବ ଏମାନଙ୍କୁ ଅଗ୍ରେ ଶାସନ କରିବାର ଉଚିତ ।

—◦○◦—

ଏବର୍ଷ ମୋହରମପର୍ବ ଏ ନଗରରେ ସୁଖରେ ନିର୍ବାହିତ ହେଲା । ସମସ୍ତଙ୍କ ମତରେ ଅନ୍ୟାନ୍ୟ ବର୍ଷାପେକ୍ଷା ଏଥର ଉଭୟ ଯାତ୍ରୀ ଏବଂ ତାଜିଆ ସଂଖ୍ୟା ଅଧିକ ହୋଇଥିଲା ଏବଂ ଲୋକେ ଅଧିକ ଆମୋଦ ପ୍ରମୋଦରେ ମତ୍ତ ଥିଲେ । ଏଥିର କାରଣ କେବଳ ଗୃହଜ ଶତ୍ରୁତା ଅଳ୍ପ କିଛି ଦେଖା ଯାଉ ନାହିଁ । ପଲଟନର ତ କଥା ଦୁଇବର୍ଷ ହେଲା ହେଉ ନ ଥିଲା ଏଥର ପଲଟନ ବଦଳ ହେବାର ଥିଲେହେଁ ପଲଟନଅମଲେ ଏକଖଣ୍ଡ ଏବଂ ପେନସନଭୋଗୀ ଗୋଲନ୍ଦାଜମାନେ ଏକଖଣ୍ଡ ତାଜିଆ କରିଥିଲେ । କତଲରାତ୍ରି ଏବଂ ଅଲବିଦାଦିନ ଯାତ୍ରା ମଧ୍ୟ ସମଧିକ ସମାରୋହରେ ସୁଚାରୁରୂପେ ଏବଂ ବିନାଦୁର୍ଘଟନାରେ ନିର୍ବାହିତ ହେଲା । ପୁଲିସ ଆପଣା କର୍ମରେ ସମ୍ପୂର୍ଣ୍ଣ ସାବଧାନ ଥିଲେ ପଲଟନର ଦୁଇଖଣ୍ଡ ଛଡ଼ା ନଗରମଧ୍ୟରେ ଖ ୧୬ ଣ୍ଡ ତାଜିଆ ହୋଇଥିଲା । ତହିଁମଧ୍ୟରେ ସୁଗଠନରେ କରମଖାଁଙ୍କ ତାଜିଆ ଶ୍ରେଷ୍ଠତ୍ୱ ଲାଭ କରି ପୂର୍ବ ଖ୍ୟାତିକୁ ରକ୍ଷା କରିଥିଲା । ଉତ୍ତମ କାରିଗରୀରେ ଓଡ଼ିଆବଜାରର ତାଜିଆ ପ୍ରଥମ ସ୍ଥାନ ପାଇଥିଲା ଏବଂ ବକସିବଜାରର ତାଜିଆ ଉଭୟ ସୁଗଠନ ଏବଂ ଶିଳ୍ପନୈପୁଣ୍ୟରେ ଦ୍ୱିତୀୟ ସ୍ଥାନ ପାଇଥିଲା । ଏହି ତିନି ତାଜିଆ ବଡ଼ ସୁନ୍ଦର ହୋଇଥିବାରୁ ପୁଲିସସାହେବ ଏମାନଙ୍କର ପୃଥକ୍ ଫଟୋଗ୍ରାଫ ନେଇଅଛନ୍ତି । ଅନ୍ୟ ତାଜିଆମାନ ଯେ ଯଦ୍ୟପି ସୁନ୍ଦର ହୋଇଥିଲା କେବଳ ଅସ୍ତ୍ରଶସ୍ତ୍ରର ଅଭାବହେତୁ ଏବଂ କେତେକ ପରିମାଣରେ ଲୋକଙ୍କର ରୁଚି ପରିବର୍ତ୍ତନହେତୁ ପୂର୍ବକାଳର ଆଖଡ଼ାବାଲାଙ୍କର ଧୂମଧାମ ବର୍ତ୍ତମାନ ଦେଖିବାରେ ଆସୁ ନାହିଁ ।

—*—

ଘୋଡ଼ାଗାଡ଼ି ଡାକ ।

ଗତ ତିନିସପ୍ତାହର ଉତ୍କଳଦର୍ପଣରେ ଘୋଡ଼ାଗାଡ଼ି ଡାକ ବିଷୟରେ ଦୀର୍ଘ ପ୍ରସ୍ତାବମାନ ବାହାର ଅଛି ଏବଂ ମୟୂରଭଞ୍ଜର ମହାରାଜାଙ୍କୁ ସେ ପ୍ରସ୍ତାବ ସଫଳ କରିବା କାରଣ ସମ୍ପାଦକ ବିଶେଷରୂପେ ଅନୁରୋଧ କରିଅଛନ୍ତି । ମୟୂରଭଞ୍ଜର ମହାରାଜା ମଧ୍ୟ ଅନୁକୂଳମତ ପ୍ରକାଶ କରିଥିବାର ଉକ୍ତ ପତ୍ରିକାରେ ପାଠ କରିଅଛୁଁ ମାତ୍ର ମହାରାଜା କୌଣସି କାର୍ଯ୍ୟକରିବା ପୂର୍ବ ଏ ଦେଶୀୟ ଲୋକଙ୍କ ମତାମତ ଜାଣିବାକୁ ଇଚ୍ଛା ରଖନ୍ତି । ମହାରାଜାଙ୍କର ଏ ଇଚ୍ଛାକୁ ଆମ୍ଭେମାନେ ଅତ୍ୟନ୍ତ ପ୍ରଶଂସନୀୟ ଜ୍ଞାନ କରୁଁ। କାରଣ କୌଣସି ଗୁରୁତର ବିଷୟରେ ହସ୍ତାର୍ପଣ କରିବା ପୂର୍ବେ ସାବଧାନ ପୂର୍ବକ ତହିଁର ପୂର୍ବାପର ସମସ୍ତ କଥା ବିବେଚନା କରିବା ଯଥାର୍ଥ ବିଜ୍ଞ ଲୋକର କାର୍ଯ୍ୟ ଅଟଇ ।

ଦର୍ପଣଙ୍କର ପ୍ରସ୍ତାବ ଏହି ଯେ ଓଡ଼ିଶାକୁ ରେଲବାଟ ଆସିବାର କଥା ଆଦୌ ନାହିଁ । କେନାଲଦ୍ୱାରା କଲିକତାରୁ ପୁରୀ ପର୍ଯ୍ୟନ୍ତ ଗତାୟତର ସୁବିଧା ହେବାର ପ୍ରସ୍ତାବ ଯଦିଓ ଅବଧି ପରିତ୍ୟକ୍ତ ହୋଇ ନାହିଁ ମାତ୍ର ତାହା ଯେ ଶୀଘ୍ର କାର୍ଯ୍ୟରେ ଆସିବ ଏମନ୍ତ ସମ୍ଭାବନା ଦିଶୁ ନାହିଁ ସୁତରାଂ ଗବର୍ଣ୍ଣମେଣ୍ଟଙ୍କ ଭରସା ଛାଡ଼ି ଦେଶୀୟ ଲୋକମାନେ ମିଶି ଯେବେ ମେଦିନୀପୁରଠାରୁ ପୁରୀ ପର୍ଯ୍ୟନ୍ତ ଘୋଡ଼ାଡାକ ବସାଇବେ ତେବେ ଆପାତତଃ ଓଡ଼ିଶାର ଗୋଟିଏ ଗୁରୁ ଅଭାବ ମୋଚନ ହେବ । ମେଦିନୀପୁରଠାରୁ ପୁରୀ ମା ୨୫୦ ମାଇଲ । ପ୍ରତ୍ୟେକ ଶତମାଇଲରେ ଡାକ ବଦଳ ହେବ ଏବଂ ପ୍ରତ୍ୟେକ ମା ୧୦ ମାଇଲରେ ଗୋଟାଏ ଲେଖାଏ ସବ୍ ଷ୍ଟେସନ

Digitized by srujanika@gmail.com

Split by PDF Splitter

ହେବ । ପ୍ରତ୍ୟେକ ସବ୍‌ଷ୍ଟେସନରେ ୪ ୪ ଣ୍ଡି ଲେଖାଏ ବଗି ରହିବ ଏବଂ ପ୍ରତ୍ୟେକ ବଦଳି ସ୍ଥାନରେ ଗୋ ୪ ଟା ଲେଖାଏ ଘୋଡ଼ା ରହିବ ଏପରି ପ୍ରାୟ ୨୫୦ ଘୋଡା ଏବଂ ୨୫୦ ବଗିର ପ୍ରୟୋଜନ ହେବ । ଏ ସମସ୍ତ କ୍ରୟ ଏବଂ ଘର ଇତ୍ୟାଦି ପ୍ରସ୍ତୁତ କରିବାରେ ଏବଂ ଅନ୍ୟାନ୍ୟ ଖର୍ଚ୍ଚରେ ପ୍ରାୟ ଟ ୩୦,୦୦୦୮ ଙ୍କା ଲାଗିବ । ଚାକରମାନଙ୍କ ବେତନ ଓ ଘୋଡ଼ାଙ୍କ ଖୋରାକ ଇତ୍ୟାଦି ମାସିକ ଟ ୨୭୦୦ ଙ୍କା ପଡିବ । ସମ୍ପ୍ରତି କଲିକତା ମେଦିନୀପୁରଠାରୁ ପୁରୀପର୍ଯ୍ୟନ୍ତ ଡାକ ହରକରାଙ୍କ ବେତନ ବର୍ତ୍ତମାନ ଟ ୩୦୦୦ ଙ୍କା ଲେଖାଏ ଗବର୍ଣ୍ଣମେଣ୍ଟ ଦେଉ ଅଛନ୍ତି ଏହି ଟଙ୍କା ମୟୂରଭଞ୍ଜର ମହାରାଜଙ୍କୁ ଦେଲେ ଗାଡି ଡାକର ମାସିକ ବ୍ୟୟ ନିର୍ବାହ ହୋଇ ଯିବ ଏବଂ ଯାତ୍ରୀଙ୍କଠାରୁ ମାଇଲପ୍ରତି ଏକଅଣା ଲେଖାଏ ଭଡ଼ା ନେଲେ ଯାହା ଆୟ ହେବ ତାହା ଲାଭ ହେବ । ଏହିପରି ଦର୍ପଣ ଦେଖାଇ ଅଛନ୍ତି କି ମହାରାଜା ଏ ଗୁରୁତର କାର୍ଯ୍ୟରେ ତିରିଶ ହଜାରଟଙ୍କା ବ୍ୟୟ କଲେ ଆପାତତଃ ତାହାଙ୍କର କ୍ଷତି ହେବ ନାହିଁ ଏବଂ ପରିଣାମରେ ଲାଭ ହୋଇ ପାରେ ।

ସଂବାଦ ବାହିକା ଏ ପ୍ରସ୍ତାବର ଅନୁକୂଳରେ ମତ ଦେଇ ଏକା ମୟୂରଭଞ୍ଜର ମହାରାଜାଙ୍କୁ ଏଥିର ଭାର ନେବାକାରଣ ଅନୁରୋଧ କରି ଅଛନ୍ତି ମାତ୍ର ମୟୂରଭଞ୍ଜ ପତ୍ରିକାର ସମ୍ପାଦକ ଏ ପ୍ରସ୍ତାବଦ୍ୱାରା ଓଡିଶାର ବିଶେଷ ଉପକାରର ସମ୍ଭାବନା ନ ଦେଖି ମହାରାଜାଙ୍କୁ ତହିଁରୁ କ୍ଷାନ୍ତ ହେବାକାରଣ ଉପଦେଶ ଦେଇ ଅଛନ୍ତି ଏବଂ କହିଅଛନ୍ତି କି ମହାରାଜା ଯେବେ ନିତାନ୍ତ ତିରିଶହଜାର ଟଙ୍କା ବ୍ୟୟ କରିବାକୁ ପ୍ରସ୍ତୁତ ଅଛନ୍ତି ତେବେ କୃଷିବିଦ୍ୟାଳୟ ସ୍ଥାପନ ଅଥବା ଆପଣା ରାଜ୍ୟର ଉନ୍ନତି ସାଧନରେ ବ୍ୟୟ କରନ୍ତୁ ତହିଁରେ ଅଧିକ ଉପକାର ହେବ ।

ଆମ୍ଭେମାନେ ଦେଖୁଅଛୁଁ ଯେ ଦର୍ପଣ ମହାଶୟ ଆପଣା ପ୍ରସ୍ତାବଟିକୁ ସମ୍ପୂର୍ଣ୍ଣ କରି ନାହାନ୍ତି କାରଣ ତାହାଙ୍କ ପ୍ରସ୍ତାବମତେ ଗାଡିର ଡାକ ବସିଲେ କେତେଲୋକ ପ୍ରତ୍ୟହ ତହିଁରେ ଯାତାୟାତ କରି ପାରିବେ ଏବଂ ମେଦିନୀପୁରଠାରୁ ପୁରୀକୁ ଆସିବାକୁ କେତେଦିନ ଲାଗିବ ତାହା ପ୍ରକାଶ ପାଇ ନାହିଁ । ସମ୍ପ୍ରତି ପ୍ରାୟ ଘ ୬୦ ଣ୍ଟା ରେ କଲିକତାଠାରୁ କଟକକୁ ଡାକ ଆସୁଅଛି ଯେବେ ଘୋଡ଼ାଗାଡିରେ ଏଥିରୁ ଚଞ୍ଚଳ ଅଥବା ଏହି ପରିମାଣରେ ଡାକ ଆସିବ ଏବଂ ବ୍ୟବସାୟୀ ଚିରସ୍ଥାୟି ହେଲାପ୍ରାୟ ବୋଧ ହେବ ତେବେ ଗବର୍ଣ୍ଣମେଣ୍ଟ ଡାକର କାର୍ଯ୍ୟ ଏହି ଗାଡି ଡାକଦ୍ୱାରା କରାଇବାକୁ ଆପତ୍ତି କରିବେ ନାହିଁ ବୋଲି ଅନୁମିତ ହେଉଅଛି ମାତ୍ର ଗାଡିଡାକ ସୁଚାରୁରୂପେ ଚଳାଇବା ପୂର୍ବରୁ ଗବର୍ଣ୍ଣମେଣ୍ଟଙ୍କର ସାହାଯ୍ୟ ଆଶା କରିବା ବୃଥା । ଅତଏବ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟକୁ ଭବିଷ୍ୟତର ଲାଭ ମଧ୍ୟରେ ଗଣନା କରି ଆପାତତଃ ଗାଡିଡାକଦ୍ୱାରା ତହିଁର ଖର୍ଚ୍ଚା ଉଠି ପାରିବ କି ନାହିଁ ଏଥିର ବିଚାର କରିବା ଆବଶ୍ୟକ । ଏଥିକୁ ଆମ୍ଭେମାନେ ମୟୂରଭଞ୍ଜ ପତ୍ରିକା ସହିତ ଐକ୍ୟହୋଇ କହୁଅଛୁଁ ଯେ ଏଥିରେ ପ୍ରକୃତ ଉପକାର ଅବା ଲାଭର ସମ୍ଭାବନା ଅତି ଅଳ୍ପ । ଘୋଡ଼ା ଗାଡିରେ ବାଣିଜ୍ୟର କିଛିମାତ୍ର ସୁବିଧା ନାହିଁ ଓ ବାଣିଜ୍ୟ ବୃଦ୍ଧିବିନା ଦେଶର ଉନ୍ନତି ହୋଇ ନ ପାରେ । ଗାଡି ଡାକରେ ଏକା ଯାତ୍ରିଙ୍କ ସୁବିଧା ମାତ୍ର ମାଇଲପ୍ରତି ଏକଅଣା ଅବା ଅଧଅଣା ଦେଇ କେତେ ଯାତ୍ରି ଏଥିରେ ଗତାୟାତ କରିବାକୁ ସମ୍ମତ ହେବେ । ଚାରିଟଙ୍କାରେ କଲିକତାଠାରୁ କଟକ ପର୍ଯ୍ୟନ୍ତ ଯାତ୍ରି ଆସୁ ଅଛନ୍ତି । କେବଳ ଯେଉଁମାନେ ଜାହାଜରେ ଆସିବାକୁ ଆପତ୍ତି କରନ୍ତି ଏବଂ ସ୍ୱୟଂ ଶଗଡ଼ଭଡ଼ା କରି ଆସନ୍ତି ସେହିମାନେ ଏତେ ଅଧିକ ମୂଲ୍ୟଦେଇ ଘୋଡାଗାଡିରେ ଆସିବେ ଏବଂ ଏମାନଙ୍କ ସଂଖ୍ୟା ଯେ ଅଧିକ ତାହା ଜଣାଯାଉନାହିଁ । ଆଉ ଚଲାଇବାର ପାଇଁ ହେବାର କିଛି ବନ୍ଦୋବସ୍ତ ଦର୍ପଣଙ୍କ ପ୍ରସ୍ତାବରେ ଦେଖାଯାଉନାହିଁ । ନଦୀବାଲିରେ ଘୋଡା କମ୍ପା ବଗି ଚାଲିବ ନାହିଁ । ତହିଁପାଇଁ ଦେଶୀୟ ଶଗଡ ଓ ବଳଦ ରଖିବାର ଆବଶ୍ୟକ ଏବଂ ତହିଁରେ ଅଧିକ ବ୍ୟୟ ଓ ବିଲମ୍ବ ହେବ । ଆମ୍ଭେମାନେ ଅନୁମାନକରୁଁ କି ଘୋଡ ଗାଡି ବଦଳରେ ବଳଦଗାଡି ଡାକ ଓଡିଶା ପକ୍ଷରେ ଅଧିକ ଉପଯୋଗି ହେବ ଏବଂ ତାହା ଯେବେ ଅଳ୍ପ ବ୍ୟୟରେ ଚାଲିପାରେ କି ଯେମନ୍ତ ମାଇଲ ପ୍ରତି ଏକପଇସା ଲେଖାଏ ଭଡା ନେଲେ ପୋଷାଇବ ତେବେ ଏକପ୍ରକାର କାର୍ଯ୍ୟ ଚଳିପାରେ । ପଶ୍ଚିମାଞ୍ଚଳର ଅନେକ ସ୍ଥାନରେ ବଳଦ ଗାଡିର ଡାକ ଅଛି ଓ ତଦ୍ଦ୍ୱାରା ଭଲକାର୍ଯ୍ୟ ହେଉଥିବାର ଆମ୍ଭେମାନେ ଶୁଣିଅଛୁଁ ଯଦ୍ୟପି ତହିଁର କାର୍ଯ୍ୟପ୍ରଣାଳୀ କେହି ବିଶେଷରୂପେ ଅବଗତ ହୋଇ ଏଠାରେ ତଦନୁସାରେ କାର୍ଯ୍ୟ କରି ପାରନ୍ତି ତେବେ ଏକପ୍ରକାର ସୁବିଧା ହୋଇ ପାରେ ଅତଏବ ଆମ୍ଭେମାନେ ବିଚାରକରୁଁ କି ଗୋଟିଏ କୋମ୍ପାନି ସ୍ଥାପିତ ହୋଇ ପ୍ରଥମତଃ କଟକଠାରୁ ପୁରୀ ପର୍ଯ୍ୟନ୍ତ ବଳଦ ଗାଡିଡାକ ପରୀକ୍ଷାସ୍ୱରୂପ ବସାଇବାର ଚେଷ୍ଟା ହେଉ କଲିକତାରୁ ଚାନ୍ଦବାଲିବାଟେ କଟକକୁ ଯେତେ ଯାତ୍ରି ଆସୁ ଅଛନ୍ତି ସେମାନେ ଆଠ ଦଶ ଅଣା ଅଧିକା ଦେଇ ପୁରୀକୁ ଯିବାକୁ କଦାଚ କୁଣ୍ଠିତ ହେବେ ନାହିଁ ଓ ଏ ବାଟରେ ଗାଡିଡାକ ସଫଳ ହେଲେ କ୍ରମେ ମେଦିନୀପୁରଠାରୁ ଆଖୁଆପଦା ପର୍ଯ୍ୟନ୍ତ ଡାକ ଫିଟିପାରେ ଓ ସେଠାରୁ ହାଇଲେବଲ କେନାଲବାଟେ କଟକକୁ ଯାତ୍ରିମାନେ ଆସି ପାରନ୍ତି । ମୟୂରଭଞ୍ଜର ମହାରାଜା ଏଥିରେ ବିଶେଷ ସାହାଯ୍ୟ କରିପାରନ୍ତି । ମାତ୍ର ତାହାଙ୍କୁ ଏକାକୀ ଏଥିର ଭାର ନେବାର ପରାମର୍ଶ ଦେଇ ନ ପାରୁଁ କମ୍ପାନି ହେଲେ କ୍ଷତି ଲାଭର ଦାୟୀ ସମସ୍ତେ ହେବେ ଏବଂ ପାଞ୍ଚଜଣଙ୍କ ଯତ୍ନ ଓ ବିବେଚନାରେ କାର୍ଯ୍ୟହେଲେ କ୍ଷତିର ସମ୍ଭାବନା ଅଳ୍ପ ହେବ ମଧ୍ୟ କାହାରକୁ ସମୁଦାୟ କ୍ଷତି ସହିବାକୁ ହେବ ନାହିଁ ।

ଆମ୍ଭମାନଙ୍କ ଜାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯଥା ;—

ବର୍ତ୍ତମାନ ଏ ତରଫରେ କୌଣସି ସ୍ଥାନରେ ଓଳଉଠା ଓ ପ୍ରାୟ ସକଳ ସ୍ଥାନରେ ଜ୍ୱର ରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି ଓ ତଦ୍ଦ୍ୱାରା ଅନେକ ମନୁଷ୍ୟ ମରି ପଡୁଅଛନ୍ତି । ମୋଟ ନୂଆ ଚାଉଳ ବର୍ତ୍ତମାନ ଟ ୧ ର ସେ ୨୭ ରେ ହିସାବ ପ୍ରାପ୍ତ ହେଉଅଛି ଅତ୍ରର ଏ ସବ ଡିବିଜନ ଅନ୍ତର୍ଗତ ଥାନାର ଅଧିକାଂଶ ଇଲାକା କେନ୍ଦ୍ରାପଡ଼ା ସବ ଡିବିଜନ ଭୁକ୍ତ ହୋଇଥିବାରୁ ଆମ୍ଭମାନଙ୍କ ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀଯୁତ ବାବୁ ସାହେବ ଚଳିତ ମାସ ତା ୫ ରିଖରେ ଗୋପାଳପୁର ମୁକାମରେ କେନ୍ଦ୍ରାପଡ଼ା ହାକିମଙ୍କୁ ଚାର୍ଜ ଦେଇ ଗଲେଣି ମାତ୍ର ହାକିମଙ୍କ ପ୍ରଭୃତି କେତେକ ପ୍ରଗଣାର ଲୋକଙ୍କ ପୂର୍ବାପେକ୍ଷା ହାଲ ବନ୍ଦୋବସ୍ତରେ କିଛି କଷ୍ଟ ହେବ ବିଶେଷତଃ କେନ୍ଦ୍ରାପଡ଼ା ମୁନସଫି କଟକ ମୁକାମରେ ଥିବାହେତୁ ସିବିଲ ଷ୍ଟେସନର ପକ୍ଷରେ ଅଳଥାନା ଅନ୍ତର୍ଗତ ସମସ୍ତ ଲୋକଙ୍କର ବିଶେଷ କଷ୍ଟ ହେବ । ଏଠାର ଶ୍ରୀ ବିରଜା ଠାକୁରାଣୀଙ୍କର ଅନେକ ଲାଖରାଜ ଜମି ଓ ବ୍ରହ୍ମୋତ୍ତର ରହି ତଦ୍ଦ୍ୱାରା ଶ୍ରୀ ଠାକୁରାଣୀଙ୍କର ସେବାପୂଜା ବିଧିମତେ ନିର୍ବାହ ହୋଇ ପାରେ ମାତ୍ର ସେବା ପୂଜାର ତତ୍ତ୍ୱ ନିର୍ଦ୍ଧାରଣ କରିବା ସକାଶ କୌଣସି ପ୍ରକାର ପୂର୍ବରୁ ଉତ୍ତମ ବନ୍ଦୋବସ୍ତ ହୋଇ ନ ଥିବା କିବା ପରିଚ୍ଛା ମୁକରର ନ ଥାଇ ସକଳ କାର୍ଯ୍ୟର ଭାର ସେବକଙ୍କ ଉପରେ ଥିବାରୁ ସେମାନେ ଠାକୁରାଣୀଙ୍କର ସର୍ବସ୍ୱ ଆତ୍ମସାତ କରି ଠାକୁରାଣୀଙ୍କ ସେବା ପୂଜା ପକ୍ଷରେ ବିଶେଷ ତ୍ରୁଟି କରୁଅଛନ୍ତି ଗତ କାର୍ତ୍ତିକପୂର୍ଣ୍ଣିମା ଦିନ ଠାକୁରାଣୀଙ୍କ ବେଶ ସରେ ମତେ ଖାଇବାର ସମସ୍ତ ଦ୍ରବ୍ୟ ଦେଖା ଯାଇଥିଲା ଠାକୁରାଣୀଙ୍କର ଯେତେ ନିତ୍ୟ ଖର୍ଚ୍ଚ ଅଛି ତହିଁରୁ ବାର୍ଷିକ ଟ ୩୦୦ ଙ୍କା ପର୍ଯ୍ୟନ୍ତ ଲଭ୍ୟ ହୋଇପାରେ ମାତ୍ର ସେ ସମସ୍ତ ମଦର ଖର୍ଚ୍ଚାରେ ଅପବ୍ୟୟ ହୁଏ ।

Digitized by srujanika@gmail.com

ସାପ୍ତାହିକ ସଂବାଦ ।

ଗତ ଗୁରୁବାର ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହୋଇଥିଲା । ଉତ୍କଳ ପାଞ୍ଜି ମତେ ରାତ୍ର ଘ ୭।୨୦।୪୮ ରେ ଗ୍ରହଣ ଲଗିବାର ଥିଲା ଏଥକୁ ରାତ୍ର ଘ ୭।୨୫ ଠାରେ ଗ୍ରହଣ ଆରମ୍ଭ ହେଲା । ଏହି ପାଞ୍ଚ ମିନିଟର ଅନ୍ତର ଧର୍ତ୍ତବ୍ୟ ନୁହେ ସୁତରାଂ ପାଞ୍ଜିର ଗଣନାକୁ ଠିକ ବୋଲିବାକୁ ହେବ । ଗ୍ରହଣ ଛାଡିବାର ସମୟ ମଧ ଠିକ ହୋଇଥିଲା ।

ଶ୍ରୀଯୁକ୍ତ କମିସ୍ନର ସାହେବ ଏହିମାସ ତା ୨୮ ରିଖରେ ଗଡ଼ଯାତ ଗସ୍ତକୁ ଯାତ୍ରା କରିବାର ସ୍ଥିର କରି ଅଛନ୍ତି ।

ଶ୍ରୀଯୁତ ବାବୁ ନନ୍ଦକିଶୋର ଦାସ ଗଡ଼ଜାତ ଭ୍ରମଣ ଅଭିପ୍ରାୟରେ ଗତ ବୁଧବାର ଏଠାରୁ ଯାତ୍ରା କରିଅଛନ୍ତି ।

ମୃତ ରଘୁନାଥ ସାନ୍ତ୍ରାଙ୍କ ପୁତ୍ରମାନେ ଛତ୍ର ସାହେବ କେସ ମକଦମାରୁ ପ୍ରଚୁର ପ୍ରମାଣ ଅଭାବେ ଖଲାସ ପାଇଗଲେ । ପ୍ରଶଂସିତ ସାନ୍ତ୍ରା ଗୋଷ୍ଠୀ ଗର୍ଜ୍ଜିୟ ଓ ବିଷୟ ବୃତ୍ତିରେ ଯେପରି ଖ୍ୟାତ ଥିଲେ ସେହିପରି ତାଙ୍କର ପୁତ୍ରମାନେ ଅସତ୍ ବ୍ୟୟରେ ଟଙ୍କା ଉଡାଇବାରେ ଖ୍ୟାତ ହୋଇ ଅଛନ୍ତି। ଗ୍ରହ ଦୋଷ ଯୋଗେ ଅନେକ ଲୋକେ ସର୍ବନାଶକୁ ପ୍ରାପ୍ତ ହୋଇ ଅଛନ୍ତି । ତଥାପି ଲୋକେ ସାବଧାନ ହେଉ ନାହାନ୍ତି ।

ଶୁଣାଯାଏ ଯେ ବାଙ୍କି ତହସିଲଦାରଙ୍କ ମକଦ୍ଦମା ଆଇନ ମତେ ଉପଯୁକ୍ତ ଅଦାଲତରେ ଦାଏର ହେବା କାରଣ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇ ଅଛନ୍ତି ।

କଲିକତା ନଗରରେ ସମ୍ପ୍ରତି ଜ୍ୱର ଏବଂ ଓଲାଉଠା ରୋଗ-ରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ହୋଇଅଛି । ଜ୍ୱର ରୋଗ ବଡ଼ ପ୍ରବଳ ଅଛି ମାତ୍ର ଓଲାଉଠା ଶାନ୍ତ ହେଲପରି ଜଣା ଯାଉଅଛି ।

ଆମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ବାବୁ ଉମଚରଣ ବାନର୍ଜ୍ଜୀ ଡେପୁଟୀ ମାଜିଷ୍ଟ୍ରେଟ ଯାହାଙ୍କ ବିରୁଦ୍ଧରେ ଗୋଟିଏ ମାମଲା ହେବାର ଗତ ସପ୍ତାହରେ ଲେଖିଥିଲୁଁ ସେହି ମାମଲା ହେତୁ ସସ୍‌ପେଣ୍ଡ ହୋଇଅଛନ୍ତି । ଏତେ ସାଧୁ-କାଳ ଗୃହକୁ ଲଗିରୁ ଏପରି ଘଟଣା ହେବା ବଡ ଆଶ୍ଚର୍ଯ୍ୟ ଅଟଇ ।

ଭାରତବର୍ଷର ଜଣେ ପ୍ରବଞ୍ଚକ ଅଧ୍ୟ ବ୍ୟୟ ଦଳର ମନ୍ତ୍ରୀ ଶ୍ରୀଯୁକ୍ତ ମାସି ସାହେବ ବ ୬୧ ର୍ଷ ବୟଃକ୍ରମ ସମୟରେ ଗୋ-ଟିଏ ବିବାହ କରିଅଛନ୍ତି ଏବଂ ଆଉ ଜଣେ ସମ୍ଭ୍ରାନ୍ତ ଲୋକ ବ ୬୪ ର୍ଷ ବୟସରେ ବିଭା କରିଅଛନ୍ତି । ଅସ୍ମଦ୍ଦେଶରେ ବ ୫୦ ର୍ଷରେ କେହି ବିବାହ କଲେ ଲୋକେ ହାସ୍ୟ କରନ୍ତି କିନ୍ତୁ ବିଲାତରେ ସେପରି ନୁହଇ ପରା । ପାତ୍ରିଙ୍କର ବୟସ ଲେଖାଥିଲେ ମନର ସନ୍ଦେହ ଦୂର ହୁଅନ୍ତା ।

ଲକ୍ଷ୍ନୌର ସମ୍ବାଦପତ୍ରରୁ ଜଣାଯାଏ ଯେ ଗତ କାର୍ତ୍ତିକ-ପୂର୍ଣ୍ଣିମା ସ୍ନାନଯାତ୍ରା ଉପଲକ୍ଷରେ ଅଯୋଧ୍ୟାଠାରେ ତିନିଲକ୍ଷ ଯାତ୍ରୀ ମେଳ ହୋଇଥିଲେ ପୁଲିସର ସୁବନ୍ଦୋବସ୍ତ ହେତୁ କୌଣସି ଦୁର୍ଘଟଣା ହୋଇ ନାହିଁ । ଗୋଟିଏ ସ୍ଥାନରେ ତିନି ଲକ୍ଷ ଲୋକ ଠୁଳ ହେବାର କଥା ଅସାଧାରଣ ବୋଧ ହେଉଅଛି ।

ଇଟାଲିର ବିଗତ ରାଜା ଇମାନୁଏଲଙ୍କ ସ୍ମରଣାର୍ଥେ ସେଠା ଗବର୍ଣ୍ଣମେଣ୍ଟ ଗୋଟିଏ କୀର୍ତ୍ତି ଥାପିବାରେ ଛତିଶ ଲକ୍ଷ ଟଙ୍କା ବ୍ୟୟ କରିବାକୁ ସଙ୍କଳ୍ପ କରିଅଛନ୍ତି । କପର କୀର୍ତ୍ତିରେ ଏତେ ଟଙ୍କା ଲାଗିବ ଆମ୍ଭେମାନେ କଳନା କରିପାରୁ ନାହୁଁ ।

କଟକ୍ ବଙ୍ଗଲର ଗତ ବାର୍ଷିକ ବିଜ୍ଞାପନରେ ବୋର୍ଡ ରେବନ୍ୟୁ ଲେଖିଅଛନ୍ତି କି ଲବଣର କର ଊଣା ହେବାରେ ୩୨ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହୋଇଅଛି ଅଥଚ ଲୋକଙ୍କର କିଛିମାତ୍ର ଉପକାର ହୋଇ ନାହିଁ । ଗବର୍ଣ୍ଣମେଣ୍ଟ ଏକ ପକ୍ଷରେ ଅକାରଣ ଲବଣ କର ଉଠାଇ ଦେଇ ଅପର ପକ୍ଷ-ରେ ଦୁର୍ଲିତ ଲାଇସେନ୍‌ସ ଟାକ୍‌ସ ବସାଇ କି ସୂକ୍ଷ୍ମ ବୁଦ୍ଧିର କାର୍ଯ୍ୟ କରିଅଛନ୍ତି ।

ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଶତକଡା ଟ ୩୫ ଲେଖାଏ ସୁଧରେ ସାଢ଼େ ତିନିକୋଟି ଟଙ୍କା ବିଲାତରେ ଋଣ କରିଅଛନ୍ତି । ଆଜିକାଲି ବିଲାତରେ ଟଙ୍କା ବଡ଼ ଶସ୍ତା ହୋଇଅଛି ଏବଂ ଗବର୍ଣ୍ଣମେଣ୍ଟ ତହିଁର ଫଳ ଲାଭ କରିବାରେ ବିଚକ୍ଷଣତାର କାର୍ଯ୍ୟ କରିଅଛନ୍ତି । କଲିକତାରେ ମଧ ବର୍ତ୍ତମାନ ଟଙ୍କା ଶସ୍ତା ହୋଇଅଛି ଓ ବଜାରରେ ଶତକଡ଼ା ଟ ୨ ଙ୍କା ଲେଖାଏ ସୁଧରେ ଋଣ ମିଳୁଅଛି ।

ମାନ୍ଦ୍ରାଜରେ ଜଳସେଚନ କାର୍ଯ୍ୟ ଲାଭକର ହୋଇ ନାହିଁ ଏବଂ ଗବର୍ଣ୍ଣମେଣ୍ଟ ଏଥିରେ ବହୁତ କ୍ଷତିଗ୍ରସ୍ତ ହେବେ । ମାନ୍ଦ୍ରାଜ ମେଲରୁ ଜଣାଯାଏ ଯେ ଗତ ମା ୭ ସ ମଧ୍ୟରେ ମାନ୍ଦ୍ରାଜ କାନେଲ କମ୍ପାନୀଙ୍କର ସର୍ବପ୍ରକାର ଆୟ କେବଳ ଟ ୮୨୯୭ ଙ୍କା ହୋଇଥିଲା ଏବଂ ଏକା କର୍ମ ଚଳାଇବାର ଖର୍ଚ୍ଚା ଏହି ସମୟ ମଧ୍ୟରେ ଟ ୫୨୭୩୬ ଙ୍କା ହୋଇଥିଲା । ସୁତରାଂ ବାର୍ଷିକ କର୍ମ ଚଳାଇବା ବ୍ୟୟରେ ଟ ୮୮୦୦୦ ଙ୍କାରୁ ଅଧିକ କ୍ଷତି ଦେଖାଯାଏ ଏଥି ଉପରେ ମୂଳ ଧନର ସୁଧ ଅଛି ।

ବଙ୍ଗଲାର ପୋଷ୍ଟମାଷ୍ଟର ଜେନରଲ ଶ୍ରୀଯୁକ୍ତ କେମ୍ପ୍ସ ସାହେବ ଆସନ୍ତା ବଡ଼ଦିନ ପୂର୍ବ ମେଦନୀପୁର ଓଡିଶା ଏବଂ ଗଡଜାତ ମାହାଲମାନ ଭ୍ରମଣ କରିବାକୁ ଆସିବେ । ଏଥରେ ଗଡଜାତର ଡାକ ବିଷୟରେ ଭଲ ବନ୍ଦୋବସ୍ତ ହେବ ।

ଲକ୍ଷ୍ନୌ ନିକଟରେ ଗୋଟିଏ ସ୍ୱର୍ଣ୍ଣ ଖଣିର ଚିହ୍ନ ମିଳିଅଛି । ଜାଣିବା ଲୋକ ଅନୁମାନ କରନ୍ତି କି ଏଥିର ପଥରରୁ ପ୍ରତି ଟନରେ ପ୍ରାୟ ସେ ୧୫ ର ସୁନା ବାହାରିବ ।

ମେଲବୋର୍ଣ୍ଣ ପ୍ରଦର୍ଶନ ଆରମ୍ଭ ହୋଇଅଛି । ଗତ ଅକ୍ଟୋବର ମାସରେ ଦର୍ଶକଙ୍କ ସଂଖ୍ୟା ପ୍ରାୟ ଦୁଇଲକ୍ଷ ହୋଇଥିଲା । କଟକର ସୁନା ରୂପା ତାରକସି କର୍ମ ଏ ପ୍ରଦର୍ଶନକୁ ପ୍ରେରିତ ହୋଇଯାଇଛି ତହିଁର କି ମର୍ଯ୍ୟାଦା ହେବ ଅନନ୍ତରେ ଜଣା ପଡିବ ।

କଲିକତାର ବି, ଏ, ଏବଂ ବିଏଲ ପରୀକ୍ଷାମାନ ଆଗାମି ମାସ ତା ୩ ରିଖରେ ଆରମ୍ଭ ହେବ । ବି, ଏ, ପରୀକ୍ଷାର୍ଥୀଙ୍କ ସଂଖ୍ୟା ୨୫୦ ଏବଂ ବି, ଏଲର ୮୦ ହୋଇଅଛି ଏବଂ ଦଶ ହଜାର ଟଙ୍କାରୁ ଅଧିକ ଫିସ ଅଦାୟ ହୋଇଅଛି ।

ମାନ୍ଦ୍ରାଜରେ ଦୁର୍ଗୋତ୍ସବ ଉପଲକ୍ଷରେ ସରକାରି କଚେରି-ମାନ ବନ୍ଦ ହୁଅଇ ନାହିଁ । ସେଠାର ସର୍ବ କଚେରି ବନ୍ଦ ବଡ଼ଦିନ ସମୟରେ ହୁଅଇ । ଏବର୍ଷ ଡିସେମ୍ବର ତା ୨୨ ରିଖ ଠାରୁ ଜାନୁଆରି ମାସ ତା ୪ ରିଖ ପର୍ଯ୍ୟନ୍ତ ଦି ୧୪ ନ କଚେରି ବନ୍ଦ ହୋଇଅଛି । ବଙ୍ଗ ପ୍ରଦେଶରେ ସର୍ବ ଛୁଟୀ ଦି ୧୨ ନରୁ ଅଧିକ ନାହିଁ ।

ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକାର ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ଆପଣଙ୍କ ପତ୍ରିକାରେ ଅମୃର ନିମ୍ନଲିଖିତ ବିଜ୍ଞାପ୍ତିକୁ ସ୍ଥାନଦାନ କଲେ ଅତ୍ୟନ୍ତ ବାଧିତ ହେବି ।

କଟକ ଚୁନଗୀଡ଼ିକ ବଜାରରେ ନୂତନ ସ୍ଥାପନ ହୋଇଥିବା (ସେଣ୍ଟ୍ରେଲ୍ ଅଙ୍ଗ୍ଲୋ ଭର୍ଣ୍ଣାକ୍ୟୁଲର) ସ୍କୁଲକୁ ମଞ୍ଜୁଷା ରାଜାଙ୍କ କନିଷ୍ଠ ପୁତ୍ର ଯେଉଁ ମହୋଦୟ କଟକକୁ ଶୁଭାଗମନ କରିଥିଲେ ସେ ଏକକାଳୀନ୍ ଟ ୮ ଙ୍କା ଦାନ କରି ଅଛନ୍ତି ଅତଏବ ଉକ୍ତ ମହାତ୍ମାଙ୍କୁ ଧନ୍ୟ-ବାଦ ନ ଦେଇ କ୍ଷାନ୍ତହୋଇ ପାରିଲୁଁ ନାହିଁ ।

ବର୍ତ୍ତମାନ ସ୍କୁଲରେ ତିନିଜଣ ଶିକ୍ଷକ ଅଛନ୍ତି ଓ ମାଇନର ଶିକ୍ଷା ଦିଆଯାଉଅଛି । ଏଣୁକରି ଦେଶୀୟ ଭଦ୍ରଲୋକମାନଙ୍କୁ ନିବେଦନ ଯେ ଆମ୍ଭମାନଙ୍କୁ ଉତ୍ସାହ ଦେଉନ୍ତୁ ଓ ଯହିଁରେ ଏ ସ୍କୁଲଟି ଚିରସ୍ଥାୟୀ ହେବ ତହିଁର ଉପାୟ କରି ଦେଉନ୍ତୁ ଇତି ।

୧୬।୧୨।୮୦ { ଶ୍ରୀ ଗୋପାଳଚନ୍ଦ୍ର ଦତ୍ତ
ତତ୍ତ୍ୱାବଧାରକ

ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉ ଅଛୁଁ ଯେ କଟକ ନର୍ମାଲସ୍କୁଲର ପଣ୍ଡିତ ଦଳରେ ୭, ୮, ଗୋଟି ବୃତ୍ତି ଶୂନ୍ୟ ହେବାର ସମ୍ଭାବନା ଅଛି । ଅତଏବ ଯେଉଁ ବାଳକ-ମାନେ ୧୮୮୦ ସାଲର ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶଂସାପତ୍ର ଲାଭ କରି ଥିବେ, ସେମାନେ ଅପଣା୨ ପ୍ରଶଂସାପତ୍ର ସହିତ ଆଗାମୀ ଜାନୁଏରୀ ମାସର ଶେଷ ସପ୍ତା-ହରେ ଆମ୍ଭ ନିକଟରେ ଉପସ୍ଥିତ ହେବେ । କିନ୍ତୁ ବୃତ୍ତିପ୍ରାର୍ଥୀ ଛାତ୍ରସଂଖ୍ୟା ଅଧିକ ହେଲେ ଉକ୍ତ ବୃତ୍ତିମାନଙ୍କ କଟକ, ବାଲେଶ୍ୱର, ପୁରୀ, ଓ ଗଡ଼ଜାତ ମାହାଲମାନଙ୍କ ପ୍ରାର୍ଥୀଛାତ୍ର-ମାନଙ୍କ ମଧ୍ୟରେ ସମାନ ଅଂଶରେ ବିତରଣ କରାଯିବ ।

୧୭।୧୨।୮୦ କଟକ ନର୍ମାଲସ୍କୁଲ } DWARKANATH CHAKRAVARTY
ସୁପରିନ୍‌ଟେଣ୍ଡେଣ୍ଟ

ନୂତନ ପଞ୍ଜିକା ।

ସନ ୧୮୮୧ । ୮୨ ସାଲର ନୂତନ ପଞ୍ଜିକା ମୁଦ୍ରିତ ହୋଇଅଛି ମୂଲ୍ୟ ଖଣ୍ଡିକୁ ଟ ୦ ୫ ଅଣା

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ୍ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକ-ଟରେ ଦରଖାସ୍ତ କଲେ ମିଳି ପାରେ ଯଥା;—

ଛାକନାସୁଦ୍ଧ ସହିତ ୪ ଆଉନ୍‌ସକୁ ଟ ୬୲ ଙ୍କା । ୮ ଆଉନ୍‌ସକୁ ଟ ୧୧୲ଙ୍କା । ୧୬ ଆଉନ୍‌ସକୁ ୨୦୩ । ମୂଲ୍ୟ ନଗଦ ।

☞ ଏହି ଉତ୍କଳଦୀପିକା ସହର କଟକ ତେଲିଆବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

ଅତିରିକ୍ତ

ଉତ୍କଳଦୀପିକା ତା ୧୮ ରିଖ ଡିସମ୍ବର ସନ ୧୮୮୦ ମସିହା ।

ସନ ୧୮୮୦ ମସିହାର ବର୍ଗୀୟ ପରୀକ୍ଷାମାନଙ୍କରେ ନିମ୍ନଲିଖିତ ଛାତ୍ରମାନେ ବୃତ୍ତି ପାଇଅଛନ୍ତି

ଭର୍ଣ୍ଣାକ୍ୟୁଲର ବା ଛାତ୍ରବୃତ୍ତି

କଟକ ଜିଲ୍ଲା

୧ ପ୍ରବୋଧମୋହନ ଆଢ୍ୟ କଟକମଡେଲ ସ୍କୁଲ

୨ ଶରଚ୍ଚନ୍ଦ୍ର ଭଦ୍ର „ „

୩ ସୂର୍ଯ୍ୟମଣି ମୁଦୁଲି ଅରୁଆ „

୪ ଋଙ୍ଗାଧର ତ୍ରିପାଠୀ ପଟ୍ଟାମୁଣ୍ଡେଇ „

୫ ଭ୍ରମରବର ବରାଳ ଅନ୍ତ୍ୟାସିପୁର „

୬ ଧର୍ମ୍ମଚରଣ ମହାନ୍ତି ପୁନାଙ୍ଗ „

ପୁରୀ ଜିଲ୍ଲା

୧ ତ୍ରୈଲୋକ୍ୟ ପୃଷ୍ଟି ବେରବୋଇ ସ୍କୁଲ

୨ ଗୋବିନ୍ଦ ମହାନ୍ତି ଚଣାହଟ୍ଟା „

୩ ମକୁନ୍ଦ ମହାପାତ୍ର ଶ୍ରୀରାମଚନ୍ଦ୍ରପୁର „

୪ ସଚ୍ଚିଦାନନ୍ଦ ଦାସ ଜରପଡ଼ା „

ବାଲେଶ୍ୱର ଜିଲ୍ଲା

୧ ହୃଦୟଚନ୍ଦ୍ର ବସୁ ଦେହୁଡ଼ା ସ୍କୁଲ

୨ କୈଳାଶଚନ୍ଦ୍ର ପ୍ରଧାନ „ „

୩ ଶ୍ରୀନିବାସ ମହାନ୍ତି ବାଲେଶ୍ୱର ମିଶନ „

୪ ପ୍ରାଣବନ୍ଧୁ ମହାପାତ୍ର ବାସୁଦେବପୁର „

ଗଡ଼ଜାତ

୧ ରଘୁନାଥ ପଣ୍ଡା ତଳଚେର ସ୍କୁଲ

୨ ଦାଶରଥି ରାଉତ ଢେଙ୍କାନାଳ „

୩ ରଘୁନାଥ କଶୋର ବକ୍ଷିପଡ଼ା „

୪ ଚିନ୍ତାମଣି ମିଶ୍ର ଆଠଗଡ଼ „

ମାଇନର ବୃତ୍ତି ପାଇଥିବା ଛାତ୍ରମାନଙ୍କର ନାମ

କଟକ ଜିଲ୍ଲା

୧ ଲକ୍ଷ୍ମୀପ୍ରସାଦ ଷଡ଼ଙ୍ଗୀ କେନ୍ଦ୍ରାପଡ଼ା ସ୍କୁଲ

୨ ଜଗନ୍ନାଥପ୍ରସାଦ ଦାସ କେନ୍ଦ୍ରାପଡ଼ା ସ୍କୁଲ

୩ ଶ୍ରୀଧର ସ୍ୱାଇଁ ଯାଜପୁର „

ପୁରୀ ଜିଲ୍ଲା

୧ ମଦନମୋହନ ପଟ୍ଟନାୟକ ଖୋର୍ଦ୍ଧା ସ୍କୁଲ

ବାଲେଶ୍ୱର ଜିଲ୍ଲା

୧ ହରଶ୍ଚନ୍ଦ୍ର ଦତ୍ତ ବାରବାଟି ସ୍କୁଲ

୨ ଗୋଲକପ୍ରସାଦ ଚନ୍ଦ ଭଦ୍ରଖ „

୩ ଦୀନବନ୍ଧୁ ଜେନା ବାରବାଟି „

ଇଞ୍ଜିନିୟରିଙ୍ଗ ଗ୍ରାମ ବୃତ୍ତି ପାଇଥିବା ଛାତ୍ରର ନାମ

୧ ଲକ୍ଷ୍ମୀପ୍ରସାଦ ଷଡ଼ଙ୍ଗୀ କେନ୍ଦ୍ରାପଡ଼ା ସ୍କୁଲ

ଲୋୟର ଭର୍ଣ୍ଣାକ୍ୟୁଲର ବୃତ୍ତି ପାଇଥିବା ଛାତ୍ରମାନଙ୍କ ନାମ

କଟକ ଜିଲ୍ଲା

୧ ଦୀନନାଥ ସିଂହ ଗୁଡ଼ୋଳ ସ୍କୁଲ

୨ ସେକ ହାକମମହମ୍ମଦ ଉଁଚଡୀହି „

୩ ଜନାର୍ଦ୍ଦନ ଚକ୍ରବର୍ତ୍ତୀ ଗୁଡ଼ୋଳ „

୪ ଗୋବିନ୍ଦ ନାୟକ କଣିବାଙ୍କ „

୫ ସିଦ୍ଧେଶ୍ୱର କର କଣ୍ଡ „

୬ ବଳରାମ ବରାଳ ପଟ୍ଟପଡ଼ି „

୭ ଚିନ୍ତାମଣି ଧଳ ଡିମ୍ବଡା „

ପୁରୀ ଜିଲ୍ଲା ।

୧ ଅନ୍ତର୍ଯ୍ୟାମୀ ପଟ୍ଟନାୟକ କଣାସ

୨ ବୃନ୍ଦାବନ ପଣ୍ଡା ହାବଟପୁର

୩ ମଦନମୋହନ ମହାପାତ୍ର ଚୂଡ଼ା

୪ କଣ୍ଡରି ସ୍ୱବୁନ୍ଧି „

୫ ମିଶ୍ର ଜେନ କପିଳପ୍ରସାଦ

ବାଲେଶ୍ୱର ଜିଲ୍ଲା ।

୧ ନରେନ୍ଦ୍ରନାଥ ଦାସ ମହାପାତ୍ର ଅଲାଲପୁର

୨ ପ୍ରହ୍ଲାଦ ଦାସ ପାଣିଛତ୍ର

୩ ଗିରିଶ୍ଚନ୍ଦ୍ର ଚକ୍ରବର୍ତ୍ତୀ ଅଣଦେହୁଳା

୪ ଲମ୍ବୋଦର ମହାନ୍ତି ଗୁଜିହରଡ଼ା

୫ ଦୁର୍ଗାପ୍ରସାଦ ଦାସ ପାଙ୍ଗାପୁର

୬ କୃତ୍ତିବାସ ଘୋଷ ଗୋପ

୭ ରାମକୃଷ୍ଣ ମହାନ୍ତି ଗୁଜିହରଡ଼ା

ଗଡ଼ଜାତ ।

୧ ବାଲକୃଷ୍ଣ ପାଣ୍ଡ ରଙ୍ଗାଙ୍ଗ ଜମାଲ

୨ ବୈକୁଣ୍ଠ ରାଉତ ମଙ୍ଗଳପୁର ଢେଙ୍କାନାଳ

୩ ବିଦ୍ୟାଧର ଜେନା କମଲାଙ୍ଗ ଏଜନ

୪ ବୈଦ୍ୟନାଥ ସିଂହ ଆନନ୍ଦପୁର କେଉଁଝର

୫ ରଘୁନାଥ ପରମଗୁରୁ ଖାଉପୁର ଢେଙ୍କାନାଳ

୬ କାଳମଣି ମିଶ୍ର ବୈଦ୍ୟେଶ୍ୱର ବାଙ୍କି

୭ କୃତ୍ତିବାସ ନାୟକ କମଲାଙ୍ଗ ଢେଙ୍କାନାଳ

୮ ସଚ୍ଚିଦାନନ୍ଦ ସାହୁ ମଙ୍ଗଳପୁର ଏଜନ

ଭ୍ରମ ସଂଶୋଧନ ।

ପ୍ରକାଶଥାଉ କି ଦେହୁଡ଼ା ସ୍କୁଲର ହୃଦୟଚନ୍ଦ୍ର ବସୁ ନାମା ଯେଉଁ ଛାତ୍ର ପୂର୍ବ ପ୍ରକାଶିତ ଛାତ୍ରବୃତ୍ତି ପରୀକ୍ଷା ଲିଷ୍ଟରେ ଦ୍ୱାଦଶ ସ୍ଥାନ ପାଇଥିଲେ ସେ ପ୍ରଥମ ସ୍ଥାନ ପାଇଲେ ।

କଟକ ସଙ୍ଗତ ସ୍କୁଲର ବନବିହାରୀ ମହାନ୍ତି ନାମକ ଯେଉଁ ଛାତ୍ର ପୂର୍ବ ପ୍ରକାଶିତ ମାଇନର ପରୀକ୍ଷା ଲିଷ୍ଟରେ ଏକତ୍ରିଂଶତ୍ ସ୍ଥାନ ପାଇଥିଲେ ସେ ଉକ୍ତ ଲିଷ୍ଟରୁ ଅପସାରିତ ଅର୍ଥାତ୍ ଅକୃତକାର୍ଯ୍ୟ ଛାତ୍ର ସ୍ୱରୂପ ପରିଗଣିତ ହେଲେ ।

CUTTACK 11th December 1880. } RADHANATH RAI, *Jt. Inspector of Schools Orissa.*

ଶ୍ରୀ ମୁଦ୍ରାପକ ଦେଶ ।

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter

GISTERED NO. 1

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୫ ଗ
ସ ୫୧ ଖ୍ୟା

ତା ୨୫ରଖ ମାହେ ଡିସେମ୍ବର ସନ ୧୮୮୦ ମସିହା । ମୁ । ପୌଷ ତା ୧୩ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୮୶

ମହାମାନ୍ୟ ଗବର୍ଣ୍ଣରଜେନେରଲଙ୍କ ଶରୀର ଅଦ୍ୟ ଆରୋଗ୍ୟ ହୋଇ ନାହିଁ । ଏଥି ମଧ୍ୟରେ ସାମାନ୍ୟ ଜ୍ୱର ହୋଇଥିଲା ମାତ୍ର ସୁଖର ବିଷୟ ଯେ ତା ୪।୫ ନ ହେଲା ଜ୍ୱର ଛାଡି ଯାଇଅଛି କେବଳ ଶରୀର ଦୁର୍ବଳ ଅଛି । ତାହାଙ୍କ ପୀଡ଼ାରେ ଭାରତବାସୀ ସମସ୍ତେ ବଡ଼ ଦୁଃଖିତ ଏକଥା କହିବା ବାହୁଲ୍ୟ । ଆମ୍ଭେମାନେ ଏକାନ୍ତ ପ୍ରାର୍ଥନା କରୁଁ ଯେ ଶୀଘ୍ର ଆରୋଗ୍ୟ ଲାଭ କରି କଲିକତା ନଗରକୁ ଫେରିଆସି ସର୍ବସାଧାରଣଙ୍କର ଆନନ୍ଦବର୍ଦ୍ଧନ କରନ୍ତୁ ।

———

ଗତ କଲିକତା ଗେଜେଟରେ ବଙ୍ଗ ପ୍ରଦେଶର ଡେପୁଟୀ କଲେକ୍ଟରମାନଙ୍କର ପଦୋନ୍ନତିର ବିବରଣ ପ୍ରକାଶ ହୋଇଅଛି । କଟକପ୍ରତି ତାହା ବଡ ଶୁଭକର ଅଟଇ । ବାବୁ ସୀତାକାନ୍ତ ମୁଖୁର୍ଜ୍ୟା ଚତୁର୍ଥ ଶ୍ରେଣୀରେ ବାହାଲ ହୋଇଅଛନ୍ତି । ବାବୁ ଅନ୍ନଦାପ୍ରସାଦ ଘୋଷ କିଛିକାଳ ନିମିତ୍ତ ଏହି ଶ୍ରେଣୀକୁ ଆସିଅଛନ୍ତି । ଏ ଶ୍ରେଣିର ବେତନ ଟ ୫୦୦୯ କା । ବାବୁ ଶ୍ରୀନାଥ ଭଦ୍ର ଏବଂ ବାବୁ ନନ୍ଦକିଶୋର ଦାସ କିଛିକାଳ ନିମିତ୍ତ ପଞ୍ଚମ ଶ୍ରେଣୀରେ ଉନ୍ନତ ହୋଇଅଛନ୍ତି । ଏ ଶ୍ରେଣୀର ବେତନ ଟ ୪୦୦୯ ଙ୍କା ଅଟଇ ।

—*—

ଡେଲିନ୍ୟୁସର ସଂବାଦଦାତାଙ୍କର ଏକ ତାରହବାଦରୁ ଜଣାଯାଏ ଯେ ମହାମାନ୍ୟ ଗବର୍ଣ୍ଣର ଜେନରଲ ଏବଂ ତାହାଙ୍କ ସଭାର ଅଧିକାଂଶ ମେମ୍ବର କାନ୍ଦାହାରକୁ ହାତରେ ରଖିବାର ମତ ଦେଇଅଛନ୍ତି ମାତ୍ର ବିଲାତର ଗବର୍ଣ୍ଣମେଣ୍ଟ କାନ୍ଦାହାରକୁ ଶୀଘ୍ର ଛାଡି ଦେଇ ଚାଲି ଆସିବାର ମତ ଦେଉଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ବିଲାତର ବ୍ୟବସ୍ଥା ଭଲ ଜଣା ପଡୁ ନାହିଁ । ଆଫଗାନ ସ୍ଥାନ ସହିତ ଯୁଦ୍ଧକରିବା ପ୍ରଥମେ ଆବଶ୍ୟକ ନ ଥିଲା କିନ୍ତୁ ଯେତେବେଳେ ଏତେ ଦୂର ଯାଏ କଥା ଗଲା ସେତେବେଳେ ସବୁ ଛାଡି ଭୁନ ହୋଇ ଘରକୁ ଫେରି ଆସିବା ଭଲ ଯୁକ୍ତିକୁ ଆସୁ ନାହିଁ । କେବଳ ସେରଅଲୀ ପରିବର୍ତ୍ତରେ ଅବଦୁର ରହେମାନଙ୍କୁ ଅମୀର କରିବା କାରଣ କି ଏତେ କ୍ଳାନ୍ତ ହୋଇଥିଲା ? ଆଫଗାନମାନେ ଗବର୍ଣ୍ଣମେଣ୍ଟଙ୍କର ଉଦାର ଭାବ ବୁଝି ନ ପାରି କେବଳ ଦୁର୍ବଳ ବୋଲି ହାସ୍ୟ କରିବେ ଏବଂ ଭବିଷ୍ୟତରେ ପୁଣି ଗୋଳମାଳ କରିବାକୁ ଉତ୍ସାହିତ ହେବେ ।

———

ଖଜଣାସମ୍ପର୍କୀୟ ପ୍ରସ୍ତାବିତ ଆଇନ ସମ୍ବନ୍ଧରେ ବ୍ରିଟିସ ଇଣ୍ଡିଆନ ସଭା ଲେପ୍ଟନାଣ୍ଟ ଗବର୍ଣ୍ଣରଙ୍କୁ ଏକପତ୍ର ଲେଖିଥିଲେ ତହିଁର ଉତ୍ତରରେ ମାନ୍ୟବର ଇଡନ ସାହେବ ଲେଖିଅଛନ୍ତି କି ଏ ଆଇନରେ ହୋଇଥିବା ପ୍ରସ୍ତାବମାନ କି ପରିମାଣରେ ଏବଂ କେଉଁ ମାର୍ଗରେ ଫେର ବଦଳ ହେବ ଯଦ୍ୟପି ସେ ବର୍ତ୍ତମାନ ସେ ସମସ୍ତ କହିବାକୁ ପ୍ରସ୍ତୁତ ହୋଇ ନାହାନ୍ତି ତଥାପି ସେ ତିନୋଟି ବିଷୟ ବିଶେଷକରି ବିବେଚନା କରିବା କରଣ ସର୍ବସାଧାରଣଙ୍କୁ ଅନୁରୋଧ କରିଅଛନ୍ତି ଯଥା;—ପ୍ରଥମ, ପ୍ରଜାର ଜୋତ ସ୍ୱତ୍ୱକୁ ପ୍ରଶସ୍ତ ଓ ଦୃଢରୂପେ ସ୍ଥାପନ କରିବା । ୨ ୟ, ଖଜଣା ବୃଦ୍ଧି ନିମିତ୍ତ ପ୍ରତ୍ୟେକ ଜିଲ୍ଲାରେ କମିଶନଦ୍ୱାରା ଏକ ସାମୟିକ ନିରିଖ ଫର୍ଦ୍ଦ ପ୍ରସ୍ତୁତ କରାଇବା । ୩ ୟ, ବାକୀଖଜଣା ଆଦାୟ କରିବାର କାର୍ଯ୍ୟ ପ୍ରଣାଳୀ ସଂକ୍ଷେପ କରିବା । ଅତଏବ ଆମ୍ଭେମାନେ ଆଶା କରୁଁ କି ସର୍ବସାଧାରଣ ଏହି ତିନି ବିଷୟକୁ ଭଲ କରି ବିବେଚନା କରି ଆପଣା ୨ ମତଦ୍ୱାରା ଗବର୍ଣ୍ଣମେଣ୍ଟଙ୍କୁ ବାଧିତ କରିବେ ।

———

ଗତ ମାସ ତା ୨୮ ରିଖରେ ବ୍ରହ୍ମପୁର କଲେଜ ଗୃହରେ ମାନ୍ଦ୍ରାଜର ଗବର୍ଣ୍ଣର ଡିଉକଅବ ବକିଂହାମଙ୍କୁ ଅଭିନନ୍ଦନପତ୍ର ଦେବା ସକାଶେ ଏକ ବୃହତ ସଭା ହୋଇଥିଲା । ବାର୍ତ୍ତାଲହରୀରୁ ଅବଗତ ହେଲୁଁ ଯେ ସେଠାରେ ଏପରି ସଭା ଆଉ କେବେ ହୋଇ ନ ଥିଲା । ଏହି ସଭା ସେଠା ଉନ୍ନତିର ପରିଚାୟକ ଅଟଇ । ସଭାରେ ଅନେକ ସମ୍ଭ୍ରାନ୍ତଲୋକ ଉପସ୍ଥିତ ଥିଲେ ଏବଂ ଜିଲ୍ଲା କୋର୍ଟର ଉକିଲମାନେ ତହିଁର ପ୍ରଧାନ ଉଦ୍ୟମ କର୍ତ୍ତା ଥିଲେ ଅସ୍ମଦ୍ଦେଶୀୟ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ ଏବଂ ବାବୁ ଭଗବତୀଚରଣ ଚାଟୁର୍ଯ୍ୟା ସେଠାରେ ଉପସ୍ଥିତ ଥିଲେ ଓ ପ୍ରଥମୋକ୍ତ ବାବୁ କିଛି ବକ୍ତୃତା ମଧ୍ୟ କରିଥିଲେ । ତାଙ୍କ ସ୍ମରଣାର୍ଥେ ବ୍ରହ୍ମପୁରରେ ଗୋଟିଏ ଟାଉ-

Digitized by srujanika@gmail.com

ନହଲ ନିର୍ମାଣ କରିବାର ପ୍ରସ୍ତାବ ହୋଇଅଛି ଏବଂ ତହିଁ ନିମିତ୍ତ ଚେନ୍ଦା ସଂଗୃହୀତ ହେଉଅଛି । ଏ ଗୃହରେ ଟ ୩୦୦୦୯ ଙ୍କା ଲାଗିବ ତହିଁ ମଧ୍ୟରୁ ଟ ୬୩୮ ୯ ଙ୍କା ସ୍ୱାକ୍ଷରିତ ହୋଇଅଛି । ଆମ୍ଭେମାନେ ଆଶା କରୁଁ ଯେ ଗଞ୍ଜାମ ଅଞ୍ଚଳର ପ୍ରଜାମାନେ ଏ ମହତ୍କାର୍ଯ୍ୟରେ ଆଗ୍ରହପୂର୍ବକ ଚେନ୍ଦା ଦାନ କରିବେ ତାହା ହେଲେ ଅନାୟାସରେ ୬୨ ହଜାର ଟଙ୍କା ପ୍ରତିପ୍ତିଦ୍ୱାରା ଗୋଟିଏ ସୁନ୍ଦର ଅଟ୍ଟାଳିକା ହୋଇ ପାରେ । ବାସ୍ତବରେ ଡଡ଼ୁକଅବବର୍କିହାମ ଉଚିତଭାବ ଏବଂ ସୁନ୍ଦର କାର୍ଯ୍ୟ ପ୍ରଣାଳୀଦ୍ୱାରା ଏକା ମାନ୍ଦ୍ରାଜରେ କାହିଁକି ଭାରତବର୍ଷର ଅନ୍ୟାନ୍ୟ ପ୍ରଦେଶରେ ଭକ୍ତି-ଭାଜନ ହୋଇଅଛନ୍ତି । ତାହାଙ୍କ ସ୍ମରଣ ନିମିତ୍ତ ଉପଯୁକ୍ତ ଚେନ୍ଦା ଉଠିବା ଅତ୍ୟନ୍ତ ଉଚିତ ହେଉଅଛି ।

———

ଡାକବିଭାଗର କର୍ତ୍ତୃପକ୍ଷମାନେ ମୋଫସଲର ନାନାସ୍ଥାନରେ ଡ଼ାକ ଚିଠୀ ଦେବା ନେବା ରୀତି ଅଧିକ ବିସ୍ତାର କରିବା ଉଦ୍ଦେଶରେ ଏକ୨ ଗ୍ରାମର ମୁନ୍ସୀ ଏବଂ ଅବଧାନମାନଙ୍କୁ ପୋଷ୍ଟମାଷ୍ଟର ନିଯୁକ୍ତ କରିବାର ପ୍ରସ୍ତାବ କରିଅଛନ୍ତି ଏବଂ ଗ୍ରାମ ଡାକ ହରକରାମାନଙ୍କୁ ଚିଠୀ ରେଜେଷ୍ଟରୀ କରିବାର ଭାର ଦେବାକୁ ଇଚ୍ଛା କରିଅଛନ୍ତି । ଯେଉଁ ମୁନ୍ସୀ କିମ୍ବା ଅବଧାନଙ୍କ ହସ୍ତରେ ଡାକ ଘରର ଭାର ଦିଆ ଯିବ ସେମାନଙ୍କୁ ମାସକୁ ଟ ୨୯ ଙ୍କା ଲେଖାଏ ବେତନ ଦିଆ ଯିବ ଏବଂ ସାମୟିକ ହେସାବ ଓ ତାଲିକ ମାନଙ୍କର ଫାରମ ଦିଆ ଯିବ । ସେମାନେ ଯଥାସାଧ୍ୟ ସେ ସମସ୍ତ ପୂରଣ କରି ପଠାଇବେ । ଡାକ ଇନ୍ସ୍‌ପେକ୍ଟରମାନେ ଏମାନଙ୍କୁ ସାମାନ୍ୟରେ ବରଖାସ୍ତ କିମ୍ବା ବଦଳ କରି ପାରିବେ ନାହିଁ କାରଣ ସେମାନେ ସମ୍ପୂର୍ଣ୍ଣ ବେତନଭୋଗୀ ଚାକର ହେବେ ନାହିଁ । ଆମ୍ଭେମାନେ ଅନୁମାନ କରୁଁ ମୁନ୍ସୀ ଅପେକ୍ଷା ଅବଧାନମାନଙ୍କଦ୍ୱାରା ଏ କାର୍ଯ୍ୟ ଚଳି ପାରିବ ଓ ଅନେକ ଗ୍ରାମ୍ୟ ପାଠଶାଳାର ଅବଧାନ ଅଧିକା ଦୁଇଟଙ୍କା ପାଇଲେ ବଡ଼ ଆଗ୍ରହ ସହିତ ଏ କାର୍ଯ୍ୟ କରିବେ ଓ ଚିଠୀପତ୍ରର ସଂଖ୍ୟା ବୃଦ୍ଧି ପକ୍ଷେ୨ ତାହାଙ୍କର ଉନ୍ନତିର ଭରସା ଥିଲେ ଅନ୍ତର ଯତ୍ନ କରିବେ । କିନ୍ତୁ ହିନ୍ଦୁପେଟ୍ରିଅଟଙ୍କ ଲେଖିବା ଅନୁସାରେ ଯେବେ ବେତନ ବିନା ଏ କାର୍ଯ୍ୟ କରାଇ ନେବାର ଡାକଘର କର୍ତ୍ତୃପକ୍ଷମାନେ ପ୍ରସ୍ତାବ କରି ଥାନ୍ତି ତାହା ହେଲେ କେହି ସମ୍ମତ ହେବା ପରି ଦିଶୁ ନାହିଁ । ଅଉ ଗ୍ରାମ୍ୟ ହରକରାଙ୍କୁ ଚିଠୀ ରେଜେଷ୍ଟରୀର ଭାର ଦେବା ପ୍ରସ୍ତାବ ଅନାୟାସରେ କାର୍ଯ୍ୟକର ହୋଇ ପାରେ କାରଣ ଚାକରମାନଙ୍କୁ ଯାହା ଶିକ୍ଷା ଦେବ ସେମାନେ ଅବଶ୍ୟ ତାହା ଘେନିବେ ନୋହିଲେ କର୍ମ ଯିବ । ଆପାତତଃ ଏଥିରେ ଭୟର କାରଣ ନାହିଁ କାରଣ ମୋଫସଲରେ ଚିଠୀ ରେଜେଷ୍ଟରୀ କାର୍ଯ୍ୟ ଅତି ଊଣା ହେବ ।

—*—

ଅମ୍ଭେମାନେ ଦୁଃଖର ସହିତ ସମ୍ବାଦପତ୍ରରେ ପାଠ କଲୁଁ ଯେ ସନ୍ତାଳ ପ୍ରଗନାରେ ବିଦ୍ରୋହ ଉପସ୍ଥିତ ହେବାର ଉପକ୍ରମ ଦେଖା ଯାଏ । ସନ୍ତାଳମାନେ ଆମ୍ଭମାନଙ୍କର ଗଡ଼ଜାତୀୟ ଲୋକ ପରି ଅଟନ୍ତି ସେମାନେ ଗବର୍ଣ୍ଣମେଣ୍ଟର କାର୍ଯ୍ୟ ପ୍ରଣାଳୀ ଭଲ ବୁଝି ପାରନ୍ତି ନାହିଁ ଓ ସେମାନଙ୍କୁ ଆୟତ୍ତରେ ରଖିବା ବଡ଼ କଠିନ । କିଛିଦିନ ହେଲା ସେମାନଙ୍କ ମନ ବିଗିଡ଼ି ଯାଇଅଛି । ଲାଇସେନ୍ସ ଟାକ୍ସ ଏବଂ ଲୋକସଂଖ୍ୟା ଏଥିର କାରଣ ଅଟଇ । ଲୋକ ସଂଖ୍ୟାର ଅଭିପ୍ରାୟ ସେମାନେ କିଛି ବୁଝି ପାରନ୍ତି ନାହିଁ ଏବଂ ତାହାଙ୍କର ଧ୍ରୁବ ବିଶ୍ୱାସ ଯେ ଲୋକ ସଂଖ୍ୟା ହେଲେ ଟାକ୍ସ ଉସୁଲ କର୍ତ୍ତାଙ୍କ ହାତରୁ ତାହାଙ୍କର ନିସ୍ତାର ପାଇବାର ଅଉ ଆଶା ନାହିଁ । ଏଥିପାଇଁ ସେମାନେ ପ୍ରାଣପଣେ ଚେଷ୍ଟା କରୁଅଛନ୍ତି କି ଯେମନ୍ତ ସେମାନଙ୍କର ଘରରେ ନମ୍ବର ଦିଆ ନ ଯାଏ ଓ ସେମାନେ କେବେ ଗଣିତ ହେବେ ନାହିଁ । ଲୋକ ସଂଖ୍ୟା ବିଷୟରେ କେତେ ପ୍ରକାର ଅସମ୍ଭବ କଥା ମଧ୍ୟ ସେମାନଙ୍କ ମଧ୍ୟରେ ବାହାରି ଅଛି ତହିଁ ମଧ୍ୟରେ ଏକ ଏହି ଯେ ଗବର୍ଣ୍ଣମେଣ୍ଟ ଲୋକ ସଂଖ୍ୟା କରି ପୁରୁଷମାନଙ୍କୁ ଏକସ୍ଥଳରେ ଏବଂ ସ୍ତ୍ରୀ ଓ ବାଳକମାନଙ୍କୁ ଅନ୍ୟସ୍ଥଳରେ ରଖିବାର ଅଭିପ୍ରାୟ ରଖନ୍ତି । ଯେ କୌଣସି କାରଣରୁ ହେଉ ସେମାନଙ୍କର ସଂକଳ୍ପ ଯେ ଗବର୍ଣ୍ଣମେଣ୍ଟ ପଛକେ ସେମାନଙ୍କୁ ଫାଶୀ ଦେବେ ବା ଗୁଳି ମାରିବେ ମାତ୍ର ସେମାନେ କଦାଚ ଗଣିତ ହେବେ ନାହିଁ । ସନ୍ତାଳମାନେ ବଡ଼ ମେଳିଆ ସମ୍ପ୍ରଦାୟ ସନ୍ତାଳ ରାଜ୍ୟରେ ଏ କଥା ପ୍ରଚାରିତ ଓ ସ୍ଥାନେ୨ ସଭା ହୋଇ ଯାଇଅଛି ଓ ସମସ୍ତଙ୍କର ଏକା ସଂକଳ୍ପ । ଏବେ ସେମାନେ ହାକିମମାନଙ୍କୁ ମାନୁ ନାହାନ୍ତି କିମ୍ବା ତାହାଙ୍କର କିଛି କାର୍ଯ୍ୟ କରୁ ନାହାନ୍ତି । ଡେପୁଟୀ କମିଶ୍ନର ଓଲ୍‌ଡାମ ସାହେବ ଜାମତରା ଓ ନାରାୟଣପୁର ପ୍ରଭୃତି କେତେକ ସ୍ଥାନ ଭ୍ରମଣ କରି ସନ୍ତାଳମାନଙ୍କୁ ବୁଝାଇବାକୁ ଯାଇଥିଲେ ମାତ୍ର ସେମାନଙ୍କର ଭଲ ଭାବ ଦେଖି ଫେରି ଆସି ଦୁଇଜଣ ସରଦାରକୁ ଅଶିଷ୍ଟ ବ୍ୟବହାର କରିବାରୁ ଗିରଫ କଲେ ଓ ମାଜିଷ୍ଟ୍ରେଟ ସେମାନଙ୍କୁ ବିଚାର ଅନୁସାରେ ଦଣ୍ଡ ଦେଲେ । ଏଥିରେ କେହି ମାଜିଷ୍ଟ୍ରେଟଙ୍କ ଘରେ ଅଗ୍ନି ଲଗାଇ ଦେଲା । ମାଜିଷ୍ଟ୍ରେଟ ଜଳ କବାଟ ବାଟେ ପଳାଇ ଆସି ପ୍ରାଣ ରକ୍ଷା କଲେ । ତାହାଙ୍କ କୋଠିଟି ପୋଡ଼ି ଗଲା । ପାଦ୍ରିମାନଙ୍କ ପ୍ରତି କୌଣସି ଅତ୍ୟାଚାର ହୋଇ ନାହିଁ । ସମ୍ପ୍ରତି ସେଠାକୁ ଅନେକ ପୁଲିସ ଓ ଦେଶୀୟ ସୈନ୍ୟ ପ୍ରେରିତ ହୋଇଅଛନ୍ତି । ଏମାନେ କି କରିବେ କିଛି ଜଣା ଯାଇ ନାହିଁ । ଯାହା ହେଉ ଗବର୍ଣ୍ଣମେଣ୍ଟଙ୍କୁ ଅତି ସାବଧାନ ପୂର୍ବକ ଏ କାର୍ଯ୍ୟ ନିର୍ବାହ କରିବାକୁ ହେବ । ଅସଭ୍ୟ ଲୋକଙ୍କ ସଙ୍ଗେ ବ୍ୟବହାର କରିବା ବଡ଼ ସହଜ ବ୍ୟାପାର ନୁହଇ । ସେମାନଙ୍କ ଉପରେ ସଭ୍ୟ ଗବର୍ଣ୍ଣମେଣ୍ଟଙ୍କର ସମସ୍ତ ନିୟମ ଏକାବେଳକେ ଚାଳ ଦେବା ଉଚିତ ହେଇ ନାହିଁ । ଲାଇସେନ୍ସ ଟାକ୍ସ ଇତ୍ୟାଦି ଏମାନଙ୍କ ଉପରେ ବସାଇ ନ ଥିଲେ ଗବର୍ଣ୍ଣମେଣ୍ଟଙ୍କର କେତେ କ୍ଷତି ହୁଅନ୍ତା ।

———

ବାର୍ଷିକ ବିଜ୍ଞାପନୀ ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସାମଗ୍ରୀ ପ୍ରସ୍ତୁତ ।

ଗୃହ କର୍ମରେ କଟକ ବିଖ୍ୟାତ ଅଟେ ମାତ୍ର ଏଥିର ରପ୍ତାନୀ ବୃଦ୍ଧି ହେଉ ନାହିଁ । ମେଜ ଚୌକି ଇତ୍ୟାଦି ମଧ୍ୟ କଟକରେ ପ୍ରସ୍ତୁତ ହୁଅଇ ।

ଓଡ଼ିଶାର ତିନି ଜିଲାରେ ଲବଣ ନିମ୍ନର ପରିମାଣରେ ପ୍ରସ୍ତୁତ ହୁଅଇ ଯଥା;—

	ସନ ୧୮୭୮।୭୯	ସନ ୧୮୭୯।୮୦
କଟକ—	ମ ୨୬୭୬୩ ହଣ	ମ ୬୯୧୬୯ ହଣ
ପୁରୀ—	ମ ୪୦୧୪୩୭	ମ ୨୬୧୯୮୧
ବାଲେଶ୍ୱର—	ମ ୧୪୭୬୬୬	ମ ୧୭୬୦୨୪
	ମ ୬୭୭୭୪୪	ମ ୪୮୭୧୮୪

ଲବଣ ମାସୁଲ ସମାନ ହେବାରୁ କଟକ ଓ ବାଲେଶ୍ୱରରେ ପୂର୍ବ ବର୍ଷାପେକ୍ଷା ଅଧିକ ପୋଲ୍ତାନ ହୋଇଅଛି । ପୁରୀରେ କମି ପୋଲ୍ତାନର କାରଣ ଏହି ଯେ ପୂର୍ବ ବର୍ଷର ଲବଣ ଅନେକ ବାକି ଥିବାରୁ କାନ୍ତ୍ରାକ୍ଟରମାନେ ପୋଲ୍ତାନ କରିବାରେ ବିଳମ୍ବ କଲେ ଓ ପଶ୍ଚାତକୁ ବର୍ଷା ହେବାରୁ ଅଧିକ ପୋଲ୍ତାନ ହୋଇ ନ ପାରିଲା ।

Split by PDF Splitter
Digitized by srujanika@gmail.com

ା ମାସୁଲରୁ ସରକାରଙ୍କର ନିମ୍ନ ଲେଖିତ ହୋଇଅଛି ଯଥା;—

	ସନ ୧୮୭୮।୭୯	ସନ ୧୮୭୯।୮୦
	ଟ ୪୭୮୪ ଙ୍କା	ଟ ୧୦୭୪୧୨ ଙ୍କା
	ଟ ୬୮୪୬୮୦ ଙ୍କା	ଟ ୭୮୦୨୧୪ ଙ୍କା
ଶ୍ୱର	ଟ ୪୨୮୮୨୦ ଙ୍କା	ଟ ୩୯୦୪୦୩ ଙ୍କା
	ଟ ୧୧୩୯୬୦୮	ଟ ୧୨୭୭୧୨୯ ଙ୍କା

ପୁରୀରେ ପୂର୍ବାପେକ୍ଷା ଅଳ୍ପ ଯୋଗାନ ହୋଲେହେଁ ଗତ ବର୍ଷର ବାକୀ ସହିତ ଅଧିକ ଣ ବାକୀ ହୋଇଥିବାରୁ ଆୟ ଅଧିକ ାଇଅଛି। ମୋଟରେ ପୂର୍ବ ବର୍ଷାପେକ୍ଷା ବକ୍ଷ୍ୟମାଣ ବର୍ଷରେ ସରକାରଙ୍କର ଲାଭ ଅଧିକ ଇ। ଏଥିରୁ ଖର୍ଚ୍ଚା ଅଂଶ ବାଦ ଯିବ। ଣ ଖରଚ ପୂର୍ବାପେକ୍ଷା ଅନେକ ବୃଦ୍ଧି ହୋଅଛି ଓ ଲୋକଙ୍କ ଉନ୍ନତ ଅବସ୍ଥା ତହିଁର ରଣ ସ୍ୱରୂପ ନିର୍ଦ୍ଦିଷ୍ଟ ହୋଇଅଛି। ଗୃହଲର ଲ୍ୟ ମଧ୍ୟ ତହିଁର ଗୋଟିଏ କାରଣ ହୋଇରେ।

ବାଣିଜ୍ୟ।

ଓଡିଶାର ତିନିଜିଲ୍ଲାର ବାଣିଜ୍ୟ ଦ୍ରବ୍ୟର ମଦାନୀ ରପ୍ତାନୀ ଗତ ଦୁଇବର୍ଷର ନିମ୍ନଲେଖିତ କାର ଅଟଇ ଯଥା;—

	ସନ ୧୮୭୮।୭୯ ଆମଦାନୀ	ସନ ୧୮୭୮।୭୯ ରପ୍ତାନୀ	ସନ ୧୮୭୯।୮୦ ଆମଦାନୀ	ସନ ୧୮୭୯।୮୦ ରପ୍ତାନୀ
କଟକ	ଟ ୧୯୨୮୨୩୦	ଟ ୨୮୨୮୧୮୩	ଟ ୧୩୫୪୦୫୬	ଟ ୨୬୬୮୨୮୨
ବାଲେଶ୍ୱର	ଟ ୩୫୮୨୪୨୧	ଟ ୪୯୨୪୮୩୪	ଟ ୪୦୬୮୨୧୯	ଟ ୫୩୩୯୩୬୫
ପୁରୀ	ଟ ୧୩୦୩୦୨	ଟ ୩୯୫୫୮୪	ଟ ୪୨୫୦୦	ଟ ୧୯୩୯୬୦
	ଟ ୫୬୪୦୯୫୩	ଟ ୮୧୪୮୫୦୧	ଟ ୫୪୬୪୬୬୬	ଟ ୮୩୧୧୬୦୬

ଆମଦାନୀ ଅପେକ୍ଷା ରପ୍ତାନୀ ଅଧିକ ହେଲେ ଦେଶର ଲାଭ। ଯେହେତୁ ଆମଦାନୀ ଯୋଗେ ଦେଶରୁ ଟଙ୍କା ବାହାର ଯାଏ ଓ ରପ୍ତାନୀ ଯୋଗେ ଦେଶକୁ ଟଙ୍କା ଆସଇ। ଏ ଦେଶର ରପ୍ତାନୀ ମଧ୍ୟରେ ଚାଉଳ ସର୍ବ ପ୍ରଧାନ। ଏକା କଟକରୁ ସାଢେ ୬୦ ଲକ୍ଷ ଟଙ୍କାର ଧାନ ଚାଉଳ ବକ୍ଷ୍ୟମାଣ ବର୍ଷରେ ରପ୍ତାନୀ ହୋଇଅଛି। ଯଦିଚ ଚାଉଳ ବହୁତର ପରିମାଣରେ ରପ୍ତାନୀ ହେବାର କଣିଶିଆଙ୍କର କିଛି କଷ୍ଟ କିନ୍ତୁ ସେଥିରେ ଦେଶର ଲାଭ ଓ ଏହି ହେତୁ କୃଷିଜୀବିଙ୍କ ଅବସ୍ଥା ପୂର୍ବାପେକ୍ଷା ଅନେକ ଉନ୍ନତ ହୋଇଅଛି ଓ କଣିଶିଆଙ୍କର ସଂଖ୍ୟା ଅଳ୍ପ ଥିବାରୁ ସେମାନଙ୍କର ଅଳ୍ପ କଷ୍ଟ ଧର୍ତ୍ତବ୍ୟ ନୁହଇ। ଗତ ଦୁଇବର୍ଷ ଯାକ ଯେ ରପ୍ତାନୀ ଆମଦାନୀ ଅପେକ୍ଷା ଅଧିକ ଅଛି ଏହା ସୁଖର ବିଷୟ ଅଟେ। ବିଲାତରୁ ଯେପରି ଲୁଗା ଇତ୍ୟାଦି ପ୍ରସ୍ତୁତ ସାମଗ୍ରିମାନ ଏ ଦେଶକୁ ଆସଇ ସେହିପରି ଯଦି ଏ ଦେଶରୁ ବିବିଧ ପ୍ରସ୍ତୁତ ସାମଗ୍ରିମାନ ଚାଉଳ ପରି ଅନ୍ୟ ଦେଶକୁ ରପ୍ତାନୀ ହେଉଥାନ୍ତା ତେବେ ଏ ଦେଶର ଅନେକ ଲାଭ ହୁଅନ୍ତା ସନ୍ଦେହ ନାହିଁ କିନ୍ତୁ ଏହା ଅଧିକାଂଶରେ ଶିଳ୍ପକରଙ୍କ ଉପରେ ନିର୍ଭର କରଇ। ଯଦି ଲୋକେ ଶ୍ରମ ଓ ବୁଦ୍ଧି ସହକାରେ ନାନାବିଧ ଉତ୍ତମ ସମଗ୍ରିମାନ ପ୍ରସ୍ତୁତ କରନ୍ତେ ତେବେ ସେ ସବୁ ବିଦେଶକୁ ରପ୍ତାନୀ ହୁଅନ୍ତା ଓ ତଦ୍ଦ୍ୱାରା ଅନେକ କଉଡି ଆସନ୍ତା ଓ କଣିଶିଆଙ୍କର ମଧ୍ୟ କଷ୍ଟ ନ ଅନ୍ତା। ମାତ୍ର ଆଳସ୍ୟ ଓ କୁସଂସ୍କାର ଓ ଅବିଦ୍ୟା ଯୋଗେ ଲୋକେ ଏ ମାର୍ଗରେ ଅଗ୍ରସର ହେବାର ଦେଖା ନ ଯାଏ ତେବେ ଯେଉଁ ରପ୍ତାନୀ ଯୋଗେ କିଛି ଲାଭ ହେଉ ତହିଁରେ ଗାଁଇ ଗୁଇଁ ହେବାର କିଛି କାରଣ ନାହିଁ।

ଗତ ବର୍ଷାପେକ୍ଷା ବକ୍ଷ୍ୟମାଣ ବର୍ଷରେ କଟକ ଓ ପୁରୀରେ ରପ୍ତାନୀ କିଛି ଊଣା ହୋଇଅଛି ଏଥିର କାରଣ ଏହି ଯେ ମାନ୍ଦ୍ରାଜ ଦୁର୍ଭିକ୍ଷ ନିବାରଣ ହେବାରୁ ଚାଉଳ ରପ୍ତାନୀ ଊଣା ପଡିଲା ମାତ୍ର ଗତ ଦଶ ବର୍ଷ ସଙ୍ଗେ ତୁଳନା କଲେ ଦେଖାଯାଏ ଯେ ଓଡିଶାର ବାଣିଜ୍ୟ କ୍ରମେ ବୃଦ୍ଧି ହେଉଅଛି ଏହା ଅତି ଆନନ୍ଦର ବିଷୟ ଅଟେ। ତିନିଜିଲ୍ଲା ମଧ୍ୟରେ ବାଲେଶ୍ୱରର ଆମଦାନୀ ଓ ରପ୍ତାନୀ ଅଧିକ ଦେଖାଯାଏ ମାତ୍ର ଇହା ପ୍ରକୃତ ନୁହେ କାରଣ ଚାନ୍ଦବାଲି ବନ୍ଦର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଥିବାରୁ ସେ ବାଟେ କଟକର ଯେତେ ଆମଦାନୀ ଓ ରପ୍ତାନୀ ହୁଅଇ ସେ ସବୁ ବାଲେଶ୍ୱର ଜିଲ୍ଲା ତଳେ ଯାଏ ଏଣୁ କରି କଟକ ଓ ବାଲେଶ୍ୱରର ପ୍ରକୃତ ଆମଦାନୀ ରପ୍ତାନୀ ଜାଣିବାର ଉପାୟ ନାହିଁ। ବାଣିଜ୍ୟ ଦ୍ରବ୍ୟର ମାସୁଲ ଯୋଗେ ବକ୍ଷ୍ୟମାଣ ବର୍ଷରେ ସରକାରଙ୍କର ନିମ୍ନଲେଖିତ ଆୟ ହୋଇଅଛି।

କଟକ	ଟ	୧୧୬୨୨୧
ବାଲେଶ୍ୱର	ଟ	୩୬୭୬୨
ପୁରୀ	ଟ	୨୨୧୨
	ଟ	୧୬୦୬୨୫

କଟକ ଅପେକ୍ଷା ବାଲେଶ୍ୱରର ବାଣିଜ୍ୟ ଅଧିକ ଦେଖାଗଲେହେଁ କଟକର ବାଣିଜ୍ୟ ଶୁଳ୍କ ଏତେ ଅଧିକ ପ୍ରାପ୍ତି ହେବାର କିଛି କାରଣ ବକ୍ଷ୍ୟମାଣରେ ନିର୍ଦ୍ଦିଷ୍ଟ ନାହିଁ। କ୍ରମଶଃ

ସାପ୍ତାହିକ ସଂବାଦ।

ଏ ସପ୍ତାହରେ ଏଠାରେ ଭୟାନକ ଶୀତ ପଡଇଛି। ଶୀତକାଳ ବିଲମ୍ବ ହେବାରୁ ସମସ୍ତେ ଯେମନ୍ତ ଭାବନାରେ ଥିଲେ ତେମନ୍ତ ଏଥର ସମସ୍ତଙ୍କୁ ଅତ୍ୟନ୍ତ ଶୀତ ବ୍ୟସ୍ତ କରଅଛି। ଶୀତ ଅଧିକ ହେବା ସଙ୍ଗେ ଜ୍ୱର ଓ ଶର୍ଦ୍ଦି ମଧ୍ୟ ବୃଦ୍ଧି ହେବାର ଦେଖାଯାଏ।

ଶ୍ରୀଯୁକ୍ତ କଲେକ୍ଟର ସାହେବ ଆଗାମୀ କାଲି ମଫସଲର ଗସ୍ତରୁ ପ୍ରତ୍ୟାଗମନ କରିବେ।

ଡେପୋଟୀ ମେଜିଷ୍ଟର ବରଦା ବାବୁ ସାନ୍ତ୍ରାସମାନଙ୍କୁ ଛତ୍ର ପୁଲିସ ବେଶ ଇତ୍ୟାଦି ଅପରାଧର ମକଦମାରୁ ଯେ କେବଳ ମୁକ୍ତ ଦେଇଅଛନ୍ତି ଏମନ୍ତ ନୁହେ ସେମାନଙ୍କୁ ମୁଦେଇ ନାମରେ ମିଥ୍ୟା ନାଲିଶର ମକଦମା କରିବା କାରଣ ଅନୁମତି ଦେଇଅଛନ୍ତି। ଏ ମକଦମାର ଏପରି କିମ୍ବରରେ ଜନସାଧାରଣଙ୍କର ଅସନ୍ତୋଷ ଦେଖାଯାଏ। ମୁଦେଇର ଜଣେ ସାକ୍ଷୀ ମୁଦାଲମାନଙ୍କ ସପକ୍ଷରେ ସାକ୍ଷ୍ୟ ଦେବାରୁ ମୁଦେଇ ହେଡ଼କନଷ୍ଟବଲ ଓ ସବ୍‌ଇନ୍‌ସ୍ପେକ୍ଟରଙ୍କ ସାକ୍ଷୀ ସ୍ୱରୂପ ମାନ ଥିଲା ଓ ତାହାର ମୂଳକ କ ଯାହାଙ୍କ ପ୍ରତି ସ ନ୍ତ୍ରୀମାନେ ଅତ୍ୟାଚାର କରିଥିଲେ ତାଙ୍କର ସାକ୍ଷ ନେବାର ପ୍ରାର୍ଥନା କରିଥିଲା। ମକଦମାର ଅବସ୍ଥା ଦୃଷ୍ଟିରେ ଏମାନଙ୍କର ସାକ୍ଷ ନେବାର ଆବଶ୍ୟକ ଥିଲା। ଡେପୋଟୀ ମେଜିଷ୍ଟର ସେମାନଙ୍କ ସାକ୍ଷ ନ ନେଇ ଯେ ମକଦମାକୁ ମିଥ୍ୟା ସ୍ୱରୂପ ନିଷ୍ପତ୍ତି କରିଅଛନ୍ତି ଏଥିରେ ଆମ୍ଭମାନଙ୍କ ବିବେଚନାରେ ବିଚାରର ତ୍ରୁଟି ହୋଇଥିବାର ବୋଧ ହେଉଅଛି। ସ ନ୍ତ୍ରୀ ମିଥ୍ୟା ନାଲିଶର ଦରଖାସ୍ତ ଦେବାରୁ ଜଣ୍ଟମେଜିଷ୍ଟର ତାହା ଗ୍ରହଣ ପୂର୍ବରେ ଉକ୍ତ ମକଦମାର ନଥି ଦେଖିବାର ଆଦେଶ ଦେଇଅଛନ୍ତି ଉତ୍ତମ।

ମୟୂରଭଞ୍ଜ ପତ୍ରିକାରୁ ଅବଗତ ହେଲୁଁ ଯେ ସେଠାର ମହାରାଜା ଏବଂ ତାହାଙ୍କ ମଧ୍ୟମ ସହୋଦର ଗତ ମାର୍ଗଶିର ମାସ ତା ୨୭ ଦିନରେ ଉତ୍ତର ପଶ୍ଚିମାଞ୍ଚଳକୁ ତୀର୍ଥ କରିବାକୁ ଯାତ୍ରା କରି ଅଛନ୍ତି। ଏହାଙ୍କ ସଙ୍ଗରେ ସ୍ତ୍ରୀ ପୁରୁଷ ମିଶି ପ୍ରାୟ ଦୁଇଶତ ଲୋକ ଗଲେଣି। ଆମ୍ଭେମାନେ ଆଶା କରୁଁ ଯେ ମହାରାଜା ତୀର୍ଥ ଭ୍ରମଣର ଯାବନ୍ତ ଫଳଲାଭ କରି କୁଶଳରେ ସ୍ୱରାଜ୍ୟକୁ ଫେରି ଆସିବେ ଏବଂ ବିଦେଶ ଭ୍ରମଣଦ୍ୱାରା ଯେ ଉନ୍ନତ ଲାଭ କରିବେ ଆପଣା ପ୍ରଜାମାନଙ୍କୁ ତହିଁର ଫଳ ଭୋଗ କରାଇବେ।

ନେପାଳର ପ୍ରଧାନ ମନ୍ତ୍ରୀ ସରଣଦୀପ ସିଂହ ପୁରୀ ଦର୍ଶନ ନିମିତ୍ତ ଆସିବାର ଶୁଣାଯାଏ। ବର୍ତ୍ତମାନ ସେ ପାଟନାରେ ଅଛନ୍ତି ଗବର୍ଣ୍ଣର ଜେନେରଲଙ୍କ ପୀଡା ହୋଇ ନ ଥିଲେ ଏଥିମଧ୍ୟରେ କଲିକତାକୁ ଗଲେଥାନ୍ତେ କଥିତ ହୁଅଇ ଏହାଙ୍କ ସଙ୍ଗରେ ୧୯ ଜଣ ମହାରାଣୀ ୫୦ ଜଣ ସେନାପତି ୩୦୦ ଜଣ ଭୃତ୍ୟ ୫୦ ଜଣ ଦାସୀ ଏବଂ ୫୦ ଜଣ ବାଦ୍ୟକର ଆସି ଥଛନ୍ତି।

Digitized by srujanika@gmail.com

ଗତ ମାସ ତା ୨୪ ରିଖ ପ୍ରାତଃକାଳରେ ଲେଗହର୍ଣଠାରେ ଦୁଇଖଣ୍ଡ ଜାହାଜ ପରସ୍ପର ସହିତ ଧକ୍କା ଲଗିବାରେ ଏକ ଖଣ୍ଡ ଜାହାଜରେ ଥିବା ଚନିଶତ ପଥିକଙ୍କ ମଧ୍ୟରୁ କେବଳ ପଞ୍ଚାଶ ଜଣ ରକ୍ଷା ପାଇଲେ ଦୁଇଶତ ଲୋକ ବୁଡି ମରିବାର ନିଶ୍ଚୟ ଜଣାଅଛି ଅବଶିଷ୍ଟ ୫୦ ଜଣର ସମ୍ବାଦ କିଛି ଜଣା ନାହିଁ । ଜପର ଧକ୍କା ବାଜିଲା କିଛି ବୁଝା ଯାଉ ନାହିଁ ।

କେପ ନାମକ ସ୍ଥାନରେ ଗୋଟିଏ ବୃହତ ହୀର ପ୍ରାପ୍ତ ହୋଇଅଛି । ଶ୍ରୀ ସେଡମ୍ ସାହେବ ଏହାର ଅଧିକାରୀ ଅଟନ୍ତି । କଥିତ ହୁଅଇ ଯେ ଏ ହୀରର ଅର୍ଦ୍ଧାଂଶ ସଙ୍କାସେ ସାଢ଼େ ସାତ ଲକ୍ଷ ଟଙ୍କା କେହି ସାଡବାରୁ ସେଡମ୍ ସାହେବ ତାହା ଅସ୍ୱୀକାର କରିଅଛନ୍ତି । ଏପରି ବଡ଼ ଏବଂ ଏମନ୍ତ ଧଳା ଓ ଉଜ୍ଜ୍ୱଳ ହୀର କେବେ ସେଠାରେ ମିଳି ନାହିଁ ଲୋକ୍ୟକୁ ସବୁ ଫଳେ ।

ଇଉରୋପ ଏବଂ ଆମେରିକାର ପ୍ରଧାନ ଗିର୍ଜାଘରମାନଙ୍କର ମାପର ଶ୍ରେଣୀଏ ତାଲିକା ବାହାର ଅଛି ତହିଁରୁ ଦେଖାଯାଏ ଯେ ରୋମର ସେଣ୍ଟ ପିଟର୍ସ ନାମକ ଗିର୍ଜାରେ ୫୪୦୦୦ ଲଣ୍ଡନର ସେଣ୍ଟପାଲ ଗିର୍ଜାରେ ୩୫୬୦୦ ଲୋକ ବସି ପାରନ୍ତି । ରୋମର ବସ୍ତର ବଡ଼ ଗିର୍ଜା ଅଛି । ୫ଧିଲକ୍ଷ ଲୋକ ବସିପାରିବା ଭଳି ଘର କେତେ ବୃହତ ହୋଇଥିବ କଳ୍ପନାରୁ ଅସୁ ନାହିଁ ।

ହାଇଦ୍ରାବାଦର ନିଜାମଙ୍କର ଦେବାନ ଅର୍ଥାତ ପ୍ରଧାନ ମନ୍ତ୍ରୀଙ୍କ ବେତନ ବିଷୟରେ ଏକ ସମ୍ବାଦପତ୍ରରେ ଲେଖାଅଛି କି ପୂର୍ବେ ସେ ଟଙ୍କା ପ୍ରତି ଦୁଇଅଣା ଲେଖାଏ ପାଉଥିଲେ ଏଥିରେ ତାହାଙ୍କର ବାର୍ଷିକ ଲାଭ ୨୨ ଲକ୍ଷ ଟଙ୍କା ଥିଲା । ସମ୍ପ୍ରତି ଦେବାନଙ୍କ ବେତନ ମାସକୁ ଦଶହଜାର ଟଙ୍କା ଲେଖାଏ ଅଟଇ ।

ମାନ୍ଦ୍ରାଜର ନୂତନ ଗବର୍ଣ୍ଣର ଅଦମ ସାହେବ ଗତତ ମାସ ତା ୯ ରିଖରେ ବମ୍ବେଇରେ ପହଞ୍ଚି ତହିଁ ଅରଦନ ମାନ୍ଦ୍ରାଜକୁ ଯାତ୍ରା କଲେ ଏଥିମଧ୍ୟରେ ସେଠାରେ ପ୍ରବେଶ ହୋଇ ସ୍ଥାନ ନେଇ ଅଛନ୍ତି ।

ବାକରଗଞ୍ଜର ଜଜ କାମ୍ପଲ ସାହେବ ଜଣେ କନଷ୍ଟବଲ ଉପରେ ଅକାରଣ ଅତ୍ୟାଚାର କରିଥିବାରୁ ବଙ୍ଗଳା ଗବର୍ଣ୍ଣମେଣ୍ଟ ତାହାଙ୍କୁ ଜଏଣ୍ଟ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ କରି ଛଅ ମାସ ପର୍ଯ୍ୟନ୍ତ ପଦୋନ୍ନତ ଦେବାକୁ ନିଷେଧ କରିଅଛନ୍ତି ଏବଂ ତହିଁ ସଙ୍ଗେ ଉଚିତ ତିରସ୍କାର କରିଅଛନ୍ତି । ହାକିମଙ୍କ ଉପରେ ଏହି ପରି ଦୃଷ୍ଟି ରହିଲେ ସେମାନଙ୍କ ପ୍ରକୃତି ଅନେକ ଭଲ ପଡିଯିବ ।

କଲିକତାରେ ଅଭି ଗୋଟିଏ ପଥ ନିବୋଧନ ଖଣିରେ ଅଗ୍ନି ଲଗିବାରୁ ତହିଁରେ ନ ୮୫ ଜଣ ଦଗ୍ଧ ହୋଇ ମରିଗଲେ ।

ଲାହୋରରେ ସିଖମାନଙ୍କର ଗୁରୁସିଂହ ସଭା ନାମରେ ଗୋଟିଏ ସଭା ଅଛି । ଉକ୍ତ ସଭା ପଞ୍ଜାବୀ ଭାଷାର ଉନ୍ନତି ଓ ଉଣ୍ଣତି ନିମିତ୍ତ ଖଣ୍ଡିଏ ସାପ୍ତାହିକ ପତ୍ରିକା ବାହାର କରୁଅଛନ୍ତି । ପଞ୍ଜାବରେ ଏପରି ପତ୍ରିକା ପୂର୍ବେ କେବେ ନ ଥିଲା । ଲେଖାପଢ଼ାର ଉନ୍ନତ ବର୍ତ୍ତମାନ ଚତୁର୍ଦ୍ଦିଗରେ ଲାଗିଅଛି ।

ମାନ୍ଦ୍ରାଜରେ ଗୋଟିଏ ବ୍ରାହ୍ମ ସମାଜ ଅଛି । କଲିକତାର କେଶବଚନ୍ଦ୍ର ପାଲ୍ ଡାଲ ସାହେବ ସେଠାକୁ ଯାଇ ଉକ୍ତ ସମାଜରେ ଗୋଟିଏ ବକ୍ତୃତା ଦେବାର କଥାଅଛି ।

ରାଜା ରାଧାକାନ୍ତ ଦେବଙ୍କ ନାତି କୁମାର ଶିବରାଜ ନାରାୟଣ ଦେବଙ୍କୁ ସିବଲ ସଇବସରେ ନିଯୁକ୍ତ କରିବା ସକାଶେ ବଙ୍ଗଳାର ଲେଫଟନେଣ୍ଟ ଗବର୍ଣ୍ଣର ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି । କୁମାର ବର୍ତ୍ତମାନ ଡେପୁଟୀ କଲେକ୍ଟର ଓ ଡେପୁଟୀ ମାଜିଷ୍ଟ୍ରେଟ ଶ୍ରେଣିରେ କର୍ମ କରୁଅଛନ୍ତି ।

ପ୍ରେରିତପତ୍ର ।

ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ମହାଶୟ

ମାନ୍ଦ୍ରାଜ ପ୍ରେସିଡେନ୍ସି ଗଞ୍ଜାମ ଡିଷ୍ଟ୍ରିକ୍ଟ ବୁଡ଼ ଖେମୁଣ୍ଡି ରାଜା ଶ୍ରୀ ଦୁର୍ଗାମାଧବ ସିଂହ ଦେଓ, ଏ ରାଜା ସଂସ୍କୃତବିଦ୍ୟାରେ ନିପୁଣ ଅଟନ୍ତି, ବର୍ତ୍ତମାନ ନ୍ୟାୟଶାସ୍ତ୍ର ଅଧ୍ୟୟନ କରିବାରେ ଯଥେଷ୍ଟୋନାସ୍ତି ନିପୁଣତର ପରିଶ୍ରମ କରୁଅଛନ୍ତି, ଅତଏବ ରାଜମଣ୍ଡଳୀରେ ରାଜାମାନେ ବିଦ୍ୟାନୁରାଗୀ ଏବଂ ବିଦ୍ୱାନ୍ ହେଲେ ପ୍ରଜାମାନଙ୍କର ଅବଶ୍ୟ ସ୍ୱାସ୍ଥ୍ୟରକ୍ଷା ହେବାର ସମ୍ଭବ । ମୁକ୍ତକଣ୍ଠରେ ଶ୍ରୀ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଁ ଯେ ଏ ରାଜା ବିଦ୍ୱାନ୍ ହୋଇ ଦୀର୍ଘଜୀବୀ ହେଉନ୍ତୁ । ଇତି । ୧୮୮୦ ସମ୍ବତ୍ସର ଡିସେମ୍ବର ମାସ ତା ୧୪ ରିଖ ।

ଶ୍ରୀ ମାର୍କଣ୍ଡେୟ ତର୍କପଞ୍ଚାନନ ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ମୟୂରଭଞ୍ଜ ରାଜାଙ୍କ ମଧ୍ୟମପୁତ୍ର ମଙ୍ଗଳକୃତ ହେବାକୁ ଯିବା ସମୟରେ ଆମ୍ଭ ଢେଙ୍କାନାଳ ଗଡ଼ ମଧ୍ୟରେ ଦୁଇଦିନ ତାହାଙ୍କୁ ରହିବାକୁ ହୋଇଥିଲା । ପ୍ରଥମଦିନ ମାନେଜରଙ୍କ ଗୃହର ବାହାର ବୈଠକଖାନା ଉତ୍ତମରୂପେ ସୁସଜ୍ଜିତ ହୋଇଥିଲା ରାଜପୁତ୍ର ସମାରୋହ ପୂର୍ବକ ସେଠାକୁ ଆଗମନ କରିଥିଲେ ସେଠାରେ ପରସ୍ପର ବିଧିମତ ସାକ୍ଷାତ ହେଲା । ରାଜପୁତ୍ର ପାଲିଙ୍କିରୁ ଅବତୀର୍ଣ୍ଣ ହେଲା ମାତ୍ରକେ ମାନେଜର ମହାଶୟ ସମ୍ମାନ ପୂର୍ବକ ହସ୍ତଧାରଣ କରି ଆଣି ରାଜାସନରେ ଉପବେଶନ କରାଇଲେ ଅନ୍ୟାନ୍ୟ ଭଦ୍ରଲୋକମାନେ ଯଥାମତ ଦୁଇପାର୍ଶ୍ୱେ ବସିଲେ । ରାଜକୀୟ ମର୍ଯ୍ୟାଦା ହେବାର ପର କିଛି ସମୟ ପର୍ଯ୍ୟନ୍ତ ମିଷ୍ଟାଳାପ ଚାଲିଲା । ସଭା ଭଙ୍ଗ ହେଲା ପରେ ଗଡ଼ ମଧ୍ୟସ୍ଥିତ ଡାକବଙ୍ଗଳାରେ ଗୋଟିଏ ବେସ୍ ମଜଲିସ ଆରମ୍ଭ କରି ଅନେକ ଭଦ୍ର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ସେ ସ୍ଥଳକୁ ଆହ୍ୱାନ କରିଥିଲେ । ସମସ୍ତ ଆମନ୍ତ୍ରିତ ବ୍ୟକ୍ତିଗଣ ସମବେତ ହେଲାରୁ ଅତର ଓ ପୁଷ୍ପମାଳା ଇତ୍ୟାଦିଦ୍ୱାରା ମୋହିତ ଓ ବିଭୂଷିତ କରି ନୃତ୍ୟ ଗୀତାଦି ଆମୋଦ ପ୍ରମୋଦରେ ରାତ୍ର ଶେଷ କରାଇ ଦେଇଥିଲେ । ମଧ୍ୟ ମଧ୍ୟରେ ନାନା ପ୍ରକାର ବାଣମାନ ମଧ୍ୟ ହେଉଥିଲା । କେବଳ ଜାଗା କିଛି ସଙ୍କୀର୍ଣ୍ଣ ଥିବାରୁ ସାଧାରଣ ଲୋକଙ୍କର ଦେଖିବା ପକ୍ଷରେ ବିଶେଷ ଅସୁବିଧା ହୋଇଥିଲା । ଦଶମୀଦିବସ ସ୍କୁଲ ଓ ଦେବମନ୍ଦିରମାନ ପରିଦର୍ଶନରେ ଅତିବାହିତ କରିଥିଲେ । ଯୁବରାଜ ସ୍କୁଲରେ ପ୍ରବେଶ ହେଲାମାତ୍ରକେ ହେଡ଼୍ମାଷ୍ଟର ମହାଶୟ ଗାତ୍ରୋତ୍ଥାନ ପୂର୍ବକ ବାଳକାଶିକ୍ଷା ବିଷୟରେ ଗୋଟିଏ ବକ୍ତୃତା ଦେଇଥିଲେ । ବକ୍ତୃତାଟି ସୁଶ୍ରାବ୍ୟ ଓ ପ୍ରଶଂସନୀୟ ହୋଇଥିଲା । ପିଲମାନେ ଆନନ୍ଦରେ କରତାଳି ଧ୍ୱନିରେ ଗୃହକୁ ପୂର୍ଣ୍ଣ କରୁଥିଲେ । ଏତଦ୍ୱାରା ରାଜପୁତ୍ରଙ୍କର ବିଦ୍ୟାନୁରାଗିତାର ବିଶେଷ ପରିଚୟ ମିଳିଅଛି । ରାଜପୁତ୍ର ମଧ୍ୟ ଇଂରେଜୀ ଜାଣନ୍ତି । ତତ୍ପରେ ସ୍ଥିତ ହୁଇ ସ୍କୁଲର ବାଳମାନଙ୍କୁ ମିଠେଇ ଖିଆ ଟ ୩୦ଙ୍କା ଓ ପୁସ୍ତକ ପ୍ରସ୍ତୁତ ଖ ୧୦୦ ଶ୍ରେ ପର୍ଯ୍ୟନ୍ତ ଏପରି ଦେବଦର୍ଶନର ଭେଟି ସ୍ୱରୂପ ଟ ୧୫୦ଙ୍କା ଦେଇଅଛନ୍ତି । ତତ୍ପର ଆନନ୍ଦର ବିଷୟ । ରାତ୍ରିକୁ ସଡ଼କର ଦୁଇପାର୍ଶ୍ୱରେ ବାଣ ଓ ଫୁଲଗଛମାନ ଠାବେ ଠାବେ କଟୋବସ୍ତ ହୋଇ ରୋଷନାଇ ଓ ନାଚ ତାମାସା ଇତ୍ୟାଦ ସହିତ ଦୁର୍ଗ ପରିଭ୍ରମଣରେ ରାତ୍ରି ଶେଷ କରି ପ୍ରାତଃକାଳରୁ ମଙ୍ଗଳକୃତ ସ୍ଥଳ ଢେଙ୍କାନାଳ ଅନ୍ତଃପାତୀ ଦଲିରତ୍ନଂକୁ ଯାତ୍ରା କଲେ । ଉପସଂହାର ସ୍ଥଳେ ବକ୍ତବ୍ୟ ଏହି ଯେ ରାଜପୁତ୍ର ବହୁ ଆଗ୍ରହ ସହକାରେ ସ୍କୁଲ ଇତ୍ୟାଦ ପରିଦର୍ଶନ ଆଦି ମନୋରଞ୍ଜକ କାର୍ଯ୍ୟଦ୍ୱାରା ଆମ୍ଭମାନଙ୍କୁ ଚରିତାର୍ଥ କରାଇଅଛନ୍ତି । ଏଥି ନିମିତ୍ତ କେତେଦୂର ପର୍ଯ୍ୟନ୍ତ ଯେ ପ୍ରୀତ ହୋଇଅଛୁ ତାହା ପ୍ରକାଶ କରି ନ ପାରୁଁ । ତାହାଙ୍କର ଏହି ପ୍ରଶଂସନୀୟ କାର୍ଯ୍ୟ ନିମିତ୍ତ ଭୂରି ଭୂରି ଧନ୍ୟବାଦ ଦେଉଅଛୁଁ । ମଧ୍ୟ ଜଗତ୍ପିତା ଜଗଦୀଶ୍ୱରଙ୍କ ଠାରେ ପ୍ରାର୍ଥନା ଯେ ରାଜପୁତ୍ର ଚିରସୁଖ ହୋଇ ସୁଖରେ କାଳାତିପାତ କରନ୍ତୁ । ଇତି ।

୧୦ । ୧୨ । ୮୦ ଢେଙ୍କାନାଳ } ଶ୍ରୀ । ବ୍ରଜବିହାରୀ ଦାସ ହିତୈଷିଣୀ ସଭାର ସମ୍ପାଦକ ।

ବିଜ୍ଞାପନ

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରୁଫିଉଜ୍

ଏହା କୁଇନେଇନ ବଦଳରେ ସର୍ବଥା ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ ଗାର୍ଡ଼େନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳି ପାରିବ ଯଥା;—

ଡାକମାସୁଲ ସହିତ ୪ ଆଉନ୍ସର ଟଙ୍କା ୧ । ୮ ଆଉନ୍ସର ୫୧୯ଙ୍କା । ୧୬ ଆଉନ୍ସକୁ ୨୦୩ । ମୂଲ୍ୟ ନଗଦ ।

ମୂଲ୍ୟ ପ୍ରାପ୍ତି

ଶ୍ରୀ ଶ୍ରୀ ଉଦୟଗିରି ତରଳା ଋଷିମ | ଟ ୨ ୵
ମୂର୍ତ୍ତି ଶେଖ ହେଡାଏତୁଲ ମାଲୁଦ ବାଲାସୋ | ଟ ୨ ୵

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା